# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୧୨/୨୦୧୮ (୧୬ ପୃଷ୍ଠା) | Bhubaneswar, Monday, November 12/ 2018 | ★★★★

୪୪ଶ ଭାଗ ୩୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



DSPL-245

MAKE IN ODISHA Conclave
BHUBANESWAR, 11-15 NOVEMBER, 2018



"Come, Join the Juggernaut"

## Welcome to the Make in Odisha Conclave 2018
### State's Flagship Global Investors' Meet

Inauguration by
**Shri Naveen Patnaik**
**Chief Minister**
**in presence of Industry Captains and Entrepreneurs**
**today at 10:00 AM**
**Venue: Mahanadi Hall, Janata Maidan, Bhubaneswar**

### Conclave Sessions

- Academic Meet
- Aerospace & Defence Manufacturing
- Agri-business
- Agri-Marketing
- Bhubaneswar and Rourkela Smart Cities
- Biotechnology
- Business Leadership Summit
- Chemicals and Petrochemicals
- CSR
- Downstream Industries in Metal Sector
- Electronics & IT
- Food Processing
- Healthcare
- Japan Seminar
- Logistics & Infrastructure
- Media & Entertainment
- MSME Development
- Skill Development
- Start Up Talks
- Tech Talk
- Textiles and Apparel
- Tourism
- Women Entrepreneurship
- 36 - hour Hackathon

### Special Attractions:

**Cultural Evening**
Nov 12, 06:30 PM:
Never seen before fusion of Japanese and Odia art forms

**Bibhu in Conversation**
Nov 13, 06:30 PM: World-renowned fashion designer Bibhu Mohapatra in conversation with Subroto Bagchi on 'Creative Economy' followed by a celebration of Odisha's exquisite handlooms

Partner Country: Japan
Industry Partner: FICCI

For more information please visit:
https://mio.investodisha.gov.in/
Or download the 'Make in Odisha 2018' from Google Play / App Store

Scan QR Code for Information

14005/13/0050/1819

ଧରିତ୍ରୀ
DHARITRI
ସୋମବାର, ୧୨ ନଭେମ୍ବର, ୨୦୧୮



“ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ କୌଣସି ପ୍ରକାର ବିପଦ ସୃଷ୍ଟି ହେଲେ ଜାତୀୟ ସ୍ୱାର୍ଥ ରକ୍ଷା ଲାଗି ଶତ୍ରୁପକ୍ଷର କଡ଼ା ମୁକାବିଲା କରିବାକୁ ଭାରତୀୟ ବାୟୁସେନା ସଦା ତତ୍ପର ରହିଛି।

-ମାର୍ଶଲ ବି.ଏସ୍. ଧନୋଆ, ବାୟୁସେନା ମୁଖ୍ୟ



## ସଂକ୍ଷେପରେ

### ସ୍ନାଇପର ଆକ୍ରମଣରେ ଯବାନ ଶହୀଦ

**ଜମ୍ମୁ,୧୧।୧୧(ପି.ଟି.):** ଜମ୍ମୁ-କଶ୍ମୀରର ରାଜୌରି ଜିଲା ନୌଶେରା ସେକ୍ଟର ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍ଓସି)ରେ ରବିବାର ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରିଛି। କଲାଲା ଅଞ୍ଚଳରେ ପାକିସ୍ତାନୀ ସୈନ୍ୟଙ୍କ ସ୍ନାଇପର ଆକ୍ରମଣରେ ଜଣେ ଯବାନ ଶହୀଦ ହୋଇଛନ୍ତି। ଶନିବାର ଏହି ଜିଲାର ସୁନ୍ଦରବନୀ ସେକ୍ଟରରେ ସ୍ନାଇପର ଆକ୍ରମଣରେ ରାଇଫଲମ୍ୟାନ୍ ବରୁଣ କଟ୍ଟାଲ ଶହୀଦ ହୋଇଥିଲେ।

### ଆତଙ୍କବାଦୀ ନିହତ

**ଶ୍ରୀନଗର,୧୧।୧୧(ପି.ଟି.):** ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲାରେ ସୁରକ୍ଷା ବଳର ଏନ୍କାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ହନ୍ଦୱାଡ଼ା ସହରସ୍ଥିତ ପୋଲିସ ୟୁନିଟ୍କୁ ରବିବାର ଆତଙ୍କବାଦୀମାନେ ଟାର୍ଗେଟ କରିଥିଲେ। ଯବାନଙ୍କ ଗୁଳିମାଡ଼ରେ ଜଣେ ଆତଙ୍କବାଦୀ ଟଳିପଡ଼ିଛନ୍ତି। ସୁରକ୍ଷା ବଳର ଅପରେଶନ ଜାରି ରହିଛି।

### ଯୌତୁକ ଲାଗି ମହିଳାଙ୍କୁ ପିଟି ମାରିଦେଲେ

**କଲିକତା,୧୧।୧୧(ପି.ଟି.):** ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲାରେ ରବିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଯୌତୁକ ପାଇଁ ତନୟା ମଣ୍ଡଳ ନାମ୍ନୀ ଜଣେ ବିବାହିତା ମହିଳାଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ତନୟା ବାଗଦାହ ନିବାସୀ ସୁଜୋୟ ମଣ୍ଡଳଙ୍କୁ ୬ ବର୍ଷ ତଳେ ବିବାହ କରିଥିଲେ। ସେମାନଙ୍କର ଏକ ୬ ବର୍ଷର ପୁଅ ଅଛନ୍ତି। ତନୟାଙ୍କ ଶ୍ୱଶୁର ଘର ଲୋକେ ଟଙ୍କା ଦାବିକରି ଆସୁଥିଲେ। ତାଙ୍କ ବାପା ଏଥିରେ ବିଫଳ ହେବାରୁ ତାଙ୍କୁ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତାଙ୍କ ସ୍ୱାମୀ ଓ ପରିବାରର ଅନ୍ୟମାନେ ଫେରାର ଅଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଏଲ୍ଓସି ସେପଟେ ୧୬୦ ଆତଙ୍କବାଦୀ

**ଜମ୍ମୁ,୧୧।୧୧(ପି.ଟି.)**



ଜମ୍ମୁ-କଶ୍ମୀର ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍ଓସି) ସେପଟେ ୧୬୦ ଜଣ ଆତଙ୍କବାଦୀ ଅନୁପ୍ରବେଶ ଅପେକ୍ଷାରେ ରହିଛନ୍ତି। ପାକ୍-ଅଧିକୃତ କଶ୍ମୀର (ପିଓକେ)ସ୍ଥିତ ଲଞ୍ଚପ୍ୟାଡ୍ଗୁଡ଼ିକରେ ଥିବା ଆତଙ୍କବାଦୀମାନେ ଅନୁପ୍ରବେଶ କରି କଶ୍ମୀରରେ ସୁରକ୍ଷା ବଳକୁ ଟାର୍ଗେଟ କରିବାକୁ ପ୍ରସ୍ତୁତ ହେଉଥିବା ରବିବାର ଜଣେ ସେନା ଅଧିକାରୀ ସୂଚନା ଦେଇଛନ୍ତି। ଏହା ଜଣାପଡ଼ିବା ପରେ ଯବାନମାନେ ତତ୍ପର ହୋଇଉଠିଛନ୍ତି। ନଗରୋଟାସ୍ଥିତ ହ୍ୱାଇଟ୍ ନାଇଟ୍ କର୍ପସର ଜେନେରାଲ ଅଫିସର କମାଣ୍ଡିଂ ଦାୟିତ୍ୱରେ ଥିବା ଲ୍ୟୁଟ୍ନାଣ୍ଟ ଜେନେରାଲ ପରମଜିତ୍ ସିଂ ୨୦୧୬ ସର୍ଜିକାଲ ଷ୍ଟ୍ରାଇକ୍ ଯୋଜନାରେ ଭାଗନେଇଥିଲେ। ସେ ରବିବାର ଏକ ସାକ୍ଷାତ୍କାରରେ କହିଛନ୍ତି, ପିଓକେର ବିଭିନ୍ନ ସ୍ଥାନରେ ଏବେ ୧୪୦ରୁ ୧୬୦ ଆତଙ୍କବାଦୀ ଅନୁପ୍ରବେଶ ପାଇଁ ସୁଯୋଗକୁ ଅପେକ୍ଷା କରିଛନ୍ତି। ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ଗୁଳିବର୍ଷା ଓ ମୋର୍ଟାର ମାଡ଼ କରୁଥିବାବେଳେ ସେମାନଙ୍କୁ ଅନୁପ୍ରବେଶ ପାଇଁ ସୁବିଧା ହୋଇଥାଏ। ଆତଙ୍କବାଦୀଙ୍କ ଅନୁପ୍ରବେଶ ରୋକିବା ପାଇଁ ସୀମାରେ ଭାରତୀୟ ଯବାନ ପ୍ରସ୍ତୁତ ହୋଇ ରହିଛନ୍ତି। ପାକିସ୍ତାନରେ ଆତଙ୍କବାଦର ସୁଦୃଢ଼ ଭିତ୍ତିଭୂମି ରହିଛି। ଏହାର ଉଦ୍ଦେଶ୍ୟରେ କିଛି ପରିବର୍ତ୍ତନ ଆସିନାହିଁ। ପାକିସ୍ତାନୀ ସେନା ଓ ସେଠାକାର କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ଆତଙ୍କବାଦୀଙ୍କ ଅନୁପ୍ରବେଶ ପଥ ସୁଗମ କରୁଛନ୍ତି। ଇସ୍ଲାମାବାଦର ନୀତି ଓ ଆଭିମୁଖ୍ୟରେ ପରିବର୍ତ୍ତନ ଆସିଲେ ହିଁ ସୀମାପାର ଆତଙ୍କବାଦ ବନ୍ଦହେବ ବୋଲି ଯୁଦ୍ଧଭୂମିରେ ଦୀର୍ଘ ଅଭିଜ୍ଞତା ସମ୍ପନ୍ନ ଏହି ଅଧିକାରୀ ସ୍ପଷ୍ଟ କରିଛନ୍ତି।



“ପାକିସ୍ତାନର ନୀତି ଓ ଆଭିମୁଖ୍ୟରେ ପରିବର୍ତ୍ତନ ଆସିଲେ ହିଁ ସୀମାପାର ଆତଙ୍କବାଦ ବନ୍ଦହେବ।

**-ଲ୍ୟୁଟ୍ନାଣ୍ଟ ଜେନେରାଲ ପରମଜିତ୍ ସିଂ, ହ୍ୱାଇଟ୍ ନାଇଟ୍ କର୍ପସର ଜେନେରାଲ ଅଫିସର କମାଣ୍ଡିଂ**

# ଜେଲ ଗଲେ ଜନାର୍ଦ୍ଦନ ରେଡ୍ଡୀ

**ବେଙ୍ଗାଲୁରୁ,୧୧।୧୧(ପି.ଟି.)**

ଭାଜପା ନେତା ତଥା ଖଣି ବ୍ୟବସାୟୀ ଗଲି ଜନାର୍ଦ୍ଦନ ରେଡ୍ଡୀ ରବିବାର ଗିରଫ ହୋଇଛନ୍ତି। ଏମ୍ବିଡେଣ୍ଟ ଗ୍ରୁପ୍ ଲାଞ୍ଚ ମାମଲାରେ ବେଙ୍ଗାଲୁରୁ ପୋଲିସର ସେଣ୍ଟ୍ରାଲ କ୍ରାଇମ୍ବ୍ରାଞ୍ଚ (ସିସିବି) ଜନାର୍ଦ୍ଦନ ଓ ତାଙ୍କ ସହଯୋଗୀ ଅଲି ଖାନ୍ଙ୍କୁ ଗିରଫ କରିଛି। କର୍ନାଟକର ପୂର୍ବତନ ମନ୍ତ୍ରୀ ଜନାର୍ଦ୍ଦନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀମାନଙ୍କୁ ୧୮ କୋଟି ଟଙ୍କା ଲାଞ୍ଚ ଦେଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଖୋଳତାଡ଼ ଚାଲିଥିବାବେଳେ ସେ କିଛିଦିନ ହେଲା ଫେରାର ଥିଲେ। ଜନାର୍ଦ୍ଦନଙ୍କୁ ଶନିବାର ବେଙ୍ଗାଲୁରୁସ୍ଥିତ କ୍ରାଇମ୍ବ୍ରାଞ୍ଚ ଅଫିସ୍ରେ ପୋଲିସ ଅଧିକାରୀମାନେ ଜେରା କରିଥିଲେ। ତଥ୍ୟ ଓ ପ୍ରମାଣ ଆଧାରରେ ଜନାର୍ଦ୍ଦନଙ୍କୁ ଗିରଫ କରାଯାଇଛି ବୋଲି ସିସିବି ଅତିରିକ୍ତ ପୋଲିସ କମିଶନର ଆଲୋକ କୁମାର ସୂଚନା ଦେଇଛନ୍ତି। ଜନାର୍ଦ୍ଦନଙ୍କୁ ଏକ ସ୍ଥାନୀୟ କୋର୍ଟରେ ହାଜର କରାଯିବା ପରେ ନଭେମ୍ବର ୨୪ ପର୍ଯ୍ୟନ୍ତ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି।



■ ଛତିଶଗଡ଼ର ୧୮ ଆସନରେ ମତଦାନ ଆଜି

# ସୁରକ୍ଷା ଦାୟିତ୍ୱରେ ଲକ୍ଷେ ଯବାନ

**ରାୟପୁର/ନୂଆଦିଲ୍ଲୀ,୧୧।୧୧**

ମାଓବାଦୀଙ୍କ ବାରମ୍ବାର ଆକ୍ରମଣ, ଧମକ ଓ ଭୋଟ ବର୍ଜନ ଆହ୍ୱାନ। ଏହାକୁ ଭ୍ରୁକ୍ଷେପ ନ କରି ନିର୍ବାଚନ କମିଶନ ଓ ପୋଲିସ ପ୍ରଶାସନ ଛତିଶଗଡ଼ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ସବୁ ପ୍ରସ୍ତୁତି ଶେଷ କରିଛନ୍ତି। ସୋମବାର ମାଓବାଦୀ ପ୍ରଭାବିତ ୮ ଜିଲାର ୧୮ ଆସନରେ ଭୋଟଗ୍ରହଣ କରାଯିବ। ଏହାକୁ ଦୃଷ୍ଟିରେ ରଖି ଅଭୂତପୂର୍ବ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ସୁରୁଖୁରୁ ଭାବେ ନିର୍ବାଚନ କାର୍ଯ୍ୟ ପରିଚାଳନା ପାଇଁ ସୁରକ୍ଷା ଦାୟିତ୍ୱରେ ପ୍ରାୟ ୧ ଲକ୍ଷ ଯବାନଙ୍କୁ ମୁତୟନ କରାଯାଇଛି।

୯୦ ଆସନ ବିଶିଷ୍ଟ ଛତିଶଗଡ଼ ବିଧାନସଭାର ୧୮ ନିର୍ବାଚନମଣ୍ଡଳୀରେ ସୋମବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ନିର୍ବାଚନ କମିଶନ ଓ ପୋଲିସ ପ୍ରଶାସନ ପକ୍ଷରୁ ସବୁ ପ୍ରସ୍ତୁତି ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୩୧,୭୯,୫୨୦ ଭୋଟର ୧୯୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏଥିସକାଶେ ୪,୩୩୬ ପୋଲିଂ ଷ୍ଟେଶନର ବ୍ୟବସ୍ଥା କରାଯାଇଛି। ମୋହଲା-ମାନପୁର, ଅନ୍ତଗଡ଼, ଭାନୁପ୍ରତାପପୁର, କଙ୍କେର, କେଶଖାଲ, କୋଣ୍ଡାଗାଁ, ନାରାୟଣପୁର, ଦାନ୍ତେୱାଡ଼ା, ବିଜାପୁର ଓ କୋନ୍ତା ଆସନରେ ସକାଳ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯିବ। ସେହିପରି ଅନ୍ୟ ୮ଟି ନିର୍ବାଚନମଣ୍ଡଳୀ ଖୈରଗଡ଼, ଦେଓଗଞ୍ଜ, ରାଜନନ୍ଦଗାଁ, ଡୋଙ୍ଗରଗାଁ, ଖୁଜି, ବସ୍ତର, ଜଗଦଲପୁର ଓ ଚିତ୍ରକୂଟରେ ସକାଳ ୮ଟାରୁ ସନ୍ଧ୍ୟା ୫ଟା ଯାଏ ମତଦାନ ହେବ। ଏହି ଆସନଗୁଡ଼ିକ ମାଓବାଦୀଙ୍କ ସର୍ବାଧିକ ପ୍ରଭାବ ରହିଥିବା ବସ୍ତର, କଙ୍କେର, ସୁକ୍ମା, ବିଜାପୁର, ଦାନ୍ତେୱାଡ଼ା, ନାରାୟଣପୁର, କୋଣ୍ଡାଗାଁ ଓ ରାଜନନ୍ଦଗାଁ ଜିଲା ଅଧୀନରେ ରହିଛି। ମାଓବାଦୀଙ୍କ ଆକ୍ରମଣକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୧ ଲକ୍ଷ ଯବାନଙ୍କୁ ମୁତୟନ କରାଯାଇଛି। ପ୍ରାୟ ୬୫୦ କମ୍ପାନୀ ସିଆର୍ପିଏଫ୍, ବିଏସ୍ଏଫ୍, ଆଇଟିବିପି ଯବାନଙ୍କୁ ଏଥିରେ ନିୟୋଜିତ କରାଯାଇଛି। ସେହିପରି ଅନ୍ୟ ରାଜ୍ୟଗୁଡ଼ିକରୁ ପ୍ରାୟ ୬୫,୦୦୦ ପୋଲିସ କର୍ମୀଙ୍କୁ ଛତିଶଗଡ଼କୁ କେନ୍ଦ୍ର ସରକାର ପଠାଇଛନ୍ତି। ପୋଲିଂ ପାର୍ଟିଗୁଡ଼ିକୁ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ପଠାଯାଉଛି। ସମ୍ବେଦନଶୀଳ ଅଞ୍ଚଳର ୨୦୦ ବୁଥ୍କୁ ଇଭିଏମ୍ ଏବଂ ନିର୍ବାଚନ କାର୍ଯ୍ୟରେ ବ୍ୟବହୃତ ଅନ୍ୟ ସାମଗ୍ରୀ ନେବା ପାଇଁ ବାୟୁସେନା ହେଲିକପ୍ଟର ବ୍ୟବହାର କରାଯାଇଛି। ପ୍ରଥମ ପର୍ଯ୍ୟାୟ ପରେ ଅବଶିଷ୍ଟ ୭୨ ଆସନରେ ନଭେମ୍ବର ୨୦ରେ ମତଦାନ ହେବ। ଦୁଇ ପର୍ଯ୍ୟାୟର ଭୋଟ ଗଣତି ଡିସେମ୍ବର ୧୧ରେ କରାଯିବ। ପ୍ରକାଶ ଯେ, ଗତ ନିର୍ବାଚନରେ ଭାଜପାକୁ ୪୯, କଂଗ୍ରେସକୁ ୩୯ ଏବଂ ବିଏସ୍ପି ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ଗୋଟିଏ ଲେଖାଏ ଆସନରେ ସଫଳତା ମିଳିଥିଲା।



## ଫୁର୍ସତ

# ସର୍ବବୃହତ୍ ସୁପର କମ୍ପ୍ୟୁଟର

**ଲଣ୍ଡନ:** ମଣିଷ ମସ୍ତିଷ୍କ ଭଳି କାର୍ଯ୍ୟ କରିବାର କ୍ଷମତା ରଖିଥିବା ବିଶ୍ୱର ସର୍ବବୃହତ୍ ସୁପର କମ୍ପ୍ୟୁଟର ପ୍ରଥମ ଥର ପାଇଁ ଖୋଲାଯାଇଛି। ଏହାକୁ ସ୍ପାଇକିଙ୍ଗ୍ ନ୍ୟୁରାଲ୍ ନେଟ୍ୱର୍କ ଆର୍କିଟେକ୍ଚର ବା ସଂକ୍ଷେପରେ ସ୍ପିନ୍ନାକର ମେଶିନ୍ କୁହାଯାଉଛି। ଏହା ପ୍ରତି ସେକେଣ୍ଡରେ ୨୦୦ନିୟୁତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ଦକ୍ଷତା ରଖିଛି। ପ୍ରତିଟି ଚିପ୍ସରେ ୧୦୦ ନିୟୁତ ଟ୍ରାଞ୍ଜିଷ୍ଟର ରହିଛି। ଏହାକୁ ନିର୍ମାଣ କରିବାରେ ୧୦ବର୍ଷରୁ ଅଧିକ ସମୟ ଲାଗିଛି ଏବଂ ଏଥିପାଇଁ ୧୫ ନିୟୁତ ପାଉଣ୍ଡ ଷ୍ଟର୍ଲିଂ ଅର୍ଥ ବ୍ୟୟ ହୋଇଛି।



ବ୍ରିଟେନ୍ର ମାଞ୍ଚେଷ୍ଟର ୟୁନିଭର୍ସିଟିରେ ଏହାର ଡିଜାଇନ୍ ପ୍ରସ୍ତୁତ କରାଯିବା ସହିତ ନିର୍ମାଣ ମଧ୍ୟ କରାଯାଇଛି। ସ୍ପିନ୍ନାକର୍ର ସ୍ୱତନ୍ତ୍ରତା ହେଉଛି ଏହା ପାରମ୍ପରିକ କମ୍ପ୍ୟୁଟର ଭଳି ଷ୍ଟାଣ୍ଡାର୍ଡ ନେଟ୍ୱର୍କ ମାଧ୍ୟମରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ବୃହତ୍ ପରିମାଣ ସୂଚନା ଆଦାନ ପ୍ରଦାନ କରେନାହିଁ ବରଂ ଏହା ହଜାର ହଜାର ସ୍ଥାନକୁ ଏକକାଳୀନ ଶହଶହ କୋଟିର ସୂଚନା ପ୍ରଦାନ କରିଥାଏ। ଅନ୍ୟ ପାରମ୍ପରିକ କମ୍ପ୍ୟୁଟର ତୁଳନାରେ ଏହି ସୁପର କମ୍ପ୍ୟୁଟର ମସ୍ତିଷ୍କ ଅପେକ୍ଷା ଉନ୍ନତମାନର କାର୍ଯ୍ୟ କରିବ ବୋଲି ଏଥିପାଇଁ ପ୍ରଥମରୁ ଧାରଣା ଦେଇଥିବା ବୈଜ୍ଞାନିକ ଷ୍ଟିଭ୍ ଫର୍ବର ପ୍ରକାଶ କରିଛନ୍ତି।

# ପାରିବାରିକ ହିଂସାର ଶିକାର ଏକତୃତୀୟାଂଶ ମହିଳା

**ନୂଆଦିଲ୍ଲୀ:** ଭାରତର ପାଖାପାଖି ଏକ ତୃତୀୟାଂଶ ବିବାହିତା ମହିଳା ପାରିବାରିକ ହିଂସାର ଶିକାର ହେଉଛନ୍ତି। ଦେଶରେ ଲିଙ୍ଗଭିତ୍ତିକ ହିଂସା ଗୁରୁତର ଘଟଣାଗୁଡ଼ିକ ମଧ୍ୟରୁ ଅନ୍ୟତମ ବୋଲି ଏକ ଅଧ୍ୟୟନରୁ ଜାଣିବାକୁ ମିଳିଛି। ଭଦୋଦରାସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ ‘ସହଜ’ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନରେ ନ୍ୟାଶନାଲ ଫ୍ୟାମିଲି ହେଲ୍ଥ ସର୍ଭେ (ଏନ୍ଏଚଏଫ୍ଏସ୍) ରିପୋର୍ଟରୁ ସଂଗୃହୀତ ତଥ୍ୟ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି, ୧୫ରୁ ୪୯ବର୍ଷ ବୟସ ମଧ୍ୟରେ ୨୭% ମହିଳା ପାରିବାରିକ ହିଂସା ଯୋଗୁ ଆକ୍ରମଣର ଶିକାର ହୋଇଥାଆନ୍ତି। ଗୋଟିଏ ଦିଗରେ ଭାରତ ଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି ପ୍ରଦର୍ଶନ କରୁଥିବା ବେଳେ ଅନ୍ୟ ଦିଗରେ ଲୋକମାନେ ଜାତି, ଶ୍ରେଣୀ ଏବଂ ଲିଙ୍ଗଭିତ୍ତିରେ ଭେଦଭାବର ସମ୍ମୁଖୀନ ହେଉଛନ୍ତି ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। ‘ଫିସ୍କାଲ ଅଣ୍ଡରପିନିଙ୍ଗ୍ସ ଅଫ୍ ଜେଣ୍ଡର ଇକ୍ୱିଟି ହେଲ୍ଥ, ନ୍ୟୁଟ୍ରିସନ୍ ଆଣ୍ଡ୍ ୱେଲ୍ଫେୟାର ପ୍ରୋଗ୍ରାମ୍ସ ଫର ୱମେନ’ ଶୀର୍ଷକ ରିପୋର୍ଟରେ ଏହି ବିଷୟ ପ୍ରକାଶ ପାଇଛି। ପାଖାପାଖି ଏକ ତୃତୀୟାଂଶ ମହିଳା ସେମାନଙ୍କ ସ୍ୱାମୀଙ୍କଠାରୁ ମାଡ ଖାଉଥିବା ସ୍ୱୀକାର କରିଛନ୍ତି। ଏଥିରେ ପୁଣି କୁହାଯାଇଛି, ଭାରତରେ ପୁରୁଷ ପ୍ରାଧାନ୍ୟ ମାନସିକତା ଲୋକଙ୍କ ମନରେ ଗଭୀର ଭାବରେ ଜଡିତ ଥିବାରୁ ବାଳିକା ଏବଂ ମହିଳାଙ୍କ ପ୍ରତି ପାତରଅନ୍ତର ଆଚରଣ ବୃଦ୍ଧି ପାଇବାରେ ଲାଗିଛି। ମହିଳାଙ୍କୁ ପ୍ରଜନନର ଏକ ମାଧ୍ୟମ ବୋଲି ବିବେଚନା କରାଯାଉଥିବା ଏଥିରେ କୁହାଯାଇଛି। ଭାରତରେ ପୁଅଙ୍କ ତୁଳନାରେ ଝିଅଙ୍କୁ ଶିକ୍ଷାଦାନ, ପୁଷ୍ଟିକର ଖାଦ୍ୟ ପ୍ରଦାନ ଓ ଚିକିତ୍ସା କ୍ଷେତ୍ରରେ ପାତରଅନ୍ତର କରାଯାଉଥିବା ଉକ୍ତ ରିପୋର୍ଟରେ କୁହାଯାଇଛି।



## ଇତିହାସର ଆଇନାରେ

### ନଭେମ୍ବର ୧୨ର ପ୍ରମୁଖ ଘଟଣା

୧୯୮୦ ନଭେମ୍ବର ୧୨ରେ ଭଏଜର ୧ ଶନି ଗ୍ରହର ନିକଟବର୍ତ୍ତୀ ହୋଇ ପ୍ରଥମକରି ବଳୟ ଗ୍ରହର ଫଟୋ ଉତ୍ତୋଳନ କରିଥିଲା। ସୌରମଣ୍ଡଳର ଆକର୍ଷଣକୁ ଏଡାଇ ଏହା ଶନି ଅଭିମୁଖେ ଯାତ୍ରା କରିବାରେ ୫ଟି ସ୍ପେସ୍କ୍ରାଫ୍ଟ ମଧ୍ୟରେ ତୃତୀୟ ସ୍ଥାନ ହାସଲ କରିପାରିଥିଲା। ୨୦୧୨ ଅଗଷ୍ଟ ୨୫ରେ ଭଏଜର ୧ ହେଲିଓପୋଜ୍ ଅତିକ୍ରମ କରି ଇଣ୍ଟରଷ୍ଟେଲାର ମାଧ୍ୟମରେ ପ୍ରବେଶ କରିବାରେ ଏହା ପ୍ରଥମ ହୋଇଥିଲା।

୨୦୦୧ ନଭେମ୍ବର ୧୨ରେ ଆମେରିକୀୟ ଏୟାରଲାଇନ୍ସ ଫ୍ଲାଇଟ୍ ୫୮୭ ସାଣ୍ଟୋ ଡୋମିଙ୍ଗୋସ୍ଥିତ ଲାସ୍ ଆମେରିକା ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨୫୧ ଯାତ୍ରୀଙ୍କ ସମେତ ୯ ବିମାନ କର୍ମଚାରୀ ନିହତ ହୋଇଥିଲେ। ଏତଦ୍ ଭିନ୍ନ ଭୂପୃଷ୍ଠରେ ଥିବା ୫ ସାଧାରଣ ଲୋକ ମଧ୍ୟ ମୃତ୍ୟୁବରଣ କରିଥିଲେ।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୮ | ୧୭.୧ |
| ଚାନ୍ଦବାଲି | ୨୯.୭ | ୧୯.୬ |
| କଟକ | ୨୯.୮ | ୧୯.୫ |
| ପାରାଦ୍ୱୀପ | ୩୦.୧ | ୨୧.୬ |
| ଭୁବନେଶ୍ୱର | ୩୦.୮ | ୨୦.୬ |
| ଗୋପାଳପୁର | ୩୨.୦ | ୨୦.୫ |
| ପୁରୀ | ୩୦.୪ | ୨୨.୬ |
| ଅନୁଗୋଳ | ୩୦.୭ | ୧୫.୦ |
| ବାରିପଦା | ୨୮.୪ | ୧୬.୬ |
| ଝାରସୁଗୁଡ଼ା | ୩୧.୪ | ୧୪.୪ |
| କେନ୍ଦୁଝର | ୨୭.୬ | ୧୪.୪ |
| ସମ୍ବଲପୁର | ୩୧.୬ | ୧୫.୮ |
| ସୁନ୍ଦରଗଡ଼ | ୨୯.୦ | ୧୪.୦ |
| ହୀରାକୁଦ | ୩୧.୩ | ୧୬.୩ |
| ତାଳଚେର | ୩୩.୪ | ୧୮.୦ |
| ଭବାନୀପାଟଣା | ୩୦.୦ | ୧୪.୦ |
| ବଲାଙ୍ଗୀର | ୩୧.୫ | ୧୬.୫ |
| କୋରାପୁଟ | ୨୮.୪ | ୧୩.୪ |
| ଫୁଲବାଣୀ | ୨୮.୬ | ୧୦.୦ |
| ଟିଟିଲାଗଡ଼ | --- | ୧୪.୫ |
| ମାଲକାନଗିରି | ୩୧.୦ | --- |
| ସୋନପୁର | ୩୨.୨ | ୧୭.୬ |
| ଦାରିଙ୍ଗିବାଡ଼ି | ୨୮.୫ | ୧୨.୭ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍ସିୟସ୍

# ବିଦେଶକୁ ଚୋରାଚାଲାଣ ହେଉଛି ଭାରତର ପ୍ରାଚୀନ କଳାକୃତି

**ସିଙ୍ଗାପୁର:** ପ୍ରତିବର୍ଷ ଭାରତର ମନ୍ଦିରଗୁଡିକରୁ ପ୍ରାଚୀନ କଳାକୃତି ଓ ମୂଲ୍ୟବାନ ଧାତୁନିର୍ମିତ ମୂର୍ତ୍ତି ଚୋରା ଚାଲାଣ ହେଉଛି। ସେଗୁଡିକୁ ଜାହାଜରେ ଚାଲାଣ କରାଯାଇ ଅନ୍ତର୍ଜାତୀୟ ବଜାରରେ ବହୁ ମୂଲ୍ୟରେ ବିକ୍ରି କରାଯାଉଥିବା ସିଙ୍ଗାପୁରସ୍ଥିତ ଜଣେ ମୂଳ ଭାରତୀୟ ଶିପିଂ ଏକ୍ଜିକ୍ୟୁଟିଭ୍ ଏସ୍. ବିଜୟ କୁମାର ସୂଚନା ଦେଇଛନ୍ତି। ତାଙ୍କ କହିବାନୁଯାୟୀ, ପ୍ରତି ୧୦ବର୍ଷରେ ବିଦେଶକୁ ଚୋରା ଚାଲାଣ ହେଉଛି ପାଖାପାଖି ୧୦,୦୦୦ ବିରଳ କଳାକୃତି। ସେ ୧୫ବର୍ଷ ହେଲା ବିଭିନ୍ନ ଦେବଦେବୀଙ୍କ ବିରଳ ପ୍ରତିମୂର୍ତ୍ତି ଚୋରା ଚାଲାଣ ବିଷୟରେ ଅବଗତ ହୋଇଛନ୍ତି। ଏଗୁଡିକର ଓଜନ ପାଖାପାଖି ୧୫ରୁ ୧୬ଟନ୍ ମଧ୍ୟରେ ହେବ। ବିଜୟ କୁମାର ଶନିବାର ସିଙ୍ଗାପୁରଠାରେ ‘ଦି ଆଇଡଲ୍ ଥିଫ୍’ ନାମରେ ଏକ ପୁସ୍ତକ ଉନ୍ମୋଚନ କରିଥିବା ବେଳେ ସେ ସମ୍ପର୍କିତ ବିଷୟବସ୍ତୁ ଏଥିରେ ସ୍ଥାନ ପାଇଛି। ଭାରତରୁ ବିଭିନ୍ନ ବିରଳ କଳାକୃତି ଜାହାଜ ମାଧ୍ୟମରେ ବିଦେଶକୁ ଚାଲାଣ ହେଉଛି। ତେବେ ଏଗୁଡିକୁ ପିତ୍ତଳ ସାମଗ୍ରୀ ବା ଉଦ୍ୟାନ ସରଞ୍ଜାମ ବୋଲି ଘୋଷଣା କରାଯାଉଛି। ଦୀର୍ଘ ଦିନରୁ ଏହି ବ୍ୟବସ୍ଥା ଗଡିଆସୁଛି। ଭାରତ ସରକାର ଏଥିପ୍ରତି ଯତ୍ନବାନ୍ ହେଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଭାରତରୁ ଏଭଳି ବିରଳ କଳାକୃତି ଚୋରାରେ ଆଣିବା ପାଇଁ ବିଦେଶର କେତେକ ଅକ୍ସନ ହାଉସ୍ ସେମାନଙ୍କ ତୁଙ୍ଗ କାର୍ଯ୍ୟନିର୍ବାହୀଙ୍କୁ ଭାରତ ପଠାଉଛନ୍ତି।



**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୧୨/୨୦୧୮ | Bhubaneswar, Monday, November 12/ 2018 | ପୃଷ୍ଠା-୧



## ନିଜ ରଚିତ ପୁସ୍ତକ ଉନ୍ମୋଚନ କଲେ ମନୀଷା

ଅଭିନେତ୍ରୀ ମନୀଷା କୋଇରାଲା ତାଙ୍କ ରଚିତ ପୁସ୍ତକ 'ହିଲ୍‌ଡ'କୁ ଉନ୍ମୋଚନ କରିଛନ୍ତି। ୦୯

୧୨

## ଧାଓ୍ବନ ଧମାକାରେ ଭାରତ ବିଜୟୀ

ଶିଖର ଧାଓ୍ବନଙ୍କ ବିସ୍ଫୋରକ ଇନିଂସ ବଳରେ ଭାରତ ତୃତୀୟ ଟି୨୦ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ହରାଇ ସିରିଜକୁ କ୍ଲିନ୍ ସୁଇପ୍ କରିଛି।





PLEDGE 'PLASTIC-FREE' ODISHA
Arindam Roy
Actor
#PlasticFreeOdisha
ଧରିତ୍ରୀ DHARITRI
TEAM

# ଆସୁଛି ଗଜ

## ୧୪ରୁ ଉପକୂଳ ଓଡ଼ିଶାରେ ସ୍ୱଳ୍ପବର୍ଷା

**ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)**

ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ଗଜ ଘଣ୍ଟାକୁ ୧୨ କି.ମି. ବେଗରେ ଉପକୂଳ ଆଡ଼କୁ ମାଡ଼ିଆସୁଛି। ଏହା ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସିଭିୟର ସାଇକ୍ଲୋନିକ୍ ଷ୍ଟର୍ମରେ ପରିଣତ ହେବ। ଅର୍ଥାତ ୧୪ ତାରିଖ ବେଳକୁ ଉତ୍ତର ତାମିଲନାଡୁର କୁଡ଼ଲୋରେ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟ ମଧ୍ୟରେ ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) କହିଛି। ତେବେ ଓଡ଼ିଶା ଉପରେ ଗଜର ପ୍ରଭାବ କିଛି ପଡ଼ିବ ନାହିଁ। ୧୪ ତାରିଖରେ ଉପକୂଳବର୍ତ୍ତୀ ଓଡ଼ିଶାର ବାଲେଶ୍ୱର, ଯାଜପୁର, ଭଦ୍ରକ, ଜଗତ୍‌ସିଂହପୁର, ପୁରୀ ଏବଂ ଗଞ୍ଜାମ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର କହୁଛି।

ରବିବାର ସନ୍ଧ୍ୟା ସୁଦ୍ଧା ଗଜ ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟର ଦକ୍ଷିଣ ପୂର୍ବରେ ସମୁଦ୍ର କୂଳଠାରୁ ୯୦୦ କି.ମି. ଦୂରରେ ଥିବାବେଳେ ତାମିଲନାଡୁର ଚେନ୍ନାଇଠାରୁ ଉତ୍ତର-ପୂର୍ବକୁ ୮୬୦ କି.ମି. ସମୁଦ୍ର ଭିତରେ ରହିଛି। ଏହି ସମୟରେ ମତ୍ସ୍ୟଜୀବୀମାନେ ଗଭୀର ସମୁଦ୍ର ମଧ୍ୟରୁ ଉପକୂଳକୁ ଫେରି ଆସିବାକୁ କୁହାଯାଇଛି। ସେହିପରି ଦକ୍ଷିଣ ସମୁଦ୍ର ମଧ୍ୟକୁ ମାଛ ଧରି ନ ଯିବାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଇ ଦେଇଛି। ୧୪ରେ ଗଜ ସ୍ଥଳ ଭାଗ ଛୁଇଁବା ବେଳକୁ ୮୦ରୁ ୯୦ କି.ମି ବେଗରେ ପବନ ବହିବ ବୋଲି ଆଇଏମ୍‌ଡି କହିଛି। ଏହି ବାତ୍ୟାର ନାମ ଗଜ ରଖାଯାଇଛି। ଗଜ ଅର୍ଥ ଓଡ଼ିଆ ଭାଷାରେ ହାତୀ। ଏହାର ନାମକରଣ ଶ୍ରୀଲଙ୍କା କରିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଏସିଆ ମହାଦେଶରେ ଥିବା ଦେଶଗୁଡିକ ସାମୁଦ୍ରିକ ଝଡର ନାମକରଣ କରିବା ପାଇଁ କିଛି ନାମ ଦେଇଥାନ୍ତି। ସାମୁଦ୍ରିକ ଝଡ଼ ଅର୍ଥାତ ବାତ୍ୟା ସୃଷ୍ଟି ହେଲେ କ୍ରମ ଅନୁସାରେ ଥିବା ନାମଗୁଡିକୁ ଦିଆଯାଇଥାଏ।




ଭୁବନେଶ୍ୱର ଜନତା ମଇଦାନଠାରେ ଅନୁଷ୍ଠିତ 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୮'କୁ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି। (ଫଟୋ: ବିକାଶ ନାୟକ)

### ■ 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୮' ଉଦ୍‌ଘାଟିତ

# ନୂଆ ଓଡ଼ିଶାକୁ ସ୍ୱାଗତ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୧।୧୧(ବ୍ୟୁରୋ)**

୨୦୧୬ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଫ୍ଲାଗଶିପ ଇନଭେଷ୍ଟମେଣ୍ଟ ସମିଟ୍ 'ମେକ୍ ଇନ୍ ଓଡିଶା' ଅନେକ ପଥ ଅତିକ୍ରମ କରିଛି। ଏଭଳି କାର୍ଯ୍ୟକ୍ରମ ରାଜ୍ୟର ଶିଳ୍ପ ବିକାଶ ତଥା ବାଣିଜ୍ୟ ସମ୍ଭାବନାକୁ ପ୍ରଦର୍ଶନ କରିବାରେ ସହାୟକ ହୋଇଛି। ଓଡିଶା ଏହାର କଳା, ସଂସ୍କୃତି ଏବଂ କାରିଗରୀ ଜ୍ଞାନ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। କୁଶଳୀ ଶ୍ରମ ଶକ୍ତି ଦ୍ୱାରା ଓଡିଶା ଦେଶର ଅଭିବୃଦ୍ଧିରେ ନିଜର ଯୋଗଦାନ ଦେଇ ପାରୁଛି। ରାଜଧାନୀ ଭୁବନେଶ୍ୱରଠାରେ ରବିବାର ଆୟୋଜିତ 'ମେକ୍ ଇନ ଓଡିଶା କନ୍‌କ୍ଲେଭ-୨୦୧୮'କୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ପ୍ରକାଶ କରିବା ସହ ନୂଆ ଓଡ଼ିଶାକୁ ଶିଳ୍ପ ଗୋଷ୍ଠୀ ସମୁହକୁ ସ୍ୱାଗତ କରିଛନ୍ତି। ଏଥିସହ ରାଜ୍ୟରେ ଶିଳ୍ପ ସମ୍ଭାବନାର ସୁଯୋଗ ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର କୁଶଳୀ ଶ୍ରମଶକ୍ତି ରାଜ୍ୟ ତଥା ରାଜ୍ୟ ବାହାରେ ନିଜର ପରାକାଷ୍ଠାର ପ୍ରଦର୍ଶନ ଜାରି ରଖିଛନ୍ତି। ଏମାନେ 'ଆଇ ଆମ୍ ଓଡିଶା କ୍ୟାମ୍ପେନ'ର ଜଣେ ଜଣେ ଅଗ୍ରଦୂତ। ରାଜ୍ୟକୁ ଶିଳ୍ପର ଏକ ପ୍ରାଣକେନ୍ଦ୍ର ଭାବେ ଗଢି ତୋଳିବା ଲାଗି ସେମାନେ ନିଜର ଯୋଗଦାନ ଦେଉଛନ୍ତି। ଏଭଳି ଏକ ପ୍ରମୁଖ କାର୍ଯ୍ୟକ୍ରମକୁ ଯୁବପୀଢିଙ୍କୁ ଉତ୍ସର୍ଗୀକୃତ କରୁଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ଅର୍ଥନୀତିରେ ନିଜର ଯୋଗଦାନ ରଖିଥିବାରୁ ମୁଖ୍ୟମନ୍ତ୍ରୀ ଶିଳ୍ପଗୁଡିକୁ ଏହି ଅବସରରେ ଧନ୍ୟବାଦ ଦେଇଛନ୍ତି। ସେହିଭଳି ଶିଳ୍ପଗୁଡିକର ଅଭିବୃଦ୍ଧି ନେଇ ସେ ଆଶାବାଦୀ ଥିବା ମଧ୍ୟ କହିଛନ୍ତି। ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଶିଳ୍ପ ପ୍ରତିନିଧିଙ୍କୁ ସେ ସ୍ୱାଗତ କରିଛନ୍ତି। ଏକ ନୂଆ ଓଡିଶା ଗଠନରେ ସହଭାଗୀ ହେବାକୁ ମୁଖ୍ୟମନ୍ତ୍ରୀ ଉଦ୍ୟୋଗୀଙ୍କୁ ଆହ୍ୱାନ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଦେଶ ବିଦେଶର ପ୍ରାୟ ୮୦୦ ଶିଳ୍ପପତି, ପ୍ରତିନିଧି, ଯୁବ ଉଦ୍ୟୋଗୀଙ୍କ ☞ପୃଷ୍ଠା-୨

- ■ ପୂର୍ବ ଭାରତର ଅନ୍ୟତମ ବୃହତ୍ କନ୍‌କ୍ଲେଭ
- ■ ପ୍ରଦାନ କରାଯିବ ଓଡ଼ିଶା ସିଏସଆର ପୁରସ୍କାର
- ■ ଯୋଗ ଦେବେ ବିଶିଷ୍ଟ ଶିଳ୍ପ ପ୍ରତିନିଧି,ବିଶେଷଜ୍ଞ

### ■ ୩୦ ଫୁଟ ତଳକୁ ଖସିଲା ସ୍କୁଲ ବସ୍

# ୩ ମୃତ, ୧୯ ଗୁରୁତର

**ନବରଙ୍ଗପୁର/ଝରିଗାଁ, ୧୧।୧୧(ବି.ପ୍ର/ସ୍ୱ.ପ୍ର)**

ନବରଙ୍ଗପୁର ଜିଲା ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ରବିବାର ଉମରକୋଟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଏକ ବସ ୩୦ ଫୁଟ ତଳକୁ ଖସି ପଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୯ ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ନବରଙ୍ଗପୁର ଜିଲା ସଦର ମହକୁମାସ୍ଥିତ ନୂଆବନ୍ଧସାହିର ପ୍ରାକ୍ତନ ଶିକ୍ଷକ ତଥା ଶିଶୁ କଲ୍ୟାଣ କମିଟିର ସଭ୍ୟ ଲଳିତମୋହନ ପଟ୍ଟନାୟକ(୭୧), ଉମରକୋଟ ଡିଏନକେ ଶାନ୍ତିନଗରର ଶିକ୍ଷୟିତ୍ରୀ ରୀନା ନାୟକ(୪୨) ଏବଂ ତାଙ୍କ ମାମୁ ପୁଅ ଭାଇ ତଥା ଶିକ୍ଷକ ନିରଞ୍ଜନ ନାୟକ(୩୮)। ଗୁରୁତରମାନଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ସେମାନଙ୍କୁ କୋରାପୁଟ ନେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ଗୁରୁତର ୧୯ ଜଣଙ୍କ ମଧ୍ୟରେ ଅଛନ୍ତି ୮ ଛାତ୍ରୀଛାତ୍ର।

ଚନ୍ଦାହାଣ୍ଡି ଠାରେ ଆୟୋଜିତ ଏକ ପାଠଚକ୍ରରେ ଭାଗନେବା ସକାଶେ ଉମରକୋଟ ଏବଂ ରାଇଘର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ,ଶିକ୍ଷକ, ଅଭିଭାବକ ସମେତ ପ୍ରାୟ ୩୫ ଜଣ ସ୍କୁଲ ବସ(ନଂ.ଓଡି୨୪-୦୨୭୩) ରେ ଚନ୍ଦାହାଣ୍ଡି ଯାଉଥିଲେ। ଚନ୍ଦାହାଣ୍ଡି ଘାଟିରେ ବସଟି ଭାରସାମ୍ୟ ହରାଇ ପ୍ରାୟ ୩୦ଫୁଟ ତଳକୁ ଖସି ପଡିଥିଲା। ଘଟଣାସ୍ଥଳରେ ଲଳିତମୋହନ, ରୀନା ଓ ନିରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୧୯ ଜଣ ଗୁରୁତର ହେବା ସହ ୪ ସାମାନ୍ୟ ଆହତ ହୋଇଥିଲେ। ଘଟଣା ସ୍ଥଳରେ ଝରିଗାଁ, ଚନ୍ଦାହାଣ୍ଡି ଅଗ୍ନିଶମ କର୍ମଚାରୀ, ଝରିଗାଁ ପୋଲିସ, ଯୁବ ଗୋଷ୍ଠୀ ପ୍ରମୁଖ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାର କରି ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ୧୭ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଅନ୍ୟ ୨ ଜଣ ରାଇଘର ଯାଇ ସେଠାରୁ ☞ପୃଷ୍ଠା-୨

- ■ ଚନ୍ଦାହାଣ୍ଡି ଘାଟି ପାଲଟିଛି ମରଣଯନ୍ତା
- ■ ୪ ବର୍ଷ ତଳେ ଟ୍ରକ ଓଲଟି ଯାଇଥିଲା ୧୨ ଜୀବନ
- ■ ଗୁରୁତରଙ୍କ ମଧ୍ୟରେ ଅଛନ୍ତି ୮ ଛାତ୍ରୀଛାତ୍ର



# ଜେଲ୍‌ରେ ବିଚାରାଧୀନ କଏଦୀଙ୍କୁ ହତ୍ୟା

**ବାଲେଶ୍ୱର ଅଫିସ, ୧୧।୧୧**

ବାଲେଶ୍ୱର ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଜଣେ କଏଦୀଙ୍କ ଆକ୍ରମଣରେ ରାମଚନ୍ଦ୍ର ସେନାପତି ନାମକ ଜଣେ ବିଚାରାଧୀନ କଏଦୀଙ୍କ ରବିବାର ମୃତ୍ୟୁ ଘଟିଛି। ତାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଜଣାପଡିଛି। ଗୁରୁତର ଅବସ୍ଥାରେ ରାମଚନ୍ଦ୍ରଙ୍କୁ ଜେଲ କର୍ତ୍ତୃପକ୍ଷ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। କିଛି ସମୟ ମଧ୍ୟରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରିଛି। ଜେଲ୍ ଅନ୍ତେବାସୀଙ୍କ ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାମଚନ୍ଦ୍ରଙ୍କ ମୃତ୍ୟୁ ଖବର ପାଇବା ପରେ ପରିବାରବର୍ଗ ଓ ଗ୍ରାମବାସୀ ପହଞ୍ଚି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଗ୍ରାମବାସୀ ମୃତଦେହକୁ ଜେଲ୍ ଆଗରେ ରଖି କ୍ଷତିପୂରଣ ଦାବିରେ ଧାରଣା ଦେଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିଛି। ମୃତକଙ୍କ ପୁଅ ଏନେଇ ସହଦେବଖୁଣ୍ଟା ଥାନାରେ ଅଭିଯୋଗ କରିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗତ ୯ ତାରିଖରେ ଟାଉନ ଥାନା ☞ପୃଷ୍ଠା-୨

### ■ ଛତିଶଗଡ଼ରେ ଭୋଟ ପୂର୍ବରୁ ବିଏସ୍‌ଏଫ୍‌କୁ ଆକ୍ରମଣ

# ଯବାନ ଶହୀଦ, ୨ ମାଓବାଦୀ ନିହତ

**ରାୟପୁର,୧୧।୧୧**

ଛତିଶଗଡ଼ ବିଧାନସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ମାଓବାଦୀମାନେ ପୁଣିଥରେ ରକ୍ତମୁଖା ହୋଇଉଠିଛନ୍ତି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ସୁରକ୍ଷା ଦାୟିତ୍ୱରେ ଥିବା ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ପାଟ୍ରୋଲିଂ ପାର୍ଟିକୁ ଲାଲ ବାହିନୀ ଟାର୍ଗେଟ କରିଛନ୍ତି। ମାଓବାଦୀଙ୍କ ବିକଶିତ ବିସ୍ଫୋରକ ଉପକରଣ (ଆଇଇଡି) ବିସ୍ଫୋରଣରେ ରବିବାର କଙ୍କେର ଜିଲାରେ ଜଣେ ଯବାନ ଶହୀଦ ହୋଇଛନ୍ତି। ୧୬ ଦିନ ମଧ୍ୟରେ ସୁରକ୍ଷା ବଳ ଉପରେ ଏହା ହେଉଛି ମାଓବାଦୀଙ୍କ ଚତୁର୍ଥ ଆକ୍ରମଣ। ଅନ୍ୟପକ୍ଷରେ ବିଜାପୁର ଜିଲାର ଏକ ଜଙ୍ଗଲରେ ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଯବାନଙ୍କ ଏନ୍‌କାଉଣ୍ଟରରେ ୨ ମାଓବାଦୀ ନିହତ ହୋଇଛନ୍ତି।

ଛତିଶଗଡ଼ର ମାଓବାଦୀ ପ୍ରଭାବିତ ୮ ଜିଲା ଅଧୀନ ୧୮ ନିର୍ବାଚନମଣ୍ଡଳୀରେ ସୋମବାର ପ୍ରଥମ ପର୍ଯ୍ୟାୟ ମତଦାନ ହେବ। ଏଥିସକାଶେ ସୁରକ୍ଷା ବଳ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମାଓବାଦୀମାନେ ବସ୍ତର ଅଞ୍ଚଳରେ ଭୋଟ ବର୍ଜନ ପାଇଁ ଆହ୍ୱାନ ଦେଇଥିବା ସତ୍ତ୍ୱେ ନିର୍ବାଚନ କରାଯାଉଥିବାରୁ ସେମାନେ ସୁରକ୍ଷା ବଳକୁ ବାରମ୍ବାର ଟାର୍ଗେଟ କରିଆସୁଛନ୍ତି। ଏହି କ୍ରମରେ ବିଏସ୍‌ଏଫ୍ ଯବାନମାନେ ରବିବାର ପାଟ୍ରୋଲିଂ କରୁଥିବାବେଳେ ମାଓବାଦୀମାନେ ସେମାନଙ୍କୁ ପୁଣି ଟାର୍ଗେଟ କରିଥିଲେ। ରାଜଧାନୀ ରାୟପୁରରୁ ୨୦୦ କି.ମି. ଦୂର କଙ୍କାକଲ ଓ ଗୋମ୍ ଗ୍ରାମ ମଝିରେ ସୁରକ୍ଷା ବଳର ଗାଡ଼ି ଉପରେ ସେମାନେ ଅତର୍କିତ ଆକ୍ରମଣ କରିଥିଲେ। କୋୟାଲି ବେଡ଼ା ଗ୍ରାମରେ ଲଗାତର ୬ଟି ଆଇଇଡି ବିସ୍ଫୋରଣ ଘଟାଇ ମାଓବାଦୀମାନେ ସମ୍ପୃକ୍ତ ଅଞ୍ଚଳରେ ଆତଙ୍କ ଖେଳାଇଥିଲେ। ☞ପୃଷ୍ଠା-୨

**୧୬ ଦିନରେ ଚତୁର୍ଥ ଟାର୍ଗେଟ**

- ■ କଙ୍କେର ଜିଲାରେ ୬ ଆଇଇଡି ବିସ୍ଫୋରଣ
- ■ ବିଏସ୍‌ଏଫ୍ ସବ୍‌ଇନ୍ସପେକ୍ଟର ଶହୀଦ
- ■ ବିଜାପୁର ଏନ୍‌କାଉଣ୍ଟରରେ ଟଳିଲେ ୨ ମାଓବାଦୀ

**ଆଜିର ସମ୍ପାଦକୀୟ**

ଅନ୍ୟଥାରେ

**ଆଜିର ମନ୍ତବ୍ୟ**

"ଭାରତ ପୋଲିଓ ଦୂରୀକରଣ ଭଳି ବାୟୁ ପ୍ରଦୂଷଣକୁ ମଧ ରୋକିପାରିବ।

-ଏରିକ୍ ସୋଲ୍‌ହେଇମ୍, ଜାତିସଂଘ ପରିବେଶ ମୁଖ୍ୟ

**କିଛି ତଥ୍ୟ**

ଚଳିତ ବର୍ଷ ଏପ୍ରିଲଠାରୁ ସେପ୍ଟେମ୍ବର ମାସ ମଧ୍ୟରେ ଘରୋଇ ବଜାରର ପ୍ଲାଷ୍ଟିକ୍ ରପ୍ତାନି ୩୧.୬% ବୃଦ୍ଧି ଘଟି ୪.୫୯ ବିଲିୟନ ଡଲାର ଛୁଇଁଛି। ଏହା ଗତ ବର୍ଷ ୩.୪୮ ବିଲିୟନ ଡଲାର ରହିଥିଲା।

**-ପ୍ଲାଷ୍ଟିକ ରପ୍ତାନି ପ୍ରୋତ୍ସାହନ ପରିଷଦ**

NECC NATIONAL EGG CO-ORDINATION COMMITTEE
11.11.2018
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 60 | 106 | 116 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 64 | 111 | 121 |

*Conditions Apply
Eggs Retail Price- 51/-Dozen
Issued in the Interest of Consumers

### ■ ପୋଖରୀରେ ଗାଧୋଇବା କାଳ ହେଲା

# ୨ ଶିଶୁକନ୍ୟାଙ୍କ ସଲିଳ ସମାଧି

**ରସୁଲପୁର,୧୧।୧୧(ଡିଏନଏ)**

ଦୁଇ ଭଉଣୀ ବେଶି ଗାଧୋଇବନି, ଜଲ୍‌ଦି ଫେରିଆସିବ ବୋଲି ଆକଟ କରି କହିଥିଲେ ମା'। କିନ୍ତୁ ଗାଧୋଇବାକୁ ଯାଇ ଦୁଇ ଭଉଣୀ ଆଉ ଫେରି ନ ଥିଲେ। ପୋଖରୀରେ ବୁଡ଼ି ସବୁଦିନ ପାଇଁ ଆଖି ବୁଜି ଦେଇଥିଲେ। ପୋଖରୀ ତୁଠରୁ ଉଦ୍ଧାର ହୋଇଥିଲା ୨ଟି କୁନି ପୋଷାକ ଓ ଦୁଇ ଭଉଣୀଙ୍କ ମୃତଦେହ। ଏଭଳି ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ନଠୁଆବର ପଞ୍ଚାୟତ କୋରକୋରା ଗାଁରେ। ମୃତ ଦୁଇ ଭଉଣୀ ହେଉଛନ୍ତି ବିପିନ ସ୍ୱାଇଁଙ୍କ ଝିଅ ରୋଶନି ଓରଫ ସନ୍ଧ୍ୟା(୫) ଓ ହୃଷୀକେଶ ସ୍ୱାଇଁଙ୍କ କନ୍ୟା ସଂଗୀତା(୬)।

ପ୍ରକାଶ ଯେ, ରବିବାର ଦୁଇ ଭଉଣୀ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ମାତ୍ର ବହୁ ସମୟ ବିତି ଯାଇଥିଲେ ମଧ୍ୟ ସେମାନେ ଘରକୁ ଫେରି ନ ଥିଲେ। ଫଳରେ ପରିବାର ଲୋକେ ବ୍ୟସ୍ତହୋଇ ସେମାନଙ୍କୁ ଖୋଜାଖୋଜି କରିଥିଲେ। ପୋଖରୀ ତୁଠରେ ଦୁଇ ଶିଶୁ କନ୍ୟାଙ୍କ ପୋଷାକ ଥୁଆ ହୋଇଥିଲା। ମାତ୍ର ସେମାନଙ୍କର ଦେଖା ନ ଥିଲା। ପରିବାର ବର୍ଗ ଓ ଗାଁ ଲୋକେ ପୋଖରୀ ହୁଡାରେ ରୁଣ୍ଡ ହୋଇଯାଇଥିଲେ। କେତେଜଣ ଗାଁ ଲୋକେ ପୋଖରୀରେ ବୁଡି ଖୋଜାଖୋଜି କରିଥିଲେ। ବହୁ ଖୋଜାଖୋଜି ପରେ ଦୁଇ ଭଉଣୀଙ୍କୁ ପାଣିରୁ ଲୋକେ ଉଦ୍ଧାର କରିଥିଲେ। ଉଭୟଙ୍କୁ ଗାଁ ଲୋକେ ତୁରନ୍ତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉଭୟ ଶିଶୁଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ପୁଣି ଜିଲା ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ଉଭୟ ଶିଶୁଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ଦୁଇଟି ମାମଲା (ନଂ-୧୦ ଓ ୧୧/୧୮) ରୁଜୁ ହୋଇଛି। ଏହି ଘଟଣା ସମଗ୍ର ଗାଁରେ ଶୋକର ଛାୟା ଖେଳାଇ ଦେଇଛି।

### ■ ବିଜୁ ମହିଳା ଜନତା ଦଳର ସାଙ୍ଗଠନିକ ପୁନର୍ଗଠନ

# ପ୍ରମିଳାଙ୍କ ସ୍ଥାନ ନେଲେ ମିନତି

**ଭୁବନେଶ୍ୱର,୧୧।୧୧(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ମହିଳା ସଙ୍ଗଠନରେ ବ୍ୟାପକ ପରିବର୍ତ୍ତନ ହୋଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବିଧାୟକ ଦେବୀ ପ୍ରସାଦ ମିଶ୍ର ରବିବାର ଏ ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ପଞ୍ଚାୟତ ନିର୍ବାଚନ ବିପର୍ଯ୍ୟୟ ପରେ ବିଜେଡି ନିଜର ସମସ୍ତ ଛାମୁଆ ସଙ୍ଗଠନର କାର୍ଯ୍ୟକାରିଣୀ ସହ ବ୍ୟାପକ ଅଦଳବଦଳ କରିଥିଲା। କିଛିମାସ ପୂର୍ବେ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରିଣୀ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ଧରି ମହିଳା ସଙ୍ଗଠନର ସଭାନେତ୍ରୀ ଥିବା ପ୍ରମିଳା ମଲିକଙ୍କୁ ଦଳର ଉପସଭାପତି ଭାବେ ନିଯୁକ୍ତି ମିଳିଛି। ତାଙ୍କ ସ୍ଥାନରେ ମିନତି ବେହେରାଙ୍କୁ ବିଜୁ ମହିଳା ଜନତା ଦଳର ନୂତନ ସଭାନେତ୍ରୀ କରାଯାଇଛି। ପ୍ରମିଳା ଦଳୀୟ ଉପସଭାପତି ପଦରେ ରହିବା ସହ ମହିଳା ସଙ୍ଗଠନର ଉପଦେଷ୍ଟା ଭାବେ କାର୍ଯ୍ୟ କରିବା ପାଇଁ ବିଜେଡି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରମିଳାଙ୍କ ବ୍ୟତୀତ ଜ୍ୟୋତି ପାଣିଗ୍ରାହୀ ଓ କସ୍ତୁରୀ ମହାପାତ୍ରଙ୍କୁ ସହ ଉପଦେଷ୍ଟା ଭାବେ ନିଯୁକ୍ତି ମିଳିଛି। ନୂତନ ଭାବେ ୪ ଜଣଙ୍କୁ ବିଜେଡି ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ଦାୟିତ୍ୱ ଦିଆଯାଇଛି। ସେମାନେ ହେଉଛନ୍ତି ଶ୍ରୀମୟୀ ଶ୍ୱେତା ସିଡ୍ଢା ମିଶ୍ର, ଲୋପାମୁଦ୍ରା ବକ୍ସିପାତ୍ର, ସୁଲୋଚନା ଦାସ ଏବଂ ଗୀତାଞ୍ଜଳି ବସ୍ତିଆ। ☞ପୃଷ୍ଠା-୨

- ■ ପ୍ରମିଳାଙ୍କୁ ମିଳିଲା ଦଳୀୟ ଉପସଭାପତି ପଦ
- ■ ଜ୍ୟୋତି, କସ୍ତୁରୀ ମହିଳା ସଙ୍ଗଠନର ସହ ଉପଦେଷ୍ଟା
- ■ ନିଯୁକ୍ତ ହେଲେ ୪ କାର୍ଯ୍ୟକାରୀ ସଭାନେତ୍ରୀ






ବଲିଉଡ୍ ଫିଲ୍ମ 'କେଦାରନାଥ'କୁ ନେଇ ଏବେ ଉଠିଛି ବିବାଦ। ଏହା ଲଭ୍-ଜିହାଦକୁ ପ୍ରୋତ୍ସାହିତ କରୁଛି ବୋଲି କହିଛନ୍ତି ଜଣେ ବରିଷ୍ଠ ଭାଜପା ନେତା। ଯାହା ହିନ୍ଦୁଙ୍କ ଧାର୍ମିକ ଭାବନାକୁ ଆଘାତ ଦେଉଛି ବୋଲି ସେ କହିଛନ୍ତି। ତେଣୁ ଏହା ଉପରେ ନିଷେଧାଜ୍ଞା ଜାରି କରାଯାଉ ବୋଲି ସେ ମତ ଦେଇଛନ୍ତି। ଏହା ପୂର୍ବରୁ ଉତ୍ତରାଖଣ୍ଡର ଜଣେ ତୀର୍ଥ ପୁରୋହିତ ମଧ୍ୟ ସମାନ ଅଭିଯୋଗ ଆଣିଥିଲେ। ତେବେ ଏ ସମ୍ପର୍କରେ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ(ସିବିଏଫ୍‌ସି)ର ମୁଖ୍ୟଙ୍କୁ ଚିଠି ଲେଖାଯାଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................


ଦେବଶ୍ରୀ
ପରିବାରବର୍ଗ


ଆଦ୍ୟାଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

Bhubaneswar AIIMS Hospital, DOON School 30' road gharabari possession plot. 9438763122. D-64734

Infocity-2 Campus frontରେ BDA yellowzone plot sale urgent. 9938770157, 7008818182. D-64366

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 8093465134. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9437298164. D-64351

Gharabari boundary plot infront Krupajal Engineering College Bhubaneswar. 9090899281, 8908805482. D-65053

Bhubaneswar KIIT University Jagannath Temple ପାଖରେ road, electricity ବାଉଣ୍ଡାରି ଥାଇ ଘରବାରି plot loanରେ କିଣନ୍ତୁ। 7381338088. D-64368

Residential plot with revenue road and electricity near Patia Station. Immediate registration and possession. 9437827966. D-9346

ଭୁବନେଶ୍ୱର ମହାବୀର Engineering କଲେଜ back sideରେ ଛିତିବାନ ପ୍ଲଟ ମିଳୁଛି। 8338932027. D-64365

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

Book your dream house (duplex) at good location in Bhubaneswar. 200' roadside with affordable price. (special Diwali offer). Contact: 8338866678, 9337138784. D-65165

**Residential plots at Sundargram (Dadhi-chi) Trinath Bazar, Balianta, Ranga bazar, Baragada, (Puri by-pass) and Samantarapur. 9040537669.** D-64363

Five acre compaq land suitable for any kind of project near Khandapada just 100 km. from Bhubaneswar in a noise and pollution free atmosphere. 7978965052. D-64638

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Construct your building in finished house contact: 9937064680. D-27282

### GENERAL SALE

Shop for sale at Metro house Vanivihar, Bhubaneswar. Contact: 7381077972, 7008013529. D-65170




3BHK, 3 toilets, partially furnished 1810 sqft. North facing 14/15 floor flat at SJ Royal Lagoon BBSR for family. 9871155802, 8240107574. D-9352

3BHK Flat No.- E/5 area 900 sqft. (approximate) at Satyasai apartment (behind Maruti Showroom) Lewisroad, Bhubaneswar. Contact Mobile: 9437633351, 9040097690. D-64743

1000 sft. ground floor commercial space at 72, Bapujinagar, Lane-5, infront of Nimapada Sweets. 9861021008. D-9357




Fully refreshed/ relaxed body massage by expert therapist, Shastrinagar. 7377984773. D-65140

Rejuvenate and Ayurvedic full body massage by smart therapist. 9114402304. D-65138

Pamper yourself this Monsoon professional massage. Contact Purple Orchid. 9776598888. D-65139

Herbal full body massage by smart/ expert therapist. Contact: 8338067247. D-65167

Newly opening ayurvedic massage smart therapist, Shree herbal. 7750020754. D-65168

Improving your health, skin care through expert therapist, excellent offer. 9668374480. D-65169

All type of full body massage by expert therapist. 7609005923. D-65166

Experience full body massage with us by expert Enquiry: 7377048581. D-65164

Newly open herbal full body massage with refreshment well trained therapist. 7381239385. D-64636

Physiotherapy and herbal massage by trained ladies/ gents therapy: 7008773793. D-65056

Ayurvedic full body massage ladies / gents smart experts therapist. 9114697517. D-64637

Madam Monalisa massage club- 50% discount full body massage by hiprofile smart lady therapist. 9708545108. D-9361




Open FMCG shop due to own place excess income. 8480465439. D-9354




Lab certified ରାଶିରତ୍ନ, ୧-୧୪ ମୁଖୀ ରୁଦ୍ରାକ୍ଷ, ଯନ୍ତ୍ର, ଅନ୍ୟ। 91+8093050401. D-9371

### ଜନ୍ମଦିନ ଶୁଭେଚ୍ଛା



**ଆଦ୍ୟାଶା ସାମଲ**

**ଜଗନ୍ନାଥ ନଗର, ଭୁବନେଶ୍ୱର**

ତୋ ଜୀବନର ଚଲାପଥ ସବୁବେଳେ କୁସୁମିତ ହୋଇରହିଥାଉ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା। **ଶୁଭେଚ୍ଛା ସହ:** ଅଜା, ଆଈ, ବଡମାମା, ପାପାଜୀ, ମାମା, ମାମୁଁ ଓ ମୁସୁ, ସୋନା, ଚିନି। ଧ-୯୩୮୦

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

# ଦୁଇଦିନିଆ ୟୁଏଇ ଗସ୍ତରେ ଧର୍ମେନ୍ଦ୍ର

## ଭାରତୀୟଙ୍କ ଦକ୍ଷତା ବିକାଶ ନେଇ ୟୁଏଇ ମନ୍ତ୍ରୀଙ୍କ ସହ ଆଲୋଚନା

ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)

କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁଇଦିନିଆ ୟୁଏଇ ଗସ୍ତରେ ଯାଇଛନ୍ତି । ୟୁଏଇର ମାନବ ସମ୍ବଳ ବିକାଶ ମନ୍ତ୍ରୀ ନାସେର ବିନଥାନି ଜୁମାଅଲ ହମଲିଙ୍କ ସହ ସାକ୍ଷାତ କରି ଧର୍ମେନ୍ଦ୍ର ଆଲୋଚନା କରିଛନ୍ତି। ଏହି ଅବସରରେ ସେ ୟୁଏଇ ସହ ସହଯୋଗ ବୃଦ୍ଧି ତଥା ସେଠାରେ କାମ କରୁଥିବା ଭାରତୀୟଙ୍କର ଦକ୍ଷତା ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର ଦୁଇ ଦେଶ ମଧ୍ୟରେ ସାର୍ଟିଫିକେସନ ଓ ଷ୍ଟାଣ୍ଡାର୍ଡର ସିନକ୍ରୋନାଇଜେସନର ଆବଶ୍ୟକତା ଉପରେ ମଧ୍ୟ ଆଲୋଚନା କରିଛନ୍ତି । ଏହାଦ୍ୱାରା ଭାରତରେ ଦକ୍ଷତା ତାଲିମ ପ୍ରାପ୍ତ କରିଥିବା ଲୋକମାନେ ୟୁଏଇରେ ସହଜରେ ରୋଜଗାର ପାଇପାରିବେ। ୟୁଏଇରେ ୩୩ଲକ୍ଷ ଭାରତୀୟ କାମ କରିଥାନ୍ତି। ପ୍ରତ୍ୟେକ ବର୍ଷ ୧.୫ଲକ୍ଷ ଅତିରିକ୍ତ ଲୋକ କାମ କରିବାକୁ ୟୁଏଇ ଆସନ୍ତି। ୟୁଏଇକୁ ଆସୁଥିବା ଏହି ଲୋକମାନେ ରୋଜଗାର ପାଇବା ପାଇଁ ଆବଶ୍ୟକ ହେଉଥିବା ଦକ୍ଷତାରେ ପରିପୂର୍ଣ୍ଣ ହେବା ଆବଶ୍ୟକ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ନୂଆ ଓଡ଼ିଶାକୁ...

ଉପସ୍ଥିତି ଦେଖିବାକୁ ମିଳିଛି। ସେହିଭଳି ଚଳିତ ବର୍ଷ ଭଲ ନିବେଶ ପ୍ରସ୍ତାବ ଆସିବା ନେଇ ସରକାର ଆଶାବାଦୀ ଅଛନ୍ତି। ଏଥିରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମୁକେଶ ଅମ୍ବାନୀ, ଟାଟା ସନ୍ସର ଚେୟାରମ୍ୟାନ ନଟରାଜନ ଚନ୍ଦ୍ରଶେଖରନ, ବିର୍ଲା ଗ୍ରୁପ୍‌ର କୁମାର ମଙ୍ଗଳମ୍ ବିର୍ଲା, ଆଦିତ୍ୟ ବିର୍ଲା ଗ୍ରୁପ, ବେଦାନ୍ତ ମୁଖ୍ୟ ଅନିଲ ଅଗ୍ରୱାଲଙ୍କ ସମେତ ଦକ୍ଷିଣ କୋରିଆ, ଜାପାନ, ଫ୍ରାନ୍ସ, ସାଉଦି ଆରବ ଏବଂ ୟୁଏଇ ଆଦି ୬ଟି ଦେଶର ପ୍ରତିନିଧିମାନେ ଯୋଗ ଦେବେ। ମହିନ୍ଦ୍ରା ଗ୍ରୁପ ଚେୟାରମ୍ୟାନ ଆନନ୍ଦ ମହିନ୍ଦ୍ରା, ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡର ନବୀନ ଜିନ୍ଦଲ ଏବଂ ଆଦାନୀ ଗ୍ରୁପ ମୁଖ୍ୟ ଗୌତମ ଆଦାନୀ ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହାଛଡା କେତେକ ଦେଶର ରାଷ୍ଟ୍ରଦୂତ ମଧ୍ୟ ଯୋଗଦେବେ। ଓଡିଶାର ବିଶିଷ୍ଟ ଉଦ୍ୟୋଗୀ ଅମରେନ୍ଦ୍ର ସାହୁ, ନେଷ୍ଟ ଆୱେର ସିଇଓ ରାହୁଲ ଦାସ ପ୍ୟାନେଲ ଆଲୋଚନାରେ ଭାଗନେବେ।

ନଭେମ୍ବର ୧୨ ତାରିଖ ସକାଳ ୧୦ଟା ୩୦ ମିନିଟରେ କନ୍‌କ୍ଲେଭ ଆରମ୍ଭ ହେବ। ଏଥିରେ ଦେଶ ଓ ବିଦେଶରୁ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିବେ। ମୁକେଶ ଅମ୍ବାନୀ ଓ ଆଦିତ୍ୟ ବିର୍ଲା ଉଦ୍‌ଘାଟନୀ ଦିବସର ପ୍ରଥମ ଭାଗ କାର୍ଯ୍ୟକ୍ରମରେ ଅଭିଭାଷଣ ଦେବେ। ପୂର୍ବ ଭାରତରେ ଏହା ଏକ ପ୍ରମୁଖ କାର୍ଯ୍ୟକ୍ରମ ଭାବେ ପରିଗଣିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ପୁଞ୍ଜିନିବେଶ ଓ ରାଜ୍ୟର ଶିଳ୍ପାୟନ ସମ୍ପର୍କରେ ବିଭିନ୍ନ ଆଲୋଚନା ହେବ। ରାଜ୍ୟ ସରକାରଙ୍କ ୧୫ଟି ବିଭାଗ ଏହି ଅବସରରେ ବିଭିନ୍ନ କ୍ଷେତ୍ର ଉପରେ ଅଧିବେଶନ ଆୟୋଜନ କରୁଛନ୍ତି।

ଉକ୍ତ କନ୍‌କ୍ଲେଭ ବ୍ୟବସାୟୀଙ୍କୁ ସେମାନଙ୍କ ନେଟ୍‌ୱର୍କ ବୃଦ୍ଧି ଓ ଅଂଶୀଦାର ମାନଙ୍କ ପାଇଁ ବିଶେଷ ସୁଯୋଗ ସୃଷ୍ଟି କରିବ ବୋଲି ଶିଳ୍ପ ବିଶେଷଜ୍ଞମାନେ ମତ ରଖିଛନ୍ତି। ଗତ କନ୍‌କ୍ଲେଭରେ ୨ ଲକ୍ଷ କୋଟି ଟଙ୍କାର ବିଭିନ୍ନ କ୍ଷେତ୍ରର ୧୨୪ଟି ପ୍ରସ୍ତାବ ଆସିଥିଲା। ସେଥିରୁ ୬୫ ପ୍ରତିଶତ ପ୍ରସ୍ତାବ କାର୍ଯ୍ୟକାରୀ ହେବା ପାଇଁ ବିଭିନ୍ନ ସ୍ତରରେ ରହିଥିବା ଜଣାଯାଇଛି। ଏହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷିତ କରିବା ପାଇଁ ରାଜ୍ୟର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟକୁ ଦର୍ଶକମାନଙ୍କୁ ପରିଚିତ କରାଇବା ଉଦ୍ଦେଶ୍ୟରେ କୋଷ୍ଟାଲ ଫନ ରନ, ହେରିଟେଜ ୱାକ, ଗଲ୍ଫ ଟୁର୍ନାମେଣ୍ଟ ଏବଂ ଆଦିବାସୀ ସଂଗ୍ରହାଳୟ ଓ କଳାଭୂମି(ଓଡିଶା ହସ୍ତତନ୍ତ ସଂଗ୍ରହାଳୟ) ପରିଦର୍ଶନ ଭଳି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

ମେକ୍ ଇନ ଓଡିଶା କନ୍‌କ୍ଲେଭରେ ଜାପାନ କଣ୍ଟ୍ରି ପାର୍ଟନର ରହିଥିବା ବେଳେ ଫିକି ମଧ୍ୟ ମିଳିତ ହୋଇ କାର୍ଯ୍ୟ କରୁଛି। ନଭେମ୍ବର ୧୨ ତାରିଖରେ ଜାପାନ କମ୍ପାନୀଗୁଡିକ ପାଇଁ ଏକ ସ୍ୱତନ୍ତ୍ର ସେମିନାର ଆୟୋଜନ କରାଯାଇଛି। ଜାପାନ କମ୍ପାନୀଗୁଡିକ ଏହି କର୍ମଶାଳାରେ ଓଡିଶାର ମାନୁଫାକ୍ଚରିଂ କ୍ଷେତ୍ରରେ ରହିଥିବା ନିବେଶ ସୁଯୋଗ ସମ୍ପର୍କରେ ପ୍ରଦର୍ଶନ କରିବେ। ରାଜ୍ୟରେ ପ୍ରଥମ ଥର ପାଇଁ ସ୍ମାର୍ଟ ଓଡିଶା ହାକାଥନ ଆୟୋଜନ କରାଯିବ। ଓଡିଶା ଥିମ୍ ପାଭେଲିୟନ ଦେଓମାଳି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରହିଛି। ଭାରତରେ ପ୍ରଥମ ଥର ପାଇଁ ଏହି ଗମ୍ବୁଜ ନିର୍ମାଣ କରାଯାଇଛି। ଏଥିରେ ବିଭିନ୍ନ କ୍ଷେତ୍ର ଓ ରାଜ୍ୟର ପର୍ଯ୍ୟଟନ ସମ୍ପର୍କରେ ପ୍ରଦର୍ଶିତ ହୋଇଛି।

କାର୍ଯ୍ୟକ୍ରମ ଅବସରରେ ସଂସ୍କୃତି ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା, ଶିଳ୍ପ ମନ୍ତ୍ରୀ ଅନନ୍ତ ଦାସ, ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ସମେତ ଯୋଗାଣମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ, ଗଣଶିକ୍ଷାମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ହସ୍ତତନ୍ତ ମନ୍ତ୍ରୀ ସ୍ନେହାଙ୍ଗିନି ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

## ୩ ମୃତ...

ଅନ୍ୟତ୍ର ଚିକିତ୍ସା ପାଇଁ ଯାଇଥିବା ଜଣାପଡିଛି । ତେବେ ଦେବେନ୍ଦ୍ର ନାୟକ, ଗୋପାଳ ଦାସ, ଆଦ୍ୟାଶା ପାଣିଗ୍ରାହୀ ଓ ରଇନୁ ଭତ୍ରାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ଡାକ୍ତରଖାନା ନେବା ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି। ଖବର ପାଇ ଉମରକୋଟ ବିଧାୟକ ସୁବାସ ଗଣ୍ଡ, ଉପଜିଲାପାଳ କରୁଣାକର ରାଇକା, ଜିଲା ପରିଷଦ ଉପାଧ୍ୟକ୍ଷା ନିବେଦିତା ମହାନ୍ତି, ଏସଡିପିଓ ହେମନ୍ତ କୁମାର ପାଢୀ, ଝରିଗାଁ ବିଡିଓ ଦେବେନ୍ଦ୍ର ବାହାଦୂର ସିଂ ଧରୁଆ, ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ, ଚନ୍ଦାହାଣ୍ଡି ଭାରପ୍ରାପ୍ତ ବିଡିଓ ପ୍ରଫୁଲ୍ଲ କହଁର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ । ଝରିଗାଁ ବ୍ଲକ ତରଫରୁ ମୃତକଙ୍କ ପରିବାର ଲୋକଙ୍କୁ ରେଡକ୍ରସ ତରଫରୁ ୧୦ ହଜାର ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛି। ସୂଚନାଯୋଗ୍ୟ ଯେ, ୪ ବର୍ଷ ତଳେ ଡାବୁଗାଁ ଅଞ୍ଚଳର ଏକ ଆଦିବାସୀ ନାଟ ଦଳ ଟ୍ରକରେ ଚନ୍ଦାହାଣ୍ଡି ଯାଉଥିବା ସମୟରେ ଏହି ଘାଟିରେ ଗାଡିଟି ଭାରସାମ୍ୟ ହରାଇ ଓଲଟି ପଡିବାରୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିଲା।

## ପ୍ରମିଳାଙ୍କ ସ୍ଥାନ...

ଲୋପାମୁଦ୍ରା ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଭାବେ କାର୍ଯ୍ୟରତ ଥିଲେ। ସେ ନିଜ ପଦରୁ ଇସ୍ତଫା ଦେବା ପରେ ତାଙ୍କୁ ଦଳୀୟ ସଙ୍ଗଠନରେ ସ୍ଥାନ ମିଳିଛି। ଅନୁରୂପ ଭାବେ ଡକ୍ଟର ମିନତି ବେହେରା ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ପଦରୁ ଇସ୍ତଫା ଦେବା ପରେ ତାଙ୍କୁ ମହିଳା ସଭାନେତ୍ରୀ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ସୁଲତା ଦେଓ ଏବଂ ଏଲିନା ଦାସଙ୍କୁ ମହିଳା ସଙ୍ଗଠନର ସାଧାରଣ ସମ୍ପାଦିକା ଭାବେ ନିଯୁକ୍ତି ଦିଆଯାଇଛି। ପୂର୍ବ ଘୋଷିତ ରାଜ୍ୟ ଓ ଜିଲା କମିଟିଗୁଡିକ ବଳବତ୍ତର ରହିବ ବୋଲି ଦଳୀୟ ସୂତ୍ରରୁ ପ୍ରକାଶ। ପ୍ରକାଶ ଯେ, ଲୋପାମୁଦ୍ରା ଏବଂ ମିନତି ଯଥାକ୍ରମେ ମହିଳା କମିଶନ ଅଧ୍ୟକ୍ଷା, ଭିନ୍ନକ୍ଷମ ଆୟୁକ୍ତ ପଦରୁ ଇସ୍ତଫା ଦେବା ପରେ ଦଳୀୟ ପଦରେ ନିଯୁକ୍ତି ପାଇଛନ୍ତି।

## ଜେଲ୍‌ରେ ବିଚାରାଧୀନ...

ଅଧିକାରୀ ଏକ ମଦ କାରବାର ମାମଲାରେ ବାଲେଶ୍ୱର ସଦର ବ୍ଲକ ବଇଁଚା ପଞ୍ଚାୟତ ଘୋଡ଼ାପଦା ଗ୍ରାମର ରାମଚନ୍ଦ୍ର ସେନାପତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବାଲେଶ୍ୱର ଜେଲକୁ ପଠାଯାଇଥିଲା। ରବିବାର ପୂର୍ବାହ୍ନ ସାଢେ ୧୦ଟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଜେଲ୍ ପରିସରରେ ଥିବା ଚିକିତ୍ସା କେନ୍ଦ୍ରରେ ତାଙ୍କୁ ଚିକିତ୍ସା କରାଯାଇଥିଲା। ତେବେ ପୂର୍ବରୁ ଆଜୀବନ ଜେଲଦଣ୍ଡ ଭୋଗୁଥିବା ଖଇରା ଅଞ୍ଚଳର କଏଦୀ ଶରତ ଚନ୍ଦ୍ର ଗିରି କୌଣସି କାରଣରୁ ଉତ୍କ୍ଷିପ୍ତ ହୋଇ ରାମଚନ୍ଦ୍ରଙ୍କୁ ପଥରରେ ଆକ୍ରମଣ କରିଥିଲେ। ଜେଲର ଶୁଭ୍ରକାନ୍ତ ମିଶ୍ର ସେଠାରେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ରାମଚନ୍ଦ୍ରଙ୍କୁ ମୃତ୍ୟୁ ଘୋଷଣା କରାଯାଇଥିଲା। ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ପରିବାର ଓ ଗ୍ରାମବାସୀ ମିଳିତ ଭାବେ ଶବକୁ ନେଇ ଜେଲ ସମ୍ମୁଖରେ ରଖି ଧାରଣାରେ ବସି ରହିଛନ୍ତି। ଯେ ପର୍ଯ୍ୟନ୍ତ ମୃତ୍ୟୁର ପ୍ରକୃତ କାରଣ କୁହା ନ ଯାଇଛି ଓ ପରିବାରକୁ କ୍ଷତିପୂରଣ ଦିଆ ନ ଯାଇଛି ସେ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ଯବାନ ଶହୀଦ...

ବିସ୍ଫୋରଣରେ ବିଏସ୍‌ଏଫ୍ ସବ୍‌ଇନ୍ସପେକ୍ଟର ମହେନ୍ଦ୍ର ସିଂ ଗୁରୁତର ହୋଇଥିଲେ। ରାଜସ୍ଥାନ ବାସିନ୍ଦା ମହେନ୍ଦ୍ରଙ୍କୁ ରାୟପୁରସ୍ଥିତ ଏକ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ସେ ଆଖିବୁଜି ଦେଇଥିବା ରାୟପୁର ରେଞ୍ଜ ପୋଲିସ ଆଇଜି ଦୀପାଂଶୁ କବ୍ରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେପଟେ ବିଗତ କିଛିଦିନ ମଧ୍ୟରେ ମାଓବାଦୀଙ୍କ ଆକ୍ରମଣରେ ୧୩ ଜଣଙ୍କ ମୃତ୍ୟୁ ଘଟିସାରିଥିବାରୁ ସୁରକ୍ଷା ବଳ କୋମ୍ବିଂ ଅପରେଶନକୁ ଜୋରଦାର କରିଛି। ବିଜାପୁର ଜିଲାର ବେଦ୍ରେ ଅଞ୍ଚଳର ଏକ ଜଙ୍ଗଲରେ ଲାଲ ବାହିନୀଙ୍କ ଉପସ୍ଥିତି ନେଇ ସୂଚନା ମିଳିବା ପରେ ଏସ୍‌ଟିଏଫ୍ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀ ନିରୋଧୀ ଅଭିଯାନ ଚଳାଇଥିଲେ। ୟୁନିଫର୍ମରେ ଥିବା ମାଓବାଦୀମାନେ ସେମାନଙ୍କ ଉପରକୁ ଆଖିବୁଜା ଗୁଳିବର୍ଷା କରିଥିଲେ। ଏସ୍‌ଟିଏଫ୍ ଯବାନମାନେ ଏହାର ମୁହଁତୋଡ଼ ଜବାବ ଦେଇଥିଲେ। ଯବାନଙ୍କ ଗୁଳିମାଡ଼ରେ ୨ ମାଓବାଦୀ ଟଳିପଡ଼ିଛନ୍ତି। ଅନ୍ୟ ମାଓବାଦୀମାନେ ସ୍ଥାନ ଛାଡ଼ି ଅନ୍ୟତ୍ର ପଳାୟନ କରିଛନ୍ତି।

## ମନେ ପଡ଼ନ୍ତି

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଶ୍ୟାମସୁନ୍ଦର ଭଞ୍ଜଦେଓ**

ଆବିର୍ଭାବ: ୬।୦୮।୧୯୪୦
ତିରୋଧାନ: ୭।୧୧।୨୦୧୩
(କାର୍ତ୍ତିକ ଶୁକ୍ଲପକ୍ଷ ପଞ୍ଚମୀ)

ତୁମେ ଚାଲିଗଲ ଅଫେରା ରାଇଜେ କେବେ କେହି ଫେରିନାହିଁ ତଥାପି ମନକୁ ବୁଝାଇ ରହିଛୁ ଫେରିବା ବାଟକୁ ଚାହିଁ, ତୁମ ଶୂନ୍ୟସ୍ଥାନ ଅପୂରଣ ହେଲା ଭାବିଲେ ଶ୍ୱାସରୁଦ୍ଧ ହୋଇଯାଉଛି। ଯେଉଁଠାରେ ଥାଅ ଖୁସିରେ ରୁହ, ଆମ ମଥାପରେ ତୁମ ହାତ ରହିଥାଉ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛୁ ତୁମ ଆତ୍ମା ଶାନ୍ତି ପାଇଁ । ଶୋକସନ୍ତପ୍ତ: ଜିନା, ବୁନା, ଫୁନୁ, ତିନା। ଧ-୯୩୫୬

### ଶ୍ରାଦ୍ଧ ଉପଲକ୍ଷେ



**ସ୍ୱର୍ଗତ କୁମାରେଶ ସାମଲ**

କାର୍ତ୍ତିକ ଶୁକ୍ଳ ପଞ୍ଚମୀ
ପୂର୍ବତନ ସଚିବ ଓଡିଶା ବିଧାନସଭା
୧୩୨ ବାପୁଜୀ ନଗର, ଭୁବନେଶ୍ୱର

୧୦ବର୍ଷ ଚାଲିଗଲା, ପ୍ରତି ମୁହୂର୍ତ୍ତରେ ତୁମରି ସତ୍ତା ଅନୁଭବ କରିଅଛୁ। ତୁମ ଭଲପାଇବା, ଆଦର୍ଶ, ତ୍ୟାଗ, ପରଉପକାର ସର୍ବଦା ଆମକୁ ପ୍ରେରଣା ଦେଉଥାଉ ଏହାହିଁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା।

ଛାଡି ଯାଇଥିବା ତୁମ ଛୋଟ ପରିବାରବର୍ଗ। ଧ-୯୩୮୬

### ଷୋଡଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସ୍ୱର୍ଣ୍ଣପ୍ରଭା ମିଶ୍ର**

(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ)
ଅରୁଣୋଦୟ ନଗର, କଟକ
ତିରୋଧାନ: କାର୍ତ୍ତିକ ଶୁକ୍ଳ ପଞ୍ଚମୀ

ତୁମେ ସ୍ୱର୍ଣ୍ଣପ୍ରଭା ତୁମେ ସ୍ୱୟଂସିଦ୍ଧା
ତୁମେ ହିଁ ଗୋ ପୁଣ୍ୟ ତୋୟା।
ଜୀବନ ଆମର କୁସୁମିତ କର
ଢାଳ ଗୋ ଆଶିଷ ଧାରା।

ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ। ଧ-୯୩୯୧

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ମୂଳା ନକ୍ଷତ୍ରସ୍ଥ ଚନ୍ଦ୍ର ପାପଗ୍ରହ ଯୁକ୍ତ କାରଣରୁ ମନର ସରସତା ଉଭେଇ ଯାଇପାରେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ କିନ୍ତୁ ଆପଣ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ । ତଥାପି ଗୃହ ସମସ୍ୟା, ଗାଡିମୋଟର ସମ୍ପର୍କୀୟ ପ୍ରତିବନ୍ଧକ ଲାଗି ରହିବ। ବନ୍ଧୁବାନ୍ଧବ, ଧାରକରଜ ପ୍ରଭୃତିକୁ କେନ୍ଦ୍ରକରି କଳହର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।

**ବୃଷ** ଧନାଧିପଙ୍କ ଶୁଭତ୍ୱ ଆପଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାର ମାର୍ଗ ଉନ୍ମୁକ୍ତ କରାଇବ। ଆକସ୍ମିକ ଭାବରେ ନିମନ୍ତ୍ରିତ ହୋଇ ଆଲୋଚନାରେ ନିଜକୁ ସାମିଲ କରିବାକୁ ପଡିପାରେ। ଦୀର୍ଘ ଦିନର ସୁଚିନ୍ତିତ ନୂତନ ଗୃହ, ଅନୁଷ୍ଠାନ, ବାଣିଜ୍ୟାରମ୍ଭ କରିପାରନ୍ତି। ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡନ ସୃଷ୍ଟି କରିବ।

**ମିଥୁନ** ସପ୍ତମ କେନ୍ଦ୍ରସ୍ଥ ପାପଗ୍ରହ ହେତୁ କୌଣସି ବିବାଦୀୟ ଘଟଣାରେ ହସ୍ତକ୍ଷେପ ଆପଣଙ୍କୁ ମହଙ୍ଗା ପଡିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଅସ୍ଥିରତା ସକାଶେ ମନ ଭଲ ରହିବ ନାହିଁ। ପରିସ୍ଥିତିବଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କଳା, ସାହିତ୍ୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ହେବନାହିଁ।

**କର୍କଟ** ଆପଣଙ୍କ ଭାଗ୍ୟାଧିପତି ମନ୍ଦଗ୍ରହ ମଧ୍ୟବର୍ତ୍ତୀ ହେତୁ ସମସ୍ୟା ମଧ୍ୟରେ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବେ। ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ଆଜିର ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** ଧନଭାଗ୍ୟାଧିପ ବୁଧ କେନ୍ଦ୍ରସ୍ଥ ବନ୍ଧୁଙ୍କ ମାଧ୍ୟମରେ ଅଭିଳଷିତ ଜିନିଷ ପାଇପାରିବେ। କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ସମାଧାନର ଚିନ୍ତା ମନକୁ ସାମୟିକ ବିବ୍ରତ କରିପାରେ। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ । ରଚନାତ୍ମକ କାମ, ପରିବହନ, ନିର୍ମାଣ, ବ୍ୟବସାୟ ସକାଶେ ଦିନଟି ବହୁତ ଭଲ ।

**କନ୍ୟା** ଆଜି ଆପଣ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ପାରିବେ ନାହିଁ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାନ୍ତୁ, ଅବଶ୍ୟ ଆଶା ପୂରଣ ହୋଇଯିବ, ଏଥିରେ ଆଦୌ ସନ୍ଦେହ ନାହିଁ । ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିବେ।

**ତୁଳା** ଚତୁର୍ଥସ୍ଥ କେତୁ ଓ ତୃତୀୟ ଶନି ଏକାଦିକ୍ରମେ କର୍ମକ୍ଷେତ୍ରରେ ଅବ୍ୟବସ୍ଥା, ପାରିବାରିକ ଜୀବନକୁ ପ୍ରଭାବିତ କରିବ। ଅବଶ୍ୟ ଚିତ୍ରା ନକ୍ଷତ୍ର ବହୁଳାଂଶରେ ସୁଫଳ ପାଇପାରିବେ। ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସହ ସାମ୍ବାଦିକତା, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା** ଆଜି ସକାଳୁ ସକାଳୁ ପୂର୍ବସ୍ଥିରୀକୃତ ସ୍ଥାନକୁ ଯାତ୍ରା କରିପାରନ୍ତି। ବନ୍ଧୁମିଳନ ସହ ସାମୂହିକ ଆଲୋଚନା ମଧ୍ୟ ଫଳପ୍ରଦ ହୋଇପାରିବ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବାର ଆଶଙ୍କା ରହିଛି ।

**ଧନୁ** ମଙ୍ଗଳ ଧର୍ମଭାବକୁ ଅବଲୋକନ କରି ଆଧ୍ୟାତ୍ମିକ ଭାବଧାରାକୁ ପରିପୁଷ୍ଟ କରିବେ। ଶାନ୍ତ ଓ ସୁଶୀଳତାର ଝଲକରେ ଆତ୍ମୀୟସ୍ୱଜନଙ୍କ ମନ କିଣି ନେଇପାରନ୍ତି। କିନ୍ତୁ ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।

**ମକର** ପାପଯୁକ୍ତ ଚନ୍ଦ୍ର ଓ ରାଶିରେ କବନ୍ଧଗ୍ରହ ପ୍ରଭାବରୁ ମନ ଚାହୁଁଥିବା କାମ କରିବାରେ ପ୍ରତିବନ୍ଧକ ସୃଷ୍ଟିହେବ। ଅବଶ୍ୟ ନିକଟ ସମ୍ପର୍କୀୟ ପ୍ରିୟଜନଙ୍କ ଆଶ୍ୱାସନା ମନକୁ ଲାଘବ କରିଦେଇପାରେ। ବ୍ୟବସାୟ, ପରିବହନରେ ଉନ୍ନତି ଘଟିବ। ଶ୍ରବଣା ନକ୍ଷତ୍ର ଅନ୍ୟର ବିନା ସାହାଯ୍ୟରେ ବ୍ୟକ୍ତିଗତ ବ୍ୟବସ୍ଥା ଦ୍ୱାରା କେତେକାଂଶରେ ଉପକୃତ ହୋଇପାରନ୍ତି।

**କୁମ୍ଭ** ରାହୁ ଷଷ୍ଠଭାବରେ ଅବସ୍ଥାନ କରି ସମସ୍ତ ସମସ୍ୟା ଓ ଶତ୍ରୁତାର ପରିସମାପ୍ତି ଘଟାଇପାରନ୍ତି। କିନ୍ତୁ ବାରମ୍ବାର ସ୍ଥାନ ଓ କାମର ପରିବର୍ତ୍ତନ ଚିନ୍ତା ମନରେ ଆଲୋଡନ ସୃଷ୍ଟି କରିବ। କିନ୍ତୁ ମନ ବୁଝିଲା ଭଳି କଥା କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ।

**ମୀନ** ଆଜିର ଚନ୍ଦ୍ର କର୍ମ ସ୍ଥାନରେ ଥିବାରୁ କର୍ଯ୍ୟସିଦ୍ଧି ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ଏବଂ ଆଶାଜନକ ସୁଫଳ ନିଶ୍ଚିତ ପାଇବେ। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଅତି ଭଲ ସମ୍ପର୍କ ରହିଥିବା ନିଜ ଲୋକଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ହେବେ।

ଆଜି କାର୍ତ୍ତିକ ଶୁକ୍ଳ ୫ମୀ ସୋମବାର, ନଭେମ୍ବର ୧୨ ତାରିଖ, ରାଷ୍ଟ୍ରୀୟ ପ୍ରସାରଣ ଦିବସ, ରାଶି ନକ୍ଷତ୍ର-ପୂର୍ବାଷାଢା/ଧନୁ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୧୨ମି. ମଧ୍ୟେ ଘ୧।୨ମି. ଗତେ, ଘ୨।୫୭ମି. ମଧ୍ୟେ, ଘ୪।୨୮ମି. ଗତେ, ଘ୫।୫୮ମି. ମଧ୍ୟେ ଅମୃତବେଳା। ସକାଳ ଘ୮।୪୫ମି. ଗତେ ଘ୧୦।୨୨ମି. ମଧ୍ୟେ, ଘ୧୧।୫୨ମି. ଗତେ, ଘ୧।୧୨ମି. ମଧ୍ୟେ, ଘ୨।୩୭ମି. ଗତେ ଘ୪।୧୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୩୧ମି. ଗତେ, ଘ୧୨।୫୪ମି. ମଧ୍ୟେ ରାହୁକାଳ ।



ଉତ୍ତରାଖଣ୍ଡର ପିଥୋରଗଡ଼ ଜିଲାରେ ରବିବାର ଏକ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ଥିଲା ୫.୦। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ସୂଚନା ମିଳିଛି। କ୍ଷୟକ୍ଷତି ସମ୍ପର୍କରେ ମଧ୍ୟ ସେମିତି କିଛି ସୂଚନା ମିଳିନାହିଁ। ଉତ୍ତରାଖଣ୍ଡରେ ଯେ କୌଣସି ସମୟରେ ବଡ଼ ଧରଣର ଭୂକମ୍ପର ସମ୍ଭାବନା ରହିଛି ବୋଲି ପୂର୍ବରୁ କେନ୍ଦ୍ରୀୟ ଭୂବିଜ୍ଞାନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।



## ସଂକ୍ଷେପରେ

### ହାତୀ ସୁରକ୍ଷା ପାଇଁ ନିଯୁକ୍ତ ହେବେ ଅଫିସର

- ଏସ୍‌ଡିଓ ପାହ୍ୟା ଅଫିସରଙ୍କୁ ନିଯୁକ୍ତି
- କେରଳ ଯିବେ ଶ୍ରମ ଅଧିକାରୀ

**ଭୁବନେଶ୍ୱର,୧୧।୧୧(ବ୍ୟୁରୋ):** ରାଜ୍ୟରେ ପ୍ରଶାସନିକ ଅବହେଳା କାରଣରୁ ହାତୀ ମୃତ୍ୟୁ ଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ନିକଟରେ ଢେଙ୍କାନାଳ ଜିଲାରେ ବିଦ୍ୟୁତ୍ ତାର ଲାଗି ୭ଟି ହାତୀଙ୍କ ମୃତ୍ୟୁ ହୋଇଥିଲା। ତେଣୁ ହାତୀଙ୍କ ସୁରକ୍ଷା ପାଇଂ ରାଜ୍ୟ ପ୍ରଶାସନ ସ୍ୱତନ୍ତ୍ର ଅଫିସରଙ୍କୁ ନିଯୁକ୍ତ ଦେବାକୁ ନିଷ୍ପତ୍ତି ନେଇଛି। ଏଣିକି ପ୍ରତି ଜିଲାରେ ଏସ୍‌ଡିଓ ପାହ୍ୟାର ଜଣେ ଅଫିସର ଜିଲାସ୍ତରରେ ନିଯୁକ୍ତି ପାଇବେ ବୋଲି ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ସୂଚନା ଦେଇଛନ୍ତି। ସୁଶାନ୍ତ କହିଛନ୍ତି ଯେ, ନିଯୁକ୍ତ ଅଫିସରମାନେ ବିଭିନ୍ନ ଜିଲାରେ ହାତୀଙ୍କ ଯିବା ଆସିବା ଉପରେ ନଜର ରଖିବେ। ହାତୀପଲ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଗଲାବେଳେ ଯେପରି କୌଣସି ପ୍ରଶାସନିକ ତ୍ରୁଟିଜନିତ ଦୁର୍ଘଟଣା ନ ଘଟେ, ସେଥିପ୍ରତି ଚେଷ୍ଟା କରିବେ। ଉକ୍ତ ଅଫିସର ଶକ୍ତି ଏବଂ ଜଙ୍ଗଲ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବେ ବୋଲି ମନ୍ତ୍ରୀ କହିଛନ୍ତି। ଆଗାମୀ ଦିନରେ ଦୁର୍ଘଟଣାଜନିତ ହାତୀ ମୃତ୍ୟୁକୁ ସମ୍ପୂର୍ଣ୍ଣ ହ୍ରାସ କରିବା ପାଇଁ ସମସ୍ତ ଚେଷ୍ଟା କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ କେରଳରେ ଫସି ରହିଥିବା ଓଡ଼ିଆ ଲୋକଙ୍କ ଉଦ୍ଧାର ପାଇଁ ଶ୍ରମ ବିଭାଗ ତତ୍ପରତା ପ୍ରକାଶ କରିଛି। ସେମାନଙ୍କ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗ ପକ୍ଷରୁ ଅଧିକାରୀ ତୁରନ୍ତ କେରଳ ଗସ୍ତ କରିବେ ବୋଲି ଶ୍ରମ ମନ୍ତ୍ରୀ ସିଂ କହିଛନ୍ତି।

### ୩୦ ମୃତ ବିଦେଶୀ ପକ୍ଷୀ ଜବତ : ୨ ଶିକାରୀ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୧୧।୧୧(ଡି.ଏନ.ଏ.):** ଟାଙ୍ଗୀ ବନାଞ୍ଚଳ ବନ୍ୟପ୍ରାଣୀ ବିଭାଗ ତରଫରୁ ରବିବାର ଚଢ଼ାଉ କରାଯାଇ ୩୦ ମୃତ ବିଦେଶୀ ପକ୍ଷୀ ଜବତ ସହ ୨ ଶିକାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସ୍ଥାନୀୟ ଉଜଳା ଗୋପୀନାଥପୁରର ବାବୁଲି ପ୍ରଧାନ ଓ ଗୋପୀନାଥ ପରିଡ଼ା। ବାଲିପାଟପୁର ଓ ଅଭିମାନପୁର ରିଙ୍ଗ୍‌ବନ୍ଧରେ ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ୨ ମୋଟରସାଇକେଲ ଜବତ କରାଯାଇଥିବା ବନ୍ୟପ୍ରାଣୀ ଅଧିକାରୀ ସୁବାସ ଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି। ଚଳିତ ବର୍ଷର ଏହା ପ୍ରଥମ ଘଟଣା ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ମୃତପକ୍ଷୀଙ୍କ ମଧ୍ୟରେ ନରଦ୍ନ ପିଟଲ, କମନ୍ କୁଡ୍, ଲାର୍ଜ ୱଇସିଲ୍, ଟିଲ୍, ଉରସିଆନ୍ ଓ ଉଜେନ ଆଦି ରହିଛି। ଚଢ଼ାଉରେ ବନ୍ୟପ୍ରାଣୀ ଅଧିକାରୀଙ୍କ ସମେତ ବନପାଳ ପ୍ରଣୟ କୁମାର ଜୟସିଂହ, ଶିବ ପ୍ରସାଦ ପଲାଇ, ରାଧାକାନ୍ତ ହୋତା ଓ ଅର୍ଜୁନ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

- କୋଣାର୍କ ମନ୍ଦିରରୁ ମୂର୍ତ୍ତି ହଟାଇ ପଥର ଖଞ୍ଜାଯିବା ପ୍ରସଙ୍ଗ

# କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)

ବିଶ୍ୱପ୍ରସିଦ୍ଧ କୋଣାର୍କ ମନ୍ଦିରରେ ଥିବା ବହୁ କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି ହଟାଇ ଦିଆଯାଇଛି। ସେହି କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି ହଟାଯାଇ ସେହି ସ୍ଥାନରେ ସାଦା ପଥର ଲଗାଯାଇଛି। ଏ ନେଇ ଗଣମାଧ୍ୟମରେ ପ୍ରକାଶ ପାଇଛି। ଦେଶ ଏବଂ ଦେଶ ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କର କୋଣାର୍କ ମୁଖ୍ୟ ଆକର୍ଷଣ। ତେଣୁ ଏହି ଘଟଣାର ତଦନ୍ତ କରାଯାଉ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, କୋଣାର୍କ ସୂର୍ଯ୍ୟମନ୍ଦିର ଓଡ଼ିଶା ମନ୍ଦିର ସ୍ଥାପତ୍ୟର ଚରମ ଉତ୍କର୍ଷ। ଏହା ଓଡ଼ିଶାବାସୀଙ୍କ ଗର୍ବ। ଓଡ଼ିଆ ଲୋକମାନଙ୍କ ଭାବାବେଗ ସହ ଜଡ଼ିତ। ଏହି ମନ୍ଦିର ୧୩ଶହ ଶତାବ୍ଦୀରେ ୧୨ଶହ ବଢ଼େଇଙ୍କ ସହଯୋଗରେ ରାଜା ଲାଙ୍ଗୁଳା ନରସିଂହ ଦେବ ନିର୍ମାଣ କରିଥିଲେ। ବର୍ତ୍ତମାନ ଏହି ମନ୍ଦିରର କେବଳ ଜଗମୋହନ ରହିଛି, ତାହା ମଧ୍ୟ ଧୀରେ ଧୀରେ କ୍ଷୟ ହେବାରେ ଲାଗିଛି। ବିଶ୍ୱ ଦରବାରରେ କଳା କାରୁକାର୍ଯ୍ୟ ପାଇଁ ସ୍ୱତନ୍ତ୍ର ପ୍ରତିଷ୍ଠା ଲାଭ କରିଥିବା କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ବରବାଦ କରିଦେବା ପାଇଁ ଷଡ଼ଯନ୍ତ୍ର ଚାଲିଥିବା ଅଭିଯୋଗ ହୋଇଛି। ଏହି ମନ୍ଦିର ମୁଖଶାଳାର ପ୍ରାୟ ୪୦ପ୍ରତିଶତ କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି ପରିବର୍ତ୍ତନ କରାଯାଇ ତା'ସ୍ଥାନରେ ସାଦା ପଥର ଖଣ୍ଡ ଲଗାଇ ଦିଆଯାଇଛି। ଏହି ଖବର ଆମ ସମସ୍ତଙ୍କ ପାଇଁ ଚିନ୍ତା ଏବଂ ଦୁଃଖର ବିଷୟ ପାଲଟିଛି। ମୁଁ ଅନୁଭବ କରୁଛି ମନ୍ଦିର ଉପରେ ଏଏସ୍‌ଆଇ ଅଧିକାରୀମାନେ ଯେତିକି ଧ୍ୟାନ ଦେବା କଥା ତାହା ଦେଉ ନାହାନ୍ତି। ଏହି ଅଧିକାରୀମାନେ ମନ୍ଦିର ଉପରେ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଉପରୋକ୍ତ ଘଟଣାର ଠିକ୍ ତଦନ୍ତ କରାଯିବା ସହ ଏଏସ୍‌ଆଇ ଅଧିକାରୀମାନେ ଏ ବାବଦରେ ବିହିତ ପଦକ୍ଷେପ ନେବାକୁ କେନ୍ଦ୍ରମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।

କିଛିଦିନ ହେବ ଅଣଓଡ଼ିଆ ଏଏସ୍‌ଆଇ ଅଧିକାରୀଙ୍କ ହାତରେ କୋଣାର୍କ ମନ୍ଦିରର ଭାଗ୍ୟ ଟେକି ଦିଆଯାଇଛି। ଏହାପରେ କୋଣାର୍କ ମନ୍ଦିରର କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତିଗୁଡ଼ିକ ଏପଟ ସେପଟ କରାଯାଇଥିବା ଲକ୍ଷ୍ୟ କରାଯାଇଛି। ମରାମତି ନାଁରେ କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି ହଟାଯାଉଛି ବୋଲି ଆଲୋଚନା ହେଉଛି।

## ଆଜି ଶ୍ରୀମନ୍ଦିରରେ ହରିହର ବେଶ

ପୁରୀ ଅଫିସ,୧୧।୧୧

ଶ୍ରୀମନ୍ଦିରରେ ସୋମବାର ହରିହର ବେଶ ଅନୁଷ୍ଠିତ ହେବ। ଅବକାଶ ନୀତି ପରେ ବଡ଼ଠାକୁର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ବଡ଼ଠାକୁରଙ୍କୁ ହର ବା ଶିବ ବୋଲି ବିବେଚନା କରାଯାଉଥିବାବେଳେ ଏହି ବେଶରେ ହରି (ବିଷ୍ଣୁ) ଓ ହର (ଶିବ)ଙ୍କ ଆତ୍ମୀୟତା ପ୍ରସ୍ଫୁଟିତ ହୋଇଥାଏ। ତେଣୁ ବଡ଼ଠାକୁର ଅର୍ଦ୍ଧେକ ଧଳା ଓ ଅର୍ଦ୍ଧେକ କଳା ଦିଶିବା ସହ ୩୨ ପ୍ରକାର ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥାନ୍ତି। କାର୍ତ୍ତିକ ମାସର ଦୀପାବଳି ଅମାବାସ୍ୟାଠାରୁ ଶୁକ୍ଳ ଦଶମୀ ମଧ୍ୟରେ ସୋମବାର ପଡ଼ିଲେ ବଡ଼ଠାକୁରଙ୍କ ବାଡ଼ରେ ହରିହର ବେଶ ହେବାର ବିଧି ରହିଛି। ଚଳିତ ବର୍ଷ ଦୀପାବଳି ଅମାବାସ୍ୟା ପରେ ୧୨ ତାରିଖ ସୋମବାର ପଡ଼ୁଛି। ଶ୍ରୀମନ୍ଦିର ମହାପ୍ରଭୁଙ୍କ ଅବକାଶ ନୀତି ପରେ ବଡ଼ଠାକୁରଙ୍କ ହରିହର ବେଶ ଅନୁଷ୍ଠିତ ହେବ। କିନ୍ତୁ ମହାପ୍ରଭୁ ଜଗନ୍ନାଥ ରାଧା ଦାମୋଦର ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ଏହି ଦିନ ଶ୍ରଦ୍ଧାଳୁ ଏକା ସାଙ୍ଗରେ ହରିହର ଓ ରାଧା ଦାମୋଦର ବେଶ ଦର୍ଶନର ଅପୂର୍ବ ସୁଯୋଗ ପାଇଥାନ୍ତି।

- ଛତିଶଗଡ଼ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆଜି

# ମାଲକାନଗିରି ସୀମା ସିଲ୍, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**ମାଲକାନଗିରି,୧୧।୧୧ (ଡି.ଏନ୍.ଏ.)**

ମାଲକାନଗିରି ସୀମାନ୍ତବର୍ତ୍ତୀ ଛତିଶଗଡ଼ରେ ସୋମବାର ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ହେବ। ଏହି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସମ୍ପୂର୍ଣ୍ଣ ମାଓବାଦୀପ୍ରବଣ ବସ୍ତରରେ ହେଉଛି। ସୁକୁମା, ଦାନ୍ତେୱାଡ଼ା, ନାରାୟଣପୁର, ବିଜାପୁର, ବସ୍ତର, କୋଣ୍ଡାଗାଁ, କାଙ୍କେର, ରାଜନନ୍ଦଗାଁ ପ୍ରଭୃତି ଜିଲାରେ ସୋମବାର ଭୋଟ ଗ୍ରହଣ ହେବ। ଏନେଇ ଛତିଶଗଡ ଓ ମାଲକାନଗିରି ସୀମାନ୍ତରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ମାଲକାନଗିରି ଜିଲା ଏସ୍‌ପି ଓ ଜିଲାପାଳଙ୍କୁ ସଜାଗ ରହିବା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ କେନ୍ଦ୍ର ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଏହି ନିର୍ଦ୍ଦେଶ ପରେ ଜିଲା ସୀମାନ୍ତକୁ ସିଲ୍ କରାଯାଇଛି। ସ୍ପେଶାଲ ଅପରେଶନ ଗ୍ରୁପ୍ (ଏସ୍‌ଓଜି,) ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟାରି ଫୋର୍ସ (ଡିଭିଏଫ୍) ପକ୍ଷରୁ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ମାଓବାଦୀ ହିଂସାକୁ ପ୍ରତିହତ କରିବା ପାଇଁ ଛତିଶଗଡ ସୀମା ସୁକୁମାକୁ ଲାଗିଥିବା କାଲିମେଳା, ପଡ଼ିଆ, ମୋଟୁ ଅଞ୍ଚଳରେ ଯବାନଙ୍କୁ ମୁତୟନ କରାଯାଇଥିବା ମାଲକାନଗିରି ଏସ୍‌ପି ଜଗମୋହନ ମୀନା କହିଛନ୍ତି। ଗୋଇନ୍ଦା ତଥ୍ୟ ଆଦାନପ୍ରଦାନ ଜାରି ରହିଛି। ରବିବାର ସନ୍ଧ୍ୟା ସୁଦ୍ଧା ସମସ୍ତ ପୋଲିଂ ପାର୍ଟି ବୁଥ୍‌ରେ ପହଞ୍ଚି ଯାଇଛନ୍ତି। ସିଆରପିଏଫ୍, ବିଏସ୍‌ଏଫ୍, ସିସିଏଫ୍, କୋବ୍ରା ବାହିନୀ ଭଳି ୨୫ ହଜାରରୁ ଊର୍ଦ୍ଧ୍ୱ ଯବାନଙ୍କୁ ନିୟୋଜିତ କରାଯାଇଛି। ହିଂସାମୁକ୍ତ ଓ ଅବାଧ ନିର୍ବାଚନ କରିବା ପାଇଁ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି ବୋଲି ଏସ୍‌ପି କହିଛନ୍ତି।

# ଯୌତୁକ ପାଇଁ ବଧୂଙ୍କୁ ପୋଡ଼ି ହତ୍ୟା

- ସ୍ୱାମୀ, ଶାଶୁ, ଶ୍ୱଶୁର ଅଟକ

ବାରଙ୍ଗ,୧୧।୧୧(ଡି.ଏନ୍.ଏ.)

ନନ୍ଦନକାନନ ଥାନା ଅଧୀନ ଗୋକନପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଜଣେ ବଧୂଙ୍କୁ କିରୋସିନ ଢାଳି ପୋଡ଼ି ମାରିଦିଆଯାଇଛି। ସେ ହେଲେ ଚନ୍ଦକା ଥାନା ଅଧୀନ ଦାରୁଠେଙ୍ଗ ଗ୍ରାମର ଗୁରୁଚରଣ ଜେନାଙ୍କ ଝିଅ ରଶ୍ମିତା(୨୧)। ଅଧିକ ଯୌତୁକ ଦାବିରେ ତାଙ୍କ ଶାଶୁଘର ଲୋକ ତାଙ୍କୁ ହତ୍ୟା କରିଥିବା ରଶ୍ମିତାଙ୍କ ବାପା ରବିବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୯୮/୧୮ରେ ଯୌତୁକଜନିତ ଏକ ହତ୍ୟା ମାମଲା ରୁଜୁ କରିବା ସହ ଏହି ଘଟଣାରେ ତାଙ୍କ ସ୍ୱାମୀ ଆଶିଷ ପଡ଼ିହାରୀ, ଶାଶୁ ଭାରତୀ ଓ ଶ୍ୱଶୁର ଦିବାକରଙ୍କୁ ଅଟକ ରଖିଛି।

ଅଭିଯୋଗ ଅନୁଯାୟୀ, ଗତ ଦେଢ଼ବର୍ଷ ତଳେ ଆଶିଷଙ୍କ ସହ ରଶ୍ମିତାଙ୍କର ବୈଦିକ ରୀତିରେ ବିବାହ ହୋଇଥିଲା। ଏବେ ସେମାନଙ୍କର ୪ ମାସର ଏକ କନ୍ୟା ସନ୍ତାନ ରହିଛି। ତେବେ ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ ଯୌତୁକ ବାବଦରେ ନଗଦ ୨ଲକ୍ଷ ଟଙ୍କା ସହ ଅନ୍ୟାନ୍ୟ ଆବଶ୍ୟକ ଗୃହ ଉପକରଣ କନ୍ୟାଘର ପକ୍ଷରୁ ଦିଆଯାଇଥିଲା। କିନ୍ତୁ ଅଧିକ ୧ଲକ୍ଷ ଟଙ୍କା ଦାବି କରି ରଶ୍ମିତାଙ୍କୁ ତାଙ୍କ ଶାଶୁଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଶନିବାର ବିଳମ୍ବିତ ରାତିରେ ସ୍ୱାମୀ, ଶାଶୁ ଓ ଶ୍ୱଶୁର ମିଶି ଝିଅକୁ କିରୋସିନ ଢାଳି ପୋଡ଼ି ମାରିଦେଇଥିବା ଗୁରୁଚରଣ ଅଭିଯୋଗରେ ଦର୍ଶାଇଛନ୍ତି। ପଡ଼ୋଶୀଙ୍କଠାରୁ ଝିଅର ମୃତ୍ୟୁ ଖବର ପାଇ ରବିବାର ସକାଳେ ସେ ଘଟଣାସ୍ଥଳକୁ ଆସିବା ବେଳକୁ ଝିଅର ଅର୍ଦ୍ଧଦଗ୍ଧ ମୃତଦେହ ଘର ଆଗରେ ପଡ଼ିଥିଲା ବୋଲି ଗୁରୁଚରଣ କହିଛନ୍ତି। ଅନ୍ୟପକ୍ଷରେ ରଶ୍ମିତାଙ୍କ ସ୍ୱାମୀ ଆଶିଷ କହିଛନ୍ତି, ଶନିବାର ରାତିରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ସାମାନ୍ୟ କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା, ଯାହାଫଳରେ ରଶ୍ମିତା ଆତ୍ମହତ୍ୟା କରିଛନ୍ତି। ଅଭିଯୋଗ ପରେ ନନ୍ଦନକାନନ ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ରଶ୍ମିତାଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ଧରି ଥାନାକୁ ନେବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଭାଜପାର ଜନ ପରାମର୍ଶ ପଦଯାତ୍ରା

- ୧୯ବର୍ଷ ହେଲା ରାଜ୍ୟରେ ପିସି କାରବାର ଚାଲିଛି: ଭାଜପା

ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)




ଜନ ପରାମର୍ଶ ପଦଯାତ୍ରାରେ ବାହାରିଥିବା ଭାଜପାର ନେତୃମଣ୍ଡଳୀ।

ଭାଜପାର ୧୨୦ ପ୍ଲସ୍ ମିଶନ ଲକ୍ଷ୍ୟ ଆଗେଇ ଚାଲିଛି । ଦୀର୍ଘ ୧୯ବର୍ଷ ଧରି ରାଜ୍ୟରେ ପିସି ସରକାର ଚାଲିଛି । ସବୁ ସ୍ତରରେ ବିନା ପିସିରେ କୌଣସି କାର୍ଯ୍ୟ ହେଉନାହିଁ । ଏପରି କି ଯୋଜନା ପାଇବା ପାଇଁ ଯୋଗ୍ୟ ହିତାଧିକାରୀକୁ ପିସି ଦେବାକୁ ପଡୁଛି । ସାଧାରଣ ଲୋକ ଶୋଷଣର ଶିକାର ହେଉଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷାରୁ ବଞ୍ଚିତ ହେଉଛନ୍ତି । ରାଜ୍ୟରେ ଅନେକ ସମ୍ଭାବନା ଥିବା ସତ୍ତ୍ୱେ ବିକାଶ ହେଉନାହିଁ। ଆଗାମୀ ଦିନରେ କିଭଳି ରାଜ୍ୟରେ ବିକାଶ ହେବାସହ ସୁଶାସନ ଫେରିବ ସେଥିପାଇଁ ସାଧାରଣ ଜନତାଙ୍କଠାରୁ ପରାମର୍ଶ ଲୋଡ଼ାଯିବ ବୋଲି ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି ।

ଭାଜପା ଜନ ପରାମର୍ଶ ପଦଯାତ୍ରା ରବିବାରଠାରୁ ଆରମ୍ଭ ହୋଇଛି । ରାଜ୍ୟର ୩୬, ୬୦୬ ବୁଥ୍, ୫୧ ହଜାର ଗାଁ ଏବଂ ୧୦୦୨ମଣ୍ଡଳରେ ଏହି ପଦଯାତ୍ରା ଚାଲିବ । ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରାକୁ ବସନ୍ତ ପଣ୍ଡା ଉଦ୍‌ଘାଟନ କରିଛନ୍ତି । ଏହି ଜନ ପରାମର୍ଶ ପଦଯାତ୍ରା ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା ତୃଣମୂଳସ୍ତରରେ ପହଞ୍ଚାଇବା ସହ ବିଜେଡି ସରକାରର ଅପାରଗତା ସମ୍ପର୍କରେ ଅବଗତ କରାଯିବ ବୋଲି ବସନ୍ତ କହିଛନ୍ତି । ପୂର୍ବରୁ ଭାଜପା ଆୟୁଷ୍ମାନ ଭାରତକୁ ରାଜ୍ୟରେ ଲାଗୁ କରିବା ପାଇଁ ଜନଜାଗରଣ ଯାତ୍ରା, ବୁଥ କମିଟି ଗଠନ, ସଭ୍ୟ ସଂଗ୍ରହ ପାଇଁ ଯାତ୍ରା, ବ୍ଲକ ଘେରାଓ, ଆରଆଇ ଅଫିସ ଘେରାଓ, ପଞ୍ଚାୟତ ଅଫିସ ତାଲା ପକାଇବା, ମହିଳା ସୁରକ୍ଷା ଯାତ୍ରା, ଯୁବ ମୋର୍ଚ୍ଚା ପକ୍ଷରୁ ନିୟୋଜନ ଅଫିସରେ ତାଲା ପକାଇବା ଆଦି ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଲୋକମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଭାଜପା ଆନ୍ଦୋଳନ କରି ଆସୁଛି ବୋଲି ବସନ୍ତ କହିଛନ୍ତି। ଏହି ପଦଯାତ୍ରାରେ ଦଳର ବହୁ ନେତା ସାମିଲ ହୋଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି।

- ପୋଲିସ-ଆଇନଜୀବୀ ବିବାଦ

# ତିନି ଘଣ୍ଟାର ବୈଠକ, ବାହାରିପାରିଲାନି ନିଷ୍କର୍ଷ

## ଆଜି ବାର ଆସୋସିଏଶନ୍ ବୈଠକରେ ହେବ ନିଷ୍ପତ୍ତି

କଟକ ଅଫିସ,୧୧।୧୧

ହାଇକୋର୍ଟର ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ପୋଲିସ ମାଡ଼ ମାରିବା ଘଟଣାକୁ ନେଇ ପ୍ରାୟ ଅଢ଼େଇ ମାସ ହେଲା ଜାରି ରହିଛି ବିବାଦ। ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ତାହାର ସମାଧାନ ପାଇଁ ରବିବାର ଏକ ଉଚ୍ଚସ୍ତରୀୟ ବୈଠକ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପରିସରସ୍ଥ ଆଇପିଏସ୍ ମେସ୍ ହଲ୍‌ରେ ବସିଥିଲା। ରବିବାର ଅପରାହ୍ନ ୫ଟାରେ ବୈଠକ ଆରମ୍ଭ ହୋଇଥିବାବେଳେ ରାତି ୮ଟା ପର୍ଯ୍ୟନ୍ତ ଘଟଣା ସମ୍ପର୍କରେ ତର୍ଜମା କରାଯାଇଥିଲା। ଉଭୟ ପକ୍ଷ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ହେଲେ ବୈଠକରେ କୌଣସି ନିଷ୍କର୍ଷ ବାହାରି ପାରି ନ ନାହିଁ। ସୋମବାର ହାଇକୋର୍ଟ ବାର କାଉନ୍‌ସିଲ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ବାର ଆସୋସିଏଶନ ସଭାପତି ଶ୍ରୀକାନ୍ତ ନାୟକ ସୂଚନା ଦେଇଛନ୍ତି।

ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ହାଇକୋର୍ଟ ବାର ଆସୋସିଏଶନ ସଭାପତି ଶ୍ରୀକାନ୍ତ ନାୟକ, ସମ୍ପାଦକ ସତ୍ୟବ୍ରତ ମହାନ୍ତିଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସାମିଲ ଥିଲେ। ସେହିପରି ଓଡ଼ିଶା ପୋଲିସ ପକ୍ଷରୁ ପୋଲିସ କମିଶନର ସତ୍ୟଜିତ ମହାନ୍ତି, କଟକ ଡିସିପି ଅଖିଳେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ଆରମ୍ଭରୁ ଆଇନଜୀବୀ-ପୋଲିସ ବିବାଦର ସବୁ ପୃଷ୍ଠଭୂମି ଉପରେ ଆଲୋଚନା କରାଯାଇଥିଲା। ପୋଲିସ ଘଟଣାରେ କେଉଁ କେଉଁ ଦିଗ ଉପରେ ତଦନ୍ତ କରିଛି ଏବଂ ଅଭିଯୁକ୍ତମାନଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହା ଡିଜିପି ଶର୍ମା କହିଥିଲେ। ତେବେ ଘଟଣାରେ ନିଲମ୍ବିତ ହୋଇଥିବା ପୋଲିସ କର୍ମଚାରୀମାନଙ୍କ ଉପରୁ ଇତିମଧ୍ୟରେ ନିଲମ୍ବନ ଆଦେଶ ଉଠିସାରିଛି। ତେଣୁ ଆଇନଜୀବୀମାନେ ପ୍ରତିବାଦ କରିଥିଲେ। ଏ ସମ୍ପର୍କରେ ଡିଜିପି କହିଛନ୍ତି, ପୋଲିସ ଆଇନ ଅନୁଯାୟୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେଇସାରିଛି। ତେଣୁ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ନଜରରେ ରଖି ଆଇନଜୀବୀ ସଂଘ ଆନ୍ଦୋଳନର ପରବର୍ତ୍ତୀ ରୂପରେଖ ଉପରେ ଉଚିତ ନିଷ୍ପତ୍ତି ନେଉ।

ହାଇକୋର୍ଟ ବାର ଆସୋସିଏଶନ ସଭାପତି ଶ୍ରୀକାନ୍ତ ନାୟକ କହିଛନ୍ତି, ବୈଠକରେ ସକାରାତ୍ମକ ଆଲୋଚନା ହୋଇଛି। ହେଲେ ଏହା ପରେ ଆମେ ଆନ୍ଦୋଳନରୁ ଓହରିବୁ କି ନାହିଁ ତାହା ସୋମବାର ବାର ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ଆଲୋଚନା ପରେ କହିହେବ।

ସିପାହୀ, ହାବିଲଦାର ଓ କନଷ୍ଟେବଳ ମହାସଂଘର ସଭାପତି ସନ୍ତୋଷ ଶତପଥୀ କହିଛନ୍ତି, ଆମ ମଧ୍ୟରେ ଲାଗି ରହିଥିବା ବିବାଦର ଆପୋସ ସମାଧାନ ହୋଇଯାଇଛି। ଯାହା ଆମ ମଧ୍ୟରେ ତିକ୍ତତା ଥିଲା ତାହା ଉପରେ ଆଲୋଚନା ହୋଇଥିଲା। ସୋମବାର ଆଇନଜୀବୀମାନେ ଆନ୍ଦୋଳନ ବନ୍ଦ କରିବେ ବୋଲି ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି।

ଡିସିପି ଅଖିଳେଶ୍ୱର କହିଛନ୍ତି, ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ ଲାଗି ରହିଥିବା ବିବାଦର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ସେମାନେ କେତେକ ଦାବି ରଖିଥିବା ବେଳେ ଉଭୟ ପୋଲିସ ଏବଂ ଆଇନଜୀବୀମାନେ କିଛି ସମୟ ନେଇଛନ୍ତି। ଆଇନଜୀବୀମାନେ ଆନ୍ଦୋଳନ ସ୍ଥଗିତ କରିବା ନେଇ କୌଣସି ନିଷ୍ପତ୍ତି ହୋଇନାହିଁ। ଅନ୍ୟପକ୍ଷରେ ହାଇକୋର୍ଟରେ ଘଟଣାକୁ ନେଇ ରୁଜୁ ହୋଇଥିବା ମାମଲା ଶୁଣାଣି ସୋମବାର କରାଯିବ। ଏହାପରେ ବାର ଆସୋସିଏଶନ୍ ବୈଠକ ବସିବ। ତଣୁ ଆଇନଜୀବୀମାନଙ୍କ ଦୀର୍ଘଦିନର କାର୍ଯ୍ୟବନ୍ଦ ଆନ୍ଦୋଳନର ଭବିଷ୍ୟତ କ'ଣ ହେବ ତାହା ସୋମବାର ସ୍ପଷ୍ଟ ହେବ।



ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପରିସରସ୍ଥ ଆଇପିଏସ୍ ମେସ୍ ହଲ୍‌ରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ପୋଲିସ ଓ ଆଇନଜୀବୀ।

# ଠିକାଦାରଙ୍କ ଉପରକୁ ଗୁଳିଚାଳନା

ସୁନ୍ଦରଗଡ଼/ବିଶ୍ରା, ୧୧।୧୧ (ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା ବିଶ୍ରା ଥାନା ଅନ୍ତର୍ଗତ ସାରୁବାହାଲ ପୋଖରୀ ନିକଟରେ ରବିବାର ସନ୍ଧ୍ୟାରେ ଜଣେ ଠିକାଦାରଙ୍କ ଉପରକୁ ଗୁଳିଚାଳନା ହୋଇଛି। ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ବ୍ଲକ ଠିକାଦାର ଭରତ ମାହୋତୋ (୨୫)ଙ୍କ ଉପରକୁ ୪ରାଉଣ୍ଡ ଗୁଳି ଚଳାଇ ଫେରାର୍ ହୋଇଯାଇଛନ୍ତି। ଗୁରୁତର ଅବସ୍ଥାରେ ରାଉରକେଲାସ୍ଥିତ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଛି। ଠିକାଦାରଙ୍କ ଘର ବିଶ୍ରା ବ୍ଲକର ତେଡିରକେଲା ଗ୍ରାମରେ। ବରସୁଆଁଠାରେ ରବିବାର ଅପରାହ୍ନରେ ଫୁଟବଲ ମ୍ୟାଚ୍ ଚାଲିଥିଲା। ସେଠାରୁ ଖେଳସାରି ଭରତ ତାଙ୍କର ଜଣେ ସାଥୀଙ୍କ ସହ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ସାରୁବାହାଲ ପୋଖରୀ ନିକଟରେ ଗୁଳିମାଡ଼ ଫଳରେ ଭରତ ବାଇକ୍‌ରୁ ଡେଇଁ ପଳାଇ ଥିବାବେଳେ ବାଇକ ଚଳାଉଥିବା ତାଙ୍କ ସାଥୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ହେଲେ କେଉଁ କାରଣରୁ ତାଙ୍କ ଉପରକୁ ଗୁଳିମାଡ ହୋଇଛି ତାହାର ଠିକ୍ କାରଣ ଜଣାପଡ଼ିନାହିଁ। ଘଟଣାସ୍ଥଳରେ ବିଶ୍ରା ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରି ଅଭିଯୁକ୍ତଙ୍କୁ ଧରିବା ସକାଶେ ତନାଘନା ଚଳାଇଛି।


## ପ୍ରେସ୍ ଦିବସ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

No.DADLS-168: ଆସନ୍ତା ନଭେମ୍ବର ୧୬ ତାରିଖ ଦିନ ଜାତୀୟ ପ୍ରେସ୍ ଦିବସ – ୨୦୧୮ ପାଳନ ଅବସରରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଗଣଯୋଗାଯୋଗ (Mass Communication) ପ୍ରତିଷ୍ଠାନଗୁଡ଼ିକରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନିମ୍ନୋକ୍ତମତେ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ।

**ବକ୍ତୃତା ପ୍ରତିଯୋଗିତା - ତା୧୩।୧୧।୨୦୧୮ରିଖ**
**ସମୟ - ସକାଳ ୧୧ଘଟିକା**
**ସ୍ଥାନ - ସମ୍ମିଳନୀ କକ୍ଷ, ସୂଚନା ଓ ଲୋକସମ୍ପର୍କ ବିଭାଗ ଲୋକ ସମ୍ପର୍କ ଭବନ, ଭୁବନେଶ୍ୱର**
**ବିଷୟବସ୍ତୁ - ଗଣମାଧ୍ୟମ ସମ୍ପର୍କିତ**

**ବିଶେଷ ସୂଚନା:-**
- ଉକ୍ତ ପ୍ରତିଯୋଗିତାରେ ଭାଗ ନେବାକୁ ଇଚ୍ଛୁକ ଛାତ୍ରଛାତ୍ରୀମାନେ ଅନ୍ୟୂନ ଏକ ଘଣ୍ଟା ପୂର୍ବରୁ ଆସି ପଞ୍ଜୀକରଣ କରାଇବେ।
- ପ୍ରତିଯୋଗୀମାନେ ଶିକ୍ଷାନୁଷ୍ଠାନ ପରିଚୟପତ୍ର / ଅଧ୍ୟକ୍ଷ ବା ଅଧ୍ୟକ୍ଷାଙ୍କଠାରୁ ଅନୁମତିପତ୍ର ଆଣିବା ଆବଶ୍ୟକ।
- ବକ୍ତୃତା ପ୍ରତିଯୋଗିତାର ଶୀର୍ଷକ ବା ବିଷୟବସ୍ତୁ ପ୍ରତିଯୋଗିତା ଆରମ୍ଭର ଏକ ଘଣ୍ଟା ପୂର୍ବରୁ ଘୋଷଣା କରାଯିବ।
- କୃତୀ ପ୍ରତିଯୋଗୀମାନଙ୍କୁ ତା୧୬।୧୧।୨୦୧୮ରିଖ ଦିନ ଗୀତ ଗୋବିନ୍ଦ ସଦନରେ ଦିବା ୧୧ ଘଟିକା ସମୟରେ ଅନୁଷ୍ଠିତ ହେବାକୁ ଥିବା ପ୍ରେସ୍-ଦିବସ ପାଳନ ଉତ୍ସବରେ ପୁରସ୍କୃତ କରାଯିବ।

ନିର୍ଦ୍ଦେଶକ
15001/13/0375/1819 ସୂଚନା ଓ ଲୋକସମ୍ପର୍କ ବିଭାଗ

କେତେ ହଜାର ଟଙ୍କା ନଷ୍ଟ ହୋଇଗଲେ ଲୋକେ ଖୁବ୍ ବ୍ୟସ୍ତ ହୋଇ ପଡନ୍ତି। କିନ୍ତୁ ସତ୍ୟରେ ଉପନୀତ ହେବା ଲାଗି ଉଦ୍ଦିଷ୍ଟ ଥିବା ଚେତନା ଓ ଶକ୍ତିର ମହାତରଙ୍ଗ ସବୁ ନଷ୍ଟ ହୋଇଗଲେ ଲୋକଙ୍କୁ ବାଧେ ନାହିଁ।
-ଶ୍ରୀମା

# ଅଯଥାରେ

ବିମୁଦ୍ରୀକରଣକୁ ନଭେମ୍ବର ୮ରେ ଦୁଇ ବର୍ଷ ପୂରିଛି। ୨୦୧୬ ନଭେମ୍ବର ୮, ମଙ୍ଗଳବାର ଭାରତରେ ୫୦୦ ଓ ୧୦୦୦ ଟଙ୍କିଆ ଦୁଇଟି ବଡ଼ ନୋଟ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହଠାତ୍ ଘୋଷଣା କରି ଅଚଳ କରିଦେଇଥିଲେ। ସେତେବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ କଳାଧନ ରୋକିବା, ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ ଏବଂ ଜାଲ ନୋଟ୍ ଧରିବାରେ ବିମୁଦ୍ରୀକରଣ ସହାୟକ ହେବ। ହେଲେ ଦୁଇବର୍ଷ ପରେ ଏହାର କୌଣସି ଲକ୍ଷ୍ୟ ସାଧିତ ହୋଇପାରି ନାହିଁ। ବରଂ ଜନସାଧାରଣ ଏଥିଯୋଗୁ ଦୁର୍ଦ୍ଦଶା ଭୋଗି ଚାଲିଛନ୍ତି। ନୂଆ ଅର୍ଥନୈତିକ ଅସ୍ତ୍ର ପ୍ରୟୋଗ ଦ୍ୱାରା ଅର୍ଥନୀତିରେ ଅଭିବୃଦ୍ଧି ଘଟିବ ବୋଲି ଆଶ୍ୱାସନା ଦିଆଯାଇଥିଲା। ଧନୀଙ୍କ ପାଖରେ ଥିବା କଳାଧନ ହଟିଗଲେ କେବଳ ଧଳା ଟଙ୍କା ଅର୍ଥନୀତିକୁ ସମୃଦ୍ଧ କରିବ ବୋଲି ସରକାରଙ୍କୁ ସମର୍ଥନ କରୁଥିବା ଅର୍ଥନୀତିଜ୍ଞମାନେ ମତ ଦେଇଥିଲେ। ବର୍ତ୍ତମାନ ପରିସ୍ଥିତିକୁ ଦେଖି ସେମାନେ ଏବେ ମୁହଁ ଲୁଚାଇଲେଣି।

ବିମୁଦ୍ରୀକରଣ ଘୋଷଣା ପରେ ୨୦୧୬ ନଭେମ୍ବର ୧୪ରେ 'କଳା ଓ ଧଳା' ଶୀର୍ଷକରେ ଆମେ ଏହି ସ୍ତମ୍ଭରେ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲୁ। କହିଥିଲୁ ଯେ, ଟଙ୍କା ଥରେ ଅଚଳ ହେବା ପରେ ବ୍ୟାଙ୍କଗୁଡ଼ିକ ତାହାକୁ କାହିଁକି ଗ୍ରହଣ କରୁଛନ୍ତି ବୁଝିବା ଅସମ୍ଭବ। ସେତେବେଳେ ଆମର ଏହି ଯୁକ୍ତିକୁ ଅନେକ ବିରୋଧ କରିଥିଲେ। ହେଲେ ଦୁଇବର୍ଷ ପରେ ଆଜି ସେହି ଲୋକମାନେ ବାସ୍ତବତାକୁ ବୁଝି ନୀରବ ରହୁଥିବା ଦେଖିବା ପରେ ଆମ ଆକଳନ ଠିକ୍ ଥିଲା ବୋଲି କହିପାରିବୁ। ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସ୍ୱୀକାର କରିଛି ଯେ, ବ୍ୟାଙ୍କଗୁଡ଼ିକୁ ଫେରିଆସିଥିବା ଅଚଳ ନୋଟ୍ ପରିମାଣ ହେଉଛି ୯୯.୩ ପ୍ରତିଶତ। ଅର୍ଥାତ୍ ଫେରିପାରି ନ ଥିବା ୦.୭ ପ୍ରତିଶତ ଟଙ୍କା ମଧ୍ୟରେ ଲୋକେ ଅର୍ଥ ଫେରାଇବାରେ ଅସମର୍ଥ ହୋଇଛନ୍ତି କିମ୍ବା ସେମାନଙ୍କଠାରେ ଚିରା ନୋଟ୍ ରହିଥାଇପାରେ ବୋଲି କୁହାଯାଇପାରିବ। ଏବେ ଆଉ ଏକ ସମସ୍ୟା ସରକାରଙ୍କ ଆଗରେ ଉଭା ହୋଇଛି। ନେପାଳ ସମେତ ଅନ୍ୟ କେତେକ ରାଷ୍ଟ୍ରରେ ପଡ଼ି ରହିଥିବା ଅଚଳ ଟଙ୍କାକୁ ସଚଳ କରାଯାଇପାରୁ ନାହିଁ କି ଭାରତ ସରକାର ଏ ସଂକ୍ରାନ୍ତ ନିଷ୍ପତ୍ତି ନେବାରେ ବିଫଳ ହୋଇଛନ୍ତି। ଯଦି ସେହିସବୁ ରାଷ୍ଟ୍ରରୁ ଟଙ୍କା ଫେରାଇ ଅଣାଯିବ, ତାହା ହେଲେ ଆର୍‌ବିଆଇକୁ ଫେରିପାରି ନ ଥିବା ୦.୭ ପ୍ରତିଶତ ଟଙ୍କାଠାରୁ ଏହା ଅଧିକ ହେବା ସ୍ୱାଭାବିକ ଏବଂ ସମଗ୍ର ଅଚଳ ଟଙ୍କା ପରିମାଣ ୧୦୦ ପ୍ରତିଶତରୁ ଊର୍ଦ୍ଧ୍ୱକୁ ଚାଲିଯିବ। ସେଭଳି ସ୍ଥଳେ ସରକାରଙ୍କ ପକ୍ଷରୁ ଦେଶବାସୀଙ୍କୁ କେଉଁଭଳି ବାର୍ତ୍ତା ଦିଆଯାଇ ବୁଝାଇବାକୁ ଚେଷ୍ଟା କରାଯିବ, ତାହାକୁ ସମସ୍ତେ ଅନାଇ ବସିଛନ୍ତି।

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନ୍ ନଭେମ୍ବର ୧୦ରେ ୟୁନିଭର୍ସିଟି ଅଫ୍ କାଲିଫର୍ନିଆରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ଯେ, ବିମୁଦ୍ରୀକରଣ ଓ ଜିଏସ୍‌ଟି ପୂର୍ବରୁ ଭାରତ ଦ୍ରୁତଗତିରେ ଅଭିବୃଦ୍ଧି କରୁଥିଲା। ଏବେ ଦେଶର ଆବଶ୍ୟକତାକୁ ପୂରଣ କରିବା ଲାଗି ୭ ପ୍ରତିଶତ ଅଭିବୃଦ୍ଧି ଆଦୌ ଯଥେଷ୍ଟ ନୁହେଁ। ଯେଉଁଭଳି ଭାବେ ଲୋକେ ଶ୍ରମ ବଜାରକୁ ଆସୁଛନ୍ତି ଓ ସେମାନଙ୍କ ପାଇଁ ନିଯୁକ୍ତିର ଆବଶ୍ୟକତା ରହିଛି, ସେହି ଅନୁଯାୟୀ ଅଭିବୃଦ୍ଧି ହେଉନାହିଁ ବୋଲି ରାଜନ୍ କହିଛନ୍ତି। ଯେତେବେଳେ ବିଶ୍ୱ ଅର୍ଥନୀତି ଊର୍ଦ୍ଧ୍ୱମୁଖୀ ହେଉଥିଲା, ସେତେବେଳେ ମୋଦି ସରକାର ଦୁଇଟି ଅନାବଶ୍ୟକ ନିଷ୍ପତ୍ତି ନେଇଯିବାରୁ ଦେଶର ଅଭିବୃଦ୍ଧି ନିମ୍ନଗାମୀ ହେଲା ବୋଲି ରାଜନ୍ କହିଛନ୍ତି। ମୂଳରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉକ୍ତ ନିଷ୍ପତ୍ତିକୁ ପ୍ରାୟତଃ ବହୁ ଅର୍ଥନୀତିଜ୍ଞ ସମାଲୋଚନା କରିଆସୁଥିଲେ। ଏବେ ଆଇଏମ୍‌ଏଫ୍‌ର ଅର୍ଥନୈତିକ ପରାମର୍ଶଦାତା ବିମୁଦ୍ରୀକରଣକୁ ନକାରାତ୍ମକ ଭାବେ ସମାଲୋଚନା କରିଛନ୍ତି।

୨୦୧୭ ଜୁଲାଇ ପହିଲାରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବା ପରେ ସରକାରୀ ସ୍ତରରେ ବାରମ୍ବାର କୁହାଗଲା ଯେ ଦେଶରେ ପରୋକ୍ଷ ଟିକସ ହାର ବୃଦ୍ଧି ପାଇବ। ଏହି 'ଏକ ଦେଶ, ଏକ ଟିକସ' ମାଧ୍ୟମରେ ପ୍ରତିମାସରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ରାଜସ୍ୱ ଆଦାୟ ହେବ ବୋଲି ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ବାସ୍ତବ କ୍ଷେତ୍ରରେ କେବଳ ଦୁଇ ଥର ଏହି ଲକ୍ଷ୍ୟ ପୂରଣ ହୋଇପାରିଛି। ଅନ୍ୟ ସମୟରେ ଏହି ଟାର୍ଗେଟ୍ ଛୁଇଁ ନ ଥିବା ବେଳେ ଏବେ ପରିସ୍ଥିତି ନକାରାତ୍ମକ ଧରିଲାଣି। ଜିଏସ୍‌ଟି ପ୍ରଚଳନ ଗୋଟିଏ ବର୍ଷରୁ ଅଧିକ ସମୟ ବିତିଯାଇଥିବା ସତ୍ତ୍ୱେ ଏହା 'ଏକ ଟିକସ' ହୋଇପାରିନାହିଁ। ଏବେ ମଧ୍ୟ ସେହି ବ୍ୟବସ୍ଥାରେ ଅନେକ ଅସଜଡ଼ା ଦିଗ ରହିଛି। ଜିଏସ୍‌ଟି ପ୍ରଚଳନ ହେବା ପରେ ରାଜ୍ୟଗୁଡ଼ିକର ଆୟ ବଢ଼ିବ ବୋଲି ଯେଉଁ ଧାରଣା ସୃଷ୍ଟି କରାଯାଇଥିଲା, ତାହାର ବାସ୍ତବ ଚିତ୍ର ବର୍ତ୍ତମାନ ସର୍ବସମ୍ମୁଖକୁ ଆସିବା ଆରମ୍ଭ କଲା ବୋଲି କୁହାଯାଇପାରିବ। ଏଥିସହିତ ଉଲ୍ଲେଖ କରାଯାଇପାରେ ଯେ, ତାମିଲନାଡୁର ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତା ଜୟଲଳିଥା ଏକମାତ୍ର ନିର୍ବାଚିତ ନେତା, ଯିଏ ଜିଏସ୍‌ଟିକୁ ନିଜ ରାଜ୍ୟର ସ୍ୱାର୍ଥରେ, ସମ୍ପୂର୍ଣ୍ଣ ବିରୋଧ କରି ଆସିଥିଲେ। ଅନ୍ୟପଟେ ଦେଶର ସବୁ ମୁଖ୍ୟମନ୍ତ୍ରୀ ଭୁଲ ନିଷ୍ପତ୍ତିକୁ ଅକୁଣ୍ଠ ସମର୍ଥନ ଜଣାଇଥିଲେ। ଏବକାର ପରିବର୍ତ୍ତିତ ପରିସ୍ଥିତିରେ ସେହି ନେତାମାନଙ୍କ ଦୂରଦୃଷ୍ଟିହୀନତା ସ୍ପଷ୍ଟ ବାରି ହୋଇଯାଉଛି ଏବଂ ଅଧିକାଂଶ ରାଜ୍ୟ ସରକାରଙ୍କ ତରଫରୁ ଜିଏସ୍‌ଟି ସମ୍ପର୍କରେ ଅସନ୍ତୋଷ ପ୍ରକାଶ କରାଗଲାଣି।

# ଅନ୍ନଦାତାର ଦୁଃଖ



ପ୍ରକାଶ ତ୍ରିପାଠୀ

ଅକ୍ଟୋବର ୩୧, ୨୦୧୮ ରାତ୍ର ୯ ଘଟିକା। ସୋନି ଚ୍ୟାନେଲରେ ପ୍ରସାରିତ ସର୍ବାଧିକ ଲୋକପ୍ରିୟ ଗେମ୍ ଶୋ 'କୌନ ବନେଗା କରୋଡପତି'ର ହଟ୍‌ସିଟ୍‌ରେ ବସିଥାନ୍ତି ମହାରାଷ୍ଟ୍ରର ଜଣେ ସାଧାରଣ କୃଷକ ଅନନ୍ତ କୁମାର ଖାଙ୍କେ। ସେଦିନ ଏହି ଗେମ୍ ଶୋ'ର ସଞ୍ଚାଳକ ଅମିତାଭ ବଚ୍ଚନ ଓ ହଟ୍‌ସିଟ୍ ଆସୀନ ଅନନ୍ତ କୁମାରଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ତଥା କିଛି ବାର୍ତ୍ତାଳାପ ଯେଉଁମାନେ ଟିଭିରେ ଦେଖିଥିବେ, ନିଶ୍ଚିତ ସେମାନଙ୍କ ଆଖିରେ ଲୁହ ଜମାଟ ବାନ୍ଧିଥିବ। ଅନନ୍ତ କୁମାର ସେଦିନ ନିଜର ଦୟନୀୟ ସ୍ଥିତି ବଖାଣିବା ଆଳରେ ଭାରତବର୍ଷର କୋଟି କୋଟି ସାଧାରଣ କୃଷକଙ୍କ ବାସ୍ତବ ଅବସ୍ଥାକୁ ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିବାରେ କେତେକାଂଶରେ ନିଶ୍ଚିତ ସଫଳ ହୋଇଛନ୍ତି। ଯେଉଁଦିନ ଗୁଜରାଟର ସର୍ଦ୍ଦାର ସରୋବର ଡ୍ୟାମ୍ ନିକଟରେ ୨୯୮୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୮୨ ମିଟର ଉଚ୍ଚତାବିଶିଷ୍ଟ ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି 'ଷ୍ଟାଚ୍ୟୁ ଅଫ ୟୁନିଟି'କୁ ଉନ୍ମୋଚନ କରି ପ୍ରଧାନମନ୍ତ୍ରୀ ଏହାକୁ ଭାରତର କୋଟି କୋଟି ଜନସାଧାରଣଙ୍କ ଆବେଗ ସହ ଜଡ଼ିତ ଓ ଏହା ଦେଶର ଇଞ୍ଜିନିୟରମାନଙ୍କର ଜ୍ଞାନକୌଶଳ ଏବଂ ଦକ୍ଷତାର ପ୍ରତୀକ ବୋଲି ପ୍ରକାଶ କରିଥିଲେ, ସେହିଦିନ ଅନନ୍ତ କୁମାର କୌନ ବନେଗା କରୋଡପତିର ହଟ୍‌ସିଟ୍‌ରେ ବସି ନିଜର କରୁଣ କାହାଣୀ ମାଧ୍ୟମରେ ଭାରତର ଚାଷୀଭାଇମାନଙ୍କ ଦୟନୀୟ ସ୍ଥିତି ବୟାନ କରି ଭାରତକୁ ସ୍ତବ୍ଧ କରୁଥିଲେ। ଗୋଟିଏ ପଟେ ବିକାଶ ଓ ସମୃଦ୍ଧିର ବାର୍ତ୍ତା ପ୍ରଚାର ହେଉଥିଲା ବେଳେ ଅନ୍ୟପଟେ ଦୁଃଖ ଓ ଦୁର୍ଦ୍ଦଶାର ଛବି ଦେଖିବାକୁ ମିଳୁଥିଲା। ଗୋଟିଏ ପଟେ ବିଜ୍ଞାନ ଓ କାରିଗରି ମାଧ୍ୟମରେ ଉତ୍କର୍ଷର ପରିଚୟ ମିଳୁଥିଲା ବେଳେ ଅନ୍ୟପଟେ ଦାରିଦ୍ର୍ୟ ଓ ଭୋକର ମର୍ମସ୍ପର୍ଶୀ ଚିତ୍ର ଦେଖାଯାଉଥିଲା। ଏହା ହିଁ ତ ଆଧୁନିକ ଭାରତର ବୈଚିତ୍ର୍ୟମୟ ସ୍ଥିତି।

କୌନ ବନେଗା କରୋଡପତିର ହଟ୍‌ସିଟ୍‌ରେ ବସି ଅମିତାଭଙ୍କ ଦ୍ୱାରା ପଚରା ଯାଉଥିବା ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେବାରେ ଝାଳନାଳ ହୋଇଯାଉଥିବା ଅନନ୍ତକୁମାରଙ୍କ ଚେହେରାରୁ ସ୍ପଷ୍ଟ ବୁଝି ହେଉଥିଲା ତାଙ୍କ ପାଇଁ ଏହି ପୁରସ୍କାର ରାଶି କେତେ ଅପରିହାର୍ଯ୍ୟ। ତାଙ୍କ ସହ ଆସି ଗ୍ୟାଲେରିରେ ବସିଥିବା ତାଙ୍କ ପତ୍ନୀ କାଞ୍ଚନଙ୍କୁ ସେଦିନ ଯେଉଁମାନେ ଟିଭିରେ ଦେଖିଥିବେ, ସେମାନେ ନିଶ୍ଚିତ ଅନୁମାନ କରିପାରିଥିବେ ଅନନ୍ତକୁମାରଙ୍କ ଦୟନୀୟ ଆର୍ଥିକ ସ୍ଥିତି। ହାତରେ କେଇପଟ ସାଧାରଣ ଚୁଡି ଓ ବେକରେ ଏକ କଳାସୂତାର ମାଳି ହିଁ ଥିଲା ତାଙ୍କ ଦେହରେ ଗହଣା। ପିନ୍ଧିଥିଲେ ଏକ ସାଧାରଣ ସୂତାଲୁଗା। ଅମିତାଭ ବଚ୍ଚନ ଏକ ପ୍ରଶ୍ନ ଛଳରେ ଏହାର କାରଣ ପଚାରନ୍ତେ ଅନନ୍ତକୁମାର ସ୍ୱାଭାବିକ ଭାବରେ ଯେଉଁ ଉତ୍ତର ଦେଇଥିଲେ, ସେଦିନ କେବଳ ଗ୍ୟାଲେରିରେ ବସିଥିବା ଦର୍ଶକ ନୁହନ୍ତି, ଏହାକୁ ଟିଭି ମାଧ୍ୟମରେ ଦେଖୁଥିବା କୋଟି କୋଟି ଭାରତୀୟଙ୍କ ଆଖିପତା ନିଶ୍ଚିତ ଓଦା ହୋଇଯାଇଥିବ। ମହାରାଷ୍ଟ୍ରର ଯେଉଁ ଅଞ୍ଚଳରେ ଅନନ୍ତ କୁମାର ରୁହନ୍ତି, ସେଠାକାର ସାମାଜିକ ପ୍ରଥା ଅନୁଯାୟୀ ଝିଅଟିଏ ବିବାହ ବେଳେ ଯେଉଁସବୁ ଗହଣା ପିନ୍ଧି ଶାଶୁଘରକୁ ଯାଇଥାଏ, ବାପଘରକୁ ବୁଲି ଆସିଲାବେଳେ ସେହିସବୁ ଗହଣା ପିନ୍ଧିବା ବାଧ୍ୟତାମୂଳକ। କାଞ୍ଚନ ଦେବୀଙ୍କ ସବୁ ଗହଣା ଗତ ଦୁଇବର୍ଷ ତଳେ ମହାଜନଙ୍କ ପାଖରେ ବନ୍ଧା ରଖି ଅନନ୍ତକୁମାର ସେହି ଟଙ୍କା କୃଷିକାର୍ଯ୍ୟରେ ଲଗାଇଛନ୍ତି। ଗତ ତିନିବର୍ଷ ହେବ କମ୍ ବର୍ଷା ଯୋଗୁ ଆଶାନୁରୂପ ଫସଲ ଅମଳ ହୋଇପାରୁନାହିଁ କି ଗହଣା ମୁକୁଳାଇ ହେଉନାହିଁ। ଗହଣା ନ ଥିବାରୁ କାଞ୍ଚନ ଦେବୀ ଗତ ତିନିବର୍ଷ ହେବ ବାପଘରକୁ ଯାଇପାରିନାହାନ୍ତି।

କୃଷକମାନଙ୍କୁ ଦେଶର ସବୁଠାରୁ ବଡ ଜୁଆଡି ଭାବେ ସେଦିନ ବର୍ଣ୍ଣନା କରିଥିଲେ ଅନନ୍ତକୁମାର, ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା। ପ୍ରକୃତି ଉପରେ ଭରସା କରି କୃଷକମାନେ ଏକ ଅନିଶ୍ଚିତତା ଭିତରେ ସେମାନଙ୍କ ଜମିରେ ବିହନ ବୁଣିଥାନ୍ତି। ଯଦି ଠିକ୍ ସମୟରେ ଠିକ୍ ପରିମାଣର ବର୍ଷା ହୁଏ ଓ ପାଣିପାଗ ଅନୁକୂଳ ରୁହେ,ତେବେ ଫସଲ ଅମଳ ଠିକ୍ ରୁହେ, ନଚେତ୍ ସବୁ କ୍ଷତିରେ ଚାଲିଯାଏ। ଅନେକ ସମୟରେ ବର୍ଷା ଧୋକା ଦେଉଥିବାରୁ ଅନନ୍ତକୁମାର ଏକ ବୋରୱେଲ ମାଧ୍ୟମରେ ନିଜ ଜମିରେ ଜଳସେଚନର ବନ୍ଦୋବସ୍ତ କରିଛନ୍ତି। ମାତ୍ର ଦୁଃଖର କଥା, ଦିନକୁ ମାତ୍ର ୪ରୁ ୫ ଘଣ୍ଟା ବିଦ୍ୟୁତ୍ ରହୁଥିବାରୁ ଏହା ବିଶେଷ ସହାୟକ ହୋଇପାରୁନାହିଁ। ଅନନ୍ତ କୁମାର ତାଙ୍କର ୪ ଏକର ଜମିରେ ଚାଷ କରି ବର୍ଷକୁ ୫୦ରୁ ୬୦ ହଜାର ଟଙ୍କା ରୋଜଗାର କରନ୍ତି, ଯେଉଁଥିରେ କି ତାଙ୍କର ୨୫ରୁ ୩୦ ହଜାର ଟଙ୍କା ଉତ୍ପାଦନ ଖର୍ଚ୍ଚରେ ବିନିଯୋଗ ହୋଇଥାଏ। ମାସକୁ ମାତ୍ର ଦୁଇହଜାରରୁ ଅଢେଇହଜାର ଟଙ୍କାରେ ସେ ପରିବାର କିପରି ଚଳାନ୍ତି ବୋଲି ଅମିତାଭଙ୍କ ପ୍ରଶ୍ନରେ ଅନନ୍ତ କୁମାର କୁହନ୍ତି ଯେ, ଦିନରେ ପେଟପୂରା ଥରୁଟିଏ ମାତ୍ର ଖାଇପାରନ୍ତି। ଝିଅ ଓ ପୁଅକୁ ସେ ନା ଭଲରେ ଖାଇବାକୁ ଦେଇପାରନ୍ତି ନା ଭଲ ପାଠ ପଢାଇପାରନ୍ତି। ତାଙ୍କ ଅଞ୍ଚଳରେ ସମସ୍ତେ ଅତିବେଶି ହେଲେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢିପାରନ୍ତି। ନିଜେ ଅନନ୍ତ କୁମାର ତ୍ରୟୋଦଶ ଶ୍ରେଣୀ ପର୍ଯ୍ୟନ୍ତ ବହୁ କଷ୍ଟରେ ପଢିଥିବା ସ୍ୱୀକାର କରିଥିଲେ। ବର୍ଷକୁ ୪ ମାସ ସେମାନଙ୍କୁ ପିଇବା ପାଣି ମିଳି ନ ଥାଏ। ସେଥିପାଇଁ ଦୈନିକ ସେମାନଙ୍କୁ ଦୁଇରୁ ଚାରି କିମି ଯାଇ ଲିଟର ପିଛା ଏକଟଙ୍କା ଦରରେ ପିଇବା ପାଣି କିଣିବାକୁ ପଡିଥାଏ। ସବୁଠାରୁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ କଥା କହିଥିଲେ ଖାଇବା ପ୍ଲେଟରେ ଖାଦ୍ୟ ନଷ୍ଟ ଉପରେ ଅନନ୍ତକୁମାର। ନିଜେ ଖାଦ୍ୟଶସ୍ୟ ଉତ୍ପାଦନ କରୁଥିବାରୁ ବିଭିନ୍ନ ସମୟରେ ଖାଦ୍ୟ ନଷ୍ଟ ଦେଖିଲେ ତାଙ୍କୁ ବହୁତ କଷ୍ଟହୁଏ ବୋଲି ପ୍ରକାଶ କରିବା ପରେ ଅମିତାଭ ବଚ୍ଚନ ଦେଶବାସୀଙ୍କୁ ଅନୁନୟ କରିଥିଲେ ଯେ, ନିଜେ କୃଷକଟିଏ ଦୁଇଓଳି ପେଟପୂରା ଖାଇବାକୁ ପାଉ ନ ଥିବା ବେଳେ ଅନ୍ୟମାନେ ଅଯଥାରେ ଖାଦ୍ୟ ନଷ୍ଟ କରିବା ଜଣେ କୃଷକଙ୍କୁ ଅପମାନ। ଅନନ୍ତକୁମାରଙ୍କ ଭଳି କୃଷକଭାଇମାନଙ୍କ ଦୁର୍ଦ୍ଦଶାକୁ ଉପଲବ୍ଧି କରି ସେମାନଙ୍କୁ ସହାୟତାର ହାତ ବଢାଇବାକୁ ଅମିତାଭ ନିବେଦନ କରିଥିଲେ। ଅନନ୍ତକୁମାରଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ବେଳେ ତାଙ୍କୁ ଭୂମିପୁତ୍ର, ଅନ୍ନଦାତା ସମ୍ବୋଧନ କରୁଥିବା ଅମିତାଭ ପ୍ରକାଶ କରିଥିଲେ ଯେ, ବିଶାଖାପାଟଣାରେ ଏକ ଚଳଚ୍ଚିତ୍ର ଶୁଟିଂ ବେଳେ ମାତ୍ର ଦଶ ହଜାର ଓ ପନ୍ଦର ହଜାର ଟଙ୍କା ଋଣ ପରିଶୋଧ କରି ନ ପାରି କୃଷକମାନେ ଆତ୍ମହତ୍ୟା କରୁଥିବା କଥା ସେ ଜାଣିବାକୁ ପାଇଥିଲେ। ପ୍ରକାଶଯୋଗ୍ୟ ଯେ, ଏହାପରଠାରୁ ଅମିତାଭ ମହାରାଷ୍ଟ୍ରର ୩୫୦ ଜଣ, ଉତ୍ତରପ୍ରଦେଶର ୮୫୦ ଜଣ ଚାଷୀଙ୍କର ଋଣ ପରିଶୋଧ କରିସାରିଛନ୍ତି ଓ ଆଗାମୀ ଦିନରେ ଏ ଦିଗରେ ସେ ତାଙ୍କର ସହଯୋଗ ଅବ୍ୟାହତ ରଖିବେ। ସେଦିନ ଅନନ୍ତ କୁମାର ବାରଲକ୍ଷ ପଚାଶ ହଜାର ଟଙ୍କା ଜିତିବାକୁ ସକ୍ଷମ ହୋଇଥିଲେ, ଯାହାକୁ କି ନିଜର ଜୀବନବ୍ୟାପୀ ରୋଜଗାରଠାରୁ ମଧ୍ୟ ଅଧିକ ବୋଲି କହିଥିଲେ।

ଅନନ୍ତ କୁମାରଙ୍କ ଦୁଃଖଦୁର୍ଦ୍ଦଶା ସୂଚାଏ ଭାରତର କୋଟି କୋଟି ଚାଷୀଙ୍କ ଅର୍ଥନୈତିକ ଦୁରବସ୍ଥା, ଯାହାକି ଏକ ପ୍ରଗତିଶୀଳ ଭାରତ ପାଇଁ ଶୁଭଙ୍କର ନୁହେଁ। କ୍ରମାଗତ ଚାଷଜମି ହ୍ରାସ ପାଇବା ଓ ଚାଷୀଙ୍କ ସଂଖ୍ୟା କମିବା ସ୍ପଷ୍ଟ ସଙ୍କେତ ଦିଏ ଚାଷ ପ୍ରତି ଚାଷୀର ବିମୁଖତା। ଦୁର୍ଦ୍ଦିନରେ ଥିବା ଚାଷୀମାନଙ୍କୁ ସହାୟତାର ହାତ ବଢାଇବାକୁ ନିବେଦନ ସମୟରେ ମନକୁ ଆସେ ଅକ୍ସଫାମ୍ ଇଣ୍ଡିଆର ୨୦୧୮ ରିପୋର୍ଟ। ଏଥିରେ ଦର୍ଶାଯାଇଛି ଯେ, ଗତବର୍ଷ ଦେଶର ୭୩ ଭାଗ ସମ୍ପତ୍ତି ମାତ୍ର ଏକଭାଗ ଧନିକ ଶ୍ରେଣୀ ପାଖକୁ ଯାଇଥିଲାବେଳେ ମାତ୍ର ଏକଭାଗ ସମ୍ପତ୍ତି ଦେଶର ପ୍ରାୟ ଅର୍ଦ୍ଧେକ ଅର୍ଥାତ୍ ୬୭ କୋଟି ଲୋକଙ୍କ ପାଖକୁ ଯାଇଛି। ଏହି ସମୟ ମଧ୍ୟରେ ଏହି ଏକଭାଗ ଧନିକ ଶ୍ରେଣୀଙ୍କ ସମ୍ପତ୍ତି ୨୦୯୧୩ ବିଲିୟନ ଟଙ୍କାକୁ ବୃଦ୍ଧି ପାଇଛି, ଯାହାକି କେନ୍ଦ୍ର ସରକାରଙ୍କ ବାର୍ଷିକ ବଜେଟ ସହ ସମାନ। ଅନ୍ୟପକ୍ଷରେ ମାତ୍ର ଏକଭାଗ ସମ୍ପତ୍ତି ବଢିଥିବା ଦେଶର ୬୭ କୋଟି ଲୋକ ଅର୍ଥାତ୍ ଦେଶର ପ୍ରାୟ ଅର୍ଦ୍ଧେକ ଲୋକଙ୍କର ଗରିବୀ ଯେ ଅବ୍ୟାହତ ରହିଛି ତାହା ଏଥିରୁ ସ୍ପଷ୍ଟ। ଏହି ୬୭ କୋଟି ଭାରତୀୟଙ୍କ ମଧ୍ୟରୁ ସିଂହଭାଗ ହେଉଛନ୍ତି ଆମର ଚାଷୀଭାଇ। କେବଳ ସରକାର କୁହନ୍ତି, ଭାରତର ସେହି ଏକଭାଗ ଧନିକ ଗୋଷ୍ଠୀ ଚାଷୀଭାଇମାନଙ୍କୁ ସହାୟତାର ହାତ ବଢ଼ାଇବାର ପ୍ରକୃଷ୍ଟ ସମୟ ଆସିଯାଇଛି। ସର୍ଦ୍ଦାର ପଟେଲଙ୍କ ପ୍ରତିମୂର୍ତ୍ତି ବିଶ୍ୱର ସର୍ବୋଚ୍ଚ ସ୍ମାରକୀ ଭାବେ ତାଙ୍କ ଭଳି ଜଣେ ସଚ୍ଚା ଦେଶପ୍ରେମୀଙ୍କ ପ୍ରତି ଆମର ଶ୍ରଦ୍ଧାଞ୍ଜଳି ହୋଇପାରେ। ମାତ୍ର ଦେଶକୁ ଖାଦ୍ୟ ଯୋଗାଉଥିବା ଚାଷୀଭାଇମାନଙ୍କୁ ସମାଜରେ ଯେପର୍ଯ୍ୟନ୍ତ ସର୍ବୋଚ୍ଚ ସ୍ଥାନ ନ ମିଳିଛି, ସେପର୍ଯ୍ୟନ୍ତ ନିଜକୁ ଶ୍ରେଷ୍ଠ ବୋଲାଇବା କେବଳ ଏକ ଛଳନା ମାତ୍ର।

ଇମେଲ-prakas.tripathy09@gmail.com

# ବିଦ୍ୟାଳୟରେ ଉପସ୍ଥାନ



ରୁଦ୍ର ପ୍ରସନ୍ନ ରଥ

ଯେକୌଣସି ଛାତ୍ର ସଫଳତା ପାଇବା ଲାଗି ବିଦ୍ୟାଳୟରେ ନିୟମିତ ଉପସ୍ଥିତ ରହିବା ଜରୁରୀ। ଯଦି ଉପଯୁକ୍ତ କାରଣ ନ ଥାଇ ପିଲାଟି କ୍ରମାଗତ ଭାବେ ଅନୁପସ୍ଥିତ ରହେ, ତା'ହେଲେ ତା'ର ଶିକ୍ଷାକ୍ଷେତ୍ରରେ କି ସମସ୍ୟା ଉପୁଜେ, ତାହା ଛାତ୍ରର ମାତାପିତା ବା ପରିବାର ସଦସ୍ୟ ବୁଝିପାରନ୍ତି ନାହିଁ। ପୁଣି ସ୍ୱଳ୍ପ ଆୟକାରୀ ମାତାପିତାଙ୍କ ପିଲାଙ୍କ ଉପରେ ଏହାର ପ୍ରଭାବ ଗୁରୁତର ହୋଇଥାଏ। କାରଣ ବିଦ୍ୟାଳୟରେ ଅନୁପସ୍ଥିତ ରହିବା ଯୋଗୁ ପିଲାମାନେ ହରାଉଥିବା ସୁଯୋଗକୁ ଭରଣା କରିବା ପାଇଁ ସେମାନଙ୍କ ପାଖରେ ଆବଶ୍ୟକ ସମ୍ବଳ ନ ଥାଏ। ମୋଟ ଉପରେ ସବୁଦିନ ସ୍କୁଲ ଯିବା ଏକ ଅଭ୍ୟାସ, ଯାହା ପିଲାମାନଙ୍କୁ ନିୟମିତ ଶିଖାଯିବା ଆବଶ୍ୟକ।

ଗତ ଏକ ଦଶନ୍ଧି ମଧ୍ୟରେ ଓଡ଼ିଶାରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଅନେକ ଅଗ୍ରଗତି ହୋଇଥିଲେ ବି ଛାତ୍ରୀଛାତ୍ରଙ୍କର ଶତ ପ୍ରତିଶତ ଉପସ୍ଥାନକୁ ସୁନିଶ୍ଚିତ କରାଯାଇପାରିନାହିଁ। ଓଡ଼ିଶାରେ ଏହି ଉପସ୍ଥାନର ହାର ୭୦-୭୯% ଭିତରେ ସୀମାବଦ୍ଧ। ପ୍ରାଥମିକ ସ୍ତରରେ ଉପସ୍ଥାନର ହାର କମ୍ ଥାଇ ପରବର୍ତ୍ତୀ ସମୟରେ ବଢୁଥିବାର ଦେଖାଯାଇଥିଲେ ମଧ୍ୟ ଏବେ ଯାଏ ଏହା ଶତପ୍ରତିଶତ ହୋଇପାରୁନାହିଁ।

ଘର ପାଖରେ ସ୍କୁଲ, ମାଗଣା ପୋଷାକ, ସାଇକେଲ, ମଧ୍ୟାହ୍ନଭୋଜନ ସତ୍ତ୍ୱେ ଏମିତି କିଛି ଅଭାବ ତଥାପି ରହିଯାଉଛି, ଯାହାଫଳରେ ପିଲାଟି ନିୟମିତ ସ୍କୁଲ ଆସିପାରୁନାହିଁ। ପିଲାଟି ନିୟମିତ ସ୍କୁଲ ନ ଆସିବା ପଛରେ ଅନେକ କାରଣ ରହିଛି। ମାତାପିତା ପିଲାକୁ ସବୁଦିନ ସ୍କୁଲ ପଠାଇବାର ଉପଯୋଗିତାକୁ ଅନୁଭବ ନ କରିବା, ପିଲାକୁ ଘରେ ସାନ ପିଲାମାନଙ୍କର ଯତ୍ନ ନେବା ବା ଘରକାମ କରିବାରେ ସାହାଯ୍ୟ କରିବା ପାଇଁ ଅଟକାଇ ରଖିବା, ପିଲାଟିର ଖରାପ ସ୍ୱାସ୍ଥ୍ୟ, ସାମାଜିକ ପ୍ରଥା, ପର୍ବପର୍ବାଣି, ସ୍ଥାନାନ୍ତର, ଏପରିକି ଶିଶୁ ଶ୍ରମିକ ପ୍ରଥା ଯୋଗୁ ବିଦ୍ୟାଳୟରେ ଛାତ୍ର ଉପସ୍ଥାନ କମ୍ ରହିଥାଏ। ଏପରି ମଧ୍ୟ ଦେଖାଯାଇଛି ଯେ ବିଦ୍ୟାଳୟରେ ଭଲ ଶୌଚାଳୟ ନ ଥିବାରୁ ଝିଅପିଲାମାନେ ସ୍କୁଲ ଯିବାକୁ ଉଚିତ ମନେ କରନ୍ତି ନାହିଁ। ପୁଣି ହାଇସ୍କୁଲଗୁଡ଼ିକରେ ଝିଅପିଲାମାନେ ମାସିକ ଋତୁସ୍ରାବ ସମୟରେ ନିୟମିତ ସ୍କୁଲଯିବାରୁ ବଞ୍ଚିତ ହୁଅନ୍ତି। ଖାସ୍ ଋତୁସ୍ରାବ ପାଇଁ ବର୍ଷକୁ ୨୦ରୁ ୩୦ ଦିନ ସ୍କୁଲ ଯିବା ଲାଗି ଝିଅପିଲାମାନେ ସକ୍ଷମ ହୋଇପାରନ୍ତି ନାହିଁ। ସେହିପରି ଓଡ଼ିଶାରେ ଏବେବି ଅନେକ ସ୍କୁଲ ଦିବ୍ୟାଙ୍ଗଙ୍କ ପାଇଁ ଉପଯୋଗୀ ହୋଇ ନ ଥିବାରୁ ସେମାନେ ନିୟମିତ ଆସିପାରନ୍ତି ନାହିଁ। ପୁଣି କିଛି ପିଲା ଶିକ୍ଷକଙ୍କ ମାଡ଼କୁ ଡରି ସ୍କୁଲ ନ ଯିବାକୁ ବାହାନା ଖୋଜିଥାନ୍ତି।

ପିଲାଟି ନିୟମିତ ବିଦ୍ୟାଳୟ ନ ଯିବା ଫଳରେ ସେ ଶିକ୍ଷା ଗ୍ରହଣରେ ପଛରେ ପଡ଼ିଯାଏ। ତାକୁ ବାଧ୍ୟହୋଇ ଭଲ ପଢୁଥିବା ପିଲା ଉପରେ ନିର୍ଭର କରିବାକୁ ପଡ଼େ। ଯଦି ଏକାଧିକ ପିଲା ନିୟମିତ ସ୍କୁଲ ନ ଯାନ୍ତି ତେବେ ଶିକ୍ଷକଙ୍କୁ ମଧ୍ୟ ସବୁ ପିଲାଙ୍କୁ ବୁଝାଇ ଏକ ସମୟରେ ପାଠ୍ୟ ଖସଡା ତିଆରି କରିବା କଷ୍ଟକର ହୋଇପଡ଼େ। ପୁଣି ନିୟମିତ ସ୍କୁଲ ନ ଆସିଲେ ଅନ୍ୟ ସାଙ୍ଗଙ୍କ ସହ ତା'ର ସମ୍ପର୍କ ବ୍ୟାହତ ହୁଏ। ମୋଟ ଉପରେ ଯେହେତୁ ବିଦ୍ୟାଳୟରେ ପିଲାର ଭବିଷ୍ୟତ ଜୀବନର ମୂଳଦୁଆ ପଡ଼େ, ନିୟମିତ ସ୍କୁଲ ନ ଆସିବା ଦ୍ୱାରା ଏହି ମୂଳଦୁଆ ଶକ୍ତିଶାଳୀ ହୋଇପାରି ନ ଥାଏ।

ପିଲାଟିକୁ ସ୍କୁଲକୁ ନିୟମିତ ପଠାଇବା ଯେପରି ମାତାପିତାଙ୍କର ଦାୟିତ୍ୱ ତାକୁ ସ୍କୁଲରେ ଧରିରଖିବା ସେପରି ଶିକ୍ଷକଙ୍କ ଲକ୍ଷ୍ୟ ହେବା ଉଚିତ। ମାତାପିତା ମନେ ରଖିବା ଦରକାର ଯେ, ସ୍କୁଲକୁ ଯଦି ନିୟମିତ ଯିବା ପାଇଁ ପିଲାଟି ଚାହୁଁନାହିଁ ତେବେ ସେ ଅମନୋଯୋଗୀ ହେଉଛି ଏବଂ ଏହା ଜାରି ରହିଲେ ସେ ଧୀରେ ଧୀରେ ପ୍ରାଥମିକ ଶିକ୍ଷା ଗ୍ରହଣରୁ ବାଦ ପଡ଼ିବ। ପୁଣି ଶିକ୍ଷକମାନେ ମଧ୍ୟ ହୃଦୟଙ୍ଗମ କରିବା ଦରକାର ଯେ, ପିଲାଟି ଯେଉଁ ୬ ଘଣ୍ଟା ସମୟ ତାଙ୍କ ପାଖରେ ଅତିବାହିତ କରୁଛି, ସେ ସମୟତକ ତା' ପାଇଁ ଆନନ୍ଦଦାୟକ ହୋଇପାରୁଛି କି ନା। ଶିକ୍ଷକମାନେ ଶ୍ରେଣୀରେ ଆକର୍ଷଣୀୟ ଓ କୌତୂହଳପୂର୍ଣ୍ଣ କାର୍ଯ୍ୟକଳାପ କରାଇବା ଦରକାର, ଯାହାଫଳରେ ପିଲାଟିଏ ଶିକ୍ଷା ପ୍ରତି ମନୋଯୋଗୀ ହୋଇପାରିବ। ସପ୍ତାହରେ ଅତିକମ୍‌ରେ ଗୋଟିଏ ଥର ପିଲାଟି ସ୍କୁଲ ନ ଆସିବାର କାରଣ ପଚାରି ବୁଝିବା ସହ ପିଲାର ନିୟମିତ ସ୍କୁଲ ଆସିବାର ଉପାଦେୟତା ତା'ର ମାତାପିତାଙ୍କୁ ବୁଝାଇବା ଆବଶ୍ୟକ। ହୁଏତ ସୀମିତ ସମ୍ବଳ ଆଉ ସମୟ ମଧ୍ୟରେ ଏତେ ସବୁ କାମ କରିବାକୁ ଶିକ୍ଷକମାନେ ଆଗ୍ରହ ପ୍ରକାଶ କରି ନ ପାରନ୍ତି କିମ୍ବା ବିରକ୍ତିଭାବ ଦେଖାଇପାରନ୍ତି, ମାତ୍ର ଯେତେବେଳେ ଯେଉଁ କାମ ପାଇଁ ଶିକ୍ଷକମାନେ ନେତୃତ୍ୱ ନେଇ ଆଗେଇ ଆସିଛନ୍ତି, ତାହା କେବେ ଅସଫଳ ହୋଇନାହିଁ। ତେଣୁ ଶିକ୍ଷକମାନେ ଚାହିଁଲେ ପିଲାମାନେ ନିଶ୍ଚୟ ନିୟମିତ ସ୍କୁଲ ଆସିବାକୁ ଆଗଭର ହେବେ।

ମାତାପିତା କିମ୍ବା ଶିକ୍ଷକମାନଙ୍କୁ ଛାଡିଦେଲେ ପିଲାମାନଙ୍କୁ ନିୟମିତ ସ୍କୁଲ ଆଣିବା ଦିଗରେ ଯତ୍ନବାନ କରାଇବାରେ ସରକାର, ଗଣମାଧ୍ୟମ, ବଦାନ୍ୟ ବ୍ୟକ୍ତିବିଶେଷ ଏବଂ ଅନ୍ୟାନ୍ୟ ଅନୁଷ୍ଠାନର ମଧ୍ୟ ଗୁରୁଦାୟିତ୍ୱ ରହିଛି। ନିୟମିତ ସ୍କୁଲ ଯାଉଥିବା ପିଲାଙ୍କର ଘରଗୁଡ଼ିକୁ ପଞ୍ଚାୟତ ପ୍ରତିନିଧି ଖୋଜି ବାହାର କରିବା ସହ ଏହି ଘରଗୁଡ଼ିକର ଆବଶ୍ୟକତା କିପରି ପୂର୍ଣ୍ଣ ହେବ, ତାହା ଦେଖିବା କଥା। ପୁଣି ବିଭିନ୍ନ ଅନୁଷ୍ଠାନ ଏବଂ ବଦାନ୍ୟ ବ୍ୟକ୍ତିବିଶେଷ ସ୍କୁଲରେ ଶୌଚାଳୟର ବ୍ୟବସ୍ଥା କରିବା, ସ୍କୁଲକୁ କମ୍ପ୍ୟୁଟର, ଡେସ୍କବେଞ୍ଚ, ଖେଳ ଉପକରଣ, ବହି ଆଦି ଯୋଗାଇଦେବା ସହ ଦିବ୍ୟାଙ୍ଗମାନଙ୍କ ପାଇଁ ସହାୟକ ଉପକରଣ ଯୋଗାଇଦେବା ଆଦି କାର୍ଯ୍ୟ ହାତକୁ ନେବା ଉଚିତ। ଏପରି କଲେ ସ୍କୁଲ ଏକ ଆକର୍ଷଣୀୟ କେନ୍ଦ୍ରରେ ପରିଣତ ହେବା ସହ ପିଲାମାନେ ଏଠାକୁ ନିୟମିତ ଆସିବା ପାଇଁ ପସନ୍ଦ କରିବେ।

ଧବଳଗିରି, ଯାଜପୁରରୋଡ,
ମୋ- ୭୯୭୮୬୭୧୭୭୬

## ଏଇ ଭାରତରେ

ଜୀବନକୁ ସମସ୍ତେ ଭଲ ପାଆନ୍ତି। କାରଣ ଏହି ଜୀବନ ଥରେ ଚାଲିଗଲେ ସବୁକିଛି ଚାଲିଯାଏ। ତେଣୁ ଜଗତରେ ମଧୁମୟ ଜୀବନ ବଞ୍ଚିବାକୁ ସାଧୁସନ୍ଥମାନେ ପରାମର୍ଶ ଦେଇଥାଆନ୍ତି। ଏଥିପାଇଁ ଶରୀର ସୁସ୍ଥ ଓ ରୋଗଶୂନ୍ୟ ରହିବା ଆବଶ୍ୟକ। ପାଖାପାଖି ଶହେବର୍ଷ ବଞ୍ଚିଥିବା ବ୍ୟକ୍ତିଙ୍କର ଜୀବନ ପ୍ରତି ବି ଲୋଭ ଥାଏ। ତେଣୁ ଏହି ବୟସରେ କୌଣସି ଜଟିଳ ରୋଗରେ ପଡିଲେ ବି ତାହାର ଚିକିତ୍ସା କରାଇବା ଜରୁରୀ ହୋଇପଡେ। କାରଣ ଆଉ କିଛି ଦିନ ବଞ୍ଚି ରହିବାର ଲୋଭ ଥାଏ। ଆଉ ସେଇ ଲୋଭକୁ ତ୍ୟାଗ କରିପାରି ନାହାନ୍ତି ଜଣେ ବୃଦ୍ଧ। ଏପରି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ଇରାକରୁ ଚିକିତ୍ସା ପାଇଁ ଭାରତ ଆସିଥିବା ୯୮ବର୍ଷୀୟ ବୃଦ୍ଧ ମହମ୍ମଦ୍ କାଦିମ୍ ସଇଦ୍। ନୂଆଦିଲ୍ଲୀର ମେଦାନ୍ତ ହସ୍ପିଟାଲ୍‌ରେ ତାଙ୍କଠାରେ କରାଯାଇଥିବା କରୋନାରି ବାଇପାସ୍ ହାର୍ଟ ସର୍ଜରି ସଫଳ ହୋଇଛି। ଡାକ୍ତର ନରେଶ ତ୍ରେହାନ୍‌ଙ୍କ ନେତୃତ୍ୱରେ ଗଠିତ ଚିକିତ୍ସକ ଦଳ ଏହି ସଫଳତା ହାସଲ କରିଛନ୍ତି। ସଇଦ୍‌ଙ୍କ ହୃତ୍‌ପିଣ୍ଡର କରୋନାରି ଆର୍ଟ୍ରିରେ ସମସ୍ୟା ଥିଲା। ଅଧିକ ବୟସ ଯୋଗୁ ଏହି ଅସ୍ତ୍ରୋପଚାର ଖୁବ୍ ଜଟିଳ। ସଇଦ୍‌ଙ୍କ ଆର୍ଟ୍ରିରେ ୪ଟି ଅପରେଶନ୍ କରାଯାଇଥିବା ଡାକ୍ତର ତ୍ରେହାନ୍ ସୂଚନା ଦେଇଛନ୍ତି। ଏବେ ସଇଦ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତେବେ ଭଲ ଚିକିତ୍ସା ପାଇବା ଉଦ୍ଦେଶ୍ୟରେ ସୁଦୂର ଇରାକ୍‌ରୁ ଭାରତ ଚାଲିଆସିଥିବା ସଇଦ୍ ଏଥିପାଇଁ ଭାରତୀୟ ଡାକ୍ତରଙ୍କ ଚିକିତ୍ସା ଦକ୍ଷତାକୁ ବେଶ୍ ପ୍ରଶଂସା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ନଭେମ୍ବର ୧୯୯୩

- ଶ୍ରୀଲଙ୍କା ସେନାର ପୂର୍ବ କାର୍ଯ୍ୟାନୁଷ୍ଠାନଗୁଡିକର ପ୍ରତିଶୋଧ ନେବାକୁ ଯାଇ ଏଲଟିଟିଇ ଗେରିଲାମାନେ ଆକ୍ରମଣ କରି ୨୦୦ ଶ୍ରୀଲଙ୍କା ସୈନ୍ୟଙ୍କୁ ହତ୍ୟା କରିଛନ୍ତି।
- ପାକିସ୍ତାନ ତା'ର ଅଣୁ କାର୍ଯ୍ୟକ୍ରମରୁ ଓହରିଯିବାର କୌଣସି ସମ୍ଭାବନା ନାହିଁ ବୋଲି ଦେଶର ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋ ସ୍ପଷ୍ଟ କରିଛନ୍ତି।

## ସାପ୍ତାହିକ ପଞ୍ଜିକା

୪- ମାସାଚୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି) ଗବେଷକମାନେ ଏକ ସ୍ୱୟଂଚାଳିତ ଡ୍ରୋନ୍‌ର ବିକାଶ କରିଛନ୍ତି, ଯାହା ଘଞ୍ଚ ଜଙ୍ଗଲରେ ନିଖୋଜ ବ୍ୟକ୍ତିଙ୍କୁ ଖୋଜିବାରେ ସାହାଯ୍ୟ କରିବ।

୫- ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବୁଡ଼ାଜାହାଜ 'ଆଇଏନ୍‌ଏସ୍ ଅରିହନ୍ତ' ଭାରତୀୟ ନୌସେନାରେ ସାମିଲ ହେଲା।

୬- ଉତ୍ତରପ୍ରଦେଶର ଫୈଜାବାଦ ଜିଲାର ନାମ ବଦଳାଇ ଅଯୋଧ୍ୟା କରାଗଲା ବୋଲି ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥଙ୍କ ଘୋଷଣା।

୭- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ହାଇଟେକ୍ 'ମୋ ବସ୍' ସେବା ଉଦ୍‌ଘାଟିତ।

୮- କାଜାକସ୍ତାନର ଦ୍ୱିତୀୟ ବୃହତ୍ତମ ସହର ଖୁଜାନ୍ଦସ୍ଥିତ ଏକ ଜେଲରେ କଏଦୀମାନଙ୍କ ଭିତରେ ସଂଘର୍ଷ ଘଟି ୨୦ ବନ୍ଦୀ ଓ ୨ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିଛି।

୯- ଭାରତୀୟ ସେନାରେ ତିନିଟି ବିଶ୍ୱସ୍ତରୀୟ ନୂଆ ଯୁଦ୍ଧାସ୍ତ୍ର ସାମିଲ ହେଲା, ଯଥା- ଏମ୍୭୭୭ଏ୨ ଅଲଟ୍ରା ଲାଇଟ୍ ହାଓ୍ୱିଜର୍ସ, କେ୯ ବଜ୍ର ଟ୍ରାକ୍‌ଡ ସ୍ୱୟଂଚାଳିତ ବନ୍ଧୁକ ଏବଂ ୬x୬ ଫିଲ୍‌ଡ ଆର୍ଟିଲେରି ଟ୍ରାକ୍ଟର୍ସ।

## ଚିରନ୍ତନୀ

ରୂପର ମୋହେ ମୁଗ୍‌ଧ କବି ମୁରୁଛି ନାହିଁ ପାରେ
ଅବାକ୍ ହୋଇ ରହିଲା ଚାହିଁ ପଥର ସେହି ଧାରେ।
(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | | | | | | | | | B | | | 8 | |
| | | | | 9 | | | D | | 6 | | 0 | | A | |
| | | | | | E | | 7 | | | 5 | D | | | 6 |
| | | 2 | | | | 8 | 6 | | C | | 1 | 4 | | |
| E | | | | 8 | | | A | | | 9 | | | | B |
| C | | 7 | | | | | | 8 | | E | 5 | | | 9 |
| | | | E | | A | 3 | | | | | | | 0 | |
| | | | 7 | | | | B | E | | 4 | 9 | A | | |
| | | 4 | | | B | | 2 | | 0 | | 8 | 5 | | 1 |
| 6 | | A | 5 | 1 | | | | | 7 | | | | 3 | 2 |
| 9 | | | B | 3 | | D | 4 | 1 | | | E | | | |
| 5 | 2 | 6 | | | | 0 | | | | | | 9 | | |
| | 7 | | | | D | | | | 1 | | | 3 | 2 | |
| | | | | | | B | 3 | | | | A | | | 0 |
| | | | A | 7 | 5 | | C | 2 | | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 0 | D | 1 | A | 5 | 3 | 2 | 9 | 8 | C | E | 4 | B | 7 |
| 4 | C | 5 | 7 | B | 3 | 6 | 0 | E | D | 9 | 2 | 8 | 1 | A |
| 1 | 2 | 7 | 9 | D | 8 | C | 5 | 4 | 3 | A | B | 0 | E | 6 |
| E | B | 9 | C | 2 | 6 | 8 | 1 | A | 7 | 0 | 4 | 3 | 5 | D |
| 8 | 3 | A | 4 | E | 0 | D | 7 | B | 5 | 6 | 1 | 2 | 9 | C |
| 7 | 4 | 0 | D | 5 | C | 1 | 9 | 2 | E | 8 | 6 | A | 3 | B |
| 2 | D | 3 | E | 7 | B | 5 | 6 | 8 | 9 | 4 | A | 1 | C | 0 |
| C | 1 | B | A | 8 | 4 | E | 3 | 0 | 2 | D | 7 | 9 | 6 | 5 |
| 5 | 8 | E | 6 | 9 | 1 | B | A | 7 | C | 3 | 0 | D | 4 | 2 |
| A | 9 | 6 | 3 | 0 | 2 | 4 | C | D | 1 | B | 5 | 7 | 8 | E |
| 0 | E | 8 | 2 | 4 | 9 | A | B | C | 6 | 7 | 3 | 5 | D | 1 |
| B | A | 1 | 5 | 6 | E | 9 | 8 | 3 | 0 | 2 | D | C | 7 | 4 |
| D | 6 | 4 | 8 | 3 | 7 | 2 | E | 5 | A | 1 | C | B | 0 | 9 |
| 3 | 7 | C | B | 1 | A | 0 | D | 6 | 4 | 5 | 9 | E | 2 | 8 |
| 9 | 5 | 2 | 0 | C | D | 7 | 4 | 1 | B | E | 8 | 6 | A | 3 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପାଣିର ଗାର

ମହାଶୟ,

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଜଣେ ଲୋକକୁ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସାହାଯ୍ୟ ମିଳିବା କଥା। ଗତ ୧୮ ତାରିଖରେ ମୋ ସ୍ତ୍ରୀ ପେଟ ରୋଗ ପାଇଁ ଯାଜପୁର ମେଡ଼ିକାଲରେ ଆଡମିଶନ ହୋଇଥିଲା। ୫ ଦିନ ବେଡରେ ପଡ଼ିରହିଲା ପରେ ବି କିଛି ବ୍ୟବସ୍ଥା କଲେ ନାହିଁ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ଦେଖାଇଲି। କିନ୍ତୁ କିଛି ସୁବିଧା ମିଳିଲା ନାହିଁ। ରାତି ୧୨ଟାରେ କହିଲେ କଟକ ନେଇଯାଅ। ତା'ହେଲେ ଏ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡର ମୂଲ୍ୟ କ'ଣ ? ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପାଣିର ଗାର।

ପ୍ରଭାତ କୁମାର ପାଣି, ବଡ଼ବାଗ ସାହି, ରୁଦ୍ରପୁର, ଯାଜପୁର

### ଡାକ କର୍ତ୍ତୃପକ୍ଷଙ୍କ ଦୃଷ୍ଟିପଡୁ

ସାକ୍ଷୀଗୋପାଳ ମୁଖ୍ୟ ଡାକଘରଟି ଦୟନୀୟ ଅବସ୍ଥାରେ ଅଛି। କୋଠରିଗୁଡିକ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି। ଛାତ, ବିମ୍ ଆଦିରୁ କଂକ୍ରିଟ୍, ଲୁହା ଆଦି ବଡ଼ ବଡ଼ ଖଣ୍ଡ ଖସୁଛି। ମୂଳଦୁଆ ନଷ୍ଟ ହୋଇଗଲାଣି। ଏପରି ଗୃହରେ ମନରେ ଭୟ ଓ ଆଶଙ୍କା ଭିତରେ କର୍ମଚାରୀମାନେ କାମ କରୁଛନ୍ତି। ଜନସାଧାରଣଙ୍କ ସେବା ପାଇବା ଆଦି ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଜାଗା ଥାଇ ମଧ୍ୟ ନୂତନ ଗୃହ ନିର୍ମାଣ ପାଇଁ ଅସୁବିଧା କେଉଁଠି ଅଛି ? କିଛି ଗୋଟାଏ ଘଟିଗଲା ପରେ ବୋଧହୁଏ ଡାକ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗିବ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନଦୀନାଳଭରା ଜିଲାରେ ଚାଷ ପାଇଁ ଜଳ ଅଭାବ

କେନ୍ଦ୍ରାପଡ଼ା ଅଫିସ, ୧୧।୧୧

- ୧,୮୨,୧୮୪ ହେକ୍ଟର ଜମିକୁ ମିଳୁନାହିଁ ଜଳ
- ଚାଷ କାର୍ଯ୍ୟରୁ ମୁହଁ ଫେରାଉଛନ୍ତି ଚାଷୀ
- ବିଭିନ୍ନ ନଦୀରେ ବ୍ୟାରେଜ ନିର୍ମାଣ କରିବାକୁ ଦାବି

କେନ୍ଦ୍ରାପଡା ଜିଲାର ଅର୍ଥନୀତି ମୁଖ୍ୟତଃ ଚାଷ ଉପରେ ପର୍ଯ୍ୟବସିତ । ଚାଷ କାର୍ଯ୍ୟ ପାଇଁ ଜଳର ଆବଶ୍ୟକତା ଥିବା ବେଳେ ଜିଲାରେ ୭ ନଦୀ ଓ ୨୭ ଶାଖାନଦୀ ଜାଲ ପରି ବିଛେଇ ହୋଇ ରହିଛି । ସେହିପରି ଜିଲାରେ ବର୍ଷକୁ ହାରାହାରି ୭୧ ଦିନ ବର୍ଷା ହେଉଥିବା ବେଳେ ପରିମାଣ ପ୍ରାୟ ୧୩୪୦ ମିଲିମିଟର । ଏହାସତ୍ତ୍ୱେ ଜିଲାର ଚାଷ ଉପଯୋଗୀ ପାଇଁ ଆବଶ୍ୟକ ହେଉଥିବା ଜଳର ଅଭାବ ରହିଛି। ୧,୮୨,୧୮୪ ହେକ୍ଟର ଜମିକୁ ଜଳ ମିଳିପାରୁ ନ ଥିବା ସୂଚନା ମିଳିଛି । ଫଳରେ ଜିଲାର ବହୁ ହେକ୍ଟର ଜମିରେ ଚାଷ କାର୍ଯ୍ୟ ହୋଇପାରୁନାହିଁ। ଏଥିଯୋଗୁ ଚାଷୀ ଚାଷକାର୍ଯ୍ୟରୁ ମୁହଁ ଫେରାଇ ନେଉଛନ୍ତି। ଖରିଫ ଚାଷ ପରେ ଅର୍ଥକାରୀ ଫସଲ ପାଇଁ ଜଳ ଅଭାବ ହେଉଥିବାରୁ ସେମାନେ କର୍ମ ନିଯୁକ୍ତି ଆଶାରେ ଶ୍ରମ କାର୍ଯ୍ୟ କରିବା ଲାଗି ଦେଶ ବିଦେଶକୁ ଚାଲିଯାଉଛନ୍ତି। ଜିଲାରେ ଜଳର ସୁପରିଚାଳନା ହୋଇ ପାରୁ ନ ଥିବାରୁ ଏହି ସମସ୍ୟା ଉପୁଜିଛି ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏସମ୍ପର୍କରେ କୃଷକ ନେତା ବିଧୁଭୂଷଣ ମହାପାତ୍ର କୁହନ୍ତି, ଜିଲାରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଚାଷ ଉପରେ ନିର୍ଭରଶୀଳ । ତେବେ ଜଳ ପରିଚାଳନାରେ ଅବ୍ୟବସ୍ଥା ଯୋଗୁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି । ବିଭିନ୍ନ ଅଞ୍ଚଳରେ ଗହୀର ଜମିରୁ ଜଳ ନିଷ୍କାସିତ ହୋଇ ପାରୁନାହିଁ । ଏହାଛଡା ପ୍ରତିବର୍ଷ ବନ୍ୟା ଓ ବାତ୍ୟା ସମୟରେ ବହୁଦିନ ଧରି ଜମିରେ ବର୍ଷାଜଳ ଜମି ରହୁଛି । ଫଳରେ ଫସଲ ନଷ୍ଟ ହେଉଛି । ଅପରପକ୍ଷରେ ଜିଲାର ପ୍ରାୟ ୮୦ ହଜାର ହେକ୍ଟର ଜମି ଉଚ୍ଚ ସ୍ଥାନରେ ରହିଛି । ଏଠାରେ ପାଣିର ଅଭାବ ଯୋଗୁ ଫସଲ ଉପୁଜିବାରେ ବାଧା ସୃଷ୍ଟି ହେଉଛି । ଉଠା ଜଳସେଚନ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଚଳ ହୋଇପଡିଥିବା ବେଳେ ଏହାର ମରାମତି ବାବଦ ଅର୍ଥ ହରିଲୁଟ ହେଉଥିବା ଅଭିଯୋଗ ହୋଇଛି । ସେହିପରି ବୁଦ୍ଧିଜୀବୀ ଅମରବର ବିଶ୍ୱାଳଙ୍କ କହିବାନୁସାରେ, ଜିଲାବାସୀ ପୂର୍ବରୁ ଚାଷ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ କେନ୍ଦ୍ରାପଡା କେନାଲ, ଜମ୍ବୁ କେନାଲ, ଗୋବରୀ କେନାଲ, ପଚ୍ଚାମୁଣ୍ଡାଇ କେନାଲ ଉପରେ ନିର୍ଭର କରୁଥିଲେ । ମାତ୍ର ଏବେ ଏହାର ଉନ୍ନତୀକରଣ ନାମରେ ଦୀର୍ଘଦିନ ଧରି ଜଳ ପ୍ରବାହକୁ ରୋକି ଦିଆଯାଇଛି । ଏଥିସହ କେନ୍ଦ୍ରାପଡା, ଜମ୍ବୁ ଓ ଗୋବରୀ କେନାଲରେ ବିଲାତି ଦଳ ଭରପୂର ରହିଛି। ଫଳରେ ତଳମୁଣ୍ଡ କ୍ଷେତକୁ ପାଣି ଯାଇପାରୁନାହିଁ। ଅପରପକ୍ଷରେ ଉନ୍ନତୀକରଣ ନାମରେ ପଚ୍ଚାମୁଣ୍ଡାଇ ଓ କେନ୍ଦ୍ରାପଡା କେନାଲରେ ବହୁ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ରୋକିବା ଲାଗି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଏଥିଯୋଗୁ ଆଗାମୀ ଦିନରେ ଏହି କେନାଲଗୁଡିକରେ ଜଳଧାରଣ କ୍ଷମତା କମିବାର ଆଶଙ୍କା ରହିଛି ବୋଲି ବିଶ୍ୱାଳ କହିଛନ୍ତି। ସେହିପରି ଜିଲାର ଆଳି, ରାଜକନିକା, ରାଜନଗର ଆଦି ଅଞ୍ଚଳରେ କୌଣସି କେନାଲ ନାହିଁ ବୋଲି ସେ କହିଛନ୍ତି। ଜଳଯୋଗାଣରେ ଅଭାବ ଯୋଗୁ ଜିଲାରେ ହରଡ, ଗହମ, ସୋରିଷ, ଆଖୁ, ପନିପରିବା ଭଳି ଅର୍ଥକରୀ ଫସଲ କମ୍ ହେଉଛି ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି।

ସେହିପରି କେନ୍ଦ୍ରାପଡା ଜିଲା ଜନସୁରକ୍ଷା ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ କୁହନ୍ତି ଯେ, ଜିଲାରେ ପ୍ରବାହିତ ନଦୀର ମଧୁର ଜଳ ଉପାନ୍ତରେ ଥିବା ସମୁଦ୍ର ସହ ମିଶି ଯାଉଛି । ମଧୁର ଜଳ ପାଇଁ ମାର୍ଶାଘାଇ ଦେଇ ପ୍ରବାହିତ ଲୁଣା ଓ ଚିତ୍ରୋତ୍ପଳା ନଦୀ, ଭୁତମୁଣ୍ଡାଇର ମହାନଦୀ ଓ ପଚ୍ଚାମୁଣ୍ଡାଇର ଅଳଭା ଓ ବ୍ରାହ୍ମଣୀ ନଦୀ ଉପରେ ବ୍ୟାରେଜ ନିର୍ମାଣର ଆବଶ୍ୟକତା ରହିଛି । ଏନେଇ ମଞ୍ଚ ପକ୍ଷରୁ ରାଜ୍ୟ ସରକାରଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ବାରମ୍ବାର ଅଭିଯୋଗ ହେବା ପରେ ୨୦୧୬ରେ ଏନେଇ ତଦନ୍ତ କରାଯାଇ ଏସବୁ ନଦୀ ଉପରେ ବ୍ୟାରେଜ ନିର୍ମାଣ ହେବ ବୋଲି ଜଳସେଚନ ବିଭାଗ ପକ୍ଷରୁ ଚିଠି ଆସିଥିଲା । ଏହାପରଠାରୁ ଗତ ଦୁଇବର୍ଷ ମଧ୍ୟରେ ଥରେ ହେଲେ ଏନେଇ ତଦାରଖ କରାଯାଇନାହିଁ ବୋଲି ସାମଲ ଅଭିଯୋଗ କରିଛନ୍ତି । ଏହି ବ୍ୟାରେଜ ନିର୍ମାଣ ହେଲେ ଜିଲାର ୮୦ ଭାଗ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ହୋଇପାରିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜିଲା କୃଷି ଉପନିର୍ଦ୍ଦେଶକ ମିତ୍ରୋଦୟ ଦାଶ କୁହନ୍ତି ଯେ, ଜିଲାର ୧ ଲକ୍ଷ ୬୦ ହଜାର ହେକ୍ଟର ଚାଷୋପଯୋଗୀ ଜମି ମଧ୍ୟରୁ ୬୫,୦୩୨ ହେକ୍ଟର ଜମିକୁ ଜଳସେଚିତ କରାଯାଇଛି । ଯେଉଁ ସ୍ଥାନରେ ଜଳବନ୍ଦୀ ଅବସ୍ଥା ରହିଛି ସେଠାରେ ବିଭିନ୍ନ ଯୋଜନାରେ ନାଳ ଓ କେନାଲ ଆଦି ଖୋଳା ଚାଲିଛି । ଏହାର ସୁଫଳ ଆଗାମୀ ଦିନରେ ଜିଲାବାସୀଙ୍କୁ ମିଳିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

## ସଂକ୍ଷେପରେ

### ଜିଲା କଂଗ୍ରେସ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

**କେନ୍ଦ୍ରାପଡା ଅଫିସ, ୧୧।୧୧:** କେନ୍ଦ୍ରାପଡା ଜିଲା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସହରର କଜଳାସ୍ଥିତ କଂଗ୍ରେସ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ଚିନ୍ମୟ ବେହୁରାଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ବିଜେଡିର ଶାସନକୁ ସମାଲୋଚନା କରାଯାଇଛି। ବିଜେଡି ବିରୋଧରେ ତୃଣମୂଳସ୍ତରରେ ଲଢ଼େଇ କରିବା ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଆଳି ବିଧାୟକ ଦେବେନ୍ଦ୍ର ଶର୍ମା, ରାଜନଗର ବିଧାୟକ ଅଂଶୁମାନ ମହାନ୍ତି, ବରିଷ୍ଠ ନେତା ଜୟନ୍ତ ମହାନ୍ତି, ୱାଲିଜ ପଟେଲ, ସଂଗ୍ରାମ ଜେନା, ଧରଣୀଧର ନାୟକ, ପ୍ରଫୁଲ୍ଲ ଦାସ ଓ ହଳଧର ସେଠୀ ପ୍ରମୁଖ ଯୋଗଦେଇ ଥିଲେ। ସେମାନେ ୧୮ ବର୍ଷ ବିଜେଡି ଶାସନକୁ ସମାଲୋଚନା କରିଥିଲେ । ବିଜେଡି ସରକାର କେନ୍ଦ୍ରାପଡା ଜିଲାବାସୀଙ୍କୁ ବିଭିନ୍ନ ଉନ୍ନୟନ ଯୋଜନା ଲାଗି ମିଛ ପ୍ରତିଶ୍ରୁତି ଦେଇଚାଲିଛି ବୋଲି କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ । ବରୁଣେଇ ବନ୍ଦର, ପାୱାର ଥର୍ମାଲ ପ୍ଲାଣ୍ଟଠାରୁ ଆରମ୍ଭ କରି ମହାନଦୀରେ ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠା ପାଇଁ ନିର୍ବାଚନ ସମୟ ପୂର୍ବରୁ ମିଛ ପ୍ରଚାର କରାଯାଇଛି ବୋଲି ସେମାନେ କହିଥିଲେ । ଚାଷକ୍ଷେତକୁ ଠିକ୍ ଭାବେ ଜଳ ପରିଚାଳନା ହୋଇପାରି ନ ଥିବା ବେଳେ ବହୁ ଚାଷୀଙ୍କ ନାମରେ ଧାନ କିଣି ଅର୍ଥ ଲୁଟ୍ କରାଯାଇଛି ବୋଲି ସେମାନେ ଅଭିଯୋଗ କରିଥିଲେ । ସେହିପରି ଜିଲାରେ ନାରୀ ନିର୍ଯାତନା ବଢ଼ିଚାଲିଥିବା ବେଳେ ପୋଲିସ ଗୁଣ୍ଡାରାଜ ଚଳାଇଛି। ଏଥିଯୋଗୁ ଜିଲାବାସୀ ଅତିଷ୍ଠ ହୋଇପଡିଛନ୍ତି ବୋଲି ବୈଠକରେ ନେତାମାନେ କହିଥିଲେ । ଏଥିସହ କଂଗ୍ରେସର ମୋ ବୁଥ୍ ମୋ ଗୌରବ ଯୋଜନାକୁ କାର୍ଯ୍ୟକାରୀ କରି ସଂଗଠନକୁ ମଜଭୁତ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ । ବୈଠକରେ କଂଗ୍ରେସର ବରିଷ୍ଠ ନେତା ସଞ୍ଜୟ ରାଉତ, ସମ୍ବିତ ଶ୍ରୀଚନ୍ଦନ, ଶିବପ୍ରସାଦ ବିଶ୍ୱାଳ, ଶରତ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ରାମଚନ୍ଦ୍ର ବିଶ୍ୱାଳ, ଅଶୋକ ଚକ୍ରବର୍ତ୍ତୀ, କରିମ ଖାଁ, ନଗେନ କୁମାର ସ୍ୱାଇଁ, ରାଖାଲ କାନୁନ୍‌ଗୋଙ୍କ ବିୟୋଗରେ ଏକ ଶୋକ ପ୍ରସ୍ତାବ ଆଗତ କରାଯାଇ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା ।

### ଖରସ୍ରୋତା ସାଂସ୍କୃତିକ ପରିଷଦର ନୂତନଗୃହ ଉଦ୍‌ଘାଟିତ

**ରାଜକନିକା,୧୧।୧୧(ଡି.ଏନ୍.ଏ):** ରାଜକନିକା ବ୍ଲକର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଖରସୋତା ସାଂସ୍କୃତିକ ପରିଷଦର ନୂତନ ଗୃହକୁ ରବିବାର ଆଳି ବିଧାୟକ ଦେବେନ୍ଦ୍ର ଶର୍ମା ଉଦଘାଟନ କରିଛନ୍ତି। ଏଥିଲାଗି କଣ୍ଡିଆହାଟରେ ଆୟୋଜିତ ଉତ୍ସବରେ ସେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଗୃହ ନିର୍ମାଣ ପାଇଁ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୬ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ରାଶି ଅନୁଷ୍ଠାନକୁ ଯୋଗାଇଦେଇଥିଲେ। ଏଥିଲାଗି ତାଙ୍କୁ ପରିଷଦ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ଉଦଘାଟନୀ ଉତ୍ସବରେ ପରିଷଦର ସଭାପତି ଲକ୍ଷ୍ମୀଧର ରାଉତ, ସମ୍ପାଦକ ନିରଞ୍ଜନ ବେହେରା, ବରିଷ୍ଠ ଖବରଦାତା ଶିବରାମ ଦାସ, ଖରସ୍ରୋତା ମୁଖପତ୍ରର ସମ୍ପାଦକ ନିରଞ୍ଜନ ବେହେରା, ପ୍ରାକ୍ତନ ସମ୍ପାଦକ କେଶବ ଚରଣ ନାୟକ, ପ୍ରାକ୍ତନ ସଭାପତି ଆନନ୍ଦ ଚନ୍ଦ୍ର କୁଅଁର, ନାରାୟଣ ଚନ୍ଦ୍ର ଧଳ, ଗୋଲକ ଚନ୍ଦ୍ର ନାୟକ ଓ ସରପଞ୍ଚ ସ୍ୱର୍ଣ୍ଣଲକ୍ଷ୍ମୀ ବଳ ପ୍ରମୁଖ ଉପସ୍ଥିତ ଥିଲେ ।

### ବୋଲେରୋ ଧକ୍କାରେ ବାଇକ ଆରୋହୀ ଗୁରୁତର

**କେନ୍ଦ୍ରାପଡା ଅଫିସ, ୧୧।୧୧:** କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ସଦର ଥାନା ଅନ୍ତର୍ଗତ ଜଜାଙ୍ଗ ନିକଟରେ ରବିବାର ସନ୍ଧ୍ୟାରେ ଏକ ବୋଲେରୋ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ଡେରାବିଶ ବ୍ଲକ ଜମଧର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ଗଗନ ବିହାରୀ ଦାସ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ଗଗନ ପଚ୍ଚାମୁଣ୍ଡାଇରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

## ଜାତୀୟ ଶିକ୍ଷା ଦିବସ

ଡେରାବିଶ, ୧୧।୧୧ (ସ୍ୱ.ପ୍ର.)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଦେଶର ପ୍ରଥମ ଶିକ୍ଷା ମନ୍ତ୍ରୀ ଅବ୍‌ଦୁଲ କଲାମ ଆଜାଦଙ୍କ ଜନ୍ମ ଦିବସ ଅବସରରେ ରବିବାର ଡେରାବିଶ କଲେଜରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଏ ନେଇ କଲେଜ ସଭା ଗୃହରେ ଆୟୋଜିତ ସଭାରେ ଇଂରାଜୀ ଅଧ୍ୟାପକ ଲୋକନାଥ ଗିରି ସଭାପତିତ୍ୱ କରିଥିଲେ। ଏଥିରେ ଜଳ ବିଭାଜିକା ମିଶନର ଏସ୍‌ସିଓ କମ ପିଆଇଏ(ସୁକିନ୍ଦା) ହବିବୁର୍ ରହେମାନ୍ ଖାନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ଅବୁଲ କଲାମ ଆଜାଦଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଜାତୀୟ ସେବା ଯୋଜନାର ସଂଯୋଜକ ଅଧ୍ୟାପକ ଗୁରୁଚରଣ ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ କଲେଜର ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ସଂଯୋଜକ ସେଠୀ ଧନ୍ୟବାଦ ଦେଇଥିଲେ। ଏନଏସ୍‌ଏସ୍‌ର ସ୍ୱେଚ୍ଛାସେବୀ ସୁଶ୍ରୀ ସଙ୍ଗିତା ମହାନ୍ତି, ଐଶ୍ୱର୍ଯ୍ୟା ସ୍ୱାଇଁ, ଅଭିଜିତା ରାଉତରାୟ, ପ୍ରିୟଦର୍ଶିନୀ ଓଝା, ସୌମ୍ୟରଞ୍ଜନ ମଲିକ, ନିରଞ୍ଜନ ମଲିକ, ପ୍ରଦୀପ୍ତ କୁମାର ସାହୁ ଓ ରତିକାନ୍ତ ମଲିକ ପ୍ରମୁଖ ସହଯୋଗ କରିଥିଲେ।

## ୧୪ରେ ନିର୍ମାଣ ଶ୍ରମିକ ସଂଘର ବିକ୍ଷୋଭ


ଖବରଦାତା ସମ୍ମିଳନୀରେ ଶ୍ରମିକ ନେତାମାନେ।

ଡେରାବିଶ, ୧୧।୧୧ (ସ୍ୱ.ପ୍ର.)

ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ନେଇ ଆସନ୍ତା ୧୪ତାରିଖ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ। ଏ ନେଇ ଜିଲା ଶାଖା ପକ୍ଷରୁ ରବିବାର ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳସ୍ଥିତ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଡକାଯାଇଥିଲା। ଏଥିରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଉପରୋକ୍ତ ସୂଚନା ଦେଇଛନ୍ତି। ସଂଘ ପକ୍ଷରୁ ୧୦ ଦଫା ଦାବିନେଇ ଗଣଧାରଣା କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବ। ଦାବିଗୁଡ଼ିକ ମଧ୍ୟରେ ପ୍ରକଳ୍ପ ଉଦ୍‌ଘାଟନ ସମୟରେ ଫଳକରେ ନିର୍ମାଣ ଶ୍ରମିକଙ୍କ ନାମ ଉଲ୍ଲେଖ ରହିବା, ୫୮ବର୍ଷ ପରେ ଶ୍ରମିକଙ୍କୁ ମାସିକ ୩ ହଜାର ଟଙ୍କା ପେନ୍‌ସନ୍, ଝିଅ ବିହାଘର ସହାୟତା ରାଶି ୫୦ହଜାରକୁ ବୃଦ୍ଧି, ପିଲାଙ୍କ ପାଠପଢ଼ା ସହାୟତା ଯୋଗାଇଦେବା ଆଦି ସମ୍ପର୍କରେ ତ୍ରିପାଠୀ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ମାଣ ଶ୍ରମିକ ନେତା ପ୍ରଦିପ୍ତ ସାମଲ, ନାରାୟଣ ସେଠୀ, ମନୋଜ ପରିଡ଼ା, ମହେଶ୍ୱର ନାୟକ ଉପସ୍ଥିତ ଥିଲେ।

- ସ୍ୱାଧୀନତା ସଂଗ୍ରାମୀ କମଳାଙ୍କ ସହ ଧରିତ୍ରୀର ଆଳାପ

## ୯୪ବର୍ଷ ବୟସରେ ବି ଲଢ଼ିବାର କ୍ଷମତା ଅଛି

ଡେରାବିଶ, ୧୧।୧୧ (ସ୍ୱ.ପ୍ର.)

୧୯୩୪ ମସିହାରେ ଗାନ୍ଧିଜୀଙ୍କ ଐତିହାସିକ ପଦଯାତ୍ରା ପରେ ସ୍ୱାଧୀନତା ଆନ୍ଦୋଳନରେ କେନ୍ଦ୍ରାପଡ଼ା ଜିଲା ବିଶେଷକରି ଡେରାବିଶ ବ୍ଲକ ଅଞ୍ଚଳବାସୀଙ୍କ ସମ୍ପୃକ୍ତି ବଢ଼ିଥିଲା। ଏହି ପଦଯାତ୍ରା ଓ ଗାନ୍ଧିଜୀଙ୍କ ସାଧାରଣ ସଭାରେ ଡେରାବିଶ ବ୍ଲକର ବହୁ ଯୁବତୀଯୁବକ ସାମିଲ ହୋଇଥିଲେ। ସେତେବେଳେ ସ୍ୱାଧୀନତା ସଂଗ୍ରାମରେ କେତେଜଣ ପ୍ରାଣବଳି ଦେଇଥିବା ବେଳେ ଆଉ କେତେଜଣଙ୍କ ଇତିମଧ୍ୟରେ ମୃତ୍ୟୁ ଘଟିଛି। ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ପଥରପଡ଼ା ଗ୍ରାମର ସ୍ୱର୍ଗତ ଅକ୍ରୂର ସାହୁ ଓ ତାଙ୍କ ସ୍ତ୍ରୀ କମଳା ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଯୋଗଦେଇଥିଲେ। ଅକ୍ରୂରଙ୍କର ୧୯୯୫ ମସିହାରେ ମୃତ୍ୟୁ ହୋଇଥିବା ବେଳେ କମଳାଙ୍କୁ ଏବେ ୯୪ ବର୍ଷ। ମାତ୍ର ଏବେ ବି ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ବେଳେ ତାଙ୍କ ଦୃଷ୍ଟିଶକ୍ତି ଖୁବ୍ ପ୍ରଖର ଅଛି। ନେହେରୁଙ୍କ ନୀତିରେ ଅନୁପ୍ରାଣୀତ ହୋଇ କମଳା ଡେରାବିଶ ଅଞ୍ଚଳରେ ନାରୀ ଶିକ୍ଷାର ପ୍ରସାର ନେଇ ବିଭିନ୍ନ କାର୍ଯ୍ୟକ୍ରମ କରିଥିଲେ।

**କମଳା ଓ ସ୍ୱର୍ଗତ ଅକ୍ରୂରଙ୍କ ସ୍ୱାଧୀନତା ସଂଗ୍ରାମୀ ବେଳର କିଛି ସ୍ମୃତି .....**

ଗାନ୍ଧୀଜୀଙ୍କ ନୀତିକୁ ଅନୁସରଣ କରି ଅକ୍ରୂର ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ। ଯାଜପୁର ଜେଲରେ ଥିବା ବେଳେ ଇଂରେଜଙ୍କ ଲାଠି ମାଡରେ ତାଙ୍କ ହାତର ଦୁଇଟି ଅଙ୍ଗୁଳି ସମ୍ପୂର୍ଣ୍ଣ ବଙ୍କା ହୋଇଯାଇଥିଲା ; ଯାହା ତାଙ୍କ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଆଉ ସିଧା ହୋଇ ନଥିଲା। ଅରଖରେ ସୂତା କାଟିବା, ବିଭିନ୍ନ ସ୍ଥାନ ବୁଲି ଲୋକଙ୍କୁ ମେଳି କରିବା ଆଦି ଅନେକ କାର୍ଯ୍ୟରେ ଆମେ ଦୁହେଁ ଏକାଠି କାର୍ଯ୍ୟ କରୁଥିଲୁ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ, ଝିଅ ଇନ୍ଦିରାଙ୍କ ସହ ଭୁବନେଶ୍ୱର ଗସ୍ତରେ ଆସିଥାନ୍ତି। ତାଙ୍କୁ ଭେଟିବା ପାଇଁ ଆମେ ଦୁହେଁ ଡେରାବିଶରୁ ଭୁବନେଶ୍ୱର ଚାଲି ଚାଲି ଯାଇଥିଲୁ। ସ୍ୱାଧୀନ ଭାରତକୁ ସମୃଦ୍ଧ କରିବା ପାଇଁ ନେହେରୁ ସେଠାରେ ଦେଇଥିବା ଭାଷଣ ମୋତେ ବହୁତ ପ୍ରଭାବିତ କରିଥିଲା ବୋଲି କମଳା କହିଛନ୍ତି। ଏହାପରଠୁ ନାରୀଶିକ୍ଷା ଓ ସମାଜରେ ନାରୀଜାତିକୁ ସଶକ୍ତ କରିବା ଦିଗରେ ମୋର ଲଢ଼େଇ ଆରମ୍ଭ ହୋଇଥିଲା। କେନ୍ଦ୍ରାପଡ଼ା ଜିଲାର ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ଦୀନବନ୍ଧୁ ସାହୁ, ପୁରୁଷୋତ୍ତମ ନାୟକ ଓ ଧୀରାମଣୀ ଦେବୀଙ୍କ ସହ ବିଭିନ୍ନ ଗାଁକୁ ଯାଇ ନାରୀ ଶିକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଥିଲି। ଛୋଟିଠାରେ ଅନୁଷ୍ଠିତ ନାରୀ ସଚେତନତା କାର୍ଯ୍ୟକ୍ରମରେ ବହୁ ମହିଳା ସାମିଲ ହୋଇଥିଲେ। ଯାଜପୁର ଜିଲା ବରିସ୍ଥିତ ଗାନ୍ଧୀ ଆଶ୍ରମରେ ଥିବା ବେଳେ ସେତେବେଳେ ନାରୀଶିକ୍ଷାର ପ୍ରସାର ପାଇଁ କାର୍ଯ୍ୟ କରୁଥିବା ମାଳତୀ ଚୌଧୁରୀ, ଯଦୁମଣୀ ମଙ୍ଗରା, ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ଅନ୍ନପୂର୍ଣ୍ଣା ମହାରଣା ଓ ଶରତ ମହାରଣାଙ୍କ ସହ ସମ୍ପର୍କ ଅତି ଘନିଷ୍ଠ ହୋଇଥିଲା। ପରିଣତ ବୟସରେ ବି ନିଜ ଅଞ୍ଚଳର ବିକାଶ ପାଇଁ ଆବଶ୍ୟକ ପଡ଼ିଲେ ପୁଣି ଆନ୍ଦୋଳନକୁ ଓହ୍ଲାଇବା ଭଳି ସାମର୍ଥ୍ୟ ରହିଛି ବୋଲି କମଳା ଦୃଢ଼ତାର ସହ କହିଥିଲେ। ଏହି ଆଲୋଚନା ବେଳେ ସେ ଅତି ଆତ୍ମହରା ହୋଇପଡିଥିଲେ। ଦେଶ ପାଇଁ ଜୀବନକୁ ଉତ୍ସର୍ଗ କରିଥିବା କମଳା ଆଜି ବି ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଥିବା ବୁଦ୍ଧିଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି। କମଳା ଓ ତାଙ୍କ ପରିବାରକୁ ରାଜ୍ୟ ସରକାର ଉଚିତ ସମ୍ମାନ ପ୍ରଦାନ କରନ୍ତୁ ବୋଲି ମହାପାତ୍ର କହିଛନ୍ତି।


ସ୍ୱାଧୀନତା ସଂଗ୍ରାମୀ କମଳା ସାହୁ।

**–ରିପୋର୍ଟ: ବେବର୍ତ୍ତା ଅଜୟ ଦାସ**

## ବନ୍ଧୁତ୍ୱ ହିଁ ଶ୍ରେଷ୍ଠ ସମ୍ପଦ


ବନ୍ଧୁମିଳନ ଉତ୍ସବ ଅବସରରେ ଅତିଥିଙ୍କ ଗହଣରେ ପୁରାତନ ଛାତ୍ରୀଛାତ୍ର।

ଆଳି, ୧୧।୧୧ (ଡି.ଏନ୍.ଏ.)

ବନ୍ଧୁତ୍ୱ ହିଁ ଶ୍ରେଷ୍ଠ ସମ୍ପଦ, ଏହାର କୌଣସି ବିକଳ୍ପ ନାହିଁ ବୋଲି ଆଳି ବ୍ଲକସ୍ଥିତ ଚଣ୍ଡିଆଗଡି ନୋଡାଲ ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ ବନ୍ଧୁମିଳନ ଉତ୍ସବରେ ଅତିଥିମାନେ ପ୍ରକାଶ କରିଛନ୍ତି। ଚଣ୍ଡିଆଗଡି ପଞ୍ଚାୟତସ୍ଥିତ ଉକ୍ତ ହାଇସ୍କୁଲ ପରିସରରେ ରବିବାର ୧୯୮୬ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଚରଣ ନାୟକ, ଅଚ୍ୟୁତାନନ୍ଦ ରାଉତ, ଦୈତାରି ଷଡ଼ଙ୍ଗୀ, ଗିରିଧାରୀ ନାଥଶର୍ମା, ସୁରେନ୍ଦ୍ର ଲେଙ୍କା, ମଧୁସୁଦନ ଦାସ, ଶ୍ରୀଧର ନନ୍ଦ, ନିତ୍ୟାନନ୍ଦ କର, ଭାଗବତ ସାହୁ, କନକଲତା ମହାନ୍ତି ଓ ବଂଶୀଧର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଶିକ୍ଷକ ଓ ଛାତ୍ର ମଧ୍ୟରେ ଥିବା ସୁସମ୍ପର୍କ ଉପରେ ମତ ରଖିଥିଲେ। ଛାତ୍ରୀଛାତ୍ରମାନେ ଉପସ୍ଥିତ ସମସ୍ତ ଶିକ୍ଷକଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ରଞ୍ଜନ କୁମାର ଦାଶ, ପତିତପାବନ ପଣ୍ଡା, ଯଶୋବନ୍ତୀ ସାହୁ ଓ ଶୁଭ୍ରକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଗାୟତ୍ରୀ ଯଜ୍ଞ ପୂର୍ଣ୍ଣାହୁତି

ରାଜକନିକା, ୧୧।୧୧(ଡି.ଏନ୍.ଏ.)

ରାଜକନିକା ବ୍ଲକ ଅନ୍ତର୍ଗତ ନହୁଣି ପଡିଆରେ ୩ ଦିନ ଧରି ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେଉଛି। ଗାୟତ୍ରୀ କ୍ରୀଡା ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଚାଲିଥିବା ଏହି ଯଜ୍ଞରେ ଶନିବାର ମୁଖ୍ୟଅତିଥିଭାବେ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶୋକ କୁମାର ପଣ୍ଡା ଏବଂ ସମ୍ମାନିତ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ପ୍ରତାପ କେଶରୀ ଦେବ ଯୋଗଦେଇ ଯଜ୍ଞର ପୂର୍ଣ୍ଣାହୁତି ଦେଇଛନ୍ତି। କାର୍ଯ୍ୟକ୍ରମରେ ରାଜକନିକା ପଞ୍ଚାୟତ ସମିତିର ଅଧକ୍ଷା ସାବିତ୍ରୀ ଦାସ, ଜିଲା ପରିଷଦ ସଭ୍ୟ ଜୟଦେବ ଦାସ, ଜଗନ୍ନାଥ ରାଉତରାୟ, ଗାୟତ୍ରୀ କ୍ରୀଡା ସାଂସ୍କୃତିକ ପରିଷଦର ସଭାପତି ଶ୍ରୀନିବାସ ପ୍ରଧାନ ଓ ସମ୍ପାଦକ ବିଜୟ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ନହୁଣୀ ଛକରେ ଯାତ୍ରୀ ବିଶ୍ରାମଗାରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ନିମାଇଁ ଚରଣ ଦାସ, ଯୁଗଳ କିଶୋର ମଲିକ, ଧନଞ୍ଜୟ ପରିଡା ଓ ଶ୍ୱେତରଞ୍ଜନ ଦାସ ପରିଚାଳନା କରିଥିଲେ।

## ମେଡିକାଲ୍ କଲେଜ ପ୍ରତିଷ୍ଠା ଦାବି ଜୋର ଧରିଲା

କେନ୍ଦ୍ରାପଡ଼ା ଅଫିସ, ୧୧।୧୧

ବିଭିନ୍ନ କ୍ଷେତ୍ରରେ ଅବହେଳାର ଶୀକାର ହୋଇଥିବା କେନ୍ଦ୍ରାପଡାବାସୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ପଛୁଆ। ଏହାର ପାରିପାର୍ଶ୍ୱିକ ସ୍ଥିତି ମେଡିକାଲ କଲେଜ ପାଇଁ ଉପଯୁକ୍ତ ଥିବାବେଳେ କେନ୍ଦ୍ର ଅଥବା ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି । ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ରହିଛି ବୋଲି ଜିଲା ବିକାଶ ସାମ୍ମୁଖ୍ୟ ପକ୍ଷରୁ ରବିବାର ଆୟୋଜିତ ପ୍ରସ୍ତୁତି ବୈଠକରେ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ସହରର ଖଡିଅଙ୍ଗସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ସଭାପତି ଡ. ଅଲେଖ ଚନ୍ଦ୍ର ପଢ଼ିହାରୀ ଅଧକ୍ଷତା କରିଥିଲେ । ଏଥିରେ ଶିକ୍ଷାବିତ ନନ୍ଦ କିଶୋର ପରିଡା, ଡ.ବାସୁଦେବ ଦାସ, ନକୁଳ ଚରଣ ଦାସ, ଡ. ଅମୀୟ କୁମାର ମହାନ୍ତି, ବୈଷ୍ଣବ ଚରଣ ସ୍ୱାଇଁ, ରମଣୀରଞ୍ଜନ ରାଉତରାୟ, ଭଗବାନ ପତ୍ରୀ, ଶୁଭ୍ରାଂଶୁ କୁମାର ଦାସ, ପ୍ରଭାତ ଅଧିକାରୀ, ସରୋଜରାଜ ସିଂହ, ସରୋଜ କୁମାର ସାହୁ ଓ କରିଷ୍ମା ଦଣ୍ଡିଆ ପ୍ରମୁଖ ଯୋଗ ଦେଇ ମେଡିକାଲ କଲେଜର ଆବଶ୍ୟକତା ସମ୍ପର୍କରେ ମତ ଦେଇଥିଲେ । କଲେଜ ପ୍ରତିଷ୍ଠା ପାଇଁ ସାମୁହିକ ଭାବେ ରାଜନେତା, ବୁଦ୍ଧିଜୀବୀ, ଛାତ୍ର, ଯୁବକ, ମହିଳା ଓ ଜନସାଧାରଣ ସ୍ୱର ଉଠାଇବା ସମୟ ଆସିଛି ବୋଲି ସେମାନେ ପ୍ରକାଶ କରିଥିଲେ । ଏଥିସହ ଆଗାମୀ ଦିନରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଏନେଇ ସ୍ମାରକ ପତ୍ର ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ପ୍ରାରମ୍ଭରେ ସମ୍ପାଦକ ଅଜୟ କୁମାର ସାମଲ ଏସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ । ବୈଠକକୁ ଭାଗିରଥି ଜେନା ପରିଚାଳନା କରିଥିଲେ ।


ବୈଠକରେ ଜିଲା ବିକାଶ ସାମ୍ମୁଖ୍ୟର ସଦସ୍ୟ ଓ ଅନ୍ୟମାନେ।

- ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଦୁର୍ନୀତି

## ସବ୍ ଏଜେଣ୍ଟଙ୍କ ନାଁରେ ଥାନାରେ ମାମଲା

ରାଜନଗର, ୧୧।୧୧ (ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ମହିଳାମାନଙ୍କୁ ଗ୍ୟାସ ସଂଯୋଗ ଦିଆଯିବା ବଦଳରେ ସେମାନଙ୍କ ନାଁରେ ଗ୍ୟାସ ଟାଙ୍କି, ଚୁଲା, ରେଗୁଲେଟର ଓ ପାଇପ ଲୁଟି ନିଆଯାଇଛି। ରାଜନଗର ବ୍ଲକର ୨ହଜାରରୁ ଊର୍ଦ୍ଧ୍ୱ ମହିଳା ଏହି ଠକେଇର ଶିକାର ହୋଇଛନ୍ତି। ଏ ନେଇ ରାଜନଗର ବ୍ଲକ ତାଳଚୁଆ ଓ ବାଘମାରି ପଞ୍ଚାୟତର ୪ଜଣ ମହିଳା ରବିବାର ତାଳଚୁଆ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଯୋଜନାରେ ରିହାତି ଦରରେ ଗ୍ୟାସ ସଂଯୋଗ ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ନିୟମ କରିଛନ୍ତି। ମାତ୍ର ରାଜନଗର ବ୍ଲକରେ ଦଲାଲମାନେ ହିତାଧିକାରୀଙ୍କଠାରୁ କାଗଜପତ୍ର ସଂଗ୍ରହ କରି ସେମାନଙ୍କ ନାଁରେ ଗ୍ୟାସ ସଂଯୋଗ କରାଇ ଅନ୍ୟତ୍ର ବିକ୍ରି କରୁଛନ୍ତି। ତାଳଚୁଆ ସାମୁଦ୍ରିକ ଥାନାରେ ଠକେଇର ଶିକାର ହୋଇଥିବା ୩ ଜଣ ମହିଳା ଓ ଜଣେ ମହିଳାଙ୍କ ସ୍ୱାମୀ ପୃଥକ ପୃଥକ ୪ଟି ଅଭିଯୋଗ କରିଛନ୍ତି। ରାଜପଟଣା ଗାଁର ଲକ୍ଷ୍ମୀ ଘଡାଇଙ୍କ ସ୍ୱାମୀ ବିଜୟ ଘଡାଇ, ଉଦ୍ୟାନ ଗାଁର ସନ୍ଧ୍ୟାରାଣୀ ଦାସଙ୍କ ଅଭିଯୋଗ ମୁତାବକ ଏହି ଯୋଜନାରେ ଗ୍ୟାସ ସଂଯୋଗ ପାଇଁ ଦେଢବର୍ଷ କାଗଜପତ୍ର ଦେଇଥିଲୁ। ହାତିଆଗଣ୍ଡ ବଜାରରେ ଗ୍ୟାସ ସବ୍‌ଏଜେନ୍ସି ନେଇଥିବା କାର୍ତ୍ତିକ ଦଳପତି କାଗଜପତ୍ର ନେଇଥିଲେ। ମାତ୍ର ଦେଢ଼ବର୍ଷ ପରେ ବି ଆମକୁ ଗ୍ୟାସ ଦିଆଯାଉନାହିଁ। ତେବେ ଆମ ନାଁରେ ବର୍ଷକ ତଳୁ ଗ୍ୟାସ ସଂଯୋଗ ନିଆଯାଇଥିବା ରଙ୍ଗଣୀସ୍ଥିତ ଇଣ୍ଡେନ ବିତରକଙ୍କଠାରୁ ଜଣାପଡ଼ିବା ପରେ ଥାନାରେ ଅଭିଯୋଗ କରିଛୁ। ସେହିପରି ଭଞ୍ଜପ୍ରସାଦ ଗ୍ରାମର ଭାରତୀ କଳା ଓ ଝୁମ୍ପା ଗିରିଙ୍କ ଅଭିଯୋଗ ମୁତାବକ ସେମାନେ ୨ବର୍ଷ ତଳେ କାର୍ତ୍ତିକ ଦଳପତିଙ୍କୁ କାଗଜପତ୍ର ସହ ୩ହଜାର ଟଙ୍କା ଦେଇଥିଲେ। ବାରମ୍ବାର ଦୌଡିବା ପରେ ୮ମାସ ତଳେ ସେମାନଙ୍କୁ ଗ୍ୟାସ ସଂଯୋଗ ମିଳିଥିବା ବେଳେ ଆଜି ପର୍ଯ୍ୟନ୍ତ କାଗଜପତ୍ର ଦେଉନାହାନ୍ତି। ସେ ଆମଠାରୁ ନଗଦ ଟଙ୍କା ନେଇଥିବା ବେଳେ ଲୋନରେ ଗ୍ୟାସ ସଂଯୋଗ ଦେଇଥିବା ଦର୍ଶାଇଛନ୍ତି। ଯାହାଫଳରେ ଆମେ ସବସିଡି ଅର୍ଥ ପାଇପାରୁନାହୁଁ ବୋଲି ଭାରତୀ କହିଛନ୍ତି। ତେବେ ସବ୍ ଲଜେଣ୍ଟ କାର୍ତ୍ତିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

## ଓସ୍ତିଆରେ ଜନ ସମ୍ପର୍କ ପଦଯାତ୍ରା

ରାଜନଗର, ୧୧।୧୧ (ଡି.ଏନ୍.ଏ.)

ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ଗାଁକୁ ଗାଁ ପଦଯାତ୍ରାରେ ଯିବା ସହ ଲୋକମାନଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ଏହି ପଦଯାତ୍ରାରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧକ୍ଷ ଜୟୀରାମ ସେଠୀ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ଜଗବନ୍ଧୁ ନାୟକ, ଯୁବ ବିଜେଡି ସଭାପତି ପାରେଶ୍ୱର ନାୟକ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ନାଥ ସେଠୀ, ଓସ୍ତିଆ ସରପଞ୍ଚ କେଦାରନାଥ ସାହୁ, ବିଜେଡି ଉପସଭାପତି ଗୋବର୍ଦ୍ଧନ ପ୍ରଧାନ, ଅରୁଣ କୁମାର ସାହୁ, ସାଧାରଣ ସମ୍ପାଦକ ନରହରି ଜେନା, ପ୍ରଶାନ୍ତ କୁମାର ରାଉତ, ଯୁବନେତା ଅଶୋକ କୁମାର ମହାନ୍ତି ପ୍ରମୁଖ ସାମିଲ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ତପନ କୁମାର ବଳ, ବିଜୟ କୁମାର ରାଉତ, ତ୍ରିଲୋଚନ ସାହୁ, ନବକିଶୋର ପାତ୍ର, ବିଜ୍ଞାନ ରଂଜନ ଜେନା, ଛାତ୍ର ବିଜେଡି ସଭାପତି ପ୍ରକାଶଚନ୍ଦ୍ର ତାଣ୍ଡୁ, ଅମର ସେଠୀ, ରମେଶ ପ୍ରଧାନ, ବନମାଳୀ ସେଠୀ, ଘନଶ୍ୟାମ ଦାସ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳରେ ୧୫ରୁ ଊର୍ଦ୍ଧ୍ୱ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା।

## ସଂକ୍ଷେପରେ

### ମଶାଧୂଆଁରୁ ଜଳିଗଲା ୩ ବଖରା

**ବାଲିକୁଦା,୧୧।୧୧(ସ୍ୱ.ପ୍ର.):** ବାଲିକୁଦା ତହସିଲ ଅଧୀନ ରାହାଣ ଗାଁରେ ଶନିବାର ବିଳମ୍ବିତ ରାତିରେ ସୂର୍ଯ୍ୟକାନ୍ତ ଦାସଙ୍କ ଗୋରୁ ଗୁହାଳ ସମେତ ୩ ବଖରା ଘର ପୋଡ଼ିଯାଇଛି। ଗୁହାଳେ ଦିଆଯାଇଥିବା ମଶା ଧୂଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ସୂଚନା ଅନୁଯାୟୀ, ରାତିରେ ଗାଈ ଗୋରୁଙ୍କୁ ଖାଇବାକୁ ଦେଇ ସୂର୍ଯ୍ୟକାନ୍ତଙ୍କ ପରିବାର ଲୋକେ ଗୁହାଳେ ମଶା ଧୂଆଁ ଦେଇଥିଲେ। ପରେ ପରିବାରର ସମସ୍ତେ ଶୋଇ ଯାଇଥିଲେ। ଗୁହାଳେ ଦିଆଯାଇଥିବା ମଶା ଧୂଆଁରୁ ନିଆଁ ଘରକୁ ବ୍ୟାପିଥିଲା। ସେହି ସମୟରେ କେହି ଲୋକ ବାହାରକୁ ଉଠିଥିବା ବେଳେ ଅଗ୍ନିକାଣ୍ଡ ବାବଦରେ ଜାଣି ଡାକ ପକାଇଥିଲେ। ଗାଁ ଲୋକେ ଆସି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ପରେ ବାଲିକୁଦା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ସବୁକିଛି ପୋଡି ପାଉଁଶ ହୋଇସାରିଥିଲା।

### ସତ୍ୟସାଇ ସେବା ସମିତିର ରକ୍ତଦାନ ଶିବିର

**କୁଜଙ୍ଗ,୧୧।୧୧(ସ୍ୱ.ପ୍ର):** କୁଜଙ୍ଗ ସତ୍ୟସାଈ ସେବା ସମିତି ପକ୍ଷରୁ ମଙ୍ଗରାଜପୁର ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ବାବାଙ୍କ ଶୁଭ ଜନ୍ମଦିନ ପୂର୍ବରୁ ସମିତି ପକ୍ଷରୁ ବିଭିନ୍ନ ସେବା ମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବେଳେ ରକ୍ତଦାନ ଶିବିର, ସ୍ୱଚ୍ଛତା ହିଁ ଦିବ୍ୟତ୍ୱ ମାଧମରେ ବିଭିନ୍ନ ପରିତ୍ୟକ୍ତ ସ୍ଥାନ ସଫେଇ ଓ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ରବିବାର କାର୍ଯ୍ୟକ୍ରମକ ଶିକ୍ଷାବିତ୍ ତଥା ସମିତିର ପ୍ରାକ୍ତନ ଆବାହକ ଦୀନବନ୍ଧୁ ସେନାପତି ଓ ମଙ୍ଗରାଜପୁର ସରପଞ୍ଚ ପୂର୍ଣ୍ଣିମ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ପ୍ରାକ୍ତନ ଆବାହକ ଦାମୋଦର ସ୍ୱାଇଁ, ଜୟନ୍ତୀ ସ୍ୱାଇଁ, ବିଜୟ ସ୍ୱାଇଁ, ମନୋଜ ରଞ୍ଜନ ମାଝୀ, ପ୍ରମୋଦ କୁମାର ଦାସ, ଧନୁର୍ଦ୍ଧର ପଣ୍ଡା ପ୍ରମୁଖଙ୍କ ସହ ମଙ୍ଗରାଜପୁର ଭଜନ ମଣ୍ଡଳୀ ପକ୍ଷରୁ ସମସ୍ତ ସଭ୍ୟ ସହଯୋଗ କରିଥିଲେ। କଟକ ରେଡକ୍ରସ ପକ୍ଷରୁ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

### ଶିକ୍ଷକ ସଂଘ ବୈଠକ

**କୁଜଙ୍ଗ,୧୧।୧୧(ସ୍ୱ.ପ୍ର.):** କୁଜଙ୍ଗ ସ୍ଥିତ ପ୍ରାଥମିକ ଶିକ୍ଷକ ଭବନଠାରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକମାନଙ୍କ ଏକ ବୈଠକ ପ୍ରାଥମିକ ଶିକ୍ଷକ ସଂଘ ନେତା ଚିନ୍ତାମଣି ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଆବାହକ ବାବୁରାମ ଚୌଧୁରୀ ଯୋଗଦେଇ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ଶିକ୍ଷକ ନେତା ମଧୁମଙ୍ଗଳ ସ୍ୱାଇଁ, ନବୀନ ପ୍ରଧାନ, ପ୍ରହ୍ଲାଦ ଖଟୁଆ, ଗୋପବନ୍ଧୁ ନାୟକ, ହିମାଂଶୁ ଶେଖର ସାମଲ, ଅବସରପ୍ରାପ୍ତ ଶିକ୍ଷକ ରବି ଚୌଧୁରୀ, ଗୋପବନ୍ଧୁ ଓଝା, ଧିରେନ୍ଦ୍ର କୁମାର ଦାସ, ସର୍ବେଶ୍ୱର ମହାପାତ୍ର, ଅଶୋକ କୁମର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ନଭେମ୍ବର ୧୮ରେ ସାଧାରଣ ପରିଷଦ ବୈଠକ ହେବା ସହ କର୍ମକର୍ତ୍ତା ଚୟନ କରାଯିବ ବୋଲି ଏଥିରେ ନିଷ୍ପତ୍ତି ହୋଇଥିଲା।

### ବଣିକ ସଂଘ ପକ୍ଷରୁ ଖବରଦାତାଙ୍କୁ ସମ୍ବର୍ଦ୍ଧନା

**ରାହାମା,୧୧।୧୧(ଡି.ଏନ୍.ଏ.):** ଦୀପାବଳି ଉତ୍ସବ ଉପଲକ୍ଷେ ରାହାମା ବଣିକ ସଂଘ ପକ୍ଷରୁ କାର୍ଯ୍ୟରତ ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବଜାର କମିଟି ସଭାପତି ଜଟାଧାରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ସୁନାକର ବେହେରା, କାର୍ଯ୍ୟକାରୀ ସଭାପତି ମନୋଜ କୁମାର ସାହୁ, କୋଷାଧକ୍ଷ ରବିନ୍ଦ୍ର ନାଥ ପ୍ରଧାନ, ଉପସଭାପତି ତାପସ ମଲ୍ଲ, ପୂର୍ବତନ ସଭାପତି ଭିକାରୀ ଚରଣ ସେନାପତି, ଦିଲୀପ କୁମାର ମହାପାତ୍ର, ଧୃତି ଗୋବିନ୍ଦ ବେହେରା, ଦୁଯୋର୍ଯ୍ୟଧନ ସ୍ୱାଇଁ, ସୁଦର୍ଶନ ସାହୁ, ରଘୁନାଥ ଦାସ ପ୍ରମୁଖ ଉପସ୍ଥିତ ରହି ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଏମ୍‌ପି ରଞ୍ଜୀବ ବିଶ୍ୱାଳ, ପାରାଦୀପ ବିଧାୟକ ଦାମୋଦର ରାଉତଙ୍କୁ ସେମାନଙ୍କ ପାଣ୍ଠିରୁ ସହାୟତା ପ୍ରଦାନ ପାଇଁ ଓ କଂଗ୍ରେସ ନେତା ବାପି ସର୍ଖେଲ, ଭାଜପା ନେତା ସମ୍ପଦ ସ୍ୱାଇଁଙ୍କୁ ସେମାନଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

## ■ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଆଉ ୧୧ ଦିନ

# ସମସ୍ତଙ୍କ ପାଇଁ ଦାମ ଅଡୁଆ

**ପାରାଦୀପ,୧୧।୧୧(ସ୍ୱ.ପ୍ର.)**

ପାରାଦୀପର ଅନ୍ୟତମ ଗଣପର୍ବ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଆଉ ମାତ୍ର ୧୦ ଦିନ ରହିଲା। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ହେଉଥିବା ଏହି ବାଲିଯାତ୍ରା ମହୋତ୍ସବ ପାଇଁ ଏବେ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି। ତେବେ ଚଳିତବର୍ଷ ମହୋତ୍ସବ ଆୟୋଜନରେ ସ୍ଥାନୀୟ ବିଧାୟକ ଦାମୋଦର ରାଉତ ସମସ୍ତଙ୍କ ମୁଣ୍ଡବିନ୍ଧାର କାରଣ ସାଜିଲେଣି। କାରଣ ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସିବେ ବୋଲି ସୂଚନା ମିଳିସାରିଛି। ସେଥିପାଇଁ ଆୟୋଜକମାନେ ସତର୍କତାର ସହ କାର୍ଯ୍ୟ କରୁଛନ୍ତି। ଯେହେତୁ ଦାମ ସ୍ଥାନୀୟ ବିଧାୟକ ଭାବେ ମହୋତ୍ସବ କମିଟିର ସଦସ୍ୟ ଅଛନ୍ତି, ତେଣୁ ତାଙ୍କୁ ଉପେକ୍ଷା କରିହେଉନାହିଁ। ଏଣୁ ମାରିଲେ ଗୋ ହତ୍ୟା, ତେଣୁ ମାରିଲେ ବ୍ରହ୍ମହତ୍ୟା ନ୍ୟାୟରେ ଦାମଙ୍କୁ ପ୍ରଶାସନ ଅଣଦେଖା କରିପାରୁନି କି ଗ୍ରହଣ କରିପାରୁନି। ଦୀର୍ଘ ୨୬ ବର୍ଷ ଧରି ବାଲିଯାତ୍ରା ଆୟୋଜନରେ ଦାମ ପ୍ରତ୍ୟକ୍ଷ ଭାବେ ଜଡିତ ରହି ସମସ୍ତ ନିଷ୍ପତ୍ତି ନେଉଥିଲେ। ଅତିଥି ଚୟନଠାରୁ ଆରମ୍ଭ କରି ସାଂସ୍କୃତିକ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ସବୁ ନିଷ୍ପତ୍ତି ତାଙ୍କ ଇଙ୍ଗିତରେ ହେଉଥିଲା। କିନ୍ତୁ ଚଳିତବର୍ଷ ପାଣିପାଗ ବଦଳିଛି। ବିଜେଡିରୁ ବହିଷ୍କାର ହେବା ପରେ ଦାମ ଶାସକ-ପ୍ରଶାସକଙ୍କ ପାଇଁ ଅଲୋଡ଼ା ହୋଇପଡିଛନ୍ତି। ବାଲିଯାତ୍ରା ସମ୍ପର୍କରେ ତାଙ୍କୁ ଏବେ ପ୍ରଶାସନ କେବଳ

**ବାଲିଯାତ୍ରା ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ**

ସାଧାରଣ ସଦସ୍ୟ ଭାବେ ପ୍ରତି କଥା ଚିଠି ଦ୍ୱାରା ଅବଗତ କରାଉଛି। ଦାମ ମଧ ନିଜ ଆଡୁ କରଛଡ଼ା ଦେଉଥିବା ଦେଖାଗଲାଣି। କାରଣ ବାଲିଯାତ୍ରା ପ୍ରସ୍ତୁତି ବୈଠକରେ ଦାମ ମାତ୍ର ୫ ମିନିଟ୍ ବକ୍ତବ୍ୟ ଦେଇ ଚୁପ୍ ବସିଥିଲେ। ବାଲିଯାତ୍ରା କମିଟିର ସ୍ଥାୟୀ ସଦସ୍ୟଭାବେ ଜିଲାର ୪ ବିଧାୟକ ଓ ଏମ୍‌ପି ଅଛନ୍ତି। ଯିଏ ଯେଉଁ ଦଳରୁ ବିଧାୟକ ଥାଆନ୍ତୁ ନା କାହିଁକି ସେମାନେ ସ୍ଥାୟୀ ସଦସ୍ୟ। ପାରାଦୀପ ବାଲିଯାତ୍ରା ଆରମ୍ଭରୁ ଦାମ ଥିବାରୁ ତାଙ୍କର ପ୍ରଭାବ ରହୁଥିଲା। ଗତ ସେପ୍ଟେମ୍ବର ୨ରୁ ବିଜେଡି ଦାମଙ୍କୁ ବହିଷ୍କାର କରିବା ପରେ ସେ ପାରାଦୀପରେ ଏକ ପ୍ରକାର ଅଲୋଡ଼ା ହୋଇଗଲେଣି। ତାଙ୍କ ସହିତ ନିର୍ବାଚନମଣ୍ଡଳୀରୁ ମାତ୍ର ହାତଗଣତି ୩ରୁ ୪ ଜଣ ପୂର୍ବତନ କର୍ମୀ ଥିବା ଦେଖିବାକୁ ମିଳୁଛି। ଏପରିକି ଗତ ୧୦ ତାରିଖରେ ଦାମ ପାରାଦୀପରେ ନିଜର ସ୍ୱତନ୍ତ୍ର ଦଳ 'ବିଜୁ ସମତା କ୍ରାନ୍ତି' ଘୋଷଣା କରିବା ସମୟରେ ଏକା ଥିଲେ। ତାଙ୍କର ଅନୁଗତ ସମର୍ଥକମାନେ ବାଲିଯାତ୍ରା କମିଟିରେ ସଦସ୍ୟ ଥିଲେ ମଧ ସେମାନେ ଦାମଙ୍କୁ ଆଉ କୌଣସି କଥାରେ ପଚାରୁନାହାନ୍ତି। ଜିଲା ପ୍ରଶାସନ ମଧ ଦାମଙ୍କୁ ସାହସ କରି ଡାକି ପାରୁନି। କାରଣ ବାଲିଯାତ୍ରା ଉଦ୍‌ଘାଟନ ସଭାରେ ମୁଖ୍ୟମନ୍ତ୍ରୀଙ୍କ ସହ ଦାମ ଗୋଟିଏ ମଞ୍ଚରେ ବସିବାର ସୁଯୋଗ ଅଛି। ତେବେ ଦାମଙ୍କୁ କହିବାର ସୁଯୋଗ ମିଳିବ କି ନାହିଁ ତାହା ସମୟ କହିବ। ଚଳିତବର୍ଷ ବିଜେଡିରୁ ଦାମ ବହିଷ୍କାର ହେବା ଘଟଣା ଯୋଗୁ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ପ୍ରସ୍ତୁତି ବୈଠକ ମାସେ ବିଳମ୍ବରେ ହୋଇଥିଲା। ସେହି ଆଧାରରେ ପ୍ରସ୍ତୁତି କାମ ବିଳମ୍ବରେ ଚାଲିଛି। ପ୍ରତି କାମକୁ ବ୍ୟବସ୍ଥିତ କରିବା ପାଇଁ କମିଟି ଏଥର ଟେଣ୍ଡର ଦ୍ୱାରା ସମାଧାନ କରୁଛି। ପୂର୍ବରୁ ଦାମଙ୍କ ଇଙ୍ଗିତରେ ନିର୍ଦ୍ଦିଷ୍ଟ ଏକ ଇଭେଣ୍ଟ ସଂସ୍ଥାକୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅଗ୍ରାଧିକାର ଦିଆଯାଉଥିଲା। ସେତେବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଆକର୍ଷଣୀୟ ହୋଇପାରୁ ନ ଥିଲା। କମିଟିକୁ ଅଧିକ ଖର୍ଚ୍ଚ କରିବାକୁ ପଡୁଥିଲା। ଅନ୍ୟ ଏକ ପ୍ରସଙ୍ଗ ହେଲା ଦାମଙ୍କ କଟାକ୍ଷ ପାଇଁ ସପ୍ତାହ ସାରା ବାଲିଯାତ୍ରା ସାଂସ୍କୃତିକ ସଭାକୁ କୌଣସି ନେତା ଓ ଆଲୋଚକ ଆସିବାକୁ ଆଗ୍ରହ ପ୍ରକାଶ କରୁ ନ ଥିଲେ। ଚଳିତବର୍ଷ ସାଂସ୍କୃତିକ ସଭାକୁ କେବଳ ଆଲୋଚକମାନେ ଆସିବେ ବୋଲି ଜଣାଯାଇଛି। ଉଦ୍‌ଘାଟନ ଓ ଉଦ୍‌ଯାପନ ଦୁଇ ସନ୍ଧ୍ୟା ରାଜନେତାଙ୍କ ପାଇଁ ଉର୍ଦ୍ଦିଷ୍ଟ। ରବିବାର ସୁଦ୍ଧା ୨୦୦ ସରକାରୀ ଷ୍ଟଲ ମଧ୍ୟରୁ ୪୦ ବୁକିଂ ସରିଲାଣି। ୭ଦିନ ପାଇଁ ଷ୍ଟଲ ପିଛା ଷ୍ଟଲ ୫ହଜାର ଟଙ୍କା ଥିବାବେଳେ ଖାଲି ସ୍ଥାନ ପାଇଁ ବର୍ଗମିଟର ୧ ଟଙ୍କା ରହିଛି। ଏମିତି ସ୍ଥିତିରେ ବାଲିଯାତ୍ରାକୁ ବ୍ୟବସ୍ଥିତ କରିବା ପାଇଁ ଜିଲା ପ୍ରଶାସନ ସମସ୍ତ ଉଦ୍ୟମ ଚଳାଇଛି।



କଳିଙ୍ଗ ବାଲିଯାତ୍ରା ପାଇଁ ମରାଯାଇଥିବା ହୋର୍ଡିଂ।

### ବାମଦେବଙ୍କୁ କବି ଜ୍ୟୋତି ସମ୍ମାନ



**ବାଲିଆ,୧୧।୧୧**

ବିରିଡ଼ି ବ୍ଲକ ଅଞ୍ଚଳର ଜଣେ ଖ୍ୟାତନାମା ଗୀତିକବି, ନାଟ୍ୟ ନିର୍ଦ୍ଦେଶକ ତଥା ନାଟ୍ୟକାର ବାମଦେବ ସ୍ୱାଇଁଙ୍କୁ କବି ଜ୍ୟୋତି ସମ୍ମାନ ୨୦୧୮ରେ ସମ୍ମାନିତ କରାଯାଇଛି। କଟକ ଜିଲା ୪୨ ମୌଜା ବରାଳ ନାରାୟଣୀ ବଜାର କାଳିପୂଜା କମିଟି ଦ୍ୱାରା ଆୟୋଜିତ ନାଟ୍ୟ ଉତ୍ସବ କାର୍ଯ୍ୟକ୍ରମରେ ଗୀତିକବି ସ୍ୱାଇଁଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିପାଇଁ ତାଙ୍କୁ ଆଷାଢ଼ ସାହିତ୍ୟ ସଂସଦ ସଭାପତି କବି ପିତାମ୍ବର ମହାପାତ୍ର, ନାଟ୍ୟ ଗୁରୁ ବିଜୟ ସାହୁ ଓ ଆଞ୍ଚଳିକ କଳା ମହାମଞ୍ଚର ସମସ୍ତ କଳାକାର ଅଭିନନ୍ଦନ ଜଣାଇଛନ୍ତି।

## ଗାଳ୍ପିକା କାଦମ୍ବିନୀ ପରିଜାଙ୍କୁ ସୁକାନ୍ତି ଦେବୀ ସ୍ମୃତି ସମ୍ମାନ


ଗାଳ୍ପିକା କାଦମ୍ବିନୀ ପରିଜାଙ୍କୁ ଅତିଥି ସମ୍ମାନିତ କରୁଛନ୍ତି।

**ବାଲିଆ,୧୧।୧୧**

କଟକ ଜିଲା ଅରିଲୋଠାରେ ଥିବା ଶିଶୁ ଅନନ୍ତ ଆଶ୍ରମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଲୋକନାଥ ସ୍ମୃତି ସାହିତ୍ୟ ସଂସଦର ସାରସ୍ୱତ ସମାରୋହରେ ବିରିଡ଼ି ବ୍ଲକ ବୁଢାପଡ଼ା ଗ୍ରାମର ଗାଳ୍ପିକା କାଦମ୍ବିନୀ ପରିଜାଙ୍କୁ ସୁକାନ୍ତୀ ଦେବୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଶିଶୁ ଗଳ୍ପ 'ଜେଜେ ମାଙ୍କ ଅଡୁଆ ସୂତାରୁ ଖିଏ' ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ଆଧୁନିକ ଓଡିଆ କ୍ଷୁଦ୍ରଗଳ୍ପ, ଜଣାଣ ତଥା ଶିଶୁ ଗୀତ ପାଇଁ ପରିଜା ବେଶ୍ ଜଣାଶୁଣା। ଶିକ୍ଷକତା ତାଙ୍କ ବୃତ୍ତି ହେଲେ ମଧ ବ୍ରତ ସାହିତ୍ୟ ସାଧନା। ତାଙ୍କର ସୃଜନଶୀଳ ଶିଶୁ ମନସ୍କ ଗଳ୍ପ 'ଜେଜେ ମାଙ୍କ ଅଡୁଆ ସୂତାରୁ ଖିଏ'ଏବଂ ଗୀତି କବିତା ସଂକଳନ 'ଏମିତି ଏକ ଋତୁ' ବେଶ ପାଠକୀୟ ଆଦୃତି ଲାଭ କରିଛି। ପରିଜାଙ୍କୁ ତାଙ୍କ କୃତି ପାଇଁ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ, ନୀଳକଣ୍ଠେଶ୍ୱର ସାହିତ୍ୟ ସଂସଦ, ଆଷାଢ଼ ସାହିତ୍ୟ ସଂସଦ, ଲକ୍ଷ୍ମୀପୂଜା ସାହିତ୍ୟ ସଂସଦ, ବୀଣାପାଣି ପବ୍ଲିକେଶନ ଆଣ୍ଡ ଫାଉଣ୍ଡେସନ ପ୍ରଭୃତି ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଛି।

## ଜାତୀୟ ଶିକ୍ଷା ଦିବସ ପାଳିତ

**ବାଲିଆ,୧୧।୧୧**

ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ତଥା ଶିକ୍ଷାନୀତିର ଯୁଗଶ୍ରଷ୍ଟା ମୌଲାନା ଅବଦୁଲ କଲାମ ଆଜାଦଙ୍କ ଜନ୍ମଦିନକୁ ରବିବାର ବିରିଡି ବ୍ଲକର ବିଭିନ୍ନ ବିଦ୍ୟାଳୟ ସମୂହ ଜାତୀୟ ଶିକ୍ଷା ଦିବସ ରୂପେ ପାଳନ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା ଓ ମୌଲାନା ଅବଦୁଲ କଲାମ ଆଜାଦଙ୍କ ଜୀବନ ଆଦର୍ଶ ଉପରେ ଆଲୋଚନା କରାଯାଇଥିଲା। ଏହି ଦିବସ ପାଳନ ଅବସରରେ ଅଢଙ୍ଗ ଶାସନ ନଳିନୀ ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଲାମାନଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା ଓ ଗାଁ ପରିକ୍ରମା କାର୍ଯ୍ୟକ୍ରମ ହୋଇଥିଲା। ପରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ବେହେରାଙ୍କ ପୌରୋହିତ୍ୟରେ ଏକ ଆଲୋଚନା ସଭା ହୋଇଥିଲା। ଏଥିରେ ଶିକ୍ଷୟିତ୍ରୀ ଅଜୟଲକ୍ଷ୍ମୀ ଆଚାର୍ଯ୍ୟ, ସକିଲା ଖାତୁନ, ରେବତୀ ମଲ୍ଲିକ, ଭାରତୀ ମହାନ୍ତି, ରୀତା ମାଝି, ଜ୍ୟୋତ୍ସ୍ନାରାଣୀ ଦାସ, ଶିକ୍ଷକ ସୁଦାମ ଚରଣ ନାୟକ, ଗୋଲେଖ ମଲ୍ଲିକ, ମାସୁଦ ଜାମା ପ୍ରମୁଖ ଯୋଗଦେଇ ସେହି ମହାନ ଯୁଗଶ୍ରଷ୍ଟାଙ୍କ ବିଷୟରେ ଆଲୋଚନା କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ବାର୍ଷିକ ଉତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଂଘ କର୍ମକର୍ତ୍ତା।

**ରାହାମା,୧୧।୧୧(ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ବାଲିକଣୀସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସେବା ସଂଘର ସପ୍ତମ ବାର୍ଷିକ ଉତ୍ସବ ସଭାପତି ସତ୍ୟନାରାୟଣ ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି। ବାଲିକଣୀସ୍ଥିତ କପିଳେଶ୍ୱର ମହାଦେବ ପ୍ରାଙ୍ଗଣରେ ହୋଇଥିବା ଏହି ଉତ୍ସବରେ ଶିକ୍ଷାବିତ୍ ତ୍ରିଲୋଚନ ଆଚାର୍ଯ୍ୟ ମୁଖ୍ୟଅତିଥି, ଅଧାପକ ଅରୁଣ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ମନୁଷ୍ୟ ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ କହିଥିଲେ। ବିଭିନ୍ନ ପୁରାଣ ଉପନିଷଦର ମୂଲ୍ୟବୋଧ ଭିତ୍ତିକ କଥା କହି ସଂଘର କାର୍ଯ୍ୟକ୍ରମକୁ ସେମାନେ ପ୍ରଶଂସା କରିଥିଲେ। ରାଜକିଶୋର ଦାସ, ସଜେନ୍ଦ୍ର ପ୍ରସାଦ ମହାପାତ୍ର, ତ୍ରିବିକ୍ରମ ସାମନ୍ତରାୟ, ବାଲିକଣୀ ସରପଞ୍ଚ ଜ୍ଞାନରଞ୍ଜନ ଚୌଧୁରୀ, ସମିତିସଭ୍ୟା ବିଜୟାନନ୍ଦ ପଟ୍ଟନାୟକ, ଶରତ ଚନ୍ଦ୍ର ବେହେରା, ସମ୍ପାଦକ ରବୀନ୍ଦ୍ର ନାଥ ମହାପାତ୍ର, ମଦନ ମୋହନ ରାଉତ, ସନ୍ତୋଷ କୁମାର ମହାନ୍ତି, ଧନେଶ୍ୱର ସାମନ୍ତରାୟ, ଈଶ୍ୱର ଚନ୍ଦ୍ର ପାଣି, ସଚ୍ଚିଦାନନ୍ଦ ମହାପାତ୍ର, ନୃସିଂହ ପ୍ରସାଦ ଦାସ, ବିଜୟ କୁମାର ରାଉତ, ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ସଂଘ ଆଗାମୀ ଦିନରେ ବହୁ ଜନହିତକର କାର୍ଯ୍ୟ ହାତକୁ ନେବ ବୋଲି ପ୍ରକାଶ କରିଥିଲେ। ବଜ୍ର ମହାକାଳ ମନ୍ଦିର ସଫେଇ, ଏହାର ପରିବେଶ ସୁରକ୍ଷା, ମୁଖଶାଳାଉଦ୍ଧାର, ବିଶ୍ୱଶାନ୍ତି ଯଜ୍ଞରେ ସହାୟତା, ସୌଭାଗ୍ୟ ଯୋଜନାରେ ମନ୍ଦିର ବିଦ୍ୟୁତକରଣ, ପ୍ରତିମାସରେ ଗୀତା ପଠନ, ସ୍ୱାଧୀନତା ଦିବସ ପାଳନ ଆଦି ବିଷୟରେ ସମ୍ପାଦକ ରବୀନ୍ଦ୍ର ନାଥ ମହାପାତ୍ର ସୂଚନା ଦେଇଥିଲେ।

## ଉପର ମୁଣ୍ଡରେ ପହଞ୍ଚୁନି ପାଣି, ଚିନ୍ତାରେ ଚାଷୀ

**କୁଜଙ୍ଗ,୧୧।୧୧(ସ୍ୱ.ପ୍ର.)**



ପୂର୍ବରୁ ବିଳମ୍ବିତ ମୌସୁମୀ ଯୋଗୁ ଧାନଚାଷ ବାଧାପ୍ରାପ୍ତ ହୋଇଥିଲା। ତଥାପି ଯେଉଁ କେତେଜଣ ଚାଷୀ ନିଜ ଉଦ୍ୟମରେ ଜଳସେଚନ କରି ରୁଆ ବେଉଷଣ କରିଥିଲେ, ସେମାନେ ଏବେ ମରୁଡି ଆଶଙ୍କାରେ ପଡିଛନ୍ତି। ବିଶେଷ କରି ଢିପ ଜମିରେ ଧାନ ଥୋଡ ବାହାରୁଥିବାରୁ ଜଳସେଚନ ଜରୁରୀ ହୋଇପଡିଛି। ଏଭଳି ସ୍ଥିତିରେ ପାଣି ନ ଥିବାରୁ ଧାନ ଫସଲ କ୍ଷତିଗ୍ରସ୍ତ ହେବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଚଢା ଦରରେ ଚାଷୀ ସାର କିଣି ଫସଲ ଛିଡ଼ା କରିଥିଲେ। ଏବେ ଫସଲ ବଞ୍ଚାଇବାକୁ ଅଧିକ ଟଙ୍କା ଖର୍ଚ୍ଚ କରି ପମ୍ପସେଟ୍ ଦ୍ୱାରା ପାଣି ମଡାଇବା ସେମାନଙ୍କ ପାଇଁ କଷ୍ଟକର। ତେଣୁ ତୁରନ୍ତ କୃଷି ବିଭାଗ ଚାଷୀଙ୍କୁ ପମ୍ପସେଟ୍ ଯୋଗାଇବା ସହ ଜଳକର ଓ ଋଣ ଛାଡ କରିବାକୁ ଅଞ୍ଚଳର ଚାଷୀ ଶିବ ସାହୁ, ଦେବ ପଟ୍ଟନାୟକ ପ୍ରମୁଖ ଦାବି କରିଛନ୍ତି। ଅନ୍ୟପକ୍ଷରେ ଧାନ ଫସଲରେ ରୋଗ ପୋକ ନିୟନ୍ତ୍ରଣ କରିବା କଷ୍ଟକର ହେଲାଣି। ୟୁରିଆ ସାରର କୃତ୍ରିମ ଅଭାବ ମଧ ଚାଷୀଙ୍କ ମୁଣ୍ଡ ବିନ୍ଧାର କାରଣ ହେଲାଣି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆଷାଢ଼ ମାସ ଶେଷ ପର୍ଯ୍ୟନ୍ତ ଚାଷୀଙ୍କୁ ଖରିଫ ବିହନ ଆବଶ୍ୟକ ମୁତାବକ ମିଳି ନ ଥିଲା। ଅକ୍ଷୟ ତୃତୀୟା ପରେ କ୍ଷେତ

- ■ ଧାନ ଥୋଡ଼ ବାହାରିବାରେ ବିଳମ୍ବ
- ■ ନିୟନ୍ତ୍ରଣ ହୋଇପାରୁନି ରୋଗ, ପୋକ ଉପଦ୍ରବ
- ■ ୟୁରିଆ ସାରର କୃତ୍ରିମ ଅଭାବ

ଅନୁକୂଳ କରି ବସି ରହିଥିବା ଚାଷୀମାନେ ବିହନ ଅଭାବରୁ ତଳିଘେରା କରିପାରି ନ ଥିଲେ। କୁଜଙ୍ଗ ବ୍ଲକର ମୋଟ ୨୮ ପଞ୍ଚାୟତରେ ପ୍ରାୟ ୧୩,୮୪୭ ହେକ୍ଟର ଚାଷ ଜମି ରହିଛି। ସେଥିମଧ୍ୟରେ ସମତଳ ଭୂମିଠାରୁ ନିମ୍ନରେ ରହିଥିବା ଜମିର ପରିମାଣ ହେଉଛି ୪,୬୦୦ରୁ ୫୦୦୦ ହେକ୍ଟର। ସେହିପରି ମଧ୍ୟସ୍ଥଳ ଅଞ୍ଚଳରେ ୬ହଜାର ୭ ଶହ ହେକ୍ଟର ଏବଂ ଉଚ୍ଚଜମି ୨ ହଜାର ହେକ୍ଟର ରହିଛି। ଖାଲ ଜମି ପାଇଁ ବର୍ଷା, ଉପହାର, ସ୍ୱର୍ଣ୍ଣ, ମଧ୍ୟମ ଜମି ପାଇଁ ୧୦୧୮, ସାରଳା, ପୂଜା, ସତ୍ୟକ୍ରିଷ୍ଣ, ପ୍ରତୀକ୍ଷା, ରାଣୀ ଓ ଉଚ୍ଚ ଜମି ପାଇଁ ସାରଳା, ପୂଜା, ସିଆର ୧୦୧୮ ଆଦି କିସମର ବିହନ ଆବଶ୍ୟକ। ଖାଲ ଜମି ପାଇଁ ୨୦୦ କୁଇଣ୍ଟାଲ, ମଧ୍ୟମ ଜମି ପାଇଁ ୬ରୁ ୭ଶହ କୁଇଣ୍ଟାଲ, ଢିପ ଜମି ପାଇଁ ଶହେ କୁଇଣ୍ଟାଲ ବିହନ ମିଶାଇ କୁଜଙ୍ଗ ବ୍ଲକ ପାଇଁ ଚଳିତ ବର୍ଷ ପ୍ରାୟ ୧ ହଜାର କୁଇଣ୍ଟାଲ ବିହନ ଦରକାର ଥିଲା। କିନ୍ତୁ କୃଷି ବିଭାଗ ଅଧା ବିହନ ମଧ ଯୋଗାଇ ପାରି ନ ଥିଲା। ଚାଷୀ ନିଜସ୍ୱ ଉଦ୍ୟମରେ ବିହନ ସଂଗ୍ରହ କରି ଅଭାବି ବର୍ଷାରେ ପମ୍ପସେଟ୍ ଦ୍ୱାରା ପାଣି ମଡାଇ ବିଳମ୍ବରେ ତଳିଘେରା କରିଥିଲେ। ଜମି ରୁଆ ବେଉଷଣ ପରେ ଦୁଇଥର ଲଗାଣ ବର୍ଷା ତଳିଆ ଅଞ୍ଚଳର ଫସଲ ନଷ୍ଟ କରିଦେଇଥିଲା। ଅନ୍ୟପକ୍ଷରେ ଯେଉଁ ଢିପ ଜମିରେ ଚାଷ ଭଲ ହୋଇଥିଲା ତାହା ବର୍ତ୍ତମାନ ପାଣି ଅଭାବରୁ କ୍ଷତିଗ୍ରସ୍ତ ହେଲାଣି। ରୋଗ, ପୋକ ପ୍ରାଦୁର୍ଭାବ ସାଙ୍ଗକୁ ପାଣି ଅଭାବ ଯୋଗୁ ଧାନ ଥୋଡ଼ ବାହାରିବାରେ ବିଳମ୍ବ ହେଉଛି। କେନାଲ ପାଣି ଉପରମୁଣ୍ଡରେ ପହଞ୍ଚିପାରୁ ନ ଥିବାରୁ ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଫସଲ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଥିବାରୁ ସମବାୟ ସମିତିରୁ ଋଣ ଆଣିଥିବା ଚାଷୀଙ୍କ ଚିନ୍ତା ବଢୁଛି। ଏ ସମ୍ପର୍କରେ ଚାଷୀନେତା ବାବୁରାମ ଚୌଧୁରୀ କୁହନ୍ତି, ସରକାର ତଥା ପ୍ରଶାସନର ପୂର୍ବ ପ୍ରସ୍ତୁତି ଅଭାବରୁ ଚାଷୀଙ୍କ ସମସ୍ୟା ବଢୁଛି। ବହୁ ଯୁବ ଚାଷୀ ଚାଷରୁ ମୁହଁ ଫେରାଉଛନ୍ତି। କୁଜଙ୍ଗ ପରି ଉର୍ବର ଅଞ୍ଚଳରେ ଆଗାମି ଦିନରେ ମାତ୍ରାଧିକ ଜମି ପଡିଆ ପଡିବାର ଆଶଙ୍କା ରହିଛି।

## ବିଜୁ ଯୁବ ବାହିନୀ ପକ୍ଷରୁ ପ୍ଲାଷ୍ଟିକ ବର୍ଜନ ଅଭିଯାନ

**ବାଲିକୁଦା,୧୧।୧୧(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଅରିଲୋ ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ପ୍ଲାଷ୍ଟିକ ବର୍ଜନ ଅଭିଯାନ କରାଯାଇଛି। ଏହି ଅବସରରେ ଯୁବବାହିନୀର ସଦସ୍ୟମାନଙ୍କୁ ନେଇ ଏକ ଶୋଭାଯାତ୍ରା କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବାଲିକୁଦା-ଏରସମା ଯୁବ ବିଜେଡି ସଭାପତି ଅଲେଖ ସ୍ୱାଇଁ ନେତୃତ୍ୱ ନେଇଥିଲେ। ଏଥିରେ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ବାରିକ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ବାରିକ, ସମିତିସଭ୍ୟା ପ୍ରିୟମ୍ବଦା ପଲାଉର ପ୍ରମୁଖ ପଲିଥିନର କୁପରିଣାମ ସମ୍ପର୍କରେ କହିଥିଲେ। ଏହି ଅବସରରେ ବିଜୁ ଯୁବବାହିନୀ ସଭାପତି ସାରଦା ପ୍ରସାଦ ସାମଲଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଦେଇପୁର ଛକଠାରେ ପଲିଥିନ ବର୍ଜନ ସମ୍ପର୍କିତ ଏକ ପଥପ୍ରାନ୍ତ ସଭା କରାଯାଇଥିଲା। ପରେ ପ୍ରତ୍ୟେକ ବ୍ୟବସାୟୀଙ୍କୁ ଏହି ପଲିଥିନ୍ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଯୁବ ବାହିନୀ ସମ୍ପାଦକ ନିରଞ୍ଜନ ମଲ୍ଲିକ, କୋଷାଧକ୍ଷ ରାଜେଶ ରଞ୍ଜନ ଦାସ, ସଦସ୍ୟ ଶୈଳେନ୍ଦ୍ର ଦାଶ, ବିଶ୍ୱଜିତ୍ ଦାସ, ସୁବଳକାନ୍ତ ଦାସ, ମନୋରଞ୍ଜନ ବାରିକ, ଲାଲୁ ପ୍ରସାଦ ସ୍ୱାଇଁ, ସୂର୍ଯ୍ୟକାନ୍ତ ସାହୁ, ଦୀନବନ୍ଧୁ ସାମଲ, ଦେବାଶିଷ ସାମଲ, ଜୀବନ ଜ୍ୟୋତି ଜେନା ପ୍ରମୁଖ ଅଂଶଗ୍ରହଣ କରି ଆମେ କେହି ପଲିଥିନ ବ୍ୟବହାର କରିବା ନାହିଁ ବୋଲି ଶପଥ ଗ୍ରହଣ କରିଥିଲେ।



ପ୍ଲାଷ୍ଟିକ୍ ବର୍ଜନ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଯୁବ ବାହିନୀ କର୍ମକର୍ତ୍ତା।

## ସଂକ୍ଷେପରେ

### ଟ୍ରଲରରେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ

**ପାରାଦୀପ,୧୧।୧୧(ସ୍ୱ.ପ୍ର.)-** ପାରାଦୀପ ମାଛଧରା ବନ୍ଦରରୁ ଏକ ଟ୍ରଲରରେ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ବେଳେ ରବିବାର ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଷଣ୍ଢକୁଦର ଏଲ. ଶୁଭ୍ରମନ୍ୟମ। ସେ ସମୁଦ୍ର ମଝିରେ ହଠାତ୍ ଅସୁସ୍ଥ ହୋଇପଡିବାରୁ ଅନ୍ୟ ମତ୍ସ୍ୟଜୀବୀମାନେ ତାଙ୍କୁ କୂଳକୁ ଆଣି ନିକଟସ୍ଥ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶୁଭ୍ରମନ୍ୟମଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମେରାଇନ ଥାନାରେ ଅପମୃତ୍ୟୁ ମାମଲା(ନଂ-୧୧/୧୮) ରୁଜୁ ହୋଇଛି। ମୃତକଙ୍କ ପରିବାରକୁ ଟ୍ରକ ମାଲିକ ସଂଘ ପକ୍ଷରୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସମୁଦ୍ରରେ ମୃତ୍ୟୁ ଘଟୁଥିବା ମତ୍ସ୍ୟଜୀବୀଙ୍କ ପରିବାରକୁ ସହାୟତା ରାଶି ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

### ବାଇକ ଦୁର୍ଘଟଣାରେ ୩ ଗୁରୁତର

**ତିର୍ତ୍ତୋଲ,୧୧।୧୧(ଡି.ଏନ.ଏ.):** ତିର୍ତ୍ତୋଲ ଥାନା ଅନ୍ତର୍ଗତ ମଣିଜଙ୍ଗା-ଏରସମା ରାସ୍ତାର ବୋଧେଇ ସମିଲ ଛକ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଏହି ଥାନା ଜଗନ୍ନାଥପୁର ଗ୍ରାମର ରୁଦ୍ରପ୍ରସାଦ ନାୟକ, ରଞ୍ଜିତ ଭୋଇ ଏବଂ ଶାଗବାରିଆ ଗ୍ରାମର ରାଜା ଗୋଛାୟତ। ଏହି ୩ଜଣ ଯୁବକ ନୂଆପୋଖରୀ ବଜାରରେ କାଳୀପୂଜା ଉପଲକ୍ଷେ ହେଉଥିବା ଯାତ୍ରା ଦେଖି ଏକ ବାଇକରେ ଫେରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଗଛରେ ପିଟି ହୋଇଯାଇଥିଲେ। ସେମାନଙ୍କୁ ନିକଟସ୍ଥ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ୩ ବଖରା ଜଳିଗଲା

**ରାହାମା,୧୧।୧୧(ଡି.ଏନ.ଏ.):** ତିର୍ତ୍ତୋଲ ଥାନା ଅଧୀନ ସାଇଲୋ ପଞ୍ଚାୟତର ତେରମାଣପୁର(ମଠସାହି)ରେ ରବିବାର ସନ୍ଧ୍ୟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ବଟକୃଷ୍ଣ ନାୟକଙ୍କ ୩ ବଖରା ଘର ଜଳି ପାଉଁଶ ହୋଇଯାଇଛି। ଖବର ପାଇ ତିର୍ତ୍ତୋଲ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ସବୁକିଛି ଜଳି ସାରିଥିଲା। ତିର୍ତ୍ତୋଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲାଗିବାର କାରଣ ଅନୁଧ୍ୟାନ କରି ଫେରିଛି। ବଟକୃଷ୍ଣଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ୨୦ରେ ଭାଜପାର ପଦଯାତ୍ରା



**ବାଲିକୁଦା,୧୧।୧୧(ସ୍ୱ.ପ୍ର.):** ବାଲିକୁଦା ଭାଜପାର ଦୁଇ ଗୋଷ୍ଠୀ ଭିନ୍ନ ଭିନ୍ନ ଭାବେ ପଦଯାତ୍ରା କରିବେ ବୋଲି ଏକ ପ୍ରକାର ସୂଚନା ମିଳିସାରିଛି। ଏହା ଦଳୀୟ କନ୍ଦଳକୁ ପଦାରେ ପକାଇଛି। ଆସନ୍ତା ୨୦ ତାରିଖରେ ଭାଜପାର ବରିଷ୍ଠ ନେତା ପ୍ରିୟରଞ୍ଜନ ଦାସଙ୍କ ନେତୃତ୍ୱରେ ୪ ନଂ ଜୋନର ଶୋଭା ତାରିଣି ମନ୍ଦିରଠାରୁ ପଦଯାତ୍ରା ହେବ। ଏହା ମରିଚପୁରର ବନ୍ଦରେଇ ଠାକୁରାଣୀଙ୍କ ନିକଟରେ ଶେଷ ହେବ। ଏହି ଉପଲକ୍ଷେ ରବିବାର ଏକ ପ୍ରସ୍ତୁତି ବୈଠକ ବରମୁଣ୍ଡଳି ପଞ୍ଚାୟତର ଦଶବାଟିଆ ଦେବୀ ଦୁର୍ଗା ପଡିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନହରଣା ପ୍ରତିନିଧି ଟୁକୁନା ରାଉତ ଅଧ୍ୟକ୍ଷତା କରିଥିଲେ। ବୈଠକରେ ନିରଞ୍ଜନ ମହାନ୍ତି, ନାରାୟଣ ବାରିକ, ପ୍ରଦୀପ୍ତ ବେହେରା, ଭରତ ପାଇତାଲ, ପ୍ରତାପ ପଣ୍ଡା, ଜ୍ଞାନ ରଞ୍ଜନ ପରିଡା, କୃଷ୍ଣଚନ୍ଦ୍ର ରାଉତ, ଗୌତମ ବାରିକ, ସୁବୋଧ ବାରିକ, ଭଗବାନ ଗ୍ରହାଚାର୍ଯ୍ୟ, ବଂଶୀଧର ବେହେରା, କୈଳାସ ରାଉତରାୟ, ସାହାଜି ନାୟକ, ପ୍ରଦୀପ ରାୟ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟପକ୍ଷରେ ଭାଜପାର ଅନ୍ୟ ଏକ ଗୋଷ୍ଠୀ ସମାନ୍ତରାଳ ଭାବେ ବଡକୁଲଠାରେ ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ କରିଥିବା ସୂଚନା ମିଳିଛି।

■ ନାଉଗାଁ ବ୍ଲକରେ ବାଟବଣା ବନୀକରଣ ଯୋଜନା

# ରକ୍ଷଣାବେକ୍ଷଣା ଚିନ୍ତା କାହାର ନାହିଁ

**ନାଉଗାଁ,୧୧।୧୧(ସ୍ୱ.ପ୍ର.)**

■ ବୃକ୍ଷରୋପଣ ନାମରେ ଅର୍ଥ ତୋସରପାତ ଅଭିଯୋଗ
■ ଅଧିକାଂଶ ଗଛ ମରିଯାଉଛି, କାଟି ନେଉଛନ୍ତି ଲୋକେ

ସବୁଜ ବଳୟ ତିଆରି କରିବା ପାଇଁ ସରକାର ବନୀକରଣ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ନାଉଗାଁ ବ୍ଲକରେ ଉକ୍ତ ଯୋଜନା ଠିକ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ବନ ବିଭାଗଠାରୁ ଆରମ୍ଭ କରି ମୃତ୍ତିକା ସଂରକ୍ଷଣ ବିଭାଗ, ବ୍ଲକ ପ୍ରଶସାନ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବୃକ୍ଷରୋପଣ କରାଯାଉଥିଲେ ମଧ୍ୟ କେହି ଜଣେ ହେଲେ ବି ରକ୍ଷଣାବେକ୍ଷଣ କଥା ଚିନ୍ତା କରୁନାହାନ୍ତି। ତେଣୁ ଗଛ ଲଗାଇବାର କିଛିଦିନ ମଧ୍ୟରେ ତାହା ମରିଯାଉଛି। ଯେଉଁ କେତୋଟି ଗଛ ରହୁଛି, ତାହା ସାମାନ୍ୟ ବଡ଼ ହେଲେ ଲୋକେ କାଟି ନେଉଛନ୍ତି। ଏହି ବ୍ଲକର ରୋହିଆ ପଞ୍ଚାୟତର ରୋହିଆ-ଅରଖକୁଦ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କର ଉଭୟ ପାର୍ଶ୍ୱ, କୋରୁଆ ପଞ୍ଚାୟତର ଗାରୋଇ-ଧୂଆଁପଦା ପୂର୍ତ୍ତ ବିଭାଗ ରାସ୍ତା, କଣ୍ଟୁଣିଆ-ଚକୁଳିପଡା ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ଯୋଜନାରେ ବୃକ୍ଷରୋପଣ କରାଯାଇଛି। କିନ୍ତୁ ରକ୍ଷଣା ବେକ୍ଷଣ ଅଭାବରୁ କେଉଁଠି ଗଛ ମରିଗଲାଣି ତ କେଉଁଠି ସ୍ଥାନୀୟ ଲୋକେ କାଟି ନେଇଛନ୍ତି। ଏହି ବ୍ଲକ କୋରୁଅ ପଞ୍ଚାୟତର ଧୂଆପଦା ଗ୍ରାମଠାରୁ ଓଷକଣା ପଞ୍ଚାୟତକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କର ଉଭୟ ପାର୍ଶ୍ୱରେ ୨୦୧୬ ସେପ୍ଟମ୍ବର ମାସରେ ବୃକ୍ଷରୋପଣ କରାଯାଇଥିଲା। ଏହି ବୃକ୍ଷରୋପଣ ପାଇଁ କୁଜଙ୍ଗ ବନଖଣ୍ଡ ବିଭାଗ ଓ ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ଏମ୍‌ଜିଏନଆରଇଜିଏସ୍ ଯୋଜନାରେ ୩ ଲକ୍ଷ ୬୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା ବୋଲି ବିଭାଗୀୟ ଅଧିକାରୀ ଜ୍ୟୋତି ପ୍ରକାଶ ନାୟକ କହିଛନ୍ତି। ୧ କିମି ରାସ୍ତାରେ ୧ ହଜାର ଗଛ ଲଗାଯାଇଥିଲା। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହିନତା ଯୋଗୁ ଲଗାଯାଇଥିବା ୧ ହଜାର ଗଛ ମଧ୍ୟରୁ ବର୍ତ୍ତମାନ ରାସ୍ତା କଡରେ ମାତ୍ର ଅଳ୍ପ କେତୋଟି ଗଛ ରହିଥିବା ଦେଖିବାକୁ ମିଳିଛି। ରକ୍ଷଣା ବେକ୍ଷଣ ଦାୟିତ୍ୱରେ ଥିବା ବନ ବିଭାଗ ଅଧିକାରୀଙ୍କୁ ଦେଖାମିଳୁନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏମ୍‌ଜିଏନ୍‌ଆରଇଜିଏସ୍‌ରେ କରାଯାଉଥିବା କାର୍ଯ୍ୟର ସୂଚନା ଫଳକ ଲାଗିବାର ନିୟମ ଥିଲେ ହେଁ ଏଠାରେ ସେଭଳି କୌଣସି ଫଳକ ଲଗାଯାଇନାହିଁ।



ରାସ୍ତା ପାର୍ଶ୍ୱରେ ଲଗାଯାଇଥିବା ଗଛ ମଧ୍ୟରୁ ମାତ୍ର ଅଳ୍ପ କେତୋଟି ରହିଛି।

ସେହିପରି ସମାନ ଦୃଶ୍ୟ ଦେଖିବାକୁ ମିଳିଛି ଏହି ବ୍ଲକର ତିରୁଣା ପଞ୍ଚାୟତର କୁରିକି ଗ୍ରାମରେ। ଏହି ଗ୍ରାମର ଗୋବରୀ ନଦୀ ପଠାରେ ୨୦୧୬ରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିବା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇଥିଲା। ମାତ୍ର ସେଠାରେ ହାତ ଗଣତି କେତୋଟି ଗଛ ଦେଖିବାକୁ ମିଳୁଛି। ଏଠାରେ ମଧ୍ୟ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଏହି ଗଛ କିଏ ଲଗାଇଛି, କେତେ ଗଛ ଲାଗିଛି, ରକ୍ଷଣା ବେକ୍ଷଣା ଦାୟିତ୍ୱର କିଏ ଅଛି ତାହା ଜଣାପଡୁନାହିଁ। ତେଣୁ ଏନେଇ ଖର୍ଚ୍ଚ କରାଯାଇଥିବା ସରକାରୀ ଅର୍ଥ ତୋସରପାତ କରାଯାଇଥିବା ଅଭିଯୋଗ ହେଉଛି। କୁଜଙ୍ଗ ବନଖଣ୍ଡ ଅଧିକାରୀ ପ୍ରତାପ ମହାନ୍ତିଙ୍କୁ ପଚାରିବାରୁ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଜଣାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଏହାର ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

■ ବିଜେଡି ମହିଳା ସଭାନେତ୍ରୀ ମିନତି ବେହେରାଙ୍କୁ ସ୍ୱାଗତ

# ୨୦୧୯ରେ ହୋଇପାରନ୍ତି ପ୍ରାର୍ଥୀ

**ତିର୍ତ୍ତୋଲ,୧୧।୧୧(ଡି.ଏନ.ଏ.)**

■ ତିର୍ତ୍ତୋଲରେ ରାଜନୈତିକ ଚର୍ଚ୍ଚା
■ ବଦଳୁଛି ସମୀକରଣ

ରାଜ୍ୟ ଭିନ୍ନକ୍ଷମ ଆୟୋଗର ପୂର୍ବତନ ଅଧ୍ୟକ୍ଷା ମିନତି ବେହେରାଙ୍କୁ ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଭାବେ ନିଯୁକ୍ତ କରିଛନ୍ତି। ଏ ସମ୍ପର୍କରେ ବିଜେଡି ରାଜ୍ୟ ସମ୍ପାଦକ ଦେବୀ ମିଶ୍ର ସୂଚନା ଦେବା ପରେ ତିର୍ତ୍ତୋଲ ଅଞ୍ଚଳରେ କର୍ମୀଙ୍କ ମଧ୍ୟରେ ଖୁସିର ମାହୋଲ ସୃଷ୍ଟି ହୋଇଛି। ବିଜେଡି ସଭାପତିଙ୍କ ଏହି ନିଷ୍ପତ୍ତିକୁ ସେମାନେ ସ୍ୱାଗତ କରିଛନ୍ତି। ଅନ୍ୟପକ୍ଷରେ ବେହେରାଙ୍କ ଆବିର୍ଭାବ ତିର୍ତ୍ତୋଲ ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିଛି। ଆସନ୍ତା ସାଧାରଣ ନିର୍ବାଚନରେ ସେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଗଲାଣି। ସୂଚନାଯୋଗ୍ୟ, ପୂର୍ବରୁ ବେହେରା ତିର୍ତ୍ତୋଲ ବ୍ଲକ ୩ ନଂ ଜୋନରୁ ଜିଲାପରିଷଦ ସଭ୍ୟା ଭାବରେ ନିର୍ବାଚିତ ହୋଇ ନିଜର ରାଜନୈତିକ ପାରଦର୍ଶିତା ଦେଖାଇଥିଲେ। ବିଜୁ ଜନତା ଦଳ ପ୍ରତିଷ୍ଠା ହେବା ସମୟରୁ ସେ ଦଳ ପାଇଁ କାର୍ଯ୍ୟ କରିଥିଲେ। ପରେ ରାଜ୍ୟ ଭିନ୍ନକ୍ଷମ ଆୟୋଗର ଅଧ୍ୟକ୍ଷା ହୋଇଥିଲେ। ଏହି ପଦରୁ ଇସ୍ତଫା ଦେବା ପରେ ତାଙ୍କୁ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ପଦ ମିଳିଛି। ଏଥିପାଇଁ ନିର୍ବାଚନମଣ୍ଡଳୀ ଅଧୀନ ୩ ବ୍ଲକର ଦଳୀୟ କର୍ମକର୍ତ୍ତା, ସାଧାରଣ କର୍ମୀ ବେହେରାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବେହେରା ନିଜ ରାଜନୈତିକ ଅଭିଜ୍ଞତା, ଭାଷଣରେ ପାରଦର୍ଶିତା ଓ ସାଂଗଠନିକ କାର୍ଯ୍ୟ ଦକ୍ଷତା ଯୋଗୁଁ ସମଗ୍ର ରାଜ୍ୟରେ ବିଜୁ ଜନତା ଦଳ ମହିଳାମାନଙ୍କୁ ସଂଗଠିତ କରିପାରିବେ ବୋଲି କର୍ମୀମାନେ ଆସ୍ଥା ପ୍ରକଟ କରିଛନ୍ତି।

## ମଝିଆ ଭାଇ କଟୁରୀ ଚୋଟରେ ସାନ ଗୁରୁତର

**ବାଲିକୁଦା,୧୧।୧୧(ସ୍ୱ.ପ୍ର.)** ମଝିଆ ଭାଇର କଟୁରୀ ଚୋଟରେ ସାନ ଭାଇ ଗୁରୁତର ହୋଇଛନ୍ତି। ବାଲିକୁଦା ଥାନା ମୂଳୁଗାଁ ପଞ୍ଚାୟତର ସିଙ୍ଗିରି ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଜମିବାଡିକୁ ଭାଗବଣ୍ଟାକୁ ନେଇ ଏଭଳି ଆକ୍ରମଣ ହୋଇଥିବା ଜଣାପଡିଛି। ଗ୍ରାମର ନୀଳମାଧବ ପଣ୍ଡା ଓରଫ ନିଲୁ(୩୮) ତାଙ୍କ ସାନଭାଇ ସଞ୍ଜୟ ପଣ୍ଡା ଓରଫ ବୁଲୁ(୩୪)ଙ୍କୁ କଟୁରୀରେ ଆକ୍ରମଣ କରିଛନ୍ତି। ଆକ୍ରମଣରେ ଆହତ ବୁଲୁଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏନେଇ ବାଲିକୁଦା ଥାନାରେ ମାମଲା ନଂ.୧୫୩/୧୮ ରୁଜୁ ହୋଇଛି। ଘଟଣା ପରେ ନିଲୁ ଫେରାର ଥିବା ପୋଲିସ କହିଛି।

# ଜିଲାସ୍ତରୀୟ ଦଳିତ ସମାବେଶ

**ତିର୍ତ୍ତୋଲ, ୧୧।୧୧(ଡି.ଏନ.ଏ.)** ତିର୍ତ୍ତୋଲ ବ୍ଲକ ମହାନଦୀ-ପାଇକା ଦୀପାଞ୍ଚଳର ସାମନ୍ତରାପୁରଠାରେ ବାବା ସାହେବ ଭୀମ ରାଓ ଆମ୍ବେଡ଼କର ସେବା ସଂଘ ଆନୁକୂଲ୍ୟରେ ରବିବାର ଦଳିତ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ବରିଷ୍ଠ ଦଳିତ ନେତା ରବୀନ୍ଦ୍ରନାଥ ସେଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ବହୁଜନ ସମାଜ ପାର୍ଟିର ରାଜ୍ୟ ଓବିସି ସେଲ ସଭାପତି ରବୀନ୍ଦ୍ର ନାଥ ବଡଜେନା ଯୋଗଦେଇ ଦଳିତମାନଙ୍କ ଉପରେ ବୃଦ୍ଧି ପାଉଥିବା ନିର୍ଯାତନା ଓ ସାମାଜିକ ଅସ୍ପୃଶ୍ୟତାକୁ ପ୍ରତିହତ କରିବା ପାଇଁ ସେମାନେ ଏକାଠି ହୋଇ ସ୍ୱର ଓତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ। ବହୁଜନ ସମାଜ ପାର୍ଟିର ରାଜ୍ୟ ସମ୍ପାଦକ ବିଭୂତି ଭୂଷଣ ମାଝି, ଅଜୟ କୁମାର ସେଠୀ, ସୁଦର୍ଶନ ମଲ୍ଲିକ, ପ୍ରସନ୍ନ ଦାସ, ସୁଜିତ ଘଡେଇ, ଦିଗବିଜୟୀ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏଥିରେ ଜଗତସିଂହପୁର ଜିଲାର ବହୁ ଦଳିତ ନେତା ଯୋଗଦେଇଥିଲେ।




ସମାବେଶରେ ଉପସ୍ଥିତ ଅତିଥି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ସାଲେପୁର,୧୧।୧୧(ଡି.ଏନ.ଏ.):** ସାଲେପୁର ବ୍ଲକ ବିଜେଡି ପକ୍ଷରୁ ଦ୍ୱୀପାଞ୍ଚଳର ତରିଡୋ ଓ ରଟିଲୋ ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ବିଜେଡି ନେତା ପ୍ରଶାନ୍ତ ବେହେରା ଯୋଗଦେଇ ଘରଘର ବୁଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମ ତରିଡୋ ପଞ୍ଚାୟତର ଗୋଠମିରା ଗ୍ରାମର ଝାଙ୍କଡେଇ ପୀଠରୁ ଆରମ୍ଭ ହୋଇ ରଟିଲୋ ପଞ୍ଚାୟତରେ ଶେଷ ହୋଇଥିଲା। ସାଲେପୁର ବ୍ଲକ ଉପାଧ୍ୟକ୍ଷ ରମେଶ ଜେନା, ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ଦାଶ ପଦଯାତ୍ରାରେ ସାମିଲ ହୋଇଥିଲେ।

# ୧୧୮ତମ ବନ ବିହାରୀ ଡେ ପାଳିତ




ଉତ୍ସବରେ ମଞ୍ଚାସୀନ ଅତିଥି।

**କୁଜଙ୍ଗ, ୧୧।୧୧(ସ୍ୱ.ପ୍ର.):** କୁଜଙ୍ଗ ବନବିହାରୀ ହାଇସ୍କୁଲର ୧୧୮ତମ ବନବିହାରୀ ଡେ ଉତ୍ସବ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ଦାସଙ୍କ ସଭାପତିତ୍ୱରେ ପାଳିତ ହୋଇଛି। ଏହି ଉତ୍ସବରେ ସତ୍ୟସାଇ ସେବା ସମିତିର ରାଜ୍ୟ ଆବାହକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ ମୁଖ୍ୟଅତିଥି, ପ୍ରାକ୍ତନ ଛାତ୍ର ତଥା ପାରାଦୀପ ପୋର୍ଟ କ୍ରୀଡ଼ା ଅଧିକାରୀ ରବି ଦାସ ମୁଖ୍ୟବକ୍ତା, ପ୍ରାକ୍ତନ ଛାତ୍ର ତଥା ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସହକାରୀ ଯନ୍ତ୍ରୀ କୈଳାସ ସେଠୀ, ପ୍ରଧାନ ଶିକ୍ଷକ ତଥା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ସରୋଜ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଗୌରବମୟ ଇତିହାସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ସଞ୍ଜୀବ୍ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଗଣଦୌଡ, ଝୋଟି, ବେଲୁନ୍ ଡିଆଁ, ଓପନ୍ କୁଇଜ୍ ପ୍ରଭୃତି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସୁପର ସ୍ପେସିଆଲିଟି ହସ୍ପିଟାଲ ଦାବିରେ ଆନ୍ଦୋଳନ ଚେତାବନୀ

**କୁଜଙ୍ଗ, ୧୧।୧୧(ସ୍ୱ.ପ୍ର.)** କୁଜଙ୍ଗ ବ୍ଲକ୍ ଭୂତମୁଣ୍ଡାଇରେ ସୁପର ସ୍ପେସିଆଲିଟି ହସ୍ପିଟାଲ ପ୍ରତିଷ୍ଠା ଦାବି ନେଇ ଆଞ୍ଚଳିକ ସୁରକ୍ଷା ସମିତ ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ଭୂତମୁଣ୍ଡାଇ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଅନୁଷ୍ଠିତ ଏକ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ଶିଳ୍ପ ପ୍ରଦୂଷଣ ପ୍ରଭାବରେ ସ୍ଥାନୀୟ ଲୋକେ ଦୀର୍ଘଦିନ ଧରି ଭୋଗୁଥିବା ରୋଗ ଯନ୍ତ୍ରଣା ବିଷୟରେ ସମିତିର କର୍ମକର୍ତ୍ତାମାନେ କ୍ଷୋଭ ପ୍ରକାଶ କରିବା ସହ ଏ ବିଷୟରେ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ବିଭାଗକୁ ନୋଟିସ ଜାରି କରି ତୁରନ୍ତ ପଦକ୍ଷପ ନେବାକୁ ସେମାନେ ଦାବି କରିଥିଲେ। ସମିତି ଆବାହକ ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ବହୁ ସଦସ୍ୟ ଯୋଗଦେଇ କହିଲେ ଯେ କୁଜଙ୍ଗ-ପାରାଦୀପର ଉପକୂଳବର୍ତ୍ତୀ ପ୍ରାୟ ୪୦ ହଜାର ଏକର ଉର୍ବର ଜମି ଶିଳ୍ପ ହାତକୁ ଦେଇ ସ୍ଥାନୀୟ ଲୋକେ ଭିଟାମାଟି, ଭାତହାଣ୍ଡି ହରାଇଛନ୍ତି। ପ୍ରତିବଦଳରେ ସେମାନଙ୍କୁ ଜିବୀକା ତ ମିଳିଲାନି ବରଂ ଜିବୀକା ଆଶାରେ ଗୋଡାଇ ଗୋଡାଇ ଏବେ ଜୀବନ ଯିବାକୁ ବସିଛି। ଶିଳ୍ପ ଯୋଗୁ ଅଞ୍ଚଳରେ ବଢୁଥିବା ସ୍ୱାସ୍ଥ୍ୟ ଓ ପରିବେଶ ସମସ୍ୟା ଚିନ୍ତାର ବିଷୟ ହୋଇଛି। ଏବେ ଭେଣ୍ଡିଆ ପୁଅକୁ କର୍କଟ, ବୃକକ ଏପରିକି ହୃଦରୋଗ ଭୋଗିବାକୁ ପଡୁଛି। ଜମି, ଜଳ ଓ ବାୟୁ ପ୍ରଦୂଷିତ ହୋଇସାରିଲାଣି। ଏହି ଅଞ୍ଚଳକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରେଡ୍ ଜୋନ୍‌ଭୁକ୍ତ କରିସାରିଲାଣି। ପାରାଦୀପରେ ୧୫ଟି ବୃହତ୍ତ ଶିଳ୍ପ ଥିବାବେଳେ ଏବେ ପୁଣି ପେଟ୍ରୋକେମିକାଲ୍‌ସ ଓ ଜେଏସ୍‌ଡବ୍ଲ୍ୟୁ ପରି ଶିଳ୍ପ ପ୍ରତିଷ୍ଠା ପାଇଁ ନକ୍ସା ପ୍ରସ୍ତୁତ ହେଉଛି। ଯେଉଁ ହାରରେ ଶିଳ୍ପ ବଢୁଛି ସେହି ହାରରେ ଅଞ୍ଚଳର ଲୋକେ ରୋଗର ଶୀକାର ହେଉଛନ୍ତି। ସବୁ ବୃହତ ବନ୍ଦରମାନଙ୍କରେ ସୁପରସ୍ପେସିଆଲିଟି ହସପିଟାଲ ଥିବାବେଳେ ପାରାଦୀପ ପରି ଦେଶର ୨ୟ ବୃହତ ବନ୍ଦର ଅଞ୍ଚଳବାସୀ କାହିଁକି ସେ ସୁବିଧାରୁ ବଞ୍ଚିତ ହେଉଛନ୍ତି ବୋଲି ସମିତି ପ୍ରଶ୍ନ ଉଠାଇଛି। ତେଣୁ ଆଗାମି ୧୫ ଦିନ ମଧ୍ୟରେ ଏହି ବିଷୟରେ ସକରାତ୍ମକ ପଦକ୍ଷପ ଗ୍ରହଣ କରାନଗଲେ ତୀବ୍ର ଆନ୍ଦୋଳନ ହେବ ବୋଲି ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଦପ୍ତରକୁ ଚେତାବନୀ ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବାବୁରାମ ଚୌଧୁରୀ, ଶ୍ରୀବଲ୍ଲଭ କର, ପ୍ରମୋଦ କୁମାର ଜେନା, ଦେବବାଳା ମହାପାତ୍ର, ସଞ୍ଜୟ ବେହେରା, ଦେବେନ୍ଦ୍ର ମହାନ୍ତି, ଦୁଷ୍ମନ୍ତ ମାଝୀ, ବିଭୂତି ଭୂଷଣ ଦାସ, କୋଠୀର ସମିତିସଭ୍ୟ ଅରକ୍ଷିତ ଦାସ, ସଞ୍ଜୟ କୁମାର ସ୍ୱାଇଁ, ଜାନକୀ ମହାରଥା, ମିନର୍ଭା ପରିଡା ଓ ରଶ୍ମୀ ରଞ୍ଜନ ସାମନ୍ତରା ପ୍ରମୁଖ ବହୁ ସଂଗଠକ ଯୋଗ ଦେଇଥିଲେ।

## ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀରେ ରକ୍ତଦାନ

**କେନ୍ଦ୍ରାପଡ଼ା ଅଫିସ, ୧୧।୧୧** କେନ୍ଦ୍ରାପଡା ବ୍ଲକ ବଗଡାସ୍ଥିତ ସିଦ୍ଧ ମରିଚାଣୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ଅବସରରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ଓ ସେଚ୍ଛାସେବୀ ଅନୁଷ୍ଠାନ ସୋଫି ପକ୍ଷରୁ ଏହି ଶିବିର ଆୟୋଜନ କରାଯାଇଥିଲା। ଡିଏସପି ରଞ୍ଜନ କୁମାର ଦେ ଏହାକୁ ଉଦ୍‌ଘାଟନ କରିଥିଲେ। ଟାଉନ ଥାନା ଅଧିକାରୀ ତପନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ୫୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରଧାନ ଶିକ୍ଷକ ଅମୁଲ୍ୟ ନାୟକ, କମିଟି ସଭାପତି ବଟକୃଷ୍ଣ ରାଉତ, ସମ୍ପାଦକ ସୁକାନ୍ତ ଜେନା ଉପସ୍ଥିତ ଥିଲେ।

## ୫୪ତମ କାଳୀପୂଜା ଉଦ୍‌ଯାପିତ

**କୁଜଙ୍ଗ, ୧୧।୧୧(ସ୍ୱ.ପ୍ର.)** କୁଜଙ୍ଗ ଦେବୀ ମଣ୍ଡପଠାରେ ଚାଲିଥିବା ୫୪ ତମ ବାର୍ଷିକ କାଳୀପୂଜା ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଶନିବାର ରାତିରେ କମିଟିର ସଭାପତି ଏ.ଏନ.ଡି. ଯାଦବଙ୍କ ପୌରୋହିତରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କମିଟିର ଉପଦେଷ୍ଟା ତଥା କଂଗ୍ରେସ ନେତା ବାପି ସର୍ଖେଲ ଅତିଥି ଭାବେ ଯୋଗ ଦେଇଥିଲେ। କୁଜଙ୍ଗର ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ସେ ଉଚ୍ଚ ପ୍ରଶଂସା କରିବା ସହ ଆୟୋଜକମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ପାରାଦୀପ ଏକ ଶିଳ୍ପ ସମୃଦ୍ଧ ସହର ହୋଇଥିବାବେଳେ ଜିଲା ବହୁ ଯୁବକ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି। ଜଗତ୍‌ସିଂହପୁର ଜିଲାର ୬୦ ପ୍ରତିଶତ ଯୁବକଙ୍କୁ ପାରାଦୀପରେ ନିଯୁକ୍ତି ଦେବା ପାଇଁ ଏହି ଅବସରରେ ସେ ଦାବି କରିଥିଲେ। ଏଥିସହ ସାଂସ୍କୃତି କାର୍ଯ୍ୟକ୍ରମ, ପୂଜା ପାର୍ବଣ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ପାଳନ କରିବା ଉଚିତ ବୋଲି ସେ କହିଥିଲେ। ଅନ୍ୟତମ ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ, ଭାରତଭୂଷଣ ଦାସ, ରମେଶ ଚନ୍ଦ୍ର ଦାସ, ସମ୍ପାଦକ ଅଧୀର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୂଜାର ସମୃଦ୍ଧି କାମନା କରିଥିଲେ। ପରେ ବ୍ରହ୍ମପୁରର ମେଲୋଡି ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କମିଟିର ଉପସଭାପତି ପ୍ରଦ୍ୟୁମ୍ନ ପଟ୍ଟନାୟକ, ଦୁଷ୍ମନ୍ତ ମାଝୀ, ସହସମ୍ପାଦକ ବାବାଜୀ ଚରଣ ପରିଡ଼ା, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାଳୀପୂଜା ଉଦ୍‌ଯାପନ ଉତ୍ସବରେ ଉପସ୍ଥିତ ଅତିଥି।

■ ଜିଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଘାଟିତ

# ଦେଶ ପ୍ରଗତିରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଜଗତ୍‌ସିଂହପୁର ଅଫିସ,୧୧।୧୧** ସ୍ୱାମୀ ବିବେକାନନ୍ଦ ହେଉଛନ୍ତି ଯୁବ ସମାଜ ପାଇଁ ଆଦର୍ଶ। ତାଙ୍କ ନୀତି ଓ ଆଦର୍ଶ ଯୁବ ସମାଜକୁ ପ୍ରେରଣା ଦିଏ। ପ୍ରଗତିଶୀଳ ରାଷ୍ଟ୍ରରେ ଯୁବ ଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଯୁବଗୋଷ୍ଠୀ ସକରାତ୍ମକ ରାସ୍ତାରେ ଯିବା ସହ କଠିନ ପରିଶ୍ରମ କରିବା ଉଚିତ। ରବିବାର ସ୍ଥାନୀୟ ଟାଉନ ହଲ୍ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଘାଟନ ଉତ୍ସବରେ ଅତିଥିମାନେ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ରଞ୍ଜନ ଦାସ ପୌରୋହିତ୍ୟ କରି କହିଲେ ଯେ ଯୁବବର୍ଗଙ୍କୁ ଉପଯୁକ୍ତ ମାର୍ଗଦର୍ଶନ କରାଯିବା ଜରୁରୀ। ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ ସ୍ୱାମୀ ବିବେକାନନ୍ଦ ଅଦମ୍ୟ ପ୍ରତିଭାର ଅଧିକାରୀ ଥିଲେ। ଯୁବଶକ୍ତି ଏକଜୁଟ ହୋଇ ଶୃଙ୍ଖଳିତ ଭାବେ କାମ କଲେ ଆମ ଦେଶ ବିକଶିତ ହୋଇପାରିବ। ଜଗତ୍‌ସିଂହପୁର ଜିଲାର ଯୁବ ପ୍ରତିଭାମାନେ ଦେଶ, ବିଦେଶରେ ସୁନାମ ଆଣିପାରିଛନ୍ତି। ଏ ଜିଲା କଳା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ମଧ୍ୟ ବେଶ ଅଗ୍ରଣୀ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୨ ଦିନ ଧରି ହେଉଥିବା ଏହି ଉତ୍ସବ ଯୁବ ପ୍ରତିଭା ବିକାଶ ପାଇଁ ଉର୍ଦ୍ଦିଷ୍ଟ ବୋଲି କହିଥିଲେ। ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଦୋଳଗୋବିନ୍ଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ବିଶ୍ୱ ବିଜୟିନୀ ପଟ୍ଟନାୟକ ଉତ୍ସବ ସମ୍ପର୍କରେ ସୂଚନା ଦେଇ କହିଲେ ଯେ, ଏହି ୨ ଦିନିଆ ଉତ୍ସବରେ ଲୋକନୃତ୍ୟ, ଲୋକ ସଙ୍ଗୀତ, ଏକାଙ୍କିକା, ଶାସ୍ତ୍ରୀୟ ସଙ୍ଗୀତ, ହାରମୋନିୟମ, ଶାସ୍ତ୍ରୀୟ ନୃତ୍ୟ, ବକ୍ତୃତା ଆଦି ପ୍ରତିଯୋଗିତା ହେବ। ଏଥିରେ ଜିଲାର ବିଭିନ୍ନ ବ୍ଲକରୁ ୧୩ ବର୍ଷରୁ ୩୫ ବର୍ଷର କଳାକାରମାନେ ଯୋଗ ଦେଉଛନ୍ତି। ଏମାନଙ୍କ ମଧ୍ୟରୁ କୃତୀ ପ୍ରତିଯୋଗୀମାନେ ନଭେମ୍ବର ୧୫ ତାରିଖରେ ଯାଜପୁରଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ଭାଗ ନେଇପାରିବେ। ବିଚାରକ ଭାବେ ଓଡ଼ିଶୀ ନୃତ୍ୟ ପାଇଁ ଚିତ୍ତରଞ୍ଜନ ସାହାଣୀ ଓ ଶ୍ୱେତା ପ୍ରିୟଦର୍ଶିନୀ, ଲୋକ ସଙ୍ଗୀତ ପାଇଁ ପୂର୍ଣ୍ଣିମା ମଲ୍ଲିକ, ଅଦ୍ୱୈତ ପାତ୍ର ଏବଂ ଏକାଙ୍କିକା (ୱାନ୍ ଆକ୍ଟ ପ୍ଲେ) ପାଇଁ ନାଟ୍ୟକାର କୈଳାସ ମଲ୍ଲିକ ଯୋଗ ଦେଇଥିଲେ। ପ୍ରାରମ୍ଭରେ କ୍ରୀଡା ଶିକ୍ଷକ ସୁକାନ୍ତ କୁମାର ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା କ୍ରୀଡା ଅଧିକାରିଣୀ ବିଶ୍ୱ ବିଜୟିନୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।




ଜିଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଘାଟନ ଅବସରରେ ଯୋଗ ଦେଇଥିବା ଅତିଥି।

ଧରିତ୍ରୀ
DHARITRI
ସୋମବାର, ୧୨ ନଭେମ୍ବର, ୨୦୧୮



ବ୍ରିଟେନ୍‌ରେ ରହିଛି ଏକ ହସ୍ପିଟାଲ। ଏଠାରେ କୁକୁରମାନେ ଡାକ୍ତରଙ୍କୁ ରୋଗୀଙ୍କ ଚିକିତ୍ସାରେ ସହାୟତା କରନ୍ତି। ହସ୍ପିଟାଲକୁ ଆସୁଥିବା ରୋଗୀଙ୍କୁ ପ୍ରଥମେ ସ୍ୱତନ୍ତ୍ର ତାଲିମପ୍ରାପ୍ତ କୁକୁର ଶୁଙ୍ଘିଥାନ୍ତି। କୁକୁର ଶୁଙ୍ଘିବା ପରେ ରୋଗୀଙ୍କ ଚିକିତ୍ସା ଆରମ୍ଭ କରାଯାଇଥାଏ। ଏହାଦ୍ୱାରା ରୋଗୀଙ୍କ ରୋଗମୁକ୍ତ ସଫଳତା ହାର ଅଧିକ ରହିଥାଏ ବୋଲି ଡାକ୍ତରମାନେ ପ୍ରକାଶ କରିଛନ୍ତି। କୁକୁର ରୋଗୀର ମୋଜା ତଥା ଅନ୍ୟ ପୋଷାକକୁ ଶୁଙ୍ଘି ରୋଗ ସମ୍ପର୍କରେ ସୂଚନା ଦେଇଥାନ୍ତି।



## ସଂକ୍ଷେପରେ

### ଆଜି ଆସୁଛନ୍ତି ରାଜ୍ୟପାଳ

■ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**ମାଲକାନଗିରି,୧୧।୧୧ (ଡି.ଏନ୍.ଏ.):** ଓଡିଶା ରାଜ୍ୟପାଳ ପ୍ରଫେସର୍ ଗଣେଶି ଲାଲ ସୋମବାର ମାଲକାନଗିରି ଜିଲା ଗସ୍ତରେ ଆସିବେ। ଏନେଇ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏସ୍.ପି. ଜଗମୋହନ ମୀନା ଏକ ଖବରଦାତା ସମ୍ମିଳନୀରେ ଏସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟପାଳଙ୍କ ଗସ୍ତ ପାଇଁ ୧୧ ପ୍ଲାଟୁନ୍ ଫୋର୍ସ ସହ ୮ଜଣ ଡିଏସପି ସୁରକ୍ଷା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏସ୍.ଓଜି ଓ ଭିଡିଏଫ୍‌ର ୨ଟି ୟୁନିଟ୍ ସହ ବି.ଏସ୍.ଏଫଙ୍କୁ ମଧ ମୁତୟନ କରାଯାଇଛି। ରାଜ୍ୟପାଳ ସୋମବାର ସକାଳ ୮ ଟାରେ ଭୁବନେଶ୍ୱରରୁ ବାହାରି ମାଲକାନଗିରିସ୍ଥିତ ବିଏସଏଫ୍ ହେଲିପ୍ୟାଡରେ ୧୦.୨୫ରେ ପହଞ୍ଚିବେ। ସେଠାରୁ ସେ ସିଧା କୋରକୋଣ୍ଡା ବ୍ଲକ ଯାଇ ଲୋକ ପ୍ରତିନିଧିମାନଙ୍କ ସହ ଆଲୋଚନା କରି ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବେ । ସେଠାରୁ ଅପରାହ୍ନ ୨ଟା୩୦ରେ ମାଲକାନଗିରିରେ ପହଞ୍ଚି ଡିଆରଡିଏ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟ ସମୀ କ୍ଷା କରିବେ। ଆଦିବାସୀଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ତଦାରଖ କରିବେ । ଜିଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାର କା ର୍ଯ୍ୟକାରିତା ନେଇ ଅବଗତ ହେବେ ବୋଲି ଏସପି କହିଛନ୍ତି। ରବିବାର ମାଲକାନଗିରିଠାରୁ ବାଲିମେଳା ରାସ୍ତାରେ ଦୀର୍ଘ ୩୦ କିଲୋମିଟର ରାସ୍ତାର ପ୍ରତି ଛକରେ ପୋଲିସ ମୁତୟନ ହୋଇଛନ୍ତି। ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏକ ରୋଡ୍ ଶୋ ବାଲିମେଳା ପ ର୍ଯ୍ୟନ୍ତ କରାଯାଇଛି। ମାଲକାନଗିରି ସହରର ବିଭିନ୍ନ ରାସ୍ତା ଏବଂ ସର୍କିଟ୍ ହାଉସ୍ ପରିସରରେ ପୋଲିସ ପଇଁତରା ମାରୁଛି। ସୀମାନ୍ତ ଛତିଶଗଡରେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମାଓବାଦୀମାନେ ମାଲକାନଗିରି ସୀମାକୁ ପ୍ରବେଶ କରିବାର ସମ୍ଭାବନା ଥିବାରୁ ପୋଲିସ ଅଧିକ ସତର୍କ ରହିଛି। ସୀମାକୁ ସୀଲ କରାଯାଇ ଗାଡିକୋଟର ଯାଞ୍ଚ କରାଯାଉଛି ବୋଲି ଏସପି ମୀନା ସୂଚନା ଦେଇଛନ୍ତି।

# ଇତିହାସରେ ଠିକ୍ ଶବ୍ଦଟିଏ ଗୌରବ ବୃଦ୍ଧି କରିଥାଏ

**(୧୮୦୪ ଯୁଦ୍ଧକୁ ଯଦି ରାଜବିଦ୍ରୋହ କହିବା, ତେବେ ୧୮୧୭ ଯୁଦ୍ଧକୁ କ'ଣ ବ୍ୟକ୍ତିଗତ ବିଦ୍ରୋହ କହିବା...!)**




ଡ. ସୁରେନ୍ଦ୍ର କୁମାର ମିଶ୍ର

୧୮୦୪ ମସିହା ଯୁଦ୍ଧର ନିଆଁ ଦୀର୍ଘ ୧୩ ବର୍ଷ ଧରି ଓଡ଼ିଶାରେ କୁହୁଳି ଥିଲା। ଏହି ଯୁଦ୍ଧରେ ଭାଗ ନେଇଥିବା ଗଡ଼ନାୟକ ଓ ପାଇକ ବୀରମାନଙ୍କ ମଧ୍ୟରେ ଅନେକ ୧୮୧୭ ମସିହା ପର୍ଯ୍ୟନ୍ତ ଚଳଚଞ୍ଚଳ ଥିଲେ। ୧୮୦୪ର ବୀଭତ୍ସ ଯୁଦ୍ଧ ତାଙ୍କ ମନରୁ ଲିଭି ନ ଥିଲା। ସେମାନେ ପରିସ୍ଥିତିକୁ ସତର୍କତାର ସହ ନିଘା ରଖିଥିଲେ। ସେଇ ବୀରମାନେ ଆଗେଇ ନ ଥିଲେ ପାଇକ ବିଦ୍ରୋହ ହୋଇଥାନ୍ତା କି ନା ସନ୍ଦେହ। ସେଇ ବିଦ୍ରୋହର ପ୍ରଭାବ ୧୮୨୭ ମସିହା ଯୁଦ୍ଧ ଉପରେ ଦେଖିବାକୁ ମିଳେ। ଠିକ୍ ଯେପରି ଜୟୀ ରାଜଗୁରୁଙ୍କ ସେନାପତିତ୍ୱରେ ହୋଇଥିବା ଯୁଦ୍ଧର ପ୍ରଭାବ ୧୮୧୭ରେ ହୋଇଥିବା ପାଇକମାନଙ୍କ ଯୁଦ୍ଧ ଉପରେ ପଡ଼ିଥିଲା ଠିକ୍ ସେହିପରି ପାଇକ ଯୁଦ୍ଧର ପ୍ରଭାବ ୧୮୨୭ ମସିହାରେ ହୋଇଥିବା ତାପଙ୍ଗ ଯୁଦ୍ଧ ଉପରେ ପଡ଼ିଥିଲା।

ଆମେ ଓଡ଼ିଶାରେ ଘଟି ଯାଇଥିବା ୨୩ ବର୍ଷର ଯୁଦ୍ଧକୁ ଠିକଣା ଢଙ୍ଗରେ ଇତିହାସରେ ସଜେଇଥିଲେ ଆଜି ଓଡ଼ିଶା ଏକ ବୀରଭୂମିର ମର୍ଯ୍ୟାଦାରେ କେବଳ ଜାତୀୟ ସ୍ତରରେ ନୁହେଁ, ବିଶ୍ୱ ସ୍ତରରେ ମଧ୍ୟ ରହିଥାନ୍ତା। କଳିଙ୍ଗ ଯୁଦ୍ଧର ବାସ୍ତବ ଚିତ୍ରକୁ ଯେପରି କେତେଜଣ ଅଣଓଡ଼ିଆ ଇତିହାସକାର କେଳେଇ–କୁଟେଇ ଉପସ୍ଥାପନ କଲେ, ତଦ୍ୱାରା ଆମ ପରାଜୟର କଳ–ଗାଉଣା ସବୁଆଡ଼େ ପ୍ରଚାରିତ ହେଲା। ତାହା ସଜାଡ଼ି ହେଇନି ଏଯାଏଁ।ମିଳିତ ଭାବରେ ସେ ଆଡ଼ିକି ଆମ ନିଘା ଯାଇନି। ସେଇମିତି ଖାରବେଳଙ୍କ ଦିଗ୍‌ବିଜୟ, ଗଜପତି ଲାଙ୍ଗୁଳା ନରସିଂହ ଦେବଙ୍କ ଦିଗ୍‌ବିଜୟ ଓ ଗଜପତି କପିଳେନ୍ଦ୍ର ଦେବଙ୍କ ଦିଗ୍‌ବିଜୟକୁ ଜାତୀୟ ଇତିହାସରେ ଯେପରି ସଜେଇବା କଥା ତାହା ଆମଦ୍ୱାରା ଏପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ। ଏ ଦିଗରେ ଐତିହାସିକମାନେ ଯେ ଉଦ୍ୟମ କରି ନାହାଁନ୍ତି ତାହା ନୁହେଁ, କିନ୍ତୁ କେତେକ ମହା–ଇତିହାସକାର! ଜାତି–ଗୋତ୍ର ଖୋଜିବସି ଅମଡ଼ା ବାଟକୁ ମାଡ଼ିଗଲା ପରି ଏବେ ଅନୁଭବ ହେଉଛି।




ସୂର୍ଯ୍ୟବଂଶର ପ୍ରତିଷ୍ଠାତା ଗଜପତି କପିଳେନ୍ଦ୍ର ଦେବ (ଶିଳ୍ପୀ କଳାମଣି ନାରାୟଣ ମହାରଣାଙ୍କ ଅଙ୍କିତ ରେଖାଚିତ୍ର)।

ଓଡ଼ିଶାରେ ହୋଇଥିବା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମକୁ ନେଇ ସେହି ପରିସ୍ଥିତି ଆଜି ବି ହେଉଛି। ଜି.ଟୟନ୍‌ବିଙ୍କ ମତକୁ ଉଦ୍ଧାର କରି ଧ୍ରୁବଚରଣ ଜୟସିଂହ ପାଇକରାୟ ସ୍ପଷ୍ଟ ଭାବରେ ମତ ଦେଲେ ଯେ, '.........ଇଂରେଜଙ୍କୁ ଓଡ଼ିଶା ରାଇଜରୁ ବିତାଡ଼ିତ କରିବା ପାଇଁ ଖୋର୍ଦ୍ଧା ପାଇକମାନଙ୍କୁ ସଙ୍ଗଠିତ କରି ଜୟୀ ରାଜଗୁରୁ ପ୍ରୋତ୍ସାହିତ କରିଥିଲେ, ତେଣୁ ପାଇକ ବିଦ୍ରୋହ (ଆମ ମତରେ ପାଇକ ଯୁଦ୍ଧ) ବାସ୍ତବରେ ୧୮୦୪ ମସିହାରୁ ଆରମ୍ଭ ହୋଇଥିଲା ବୋଲି ଗ୍ରହଣ କରିବାରେ ଐତିହାସିକ ବିଭ୍ରାନ୍ତି ହେବ ନାହିଁ.....'। ଏହାକୁ ଆମେ ଉଦ୍ଧାର କରିଥିଲୁ ୧୮୦୪ ମସିହା ଯୁଦ୍ଧର ୧୮୧୭ ମସିହା ପାଇକ ବିଦ୍ରୋହ ଉପରେ ପଡ଼ିଥିବା ପ୍ରଭାବର ଷଷ୍ଠ ବିନ୍ଦୁରେ। ଗୋଟିଏ ଗୋଟିଏ ବିନ୍ଦୁକୁ ସ୍ପଷ୍ଟ ଭାବରେ ବୁଝାଇବାକୁ ଆମେ ଚେଷ୍ଟା କରିଛୁ ଯେ, ୧୮୦୪ ମସିହାରୁ ଓଡ଼ିଶାରେ ସାମ୍ରାଜ୍ୟବାଦ ବିରୋଧରେ ବାସ୍ତବରେ ପ୍ରଥମ ଯୁଦ୍ଧ ଆରମ୍ଭ ହୋଇଥିଲା। ସେହିଠାରୁ ବିଚାର ହେବା ଆବଶ୍ୟକ। ସେଥିପାଇଁ ଆମେ ''ଓଡ଼ିଶା ରାଇଜ ଛାଡ଼'' ଶୀର୍ଷକ ଦେଇଥିଲୁ। କାରଣ ଚଳିତବର୍ଷ 'ଅର୍ପିତା' ପତ୍ରିକାର ଅପ୍ରେଲ–ଜୁନ୍ ସଂଖ୍ୟାରେ 'ଇତିହାସ ପୁଣି ଲେଉଟିଛି' ଶୀର୍ଷକରେ ସତ୍ୟବାଦୀ ବଳିୟାରସିଂହ ୧୮୦୪ ମସିହା ଯୁଦ୍ଧକୁ 'ରାଜ ବିଦ୍ରୋହ' ବୋଲି ଉଲ୍ଲେଖ କରିଛନ୍ତି। ଏହି ଶବ୍ଦ ବ୍ୟବହାର କରି ଓଡ଼ିଶାର ପ୍ରଥମ ଯୁଦ୍ଧକୁ ସେ କ'ଣ କରିବାକୁ ଚାହାନ୍ତି ଆମ ପାଇଁ ଏବେ ଅବୁଝା ହୋଇ ରହିଛି। ପ୍ରଥମ ଯୁଦ୍ଧକୁ 'ରାଜ ବିଦ୍ରୋହ' ଯଦି କହିବା, ୧୮୧୭ ପାଇକ ବିଦ୍ରୋହକୁ କ'ଣ ବ୍ୟକ୍ତିଗତ ବିଦ୍ରୋହ ବା ଘରୋଇ ବିଦ୍ରୋହ କହିବା? ସେହିପରି ସେ ଏକ ଶବ୍ଦ ପ୍ରୟୋଗ କରିଛନ୍ତି ୧୮୦୪ ଯୁଦ୍ଧ ବେଳେ ରାଜଗୁରୁ (ଜୟୀ)ଙ୍କ ମନ୍ତ୍ରଣାରେ ଦେୱାନ୍ (ମନ୍ତ୍ରୀ), ବକ୍ସି (ସେନାପତି)ଙ୍କ ସହ ରାଜାଙ୍କ ସମ୍ପର୍କକୁ ଦୂରେଇ ଦିଆ ଯାଇଥିଲା। ଏ ସମ୍ପର୍କରେ ପୂର୍ବରୁ ଲେଖିସାରିଛୁ। ଆଉ ଅଧିକ ନ ଲେଖି କେବଳ ସରକାରୀ ଦସ୍ତାବିଜ୍‌ରୁ ଜଣାପଡୁଥିବା ପ୍ରାମାଣିକ ମତକୁ ଚେତେଇ ଦେଉଛି ଯେ, ସେ ବେଳରେ ବକ୍ସି ଦୋଷୀ ସାବ୍ୟସ୍ତ ନ ହୋଇ ମଧ୍ୟ 'ପଳାତକ' ଘୋଷିତ ହୋଇଥିଲେ ଏକ ହତ୍ୟା ମକଦ୍ଦମା ହେତୁ। ସମାଜରେ ତାଙ୍କର ଗତାଗତ ମୋଟରୁ ନ ଥିଲା।



ବକ୍ସି ଜଗବନ୍ଧୁ (ଫଟୋ: ସ୍ୱାଧୀନ ଚମ୍ପତିରାୟ)

ଅବଶ୍ୟ ସେ ଲେଖୁ ଲେଖୁ ବକ୍ସିଙ୍କ ସମ୍ବନ୍ଧରେ ଯାହା ଲେଖିଛନ୍ତି ସେଥିରୁ ଜଣେ ନିରପେକ୍ଷ ବିଚାର କଲେ ଜାଣିପାରିବ ବକ୍ସି ସେବେଳେ କେଉଁଥିପାଇଁ ଓ କାହିଁକି ବ୍ୟସ୍ତ ଥିଲେ? ସେ ଲେଖିଛନ୍ତି '.... କୃଷ୍ଣଚନ୍ଦ୍ର ସିଂହ ରାହାଙ୍ଗ ଓଗେର କିଣିନେବା ଯୋଗୁଁ ରୋଡ଼ଙ୍ଗ ସେଥିରେ ଚାଲିଗଲା। ବକ୍ସି କମିଶନରଙ୍କ ନିକଟରେ ଆପତ୍ତି ଦରଖାସ୍ତ କଲେ। ଏଣେ ବକ୍ସିଙ୍କ ଦାଦାପୁଅ ଭାଇ ଗଦାଧର ଜାଗିରି ଜମି ପାଇଁ ବିବାଦ କଲେ। ଏଣୁ ମାଲିମକଦ୍ଦମା ଲାଗି ରହିଲା। ସେ ୧୮୦୫ ରୁ ୧୮୧୬ ପର୍ଯ୍ୟନ୍ତ କୋର୍ଟ କଚେରିକୁ ଦୌଡ଼ି ଦୌଡ଼ି ସର୍ବସ୍ୱାନ୍ତ ହେଲେ। ଇଂରେଜ ସରକାରଙ୍କ ଉପରୁ ତାଙ୍କର ଆସ୍ଥା ତୁଟିଗଲା। ତାଙ୍କ ହୃଦୟରେ ଇଂରେଜ ବିରୋଧରେ ବିଦ୍ରୋହାଗ୍ନି ଜଳି ଉଠିଲା। ସେ ହେଲେ ଅସହଯୋଗୀ ଜଗବନ୍ଧୁ'। ପୁନଃ ଲେଖିଛନ୍ତି– '......ବକ୍ସି ଜଗବନ୍ଧୁଙ୍କର ଶେଷ ସମ୍ବଳ ନିଜ ଚାଷ ଜମିକୁ ତାଙ୍କ ଗୁମାସ୍ତା ଜଗବନ୍ଧୁ ପଟ୍ଟନାୟକ ବିଶ୍ୱାସଘାତକତା କରି ଆତ୍ମସାତ୍ କଲେ। ପୈତୃକ ରୋଡ଼ଙ୍ଗ କିଲ୍ଲା, ଜାଗିରି ଜମି ଓ ନିଜ ଚାଷ ଜମିକୁ ହରାଇ ବକ୍ସି ଜଗବନ୍ଧୁ ଦାଣ୍ଡର ଭିକାରି ହୋଇଗଲେ। ଜୀବନଧାରଣ ପାଇଁ ନିକଟ ଅଂଚଳର ସରକାରଙ୍କ ଦୟା ଉପରେ ନିର୍ଭର କରିବାକୁ ପଡୁଥିଲା। ସହିବାର ସମସ୍ତ ସୀମା ଟପିଗଲା ପରେ ଇଂରେଜ ବିରୋଧରେ ବିଦ୍ରୋହ ପାଇଁ ମନ ସ୍ଥିର କଲେ।'

ଜଣେ ଇତିହାସକାର ବକ୍ସିଙ୍କ ଗୌରବ ବୃଦ୍ଧି ପାଇଁ ଭିନ୍ନ ତରିକାରେ ଦୁଇଟି ବାକ୍ୟରେ ଏ କଥାକୁ ଉପସ୍ଥାପନ କରିଥିଲେ ଚଳିଥାନ୍ତା। ୧୫ଟି ପ୍ରମୁଖ କାରଣ ଯୋଗୁଁ ପାଇକ ବିଦ୍ରୋହ ସଙ୍ଗଠିତ ହୋଇଥିଲା। ଅନ୍ତିମ କାରଣଟି ବକ୍ସିଙ୍କ ପ୍ରତି ହୋଇଥିବା ଚକ୍ରାନ୍ତ। ସେଇ କାରଣଟିକୁ ଶ୍ରୀବୃଦ୍ଧି କରିବା ପାଇଁ ସେବେଳରୁ ଏବେଳ ଯାଏଁ ଇତିହାସକାରମାନେ ଯେମିତି ଚେଷ୍ଟା କରିଛନ୍ତି, ତାହା ଦିଅଁ ଗଢୁ–ଗଢୁ ବାନ୍ଦର ହେଲା ପରି ମନେହୁଏ। ଏବେ ଯୁବପିଢ଼ି ଶବବ୍ୟବଚ୍ଛେଦ ଆଲୋଚନା ବୋଲି ଏହାକୁ ନାକ ଟେକୁଛନ୍ତି। ଏଭଳି ଉପସ୍ଥାପନାରେ ବକ୍ସିଙ୍କର ଗୌରବବୃଦ୍ଧି ହେଉ ନାହିଁ, ବରଂ ପ୍ରକାରାନ୍ତରରେ ବ୍ୟକ୍ତିଗତ କାରଣରୁ ସେ ଯୁଦ୍ଧକୁ ଓହ୍ଲାଇଥିଲେ ବୋଲି ଧାରଣା ସୃଷ୍ଟି ହେଉଛି। ୧୪ଟି କାରଣକୁ ଦୁଇ ଧାଡ଼ିରେ କୁହାଯାଉଛି, ଅଥଚ ଦୁଇ ଧାଡ଼ିର ପାଠକୁ ୧୪ ପୃଷ୍ଠାରେ କୁହାଯାଉଛି। ତାହା ହିଁ ବିଡ଼ମ୍ବିତ କରି ଦେଇଛି ଏକ 'ଯୁଦ୍ଧ'କୁ 'ବିଦ୍ରୋହ' ଶୀର୍ଷକରେ।

ତେବେ କ'ଣ ୧୮୧୭ ମସିହା ପାଇକ ଯୁଦ୍ଧ ଥିଲା ବ୍ୟକ୍ତଗତ ବିଦ୍ରୋହ? ଘରବାଡ଼ି ଓ ଜମିଦାରି ପାଇଁ ସେ ବିଦ୍ରୋହୀ ହୋଇଥିଲେ? ନିଜ ଲକ୍ଷ୍ୟ ପୂରଣ ପାଇଁ କ'ଣ ସେ ପାଇକମାନଙ୍କୁ ସଙ୍ଗଠିତ କରିଥିଲେ? ୧୮୦୪ ମସିହା ଯୁଦ୍ଧକୁ 'ରାଜ ବିଦ୍ରୋହ' ଆଖ୍ୟା ଦେଇ ୧୮୧୭ ମସିହା ଯୁଦ୍ଧକୁ ତେବେ କ'ଣ 'ବ୍ୟକ୍ତିଗତ ବିଦ୍ରୋହ' ବୋଲି ପ୍ରମାଣ କରିବାକୁ ପଥ ପରିଷ୍କାର କରିଦେବା?? ହାଏରେ...। ଇତିହାସକୁ ଯଦି ଇତିହାସକାରମାନେ ଏମିତି ସଜେଇବେ ତେବେ ଆମ ଗୌରବର ସ୍ୱର କେତେବାଟ ପର୍ଯ୍ୟନ୍ତ ଶୁଭିବ!

# ୭୦ ହଜାର କନିଷ୍ଠ ଶିକ୍ଷକଙ୍କ ଇସ୍ତଫା ଧମକ

ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)

ରାଜ୍ୟ ସରକାର କନିଷ୍ଠ ଶିକ୍ଷକମାନଙ୍କୁ ଅଣଦେଖା କରୁଛନ୍ତି। ଫିଟ୍‌ମେଣ୍ଟ କମିଟିର ସୁପାରିସ ସତ୍ତ୍ୱେ କନିଷ୍ଠ ଶିକ୍ଷକମାନଙ୍କୁ କେନ୍ଦ୍ର ପ୍ରଦତ୍ତ ଅବିକଳ ମୂଳ ଦରମା ଏବଂ ବିଜ୍ଞାପନ ଆଧାରରେ ବି.ଏଡ୍ ଭିତ୍ତିରେ ନିଯୁକ୍ତ କନିଷ୍ଠ ଶିକ୍ଷକମାନଙ୍କୁ ମୂଳ ଦରମା ୯୩୦୦ ଓ ଗ୍ରେଡ୍ ପେ' ୪୬୦୦ ଟଙ୍କା ହାରରେ ଦରମା ପ୍ରଦାନ କରାଯାଉନାହିଁ। ଏହାର ପ୍ରତିବାଦରେ ରାଜ୍ୟରେ କାର୍ଯ୍ୟରତ ୭୦ ହଜାରରୁ ଊର୍ଦ୍ଧ୍ୱ କନିଷ୍ଠ ଶିକ୍ଷକ ସମୂହ ଇସ୍ତଫା ଦେବାକୁ ଚେତାବନୀ ଦେଇଛନ୍ତି।

ଆଗାମୀ ବିଧାନସଭା ସମୟରେ କନିଷ୍ଠ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ସଜବାଜ ହେଉଥିବା ରବିବାର ବି.ଏଡ୍ ଶିକ୍ଷା ସହାୟକ ସଂଘ ପକ୍ଷରୁ ଆୟୋଜିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ହୋଇଛି। ରାଜ୍ୟ ସଂଘ ସଭାପତି ଅଜୟ କୁମାର ଧଳ ଏଥିରେ ସଭାପତିତ୍ୱ କରି କହିଛନ୍ତି ଯେ, ରାଜ୍ୟ ସରକାର ସମସ୍ତ ବର୍ଗର କର୍ମଚାରୀଙ୍କୁ ସପ୍ତମ ବେତନ କମିଶନଙ୍କ ସୁପାରିସ ଆଧାରରେ ବର୍ଦ୍ଧିତ ଦରମା ପ୍ରଦାନ ପାଇଁ ଏକ ଫିଟ୍‌ମେଣ୍ଟ କମିଟି ଗଠନ କରିଥିଲେ। ଶିକ୍ଷା ସହାୟକ ସଂଘ(କନିଷ୍ଠ ଶିକ୍ଷକ)କୁ ସେମାନଙ୍କ ଦାବି ଉପସ୍ଥାପନ କରିବା ପାଇଁ କୁହାଯାଇଥିଲା। କମିଟି ଶିକ୍ଷା ସହାୟକମାନଙ୍କ କଥା ଶୁଣି ସେମାନଙ୍କ ଦରମା ବୃଦ୍ଧି କରାଯିବ ବୋଲି ସୁପାରିସ କରିଥିଲା। ରାଜ୍ୟରେ କାର୍ଯ୍ୟରତ ଠିକା କର୍ମଚାରୀମାନଙ୍କୁ ମୂଳ ଦରମାର ଶତକଡ଼ା ୨୫ ଭାଗ ବୃଦ୍ଧି ଏବଂ ବାର୍ଷିକ ୧୦ ପ୍ରତିଶତ ହାରରେ ଅଭିବୃଦ୍ଧି ହିସାବରେ ଦରମା ପ୍ରଦାନ କରାଯିବା ପାଇଁ ସୁପାରିସ କରିଥିଲା। କିନ୍ତୁ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ସମସ୍ତ କର୍ମଚାରୀଙ୍କୁ ରାଜ୍ୟ ସରକାର ସପ୍ତମ ବେତନ କମିଶନଙ୍କ ସୁପାରିସ ଆଧାରରେ ଦରମା ଦେଉଥିବାବେଳେ କନିଷ୍ଠ ଶିକ୍ଷକଙ୍କୁ ସେଥିରୁ ବଞ୍ଚିତ କରିଆସୁଛନ୍ତି ବୋଲି ସେ କହିଛନ୍ତି। ଆଗାମୀ ବିଧାନସଭା ପୂର୍ବରୁ ସରକାର ଦାବି ପୂରଣ ନ କଲେ ସମସ୍ତ କନିଷ୍ଠ ଶିକ୍ଷକ ସମୂହ ଇସ୍ତଫା ଦେଇ ବିଧାନସଭା ସମ୍ମୁଖରେ ଅହୋରାତ୍ର ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ବୈଠକରେ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ନାୟକ, ଉପସଭାପତି ସରୋଜ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ନିଜ ରଚିତ ପୁସ୍ତକ ଉନ୍ମୋଚନ କଲେ ମନୀଷା

**ନୂଆଦିଲ୍ଲୀ:** ଅଭିନେତ୍ରୀ ମନୀଷା କୋଇରାଲା ତାଙ୍କ ରଚିତ ପୁସ୍ତକ 'ହିଲ୍‌ଡ' ଉନ୍ମୋଚନ କରିଛନ୍ତି। ଓଭାରିଆନ୍ କ୍ୟାନ୍‌ସର ବିରୋଧରେ କିପରି ସେ ସଂଗ୍ରାମ କରିଥିଲେ ସେ ସମ୍ପର୍କିତ ବ୍ୟକ୍ତିଗତ କାହାଣୀ ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି। ମନୀଷା ତାଙ୍କ ପୁସ୍ତକର ପ୍ରଚ୍ଛଦପୃଷ୍ଠାର ଫଟୋ ସୋସିଆଲ ମିଡିଆରେ ପକାଇ ସେଥିରେ ଟୁଇଟ୍ କରିଛନ୍ତି, କ୍ୟାନ୍‌ସର ରୋଗରୁ ମୁକୁଳିବା ପରେ ସେ ନିଜକୁ ନୂଆକରି ଆବିଷ୍କାର କରିଛନ୍ତି ଏବଂ ଆଉଥରେ ଜୀବନକୁ ଭଲ ପାଇବା ଶିଖିଛନ୍ତି। ତେଣୁ ସେ ତାଙ୍କର ବନ୍ଧୁ ଓ ପ୍ରଶଂସକଙ୍କୁ ଏହି ପୁସ୍ତକ ଉପହାର ଦେଇଥିବା ବର୍ଣ୍ଣନା କରିଛନ୍ତି। ୧୯୯୪ରେ ମୁକ୍ତିଲାଭ କରିଥିବା '୧୯୪୨: ଏ ଲଭ୍ ଷ୍ଟୋରି'ର ନାୟିକା ମନୀଷାଙ୍କ ହସହସ ମୁହଁ ପୁସ୍ତକର ପ୍ରଚ୍ଛଦପୃଷ୍ଠାରେ ସ୍ଥାନ ପାଇଛି। ଆମେରିକାରେ ଚିକିତ୍ସିତ ହେବା ସମୟରେ ତାଙ୍କୁ ଚିକିତ୍ସକମାନେ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦେଉଥିଲେ। ସେଠାରେ ଚିକିତ୍ସିତ ହେବାଠାରୁ ନୂଆ ଜୀବନ ପାଇ ସ୍ୱଦେଶ ଫେରିବା ପର୍ଯ୍ୟନ୍ତ ବିଭିନ୍ନ ଘଟଣା ସମ୍ପର୍କରେ ଏଥିରେ ବର୍ଣ୍ଣନା କରାଯାଇଛି। ଚିକିତ୍ସା କାଳରେ ମନୀଷାଙ୍କ ଆଶଙ୍କା, ହତାଶବୋଧ, ଅନିଶ୍ଚିତତା ଏବଂ ଜୀବନ ସଂଗ୍ରାମ ସମ୍ପର୍କରେ ବର୍ଣ୍ଣିତ ଲେଖା ପାଠକଲେ ଜଣେ ଭାବପ୍ରବଣ ହୋଇପଡିବା ସ୍ୱାଭାବିକ। କ୍ୟାନ୍‌ସରରୁ ମୁକ୍ତହେବାର ୬ବର୍ଷ ସମ୍ପୂର୍ଣ୍ଣ ହୋଇଥିବାରୁ ମନୀଷା ତାଙ୍କ ଜୀବନ କାହାଣୀ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି। କ୍ୟାନ୍‌ସରକୁ ଭୟ ନ କରି ଏହା ବିରୋଧରେ ସଂଗ୍ରାମ ଜାରି ରଖିବାକୁ ସେ ପରାମର୍ଶ ଦେଇଥିବା ଉକ୍ତ ପୁସ୍ତକର ପ୍ରକାଶକ ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆ ଏହାର ୱେବ୍‌ସାଇଟ୍‌ରେ ପୋଷ୍ଟ କରିଛି।




ଅଭିନୟ ଦୃଷ୍ଟିରୁ ବର୍ତ୍ତମାନ ମନୀଷାଙ୍କୁ ରାଜକୁମାର ହିରାନିଙ୍କ 'ସଞ୍ଜୁ' (ସଞ୍ଜୟ ଦତ୍ତଙ୍କ ଜୀବନୀ ଉପରେ ଆଧାରିତ) ଏବଂ ନେଟ୍‌ଫ୍ଲିକ୍ସ ଫିଲ୍ମ 'ଲଷ୍ଟ ଷ୍ଟୋରିଜ୍'ରେ ଦେଖିବାକୁ ମିଳୁଛି।

# ବିଜୁ ସମତାକ୍ରାନ୍ତି ଦଳ ନେଇ ତତ୍ପରତା

ଭୁବନେଶ୍ୱର,୧୧।୧୧(ବ୍ୟୁରୋ)

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ନୂଆ ଆଞ୍ଚଳିକ ଦଳକୁ ନେଇ ସେତିକି ଉତ୍କଣ୍ଠା ପ୍ରକାଶ ପାଉଛି। ବିଜେଡିରୁ ବହିଷ୍କୃତ ଦାମୋଦର ରାଉତ ଶନିବାର ବିଜୁ ସମତାକ୍ରାନ୍ତି ଦଳ ଗଠନ ନେଇ ସୂଚନା ଦେଇସାରିଛନ୍ତି। ଏହାପରେ ନୂତନ ଦଳ ଗଠନକୁ ନେଇ ସାମାନ୍ୟ ତତ୍ପରତା ପ୍ରକାଶ ପାଇଛି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମତାକ୍ରାନ୍ତି ଦଳର ମୁଖ୍ୟ ବ୍ରଜ କିଶୋର ତ୍ରିପାଠୀ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଶିଳ୍ପପତି ବୈଜୟନ୍ତ ପଣ୍ଡାଙ୍କ ସହ ଆଲୋଚନା ଚାଲିଥିବା ଦାମ କହିଛନ୍ତି। ସେହିପରି ବିଜୟ ମହାପାତ୍ରଙ୍କ ସହ ସିଧାସଳଖ ଯୋଗାଯୋଗ ହୋଇପାରିନାହିଁ। ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସହ ଜଡ଼ିତ ଥିବା ପୁରୁଖା ରାଜନେତା ଏବଂ ସମଭାବାପନ୍ନ ବ୍ୟକ୍ତିବିଶେଷଙ୍କୁ ନେଇ ବିଭିନ୍ନ ଦିଗରୁ ବିଚାର କରାଯାଉଛି। ହେଲେ ଏ ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ରାଜ୍ୟରେ ଚାଲିଥିବା ଦୁର୍ନୀତି ଏବଂ ଭ୍ରଷ୍ଟାଚାର ଶାସନକୁ ଦୂର କରିବାକୁ ହେଲେ ଆଞ୍ଚଳିକ ଦଳର ଆବଶ୍ୟକ ଥିବା ଦାମ କହିଛନ୍ତି।

ସେହିପରି ବ୍ରଜକିଶୋର କହିଛନ୍ତି ଯେ, ନୂତନ ଆଞ୍ଚଳିକ ଦଳ ନେଇ ପ୍ରାଥମିକ ଭାବେ ସହମତି ଆସିଛି। ସମତାକ୍ରାନ୍ତି ଦଳରେ ଦାମବାବୁ ପ୍ରମୁଖ ଯୋଗଦେବେ ବୋଲି ଜଣାଇଛନ୍ତି। ବିଜୁବାବୁଙ୍କ ଅନୁଗତମାନଙ୍କ ଆବାହକତ୍ୱରେ ଦଳ ଗଠନ କରାଯାଉଛି। ତେଣୁ ସମତାକ୍ରାନ୍ତି ପୂର୍ବରୁ ବିଜୁ ନାମ ରଖାଯିବା ନେଇ ପ୍ରସ୍ତାବ ଆସିଛି। ଦଳ ଗଠନ, ନାମ ପରିବର୍ତ୍ତନ ଇତ୍ୟାଦି ଏକ ସାମ୍ବିଧାନିକ ପ୍ରକ୍ରିୟା। ଦଳର କାର୍ଯ୍ୟକାରିଣୀ ଏବଂ ପଦାଧିକାରୀଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ବ୍ରଜ କହିଛନ୍ତି। ସେହିପରି ନୂଆ ଦଳରେ ବିଜୟ ମହାପାତ୍ରଙ୍କ ଯୋଗଦାନ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି ଯେ, ବିଜୟ ବାବୁ ଜଣେ ଅଭିଜ୍ଞ ଲୋକ। ରାଜ୍ୟ ରାଜନୀତି ଉପରେ ତାଙ୍କର ଯଥେଷ୍ଟ ଦଖଲ ରହିଛି। ଏବେ ସେ ଭାଜପାରେ ଅଛନ୍ତି। ତେଣୁ ସେ ଭବିଷ୍ୟତରେ କି ପଦକ୍ଷେପ ନେବେ, ସେନେଇ ନିଶ୍ଚୟ ବିଚାରବିମର୍ଶ କରୁଥିବେ। ସେହିପରି ଢେଙ୍କାନାଳ ଜିଲାରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେଇ ଶିଳ୍ପପତି ବୈଜୟନ୍ତ କହିଛନ୍ତି ଯେ, ପରବର୍ତ୍ତୀ ରଣନୀତି ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେଇନାହିଁ। ଏ ସମ୍ପର୍କରେ ସାଧାରଣ ଜନତା ଏବଂ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା ଜାରି ରହିଛି।

୨୦୦୪, ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଏକାଧିକ ଆଞ୍ଚଳିକ ଦଳ ଗଠନ ହୋଇଛି। ହେଲେ କୌଣସି ଦଳ ବିଶେଷ ପ୍ରଭାବ ପକାଇ ପାରିନାହାନ୍ତି। ତେଣୁ ୨୦୧୯ ପୂର୍ବରୁ ଭାବିଚିନ୍ତି ପଦକ୍ଷେପ ନେବା ପାଇଁ ସବୁ ସ୍ତରରେ ଚେଷ୍ଟା ଚାଲିଛି। କିଛିମାସ ପୂର୍ବେ ଓଡ଼ିଶା ଜନମୋର୍ଚ୍ଚା ଓ ଅନ୍ୟାନ୍ୟ ସଙ୍ଗଠନ ସମତାକ୍ରାନ୍ତି ଦଳରେ ବିଲୀନ ହୋଇଥିଲେ। ଅଣବିଜେଡି–ଅଣଭାଜପା ଶକ୍ତିଗୁଡ଼ିକୁ ଏକାଠି କରି ଗୋଟିଏ ରାଜନୈତିକ ମଞ୍ଚ ଗଢ଼ିବା ପାଇଁ ଉଦ୍ୟମ ଚାଲିଥିବା ଜଣାପଡିଛି।

ଦନ୍ତା ମାରି ଦାନ୍ତ କାଟିନେବା ଘଟଣା

# ଫରେଷ୍ଟର, ଗାର୍ଡ ନିଲମ୍ବିତ

ପାଲଲହଡ଼ା, ୧୧।୧୧(ଡି.ଏନ.ଏ.)

ଦେବଗଡ଼ ବନଖଣ୍ଡ ଅନ୍ତର୍ଗତ ଖମାର ବନାଞ୍ଚଳ ପାଉଁଶିଆ ବଡ଼ଗୁଣ୍ଡ ଜଙ୍ଗଲରେ ଏକ ଦନ୍ତା ହାତୀ ଶିକାର କରାଯାଇ ଦାନ୍ତ କାଟି ନିଆଯାଇଥିବା ଘଟଣା ଗତ ଶୁକ୍ରବାର ଜଣାପଡ଼ିଥିଲା। ଏ ନେଇ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଥିବା ବେଳେ ରବିବାର କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଫରେଷ୍ଟର ଦିବ୍ୟଲୋଚନ ପାତ୍ର ଓ ଗାର୍ଡ କମଳିନୀ ସାହୁଙ୍କୁ ନିଲମ୍ବନ କରାଯାଇଛି। ଦେବଗଡ ଡିଏଫ୍‌ଓ କାର୍ତ୍ତିକ ସାମନ୍ତରାୟ ଉକ୍ତ ନିଲମ୍ବନ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅନ୍ୟପଟେ ହାତୀ ଶିକାର କରିଥିବା ସନ୍ଦେହରେ ବନ ବିଭାଗ ୬ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ ସହ କାଟି ନିଆଯାଇଥିବା ଦାନ୍ତ ଉଦ୍ଧାର କରାଯିବ ବୋଲି ଖମାର ରେଞ୍ଜର ରାମଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

# ଅନଭିଜ୍ଞ କମ୍ପାନୀ ହାତରେ ବିଜୁଳି ବିତରଣ ଭାର ଦେବାକୁ ଯୋଜନା

ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)

ମେକ୍ ଇନ ଓଡ଼ିଶା କନ୍‌କ୍ଲେଭ ପୂର୍ବରୁ ଶିଳ୍ପ ସଂସ୍ଥାକୁ ବିଜୁଳି ବିତରଣ ନେଇ ବଡ ଦୁର୍ନୀତି ହୋଇଥିବା ଭାଜପା ଅଭିଯୋଗ ଆଣିଛି। ଦଳର ମୁଖ୍ୟାଳୟଠାରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ, ବିଜୁଳି ବିତରଣ କମ୍ପାନୀ ପରିଚାଳନା ଭାର ନିର୍ଦ୍ଦିଷ୍ଟ ଏକ କମ୍ପାନୀ ହାତକୁ ଟେକିଦେବା ଲାଗି ସବୁ ପ୍ରସ୍ତୁତି ଶେଷ ହୋଇଛି । ଉକ୍ତ ଘରୋଇ କମ୍ପାନୀଙ୍କୁ ଠିକା ଦେବାଲାଗି ନିର୍ଦ୍ଦିଷ୍ଟ କମ୍ପାନୀକୁ ସୁହାଇଲା ଭଳି ନିୟମ କରାଯାଇଛି । ରାଜ୍ୟ ସରକାର ଏଭଳି ନିୟମ କରିଛନ୍ତି ଯେପରି ଦେଶର ଅଧିକ ଶକ୍ତି ବିତରଣ କମ୍ପାନୀଗୁଡିକ ସେହି ଟେଣ୍ଡରରେ ଭାଗ ନେଇପାରିବେ ନାହିଁ । ଏବେ ସୁଦ୍ଧା ଦୌଡରେ ମାତ୍ର ୨ଟି କମ୍ପାନୀ ଥିବାବେଳେ ସେଥିରୁ ରାଜ୍ୟ ସରକାର ଏକ ଅନଭିଜ୍ଞ ତଥା ଅପେକ୍ଷାକୃତ ଛୋଟ କମ୍ପାନୀକୁ ଠିକା ଦେବାକୁ ଯୋଜନା କରିଛନ୍ତି । ଓଡ଼ିଶା ଶକ୍ତି କ୍ଷେତ୍ରର ଭିତ୍ତିଭୂମି ବିପର୍ଯ୍ୟୟ ପାଇଁ ବିଭାଗୀୟ ସଚିବଙ୍କୁ ସେ ଦାୟୀ କରିଛନ୍ତି। ଲୋକଙ୍କୁ ଏବେ ମାତ୍ର ୧୯ଘଣ୍ଟା ବିଜୁଳି ମିଳୁଛି। ଓଡ଼ିଶାର ଏଟି ଆଣ୍ଡ ଡି କ୍ଷତି ୪୧ପ୍ରତିଶତ ରହିଛି। ଏହା ଅନ୍ୟ ରାଜ୍ୟ ଏବଂ ଜାତୀୟ ହାରଠାରୁ ଯଥେଷ୍ଟ ଅଧିକ। ବର୍ତ୍ତମାନ ସେସୁକୁ ବିକ୍ରି କରି ଅନାମଧେୟ ଘରୋଇ କମ୍ପାନୀ ହାତରେ ଆସନ୍ତା ୩୦ବର୍ଷ ପାଇଁ ଓଡ଼ିଶାର ବିଜୁଳି ବ୍ୟବସ୍ଥାକୁ ଟେକି ଦିଆଯାଇଛି। ସେଥିରୁ ୧ହଜାର କୋଟି ଟଙ୍କାର ପିସି ଖାଇବାର ମହା ଷଡ଼ଯନ୍ତ୍ର କରାଯାଇଛି ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି।

ଲେଖାଶ୍ରୀ ଆହୁରି କହିଛନ୍ତି ଯେ, ସେସୁର ବିଡିଂ କ୍ଲଜ୍‌କୁ କୋହଳ କରି, ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ଆଦୌ ଅଭିଜ୍ଞତା ନ ଥିବା ଇଣ୍ଡିଆ ପାୱାର ଭଳି ଛୋଟ କମ୍ପାନୀକୁ ଟେକ୍‌ନିକାଲ ବିଡିଂ ପ୍ରକ୍ରିୟାରେ ଶର୍ଟ ଲିଷ୍ଟ କରିଛନ୍ତି। ଇଣ୍ଡିଆ ପାୱାର କେବେ ବି ୧ହଜାରରୁ ଊର୍ଦ୍ଧ୍ୱ ଗ୍ରାହକଙ୍କୁ ବିଜୁଳି ଯୋଗାଇ ନାହିଁ। ନିକଟ ଅତୀତରେ ବିହାରର ଗୟା ସହରକୁ ବିଜୁଳି ଯୋଗାଇ ଦେବା ଚୁକ୍ତିରେ ବିଫଳ ହେବା ପରେ ତାଙ୍କ ଚୁକ୍ତି ରଦ୍ଦ କରି ତାଙ୍କୁ କଳା ତାଲିକା ଭୁକ୍ତ କରାଯାଇଥିଲା। ଗରିବ ଲୋକଙ୍କ ପାଇଁ ଏବେ ୩୦ ୟୁନିଟ ପାଇଁ ସରକାର ୮୦ଟଙ୍କା ଦର ଧାର୍ଯ୍ୟ କରିଛନ୍ତି। ରାଜ୍ୟ ସରକାର ଶସ୍ତା ବିଜୁଳି ନାଁରେ ସାଧାରଣ ଲୋକଙ୍କୁ ଠକୁଛନ୍ତି । ଗ୍ରାମୀଣ ବିଜୁଳି ସଞ୍ଜୋଗ ପାଇଁ କେନ୍ଦ୍ର ସରକାର ୮୦୭୭କୋଟି ଟଙ୍କା ଯୋଗାଇ ଦେଇଥିବା ବେଳେ ରାଜ୍ୟ ସରକାର ସେହି ଅର୍ଥ ଖର୍ଚ୍ଚ କରିବାରେ ବିଫଳ ହୋଇଛନ୍ତି । ଗଞ୍ଜାମ ଜିଲାରେ ୪୭ପ୍ରତିଶତ ବିପିଏଲ ପରିବାର ଏବେ ମଧ୍ୟ ବିଜୁଳି ସେବା ପାଇବାରୁ ବଞ୍ଚିତ ଅଛନ୍ତି ବୋଲି ଲେଖାଶ୍ରୀ କହିଛନ୍ତି।



# ସ୍ମାର୍ଟ ରୋବୋ

ରୋବୋର ବ୍ୟବହାର ଦିନକୁ ଦିନ ବଢ଼ିଚାଲିଛି। ବିଭିନ୍ନ କ୍ଷେତ୍ରରେ ଏହାର ଉପଯୋଗ କରାଯାଇ ସୁଫଳ ମିଳିସାରିଛି। ଆଜିକାଲି ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ରୋବୋ ସହାୟତାରେ ଅପରେଶନ ପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦିତ ହୋଇପାରୁଛି। ନିକଟରେ ଚାଇନାର ବୈଜ୍ଞାନିକମାନେ ଏଭଳି ଏକ ରୋବୋ ପ୍ରସ୍ତୁତ କରିଛନ୍ତି, ଯାହା ବୟସ୍କ ବ୍ୟକ୍ତିଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇପାରିବ। ବିଶେଷ ଭାବରେ ବୟସ୍କ ବ୍ୟକ୍ତି ନିଜକୁ ଏକୁଟିଆ ଅନୁଭବ କରିଥାଆନ୍ତି। ଉକ୍ତ ରୋବୋ ସେମାନଙ୍କ ଏକୁଟିଆପଣ ଦୂର କରିବା ସହ ସେମାନଙ୍କୁ ସ୍ୱାସ୍ଥ୍ୟଜନିତ ପରାମର୍ଶ ଦେଇପାରିବ। ଏପରି କି ସେମାନେ ଅସୁସ୍ଥ ଅଛନ୍ତି କି ନାହିଁ ଏହି ରୋବୋ ସୂଚନା ଦେଇପାରିବ। ସେମାନଙ୍କର ସାଧାରଣଜ୍ଞାନ ବୃଦ୍ଧି କରିବାରେ ମଧ୍ୟ ସହାୟକ ହୋଇପାରିବ ଏହି ସ୍ମାର୍ଟ ରୋବୋ।

# ରେଟିନାଲ ସେଲ୍‌କୁ ଠାବ କରିବ ନୂଆ ଡିଭାଇସ୍

ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଦିନକୁଦିନ ନୂଆ ଜିନିଷ ଉଦ୍ଭାବନ ଚାଲୁ ରହିଛି। ନିକଟରେ ୟୁଟା ଷ୍ଟେଟ୍ ୟୁନିଭର୍ସିଟିର ଚକ୍ଷୁ ବିଶେଷଜ୍ଞମାନେ ଏକ ନୂଆ ଡିଭାଇସ୍ ପ୍ରସ୍ତୁତ କରିବାରେ ସକ୍ଷମ ହୋଇଛନ୍ତି। ଏହାଦ୍ୱାରା ଦୃଷ୍ଟିଶକ୍ତିଜନିତ ସମସ୍ୟାର କେତେକାଂଶରେ ସମାଧାନ କରାଯାଇପାରିବ। ଏଭଳି ନୂଆ ଡିଭାଇସ୍ ସମ୍ପର୍କରେ ସୂଚନା ଦେଇ ଏହି ବିଶ୍ୱବିଦ୍ୟାଳୟର ବାୟୋଲୋଜିକାଲ ଇଞ୍ଜିନିୟରିଂ ବିଭାଗର ସହକାରୀ ପ୍ରଫେସର ଡ. ଏଲିଜାବେଥ ଭର୍ସିଗ କହନ୍ତି, 'ଆଜିକାଲି ରେଟିନାଜନିତ ସମସ୍ୟା ଅଧିକ ମାତ୍ରାରେ ଦେଖାଯାଉଛି। ଏହାର ଚିକିତ୍ସା ପାଇଁ ନୂଆ ଡିଭାଇସ୍ ଅନେକାଂଶରେ ସାହାଯ୍ୟ କରିପାରିବ। ଚକ୍ଷୁରେ ଏହାକୁ ସଂଯୋଗ କରିବା ପରେ ଏହାଦ୍ୱାରା ରେଟିନାଲ ସେଲ୍‌କୁ ସହଜରେ ଠାବ କରାଯାଇପାରିବ ଏବଂ ତା'ପରେ ଏହାର ଚିକିତ୍ସା କରିବା ଆହୁରି ସହଜ ହେବ।' ପରୀକ୍ଷାମୂଳକ ଭାବରେ ଏଥିରୁ ସଫଳତା ମିଳିଛି ଏବଂ ଏହାକୁ କିପରି ଆହୁରି ଅତ୍ୟାଧୁନିକ ଜ୍ଞାନକୌଶଳବିଶିଷ୍ଟ କରାଯାଇପାରିବ ସେଥିନେଇ ଚେଷ୍ଟା ଚାଲିଛି।



# ପ୍ରକୃତିର ସବୁଠାରୁ ଶକ୍ତବଳ



ଡ. ସନ୍ତୋଷ କୁମାର ଅଗ୍ରୱାଲା




ପାହାଡ଼, ପର୍ବତ, ଗଛଲତା, ନଦୀ, ସମୁଦ୍ର, ମଣିଷ, ପ୍ରାଣୀ, ମୃତ୍ତିକା, ବାୟୁମଣ୍ଡଳ – ଏମାନଙ୍କୁ ନେଇ ଗଠିତ ଆମର ପରିବେଶ । ପରିବେଶ ଆମକୁ ଜୀବନ ଦେବା ସହ ଶିକ୍ଷା ଦିଏ । ପରିବେଶ ହେଉଛି ବିଶାଳ ପରୀକ୍ଷାଗାର । ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଥିବା ପରୀକ୍ଷାଗାରଗୁଡ଼ିକ ପରିବେଶର ଅଂଶବିଶେଷ। ପରିବେଶରେ ଘଟୁଥିବା ଘଟଣାଗୁଡିକର ସୁଚାରୁ ପର୍ଯ୍ୟବେକ୍ଷଣ ନୂତନ ଦିଗର ସନ୍ଧାନ ଦିଏ। ସେସବୁ ଘଟଣା ସମ୍ପର୍କିତ ବିଶେଷ ଚିନ୍ତନ ନୂତନ ସତ୍ୟର ସନ୍ଧାନ ଦିଏ । ସେହି ସତ୍ୟ ହିଁ ବୈଜ୍ଞାନିକ ତଥ୍ୟର ରୂପ ନିଏ ।

ଗଛରୁ ତଳକୁ ଫଳ ପଡ଼େ। ଏଇଟା ତ ପ୍ରକୃତିର ଗୋଟିଏ ସାଧାରଣ ପରିଘଟଣା । କିନ୍ତୁ ଏହା ପଛରେ ରହିଥିବା କାରଣ ହେଉଛି ଅସାଧାରଣ । ପ୍ରକୃତିରେ ଲୁଚି ରହିଥିବା ସେଇ ଅସାଧାରଣ ସତ୍ୟକୁ ସାର୍ ଆଇଜାକ୍ ନିଉଟନ୍ ଖୋଜି ପାଇଥିଲେ । ପ୍ରକୃତିର ଏହିପରି ଘଟଣାକୁ ବୁଝେଇବାକୁ ଯାଇ ସେ କହିଥିଲେ ଯେ, ଟାଣିବା ଓ ଠେଲିବା ହେଉଛି ବଳର ଉଦାହରଣ । ତଳକୁ ଫଳ ପଡିବା ସକାଶେ ଗୋଟିଏ ବଳ କାମ କରେ । ପୃଥିବୀ ସେହି ବଳ ପ୍ରୟୋଗକରି ଫଳଟିକୁ ନିଜ ଆଡକୁ ଟାଣୁଥାଏ । ତେଣୁ ଫଳଟି ଡାଳରୁ ଅଲଗା ହେବା ମାତ୍ରେ ପୃଥିବୀ (ଭୂଇଁ) ଉପରେ ପଡେ । ଯେଉଁ ବଳ ବିଷୟରେ ପ୍ରଥମେ ନିଉଟନ୍ ଆମକୁ ସଚେତନ କରାଇଥିଲେ, ସେହି ବଳର ନାମ 'ମାଧ୍ୟାକର୍ଷଣ ବଳ' । ଯେକୌଣସି ଦୁଇଟି ବସ୍ତୁ ପରସ୍ପରକୁ ଏହି ବଳରେ ଟାଣନ୍ତି । ମଣିଷ ମଣିଷକୁ, ପଥର ପଥରକୁ, ଗଛ ଗଛକୁ, ମଣିଷ ପଥରକୁ, ପଥର ଗଛକୁ, ମଣିଷ ଗଛକୁ ଏମିତି ସମସ୍ତେ ଅନ୍ୟ ସମସ୍ତଙ୍କୁ 'ମାଧ୍ୟାକର୍ଷଣ ବଳ' ପ୍ରୟୋଗ କରି ଟାଣନ୍ତି ।

ପ୍ରକୃତିରେ ଚାରି ପ୍ରକାର ବଳ ଅନୁଭୂତ ହୁଏ । ସେଗୁଡିକ ହେଉଛି – ମାଧ୍ୟାକର୍ଷଣ ବଳ, ବିଦ୍ୟୁତ୍-ଚୁମ୍ବକୀୟ ବଳ, କ୍ଷୀଣ-ବଳ ଓ ନିଉକ୍ଲିୟ ବଳ । ସବୁଠାରୁ ଦୁର୍ବଳ ବଳ ହେଉଛି ମାଧ୍ୟାକର୍ଷଣ ବଳ ଏବଂ ସବୁଠାରୁ ଶକ୍ତିଶାଳୀ ବଳ ହେଉଛି ନିଉକ୍ଲିୟ ବଳ। ପଦାର୍ଥର ନିଉକ୍ଲିୟସ୍ ଭିତରେ କାର୍ଯ୍ୟ କରୁଥିବା ବଳ ହେଉଛି ନିଉକ୍ଲିୟ ବଳ । ପ୍ରତ୍ୟେକ ପଦାର୍ଥ କ୍ଷୁଦ୍ର କ୍ଷୁଦ୍ର କଣିକାକୁ ନେଇ ଗଠିତ । ସେହି କଣିକାକୁ ଆମେ ପରମାଣୁ (ଆଟମ୍) ବୋଲି କହୁ। ଠିକ୍ ଯେମିତି ଉଦ୍‌ଜାନ ଓ ଅମ୍ଳଜାନ ପରମାଣୁକୁ ନେଇ ଜଳକଣା ତିଆରି ହୁଏ । ପରମାଣୁ ଭିତରେ ଆହୁରି କ୍ଷୁଦ୍ରତର କଣିକାମାନେ ରହିଛନ୍ତି। ସେମାନେ

> "ପ୍ରକୃତିରେ ଚାରି ପ୍ରକାର ବଳ ଅନୁଭୂତ ହୁଏ । ସେଗୁଡିକ ହେଉଛି – ମାଧ୍ୟାକର୍ଷଣ ବଳ, ବିଦ୍ୟୁତ୍-ଚୁମ୍ବକୀୟ ବଳ, କ୍ଷୀଣ-ବଳ ଓ ନିଉକ୍ଲିୟ ବଳ । ସବୁଠାରୁ ଦୁର୍ବଳ ବଳ ହେଉଛି ମାଧ୍ୟାକର୍ଷଣ ବଳ ଏବଂ ସବୁଠାରୁ ଶକ୍ତିଶାଳୀ ବଳ ହେଉଛି ନିଉକ୍ଲିୟ ବଳ । ପଦାର୍ଥର ନିଉକ୍ଲିୟସ୍ ଭିତରେ କାର୍ଯ୍ୟ କରୁଥିବା ବଳ ହେଉଛି ନିଉକ୍ଲିୟ ବଳ । ପ୍ରତ୍ୟେକ ପଦାର୍ଥ କ୍ଷୁଦ୍ର କ୍ଷୁଦ୍ର କଣିକାକୁ ନେଇ ଗଠିତ ..."



ପ୍ରକୃତିର ନିୟମ ମାନି ନିର୍ଦ୍ଦିଷ୍ଟ ପ୍ରଣାଳୀରେ ସଜ୍ଜିତ ହୋଇ ରହିଛନ୍ତି। ପରମାଣୁର ଭିତରେ ମଝିରେ ରହିଛି ନିଉକ୍ଲିୟସ୍ ଏବଂ ନିଉକ୍ଲିୟସ୍ ଚାରିପଟେ ଇଲେକ୍ଟ୍ରନ୍‌ଗୁଡିକ ନିଜ ନିଜର କକ୍ଷପଥରେ ବୁଲୁଛନ୍ତି।

ପରମାଣୁର ଆୟତନକୁ ଦେଖିଲେ ନିଉକ୍ଲିୟସ୍‌ର ଆୟତନ ଅତି ନଗଣ୍ୟ। ହେଲେ ନିଉକ୍ଲିୟସ୍ ଭିତରେ ଥାଏ ପ୍ରୋଟନ୍ ଓ ନିଉଟ୍ରନ୍। ଏହି କଣିକା ଦୁଇଟି ବସ୍ତୁତ୍ୱରେ ପ୍ରାୟ ସମାନ । ତଥାପି ଭଲ କରି ମାପ କଲେ ନିଉଟ୍ରନ୍ କଣିକାର ବସ୍ତୁତ୍ୱ ପ୍ରୋଟନ୍ କଣିକାଠାରୁ ଟିକିଏ ଅଧିକ ହେବ। ଇଲେକ୍ଟ୍ରନ୍ ସହିତ ତୁଳନା କଲେ ଉଭୟ କଣିକା ଢେର୍ ଓଜନିଆ । ପ୍ରତ୍ୟେକ କଣିକା ଇଲେକ୍ଟ୍ରନ୍ ତୁଳନାରେ ପ୍ରାୟ ୧୮୪୦ ଗୁଣ ଅଧିକ ଓଜନିଆ ହେବ । ନିଉକ୍ଲିୟସ୍‌ର ଆୟତନ ଦିଗରୁ ତର୍ଜମା କଲେ, ଗୋଟିଏ ପରମାଣୁକୁ ପୂରା ଫୁଟବଲ ପଡିଆ ଭାବିଲେ, ଫୁଟବଲ ଯେତିକି ଜାଗା ଅଧିକାର କରେ, ନିଉକ୍ଲିୟସ୍ ସେତିକି ଜାଗା ଅଧିକାର କରିଥାଏ । ସମୁଦାୟ ପରମାଣୁକୁ ଯଦି ୮୦୦୦ ସଂଖ୍ୟକ କୋଠରିରେ ବିଭକ୍ତ କରାଯିବ, ତେବେ ନିଉକ୍ଲିୟସ୍ କେବଳ ଗୋଟିଏ କୋଠରି ଭିତରେ ରହିବ । ବାକି ଏତେ ଜାଗାରେ ଇଲେକ୍ଟ୍ରନ୍‌ଗୁଡିକ ବୁଲୁଥାନ୍ତି । ଏହି କଥାକୁ ବୈଜ୍ଞାନିକ ରଥରଫୋର୍ଡ ପରୀକ୍ଷା ଦ୍ୱାରା ବୁଝାଇଛନ୍ତି। ତେଣୁ ପରମାଣୁ ଭିତରେ ନିଉକ୍ଲିୟସ୍ ଖୁବ୍ ଅଳ୍ପ ଜାଗାରେ ଏତେ ଓଜନିଆ କଣିକାଗୁଡିକୁ କେମିତି ରଖିପାରେ, ସେକଥା ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

ଏବେ ଚାର୍ଜ ଦୃଷ୍ଟିକୋଣରୁ ଆଲୋଚନା କରିବା । ନିଉଟ୍ରନ୍ କଣିକାର ଚାର୍ଜ ନ ଥାଏ । କିନ୍ତୁ ପ୍ରୋଟନ୍ କଣିକାରେ ଯୁକ୍ତଚାର୍ଜ ଥାଏ । ତେଣୁ ପ୍ରୋଟନ୍‌ଗୁଡିକ ପରସ୍ପରକୁ ବିକର୍ଷଣ କରନ୍ତି । ସେମାନେ ପାଖାପାଖି ହେଲେ ତ ଆହୁରି ଅଧିକ ବଳରେ ପରସ୍ପରକୁ ଠେଲନ୍ତି । ତେଣୁ ସେମାନଙ୍କୁ ନିଉକ୍ଲିୟସ୍ ପରି ଅତି କ୍ଷୁଦ୍ର କୋଠରି ଭିତରେ ରଖିବା ପାଇଁ ଶକ୍ତ ବଳ ଆବଶ୍ୟକ, ଯାହାର ପରିମାଣ ବିକର୍ଷଣ ବଳଠାରୁ ଢେର ଅଧିକ ହେବା ଦରକାର । ସେମିତିକା ଶକ୍ତବଳ ହେଉଛି ନିଉକ୍ଲିୟ । ନିଉକ୍ଲିୟ ବଳ ଚାର୍ଜ ଉପରେ ନିର୍ଭର କରେ ନାହିଁ । ନିଉକ୍ଲିୟସ୍ ଭିତରେ ଗୋଟିଏ ନିଉଟ୍ରନ୍ ଆଉ ଗୋଟିଏ ନିଉଟ୍ରନ୍‌କୁ ଟାଣେ, ଗୋଟିଏ ପ୍ରୋଟନ୍ ଆଉ ଗୋଟିଏ ପ୍ରୋଟନ୍‌କୁ ବି ଟାଣେ । ପ୍ରୋଟନ୍ ଓ ନିଉଟ୍ରନ୍ ମଧ୍ୟ ପରସ୍ପରକୁ ଟାଣନ୍ତି । ନିଉକ୍ଲିୟ ବଳର ପରିମାଣ ଅନ୍ୟ ସମସ୍ତ ବଳ ତୁଳନାରେ ଢେର ଅଧିକ ହୋଇଥିବାରୁ ନିଉକ୍ଲିୟସ୍ ଭିତରେ ଅତି ଅଳ୍ପ ଆୟତନ ମଧ୍ୟରେ ଏତେଗୁଡିଏ କଣିକାକୁ ଶକ୍ତ ଭାବରେ ବାନ୍ଧି ରଖିବା ସମ୍ଭବ ହୁଏ ।

ପୃଥିବୀଠାରୁ ଦୂରକୁ ଦୂରକୁ ଗଲେ ତାହାର ମାଧ୍ୟାକର୍ଷଣ ବଳର ପରିମାଣ କମି କମି ଯାଏ । ଏହି ବଳର ପ୍ରଭାବ ଅନନ୍ତ ଦୂରତା (ଇନ୍‌ଫିନିଟି) ପର୍ଯ୍ୟନ୍ତ ରହିଥାଏ । କିନ୍ତୁ 'ନିଉକ୍ଲିୟ ବଳ'ର ଧର୍ମ ଅଲଗା । ଏହା କେବଳ କ୍ଷୁଦ୍ର ନିଉକ୍ଲିୟସ୍ ଭିତରେ କାମ କରେ । ନିଉକ୍ଲିୟସ୍ ବାହାରେ ଏହାର ପ୍ରଭାବ ରହେ ନାହିଁ । ସେଥିପାଇଁ 'ନିଉକ୍ଲିୟ ବଳ'କୁ ସ୍ୱଳ୍ପ-ବିସ୍ତାରୀ-ବଳ (ଶର୍ଟ-ରେଞ୍ଜ୍ ଫୋର୍ସ) ବୋଲି କୁହାଯାଏ । ଯେମିତି ଦୂରତାକୁ 'ମିଟର' ଏକକରେ ମାପ କରାଯାଏ ଏବଂ ସମୟକୁ 'ସେକେଣ୍ଡ' ଏକକରେ ମାପ କରାଯାଏ, ସେହିପରି ବଳର ପରିମାଣକୁ 'ନିଉଟନ୍' ଏକକରେ ମପାଯାଏ । ଆମେ ଜାଣୁ ପ୍ରକୃତିରେ ମାଧ୍ୟାକର୍ଷଣ ବଳ ହେଉଛି ସବୁଠାରୁ ଦୁର୍ବଳ । ଯଦି ମାଧ୍ୟାକର୍ଷଣ ବଳର ପରିମାଣକୁ ୧ ନିଉଟନ୍ ଧରାଯିବ, ତେବେ ନିଉକ୍ଲିୟ ବଳର ପରିମାଣ ହେଉଛି ୧୦୩୮ ନିଉଟନ୍ । ଏହାର ଅର୍ଥ, ମାଧ୍ୟାକର୍ଷଣ ବଳକୁ ୧ ନିଉଟନ୍ ନେଇ ନିଉକ୍ଲିୟ ବଳକୁ ପ୍ରକାଶ କରିବାକୁ ହେଲେ ଆମକୁ ୧ ପରେ ୩୮ଟି ଶୂନ ଲେଖିବାକୁ ହେବ । ପ୍ରକୃତିରୁ ବିଜ୍ଞାନ ଜନ୍ମ ନେଇଛି । ଆମେ ଯେତେ ବଡ଼ ବୈଜ୍ଞାନିକ ହେଲେ ବି ପ୍ରକୃତିକୁ ବୁଝିବା କଷ୍ଟକର ବ୍ୟାପାର । ତେଣୁ ନିଉକ୍ଲିୟ ବଳକୁ ବୁଝିବା କାଠିକର ପାଠ । ଗବେଷକମାନେ ଏହି ବଳକୁ ବୁଝିବା ପାଇଁ ସକ୍ରିୟ ଗବେଷଣା ଜାରି ରଖିଛନ୍ତି ।

-ରିଡର (ଫିଜିକ୍ସ), ଫକୀର ମୋହନ ବିଶ୍ୱବିଦ୍ୟାଳୟ, ଜାନୁଗଞ୍ଜ, ବାଲେଶ୍ୱର,ମୋ : ୯୮୬୧୧୮୦୫୯୮

# ମେଘାଳୟ ଯୁଗ

ପ୍ରଶାନ୍ତ କୁମାର ମିଶ୍ର

> "ବିଶ୍ୱ ଦରବାରରେ ନୂତନ ରୂପେ ପରିଚିତ ମେଘାଳୟ ଯୁଗ ୪୨୦୦ ବର୍ଷ ତଳୁ ୧୯୫୦ ବର୍ଷ ଧରି ପରିବ୍ୟାପ୍ତ। ଏହାର ଆରମ୍ଭରେ ବିଶ୍ୱବ୍ୟାପୀ ଭୟଙ୍କର ମରୁଡ଼ି ଦେଖାଦେଇଥିଲା ଏବଂ ଜଳବାୟୁରେ ବଡ଼ଧରଣର ବିଭ୍ରାଟ ଉପୁଜିଥିଲା, ଫଳରେ ବାୟୁମଣ୍ଡଳରେ ଅମ୍ଳଜାନ ପରିମାଣ ହ୍ରାସ ପାଇ ଅଙ୍ଗାରକାମ୍ଳ ପରିମାଣରେ ମାତ୍ରାଧିକ ବୃଦ୍ଧି ଘଟିଥିଲା ବୋଲି ଭୂବୈଜ୍ଞାନିକମାନେ ବ୍ୟାଖ୍ୟା କରିଛନ୍ତି"

ଆମ ପୃଥିବୀର ଜନ୍ମ ବହୁ କୋଟି ବର୍ଷ ତଳେ। ଆମ ପୃଥିବୀ ଏବଂ ଏଥିରେ ଥିବା ଜୀବଜଗତ ସୃଷ୍ଟିର ରହସ୍ୟ ଜାଣିବା ପାଇଁ କାହିଁ କେଉଁ କାଳରୁ ବୈଜ୍ଞାନିକମାନଙ୍କର ରହିଆସିଛି ପ୍ରବଳ ଜିଜ୍ଞାସା। ବିବର୍ତ୍ତନବାଦର ପ୍ରବକ୍ତା ଡାରୱିନ୍‌ଙ୍କ ମତାନୁସାରେ ସରଳ ଜୀବକୋଷୀୟ ପ୍ରାଣୀଙ୍କଠାରୁ କ୍ରମଶଃ ଜଟିଳ ଜୀବକୋଷୀୟ ପ୍ରାଣୀଙ୍କର ସୃଷ୍ଟି। ପୃଥିବୀର ଉତ୍ପତ୍ତିଠାରୁ ଆଜି ପର୍ଯ୍ୟନ୍ତ ଘଟିଯାଇଥିବା ଘଟଣାବଳୀର ବିଶଦ ବିବରଣୀ କୌଣସି ଗ୍ରନ୍ଥରେ ଲିପିବଦ୍ଧ ହୋଇନାହିଁ ; ମାତ୍ର ଅତୀତ ସମ୍ବନ୍ଧରେ, ଯଥା ଭୂପୃଷ୍ଠର ଉତ୍ପତ୍ତି, ପରିବେଶର ବଦଳୁଥିବା ପରିଭାଷା, ବାୟୁମଣ୍ଡଳର ସମାହାର ଆଦି ଘଟଣାବଳୀର ତଥ୍ୟ ଓ ପ୍ରମାଣ ଭୂପୃଷ୍ଠରେ ଉପଲବ୍ଧ ଶିଳାଗୁଡ଼ିକରୁ ପ୍ରାପ୍ତ ହୋଇପାରିଛି। ଐତିହାସିକମାନେ ମାନବ ସଭ୍ୟତାର ବିକାଶକୁ ଯେପରି 'ପୁରାତନ ପ୍ରସ୍ତରଯୁଗ', 'ନୂତନ ପ୍ରସ୍ତରଯୁଗ', 'ତାମ୍ରଯୁଗ', 'କାଂସ୍ୟଯୁଗ' ଏବଂ 'ଲୌହଯୁଗ' ଆଦିରେ ବିଭକ୍ତ କରିଛନ୍ତି, ଭୂବୈଜ୍ଞାନିକମାନେ ଶିଳାରୁ ଉପଲବ୍ଧ ତଥ୍ୟନୁସାରେ ପୃଥିବୀର ଭୂତାତ୍ତ୍ୱିକ ସମୟ ସାରଣୀକୁ ପାଞ୍ଚୋଟି ମହାଯୁଗରେ ନାମିତ କରିଛନ୍ତି। ସେଗୁଡ଼ିକ ହେଲା, 'ଅଜୈବିକ ମହାଯୁଗ', 'ଆଦିସୂକ୍ଷ୍ମଜୀବୀ ମହାଯୁଗ', 'ପୁରାଜୀବୀ ମହାଯୁଗ', 'ମଧ୍ୟଜୀବୀ ମହାଯୁଗ'ଏବଂ 'ନବଜୀବୀ ମହାଯୁଗ'। ଏବେ ଯେଉଁ ବର୍ତ୍ତମାନକାଳରେ ଆମେ ବସବାସ କରୁଛେ, ତାହା 'ନବଜୀବୀ ମହାଯୁଗ'ର ଅଂଶବଶେଷ। ନବଜୀବୀ ମହାଯୁଗର ଅୟମାରମ୍ଭ ହୁଏ ଆଜକୁ ପ୍ରାୟ ୬ କୋଟି ୫୦ ଲକ୍ଷ ବର୍ଷ ପୂର୍ବେ। ମହାଯୁଗକୁ ଦୁଇଟି ପ୍ରଶସ୍ତ ଯୁଗରେ ବିଭକ୍ତ କରାଯାଇଛି, ସେଥିରୁ ଗୋଟିଏ ହେଲା 'ତୃତୀୟ କଳ୍ପ' ଏବଂ ଅନ୍ୟଟି 'ଚତୁର୍ଥ କଳ୍ପ'। ତେବେ ଏଇ ହଲୋସିନ ଯୁଗକୁ ପୁନଶ୍ଚ ବିଭାଜିତ କରାଯାଇଛି ଯାହା ଭାରତର ମେଘାଳୟ ସହ ସମ୍ପୃକ୍ତ।

କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଆଶିଷ ସିହ୍ନାଙ୍କ ନେତୃତ୍ୱରେ ଏକ ଅନ୍ତର୍ଜାତୀୟ ଗବେଷଣା ଦଳ, ଅତ୍ୟଧିକ ମେଘ ବୃଷ୍ଟି ଯୋଗୁ ମେଘାଳୟର ଚେରାପୁଞ୍ଜି ନିକଟସ୍ଥ ମାମ୍ଲୁ ଗୁମ୍ଫାର ଛାତରୁ ଖସିଥିବା ଚୂନଗଦାକୁ ନେଇ ବ୍ୟାପକ ଗବେଷଣା କରିବା ପରେ ଇତିହାସର ଏଇ ନୂଆଯୁଗକୁ ଠାବ କରିବାରେ ସକ୍ଷମ ହୋଇଛନ୍ତି ଏବଂ ଉପରୋକ୍ତ ଗୁମ୍ଫାଟି ମେଘାଳୟରେ ଥିବାରୁ, ଏହାକୁ ମେଘାଳୟ ଯୁଗ ନାମରେ ନାମିତ କରାଯାଇଛି।

ବିଶ୍ୱ ଦରବାରରେ ନୂତନ ରୂପେ ପରିଚିତ ମେଘାଳୟ ଯୁଗ ୪୨୦୦ ବର୍ଷ ତଳୁ ୧୯୫୦ ବର୍ଷ ଧରି ପରିବ୍ୟାପ୍ତ। ଏହାର ଆରମ୍ଭରେ ବିଶ୍ୱବ୍ୟାପୀ ଭୟଙ୍କର ମରୁଡ଼ି ଦେଖାଦେଇଥିଲା ଏବଂ ଜଳବାୟୁରେ ବଡ଼ଧରଣର ବିଭ୍ରାଟ ଉପୁଜିଥିଲା, ଫଳରେ ବାୟୁମଣ୍ଡଳରେ ଅମ୍ଳଜାନର ପରିମାଣ ହ୍ରାସ ପାଇ ଅଙ୍ଗାରକାମ୍ଳ ପରିମାଣରେ ମାତ୍ରାଧିକ ବୃଦ୍ଧି ଘଟିଥିଲା ବୋଲି ଭୂବୈଜ୍ଞାନିକମାନେ ବ୍ୟାଖ୍ୟା କରିଛନ୍ତି। ଜଳବାୟୁର ଏହି ପରିବର୍ତ୍ତନ ଯୋଗୁ ମୌସୁମୀ ବାୟୁ ଦୁର୍ବଳ ହୋଇ କ୍ରମଶଃ ନିଷ୍କ୍ରିୟ ହୋଇଯାଇଥିଲା ଏବଂ କୃଷି ଆଧାରିତ ଆଦି ମାନବର ସମାଜ ଉପରେ ବିଶେଷ ପ୍ରଭାବ ପକାଇଥିଲା, ଯାହାଫଳରେ ଏହି ସମୟରେ ବିଶ୍ୱର ଅନେକ ସଭ୍ୟତାର ପରିସମାପ୍ତି ଘଟିଥିଲା ବୋଲି ଭୂବୈଜ୍ଞାନିକମାନଙ୍କ ଗବେଷଣା ଦଳ ମତପୋଷଣ କରିଛନ୍ତି।

-ପୂର୍ବତନ ଭୂବୈଜ୍ଞାନିକ ଅଧ୍ୟାପକ, ଭୂତତ୍ତ୍ୱ ବିଜ୍ଞାନ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ



# ସ୍ୱାସ୍ଥ୍ୟ ସୂଚନା

- ନିଜକୁ ସୁସ୍ଥ ରଖିବା ପାଇଁ ଚାହୁଁଛନ୍ତି ? ତେବେ ପ୍ରଥମେ ନିଜର ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ।
- ଯେତେ କାର୍ଯ୍ୟବ୍ୟସ୍ତ ରହିଲେ ମଧ୍ୟ ନିଜ ଶରୀରର ରୁଟିନ୍ ଚେକ୍ ଅପ୍ ପାଇଁ ସମୟ ବାହାର କରନ୍ତୁ।
- କୌଣସି ରୋଗର ଲକ୍ଷଣ ପ୍ରକାଶ ପାଇଲେ ବିଳମ୍ବ ନ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।
- କୌଣସି ରୋଗ ବିଷୟରେ ଡାକ୍ତର ଆପଣଙ୍କୁ ଯାହା ପଚାରୁଛନ୍ତି ନିଶଙ୍କୁଚରେ ସମସ୍ତ ପ୍ରଶ୍ନର ଠିକ୍ ଉତ୍ତର ଦିଅନ୍ତୁ। କାରଣ ଯଦି କୌଣସି କାରଣକୁ ଆପଣ ପ୍ରକାଶ ନ କରନ୍ତି ତେବେ ତାହା ଆପଣଙ୍କ ପାଇଁ ସମସ୍ୟାକୁ ଡାକି ଆଣିଥାଏ।
- କେତେକେ ଡାକ୍ତରଙ୍କ ପରାମର୍ଶକୁ ଠିକ୍ ଭାବରେ ପାଳନ କରି ନ ଥାନ୍ତି। ରୋଗରୁ ଆରୋଗ୍ୟ ମିଳିବା ମାତ୍ରେ ଔଷଧ ଖାଇବା ବନ୍ଦ କରିଦେବା, ଡାକ୍ତର ସୂଚିତ କରିଥିବା ପରୀକ୍ଷା ନ କରିବା ନିଜର ବୋକାମି ବ୍ୟତୀତ ଆଉ କିଛି ନୁହେଁ। କାରଣ ଜଣେ ଡାକ୍ତର ରୋଗୀର ଅବସ୍ଥାକୁ ଦେଖି କେତେ ଦିନ ଔଷଧ ଖାଇବ ଆରୋଗ୍ୟ ଲାଭ କରିବା ପରେ ମଧ୍ୟ କି କି ପରୀକ୍ଷା କରାଇବାକୁ ପଡିବ ସେ ସମ୍ପର୍କରେ ପ୍ରେସକ୍ରିପସନରେ ଉଲ୍ଲେଖ କରିଥାଆନ୍ତି, ଯାହାକୁ ଅନୁସରଣ କରନ୍ତୁ।
- ଅନେକେ ଜାଣତରେ ନିଜର ଖାଦ୍ୟପେୟ ପ୍ରତି ଆବଶ୍ୟକ ମୁତାବକ ନଜର ଦେଇ ନ ଥାନ୍ତି। ଖାଦ୍ୟପେୟରେ ଅନିୟମିତତା ଦେଖାଦେଲେ ତାହା କେତେକ ରୋଗକୁ ପରୋକ୍ଷରେ ଡାକି ଆଣିଥାଏ। ତେଣୁ ଠିକ୍ ସମୟରେ ଖାଦ୍ୟ ଖାଇବାକୁ ଭୁଲନ୍ତୁ ନାହିଁ।



# ସକାରାତ୍ମକ ଚିନ୍ତାଧାରା ବଢ଼ାଏ ସଙ୍ଗୀତ

ଭାରାକ୍ରାନ୍ତ ମନକୁ ଅନେକାଂଶରେ ହାଲୁକା କରିଥାଏ ସଙ୍ଗୀତ। ତେଣୁ ଅବସର ସମୟରେ ଅନେକେ ମନପସନ୍ଦର ସଙ୍ଗୀତ ଶୁଣିବାକୁ ପସନ୍ଦ କରିଥାଆନ୍ତି। ଏଭଳି ଅଭ୍ୟାସ ଜଣେ ବ୍ୟକ୍ତିର ସକାରାତ୍ମକ ଚିନ୍ତାଧାରା ଉପରେ ସୁପ୍ରଭାବ ପକାଇଥାଏ। କୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଯଦି ଜଣେ ମନପସନ୍ଦର ଗୀତ ଶୁଣନ୍ତି ତେବେ ଏହାଦ୍ୱାରା କାର୍ଯ୍ୟ ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୋଇଥାଏ। 'ସକାରାତ୍ମକ ଚିନ୍ତାଧାରା ଏବଂ ସଙ୍ଗୀତ' ବିଷୟ ଉପରେ ଟୋକିଓ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରି ଗୋଟିଏ ଗ୍ରୁପ୍‌ର ବ୍ୟକ୍ତିମାନଙ୍କୁ ପ୍ରତିଦିନ କିଛି ସମୟ ନିଜ ମନପସନ୍ଦର ଗୀତ ଶୁଣିବାକୁ ପରାମର୍ଶ ଦେଇଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କର ସକାରାତ୍ମକ ମନୋଭାବରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।



ଧରିତ୍ରୀ
DHARITRI
Monday, 12 November 2018





ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ବିଦେଶୀ ନିବେଶକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ବିଶ୍ୱରେ ରାଜନୈତିକ ନକାରାତ୍ମକତା କାରଣରୁ ଷ୍ଟକ୍ ମାର୍କେଟରେ କିଛି ଦିନ ଅସ୍ଥିରତା ଲାଗି ରହିବ।
– ଧୀରଜ ରେଲୀ, ଏମ୍‌ଡି ତଥା ସିଇଓ, ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜ୍



ଭାରତର ଏନର୍ଜି ଏଫିସିଏଣ୍ଟ ସର୍ଭିସେସ୍ ଲିମିଟେଡକୁ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ୧୩ ମିଲିୟନ ଡଲାର ଋଣ ଦେବ।
– କେନିଚି ୟୋକୋୟାମା, କଣ୍ଟ୍ରି ଡାଇରେକ୍ଟର, ଏଡିବି ଇଣ୍ଡିଆ ରେସିଡେଣ୍ଟ ମିଶନ

## ସଂକ୍ଷେପରେ

### ୩୫୭ ପ୍ରକଳ୍ପର ବ୍ୟୟ ଭାର ୩.୩୯ ଲକ୍ଷ କୋଟି ବୃଦ୍ଧି

**ନୂଆଦିଲ୍ଲୀ,୧୧-୧୧:** ମାଓବାଦୀ ସମସ୍ୟା ତଥା ଅନ୍ୟ କାରଣରୁ ୧୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୩୫୭ଟି ପ୍ରକଳ୍ପର ବ୍ୟୟ ଭାର ବୃଦ୍ଧି ପାଇ ୩.୩୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଗଲାଣି। ପରିସଂଖ୍ୟାନ ଏବଂ ପ୍ରକଳ୍ପ କ୍ରିୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ଏହି ତଥ୍ୟ ପ୍ରକାଶ କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଜୁନ୍ ସୁଦ୍ଧା ୧୩୬୨ ପ୍ରକଳ୍ପର କ୍ରିୟାନ୍ୱୟନ ଲାଗି ମୋଟ୍ ୧୭,୦୩,୮୪୦.୦୧ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଏବେ ଏହି ଯୋଜନାଗୁଡିକ ସମ୍ପୂର୍ଣ୍ଣ ହେବା ଲାଗି ଆନୁମାନିକ ୨୦,୪୩,୦୨୪.୨୧ କୋଟି ଟଙ୍କା ବ୍ୟୟ କରିବାକୁ ପଡିବ। ଏଭଳି ଭାବେ ପ୍ରକଳ୍ପ ନିର୍ମାଣ ବାବଦରେ ଖର୍ଚ୍ଚ ୧୯.୯୧ ପ୍ରତିଶତ ଅର୍ଥାତ ୩,୩୯,୧୮୪.୨୦ କୋଟି ଟଙ୍କା ବୃଦ୍ଧି ପାଇବ। ଉକ୍ତ ୧୩୬୨ ପ୍ରକଳ୍ପ ମଧ୍ୟରୁ ୩୫୭ ପ୍ରକଳ୍ପର ବ୍ୟୟଭାର ବଢ଼ିଛି ଏବଂ ୨୭୨ ପ୍ରକଳ୍ପକୁ ଠିକ୍ ସମୟରେ ଶେଷ କରାଯାଇପାରିନି।

### ୩୦ରୁ ୧୬ ସେକ୍ଟରରେ ରପ୍ତାନି ହ୍ରାସ

**ନୂଆଦିଲ୍ଲୀ,୧୧-୧୧:** ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନରେ ଥିବା ୩୦ଟି ସେକ୍ଟର ମଧ୍ୟରୁ ୧୬ଟିର ରପ୍ତାନି ସେପ୍ଟେମ୍ବରରେ ହ୍ରାସ ପାଇଛି। ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟରୁ ଜଣାପଡିଛି ଯେ, ଆଲୋଚ୍ୟ ମାସରେ ମୋଟ ରପ୍ତାନି ୨.୧୫% ହ୍ରାସ ପାଇ ୨୭.୯୫ ବିଲିୟନ ଡଲାରରେ ପହଞ୍ଚିଛି। ପ୍ରାପ୍ତ ତଥ୍ୟ ଅନୁଯାୟୀ ଚାଉଳ, ଚା', କଫି, ତମାଖୁ, ଇଞ୍ଜିନିୟରିଂ, ଚମଡ଼ା, ମସଲା, କାଜୁ, ଫଳ ଓ ପନିପରିବା, ସମୁଦ୍ର ଜାତ ଉତ୍ପାଦ ଏବଂ ରତ୍ନ ଓ ଗହଣା ସମେତ ୧୬ ପ୍ରମୁଖ କ୍ଷେତ୍ରରେ ସେପ୍ଟେମ୍ବରରେ ରପ୍ତାନି କମିଛି। ଫେଡେରେଶନ ଅଫ ଇଣ୍ଡିଆନ ଏକ୍ସପୋର୍ଟ ଅର୍ଗାନାଇଜେଶନ(ଫିଓ) ଅଧ୍ୟକ୍ଷ ଗଣେଶ ଗୁପ୍ତା କହିଛନ୍ତି ଯେ, ବର୍ଷକ ପୂର୍ବେ ରପ୍ତାନି ହାର ଉଚ୍ଚରେ ଥିବାରୁ ଚଳିତବର୍ଷ ଏହି ସମୟରେ ଏହା ହ୍ରାସ ପାଇଛି। ତେବେ ଆଗାମୀ ମାସଗୁଡିକରେ ଏଥିରେ ସୁଧାର ହେବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ସୁଧ ହାର ଉପରେ ମିଳୁଥିବା ଛାଡ଼କୁ ୩ରୁ ୫%କୁ ବୃଦ୍ଧି କରାଯିବାର ଫଳସ୍ୱରୂପ ମଧ୍ୟ ରପ୍ତାନି ବଢ଼ିବ ବୋଲି ସେ କହିଛନ୍ତି।

### ବ୍ୟାଙ୍କ ଋଣ ଚାହିଦା ୧୪.୪% ବଢ଼ିଛି

**ନୂଆଦିଲ୍ଲୀ,୧୧-୧୧:** ସୁଧ ହାର ବୃଦ୍ଧି ସତ୍ତ୍ୱେ ବ୍ୟାଙ୍କ ଋଣ ପ୍ରଦାନ ୫ ବର୍ଷର ସର୍ବୋଚ୍ଚ ରେକର୍ଡ ଭାଙ୍ଗି ୧୪.୪% ବଢ଼ିଛି। ଅକ୍ଟୋବର ୨୬ ତାରିଖରେ ଶେଷ ହେଉଥିବା ପକ୍ଷ ସୁଦ୍ଧା ଏହି ତଥ୍ୟ ମିଳିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ଏ ସମ୍ପର୍କରେ ତଥ୍ୟ ଜାରି କରାଯାଇଛି। ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା(ଏନ୍‌ବିଏଫ୍‌ସି)ଙ୍କ ପକ୍ଷରୁ ଋଣ ଚାହିଦା ଯଥେଷ୍ଟ ଅଧିକ ରହିବା ଋଣ ପ୍ରଦାନ ବୃଦ୍ଧିର ମୁଖ୍ୟ କାରଣ ବୋଲି କୁହାଯାଉଛି। ଏଥିପୂର୍ବରୁ ଅକ୍ଟୋବର, ୨୦୧୩ରେ ଋଣ ପ୍ରଦାନ ୧୬.୬% ବୃଦ୍ଧି ପାଇଥିଲା। ଏନ୍‌ବିଏଫ୍‌ସି କମ୍ପାନୀମାନେ ଏବେ ଗୁରୁତର ନଗଦ ସଙ୍କଟର ସମ୍ମୁଖୀନ ହେଉଥିବା ନେଇ ଏକାଧିକ ରିପୋର୍ଟ ପ୍ରକାଶ ପାଇବା ମଧ୍ୟରେ ରିଜର୍ଭ ବ୍ୟାଙ୍କର ଉକ୍ତ ତଥ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରୁଛି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଜାରି ତଥ୍ୟରେ କୁହାଯାଇଛି ଯେ, ଅକ୍ଟୋବର ୨୬ ସୁଦ୍ଧା ମୋଟ ବ୍ୟାଙ୍କ ଋଣ ପରିମାଣ ବୃଦ୍ଧି ପାଇ ୧୪.୪୧ ପ୍ରତିଶତ ଅର୍ଥାତ ୯୩,୦୧୦ କୋଟି ଟଙ୍କାରେ ପହଞ୍ଚିଛି। ଯାହା କି ବର୍ଷକ ପୂର୍ବେ ଏହି ଅବଧିରେ ୮୧,୨୯୦ କୋଟି ଟଙ୍କା ଥିଲା।

### ଦେଶରେ ୪.୩୬ ଲକ୍ଷ ଥର ସାଇବର ଆକ୍ରମଣ




**ନୂଆଦିଲ୍ଲୀ,୧୧-୧୧:** ଦେଶକୁ ଚଳିତବର୍ଷର ପ୍ରଥମ ୬ ମାସ ମଧ୍ୟରେ ରୁଷ, ଆମେରିକା, ଚାଇନା ଏବଂ ନେଦରଲାଣ୍ଡ ଭଳି ଦେଶ ପକ୍ଷରୁ ସାଇବର ଆକ୍ରମଣର ସମ୍ମୁଖୀନ ହେବାକୁ ପଡିଛି। ସାଇବର ସୁରକ୍ଷା କମ୍ପାନୀ ଏଫ-ସିକିଓର ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ ଜାନୁୟାରୀରୁ ଜୁନ୍ ମଧ୍ୟରେ ଦେଶରେ ୪.୩୬ ଲକ୍ଷ ଥର ସାଇବର ଆକ୍ରମଣ ଘଟଣା ସାମ୍ନାକୁ ଆସିଛି। ସେହିପରି ଏହି ଅବଧିରେ ଭାରତ ପକ୍ଷରୁ ଅଷ୍ଟ୍ରିଆ, ନେଦରଲାଣ୍ଡ, ବ୍ରିଟେନ, ଜାପାନ ଏବଂ ୟୁକ୍ରେନକୁ ସାଇବର ଆକ୍ରମଣ କରାଯାଇଛି। ଏହି ଦେଶଗୁଡିକୁ ଭାରତ ମୋଟ୍ ୩୫,୫୬୩ ଥର ସାଇବର ଆକ୍ରମଣ କରିଛି।

## କେନ୍ଦ୍ର ସହ କେନ୍ଦ୍ରୀୟ ବ୍ୟାଙ୍କର ବିବାଦ

# ଆର୍‌ବିଆଇ ବୈଠକରେ ଉଠିବ ଝଡ଼






- ୩ ପ୍ରସଙ୍ଗରେ ଆଲୋଚନା ହେବ
- ସରକାରଙ୍କ ସପକ୍ଷରେ କହିବେ ମନୋନୀତ ସଦସ୍ୟ

**ନୂଆଦିଲ୍ଲୀ,୧୧-୧୧**

କେନ୍ଦ୍ର ସରକାରଙ୍କ ସହ ସୃଷ୍ଟି ହୋଇଥିବା ମତଭେଦ ଭିତରେ ଆସନ୍ତା ୧୯ରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ଗୁରୁତ୍ୱପୂର୍ଣ୍ଣ ବୋର୍ଡ ବୈଠକ ବସିବାକୁ ଯାଉଛି। ଗୋଟିଏ ପଟେ ସରକାର ନିଜ ଜିଦ୍ ପୂରଣ ପାଇଁ ଯଥାସାଧ୍ୟ ଉଦ୍ୟମ କରିବେ, ଅନ୍ୟପଟେ କେନ୍ଦ୍ରୀୟ ବ୍ୟାଙ୍କ ଅର୍ଥନୀତି ଦୃଷ୍ଟିରୁ ଠିକ୍ ପଦକ୍ଷେପ ଉପରେ ଗୁରୁତ୍ୱ ଦେବେ। ଫଳରେ ଏହି ବୈଠକରେ ଉଭୟ ପକ୍ଷ ମୁହାଁମୁହିଁ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏହି କାରଣରୁ ଉକ୍ତ ବୋର୍ଡ ବୈଠକରେ ପ୍ରବଳ ଝଡ଼ ବହିବାକୁ ଯାଉଥିବା ମନେକରାଯାଉଛି। ପ୍ରାପ୍ତ ସୂଚନାନୁଯାୟୀ ବୋର୍ଡର କିଛି ସଦସ୍ୟ ପୁଞ୍ଜି ରୂପରେଖା ଢ଼ାଞ୍ଚା, ଆର୍‌ବିଆଇ ନିକଟରେ ଥିବା ବଳକା ଅର୍ଥର ପରିଚାଳନା ତଥା ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଲାଗି ନିୟମ କୋହଳ ପ୍ରସଙ୍ଗ ଉଠାଇ ଗଭର୍ନର ଉର୍ଜିତ ପଟେଲ ଓ ତାଙ୍କ ସହଯୋଗୀଙ୍କୁ ଅଡୁଆରେ ପକାଇବାକୁ ଚେଷ୍ଟା କରିବେ। ସୂଚନାଥାଉ କି, ଉକ୍ତ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଚାପକୁ ବିରୋଧ କରି ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ ଏବଂ ଏନ୍.ଏସ୍.ବିଶ୍ୱନାଥନ ଖୋଲାଖୋଲି ମନ୍ତବ୍ୟ ଦେବା ପରେ ମତଭେଦ ପଦାକୁ ଆସିଥିଲା। ଏହାକୁ ନେଇ ସରକାର ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ଆର୍ଥିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ ଏବଂ ଆର୍ଥିକ ସେବା ସଚିବ ରାଜୀବ କୁମାର ଏହାର ଜବାବ ଦେଇ କେନ୍ଦ୍ରୀୟ ବ୍ୟାଙ୍କକୁ ପ୍ରତି ଆକ୍ରମଣ କରିଛନ୍ତି। ଫଳରେ ମତଭେଦ ଏବେ ଖୋଲାଖୋଲି ସାମ୍ନାକୁ ଆସିଗଲାଣି। ସେହିପରି ସରକାର ଆର୍‌ବିଆଇ ଆଇନର ଧାରା ୭ ଅଧୀନରେ ଆଲୋଚନା ଆରମ୍ଭ କରିବା ଦିନଠାରୁ ଆର୍‌ବିଆଇ ବେଶ୍ ଉତ୍କ୍ଷିପ୍ତ ହୋଇଉଠିଛି।

ମିଳିଥିବା ସୂଚନାନୁଯାୟୀ, ସରକାରଙ୍କ ଦ୍ୱାରା ମନୋନୀତ କେତେକ ନିର୍ଦ୍ଦେଶକ ତଥା ସ୍ୱାଧୀନ ନିର୍ଦ୍ଦେଶକ ରିଜର୍ଭ ବ୍ୟାଙ୍କର ପୁଞ୍ଜି ଢ଼ାଞ୍ଚା ତଥା ଅନ୍ତରୀଣ ଲାଭାଂଶ ପ୍ରସଙ୍ଗକୁ ବୋର୍ଡ ବୈଠକରେ ଉଠାଇପାରନ୍ତି। ତେବେ ଆର୍‌ବିଆଇ ଆଇନ, ୧୯୩୪ରେ ସଂଶୋଧନ ପରେ ହିଁ ପୁଞ୍ଜି ରୂପରେଖା ଢ଼ାଞ୍ଚାରେ ପରିବର୍ତ୍ତନ ସମ୍ଭବ ହେବ। ଏହାଛଡା ବିକଶିତ ଦେଶ ସହ ସମତୁଲ ହିସାବରେ ପୁଞ୍ଜି ପର୍ଯ୍ୟାପ୍ତତା ନିୟମ, ତ୍ୱରିତ୍ ସୁଧାରାତ୍ମକ କାର୍ଯ୍ୟାନୁଷ୍ଠାନ(ପିସିଏ) ରୂପରେଖକୁ କୋହଳ କରିବା ଆଦି ପ୍ରସଙ୍ଗ ଉଠାଇ ସେମାନେ ଆର୍‌ବିଆଇର ଶୀର୍ଷ ଅଧିକାରୀମାନଙ୍କୁ ଅଡୁଆରେ ପକାଇବେ। ସାଧାରଣତଃ କେନ୍ଦ୍ରୀୟ ବ୍ୟାଙ୍କ ପୁଞ୍ଜି ପର୍ଯ୍ୟାପ୍ତତା ନିୟମକୁ କଡ଼ାକଡ଼ି ଭାବେ ପାଳନ କରୁଛି। ବସ୍ତୁତଃ ବିକଶିତ ଦେଶ ଅପେକ୍ଷା ଏହା ଅଧିକ ମାତ୍ରାରେ ପୁଞ୍ଜି ସଂରକ୍ଷଣ ପ୍ରତି ଦୃଷ୍ଟି ଦେଉଛି।

ସରକାରଙ୍କ କହିବାନୁଯାୟୀ ଆର୍‌ବିଆଇ ବିକଶିତ ଦେଶ ଭଳି ନିୟମ ପାଳନ କଲେ ବ୍ୟାଙ୍କଗୁଡିକୁ ଋଣ ପ୍ରଦାନ ପାଇଁ ପର୍ଯ୍ୟାପ୍ତ ପାଣ୍ଠି ମିଳିଯିବ। ଏଥିପୂର୍ବରୁ ବିଶ୍ୱନାଥନ ଏଭଳି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। କେନ୍ଦ୍ରୀୟ ବ୍ୟାଙ୍କ ଏହି ନିୟମ କୋହଳ କରିବ ନାହିଁ ବୋଲି ସେ କହିଥିଲେ। ଅନ୍ୟ ଏକ ପ୍ରସଙ୍ଗକୁ ନେଇ ଉଭୟ ପକ୍ଷ ମୁହାଁମୁହିଁ ହୋଇପାରନ୍ତି। ତାହା ହେଲା ରିଜର୍ଭ ବ୍ୟାଙ୍କରେ ପଡି ରହିଥିବା ଅଧିକ ନଗଦ। କେନ୍ଦ୍ରୀୟ ବ୍ୟାଙ୍କ ନିକଟରେ ଉପଯୁକ୍ତ ସଂରକ୍ଷିତ ପୁଞ୍ଜି ରହିବା ଉଚିତ ବୋଲି ସରକାର କହୁଛନ୍ତି। ବର୍ତ୍ତମାନ ଆର୍‌ବିଆଇ ନିକଟରେ ୯.୫୯ ଲକ୍ଷ କୋଟି ଟଙ୍କା ବଳକା ରହିଛି। ସରକାର ଏହାର ଏକ ତୃତୀୟାଂଶ ନେବାକୁ ଚାହୁଁଛନ୍ତି।

### ୧୮ ବୋର୍ଡ ଡାଇରେକ୍ଟରଙ୍କ ଉପରେ ନଜର

ଆସନ୍ତା ୧୯ରେ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ବୋର୍ଡ ବୈଠକ ବେଶ୍ ଗୁରୁତ୍ୱ ବହନ କରୁଥିବା ବେଳେ ୧୮ ଜଣ ଡାଇରେକ୍ଟରଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ସେମାନେ କିଭଳି ପଦକ୍ଷେପ ନେଉଛନ୍ତି ତାକୁ ନେଇ ଏବେ ଜୋର୍ ଚର୍ଚ୍ଚା ଚାଲିଛି। ଆର୍‌ବିଆଇ ୱେବସାଇଟ ଅନୁଯାୟୀ ଏବେ ବୋର୍ଡରେ ୧୮ ଜଣ ସଦସ୍ୟ ରହିଛନ୍ତି। ତେବେ ଏଥିରେ ୨୧ ଜଣଙ୍କୁ ସର୍ବାଧିକ ରଖାଯିବାର ନିୟମ ରହିଛି। ଏଥିରେ କେନ୍ଦ୍ରୀୟ ବ୍ୟାଙ୍କର ଶୀର୍ଷ ଅଧିକାରୀ ଗଭର୍ନର ଉର୍ଜିତ ପଟେଲ, ୪ଜଣ ଡେପୁଟି ଗଭର୍ନରଙ୍କ ସମେତ ସରକାରୀ ଅଧିକାରୀ, ଉଦ୍ୟୋଗ ଜଗତର ଅଗ୍ରଣୀ ବ୍ୟକ୍ତିବିଶେଷ, ଅର୍ଥନୀତିଜ୍ଞ ତଥା ସମାଜସେବୀ ରହିଛନ୍ତି। ପଟେଲ ଓ ଅନ୍ୟ ୪ ଜଣ ଡେପୁଟି ଗଭର୍ନର ଏନ.ଏସ.ସ୍ୱାମୀନାଥନ, ବିରଲ ଆଚାର୍ଯ୍ୟ, ବି.ପି.କାନୁନଗୋ ଏବଂ ଏମ୍.କେ.ଜୈନ ବୋର୍ଡରେ ପୂର୍ଣ୍ଣକାଳୀନ ସଦସ୍ୟ ରହିଥିବା ବେଳେ ଅନ୍ୟ ୧୩ ଜଣଙ୍କୁ ସରକାର ମନୋନୀତ କରିଥାନ୍ତି। ଦୁଇ ସରକାରୀ ମନୋନୀତ ଅଧିକାରୀ ହେଲେ ଆର୍ଥିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ ଏବଂ ଆର୍ଥିକ ସେବା ସଚିବ ରାଜୀବ କୁମାର। ଏହାଛଡ଼ା ସ୍ୱଳ୍ପକାଳୀନ ଅଣ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ମଧ୍ୟରେ ସ୍ୱଦେଶୀ ବିଚାରକ ସ୍ୱାମୀନାଥନ ଗୁରୁମୂର୍ତ୍ତି ଏବଂ କୋଅପରେଟିଭ ଅଧିକାରୀ ସତୀଶ୍ ମରାଠେ ଅନ୍ୟତମ। ଏହାବାଦ୍ ଅନ୍ୟମାନେ ହେଲେ ଆଇଏଏସ ଅଧିକାରୀ ତଥା ଗୁଜରାଟ ସରକାରଙ୍କ ପୂର୍ବତନ ମୁଖ୍ୟ ସଚିବ ସୁଧୀର ମଙ୍କଡ, କୃଷି ଅର୍ଥନୀତିଜ୍ଞ ଅଶୋକ ଗୁଲାଟି, ପୂର୍ବତନ ଆଇଏଏସ ଅଧିକାରୀ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରସନ୍ନ ମହାନ୍ତି, ରିସର୍ଚ୍ଚ ଆଣ୍ଡ ଇନଫର୍ମେଶନ ସିଷ୍ଟମ ଫର୍ ଡେଭଲପିଂ କଣ୍ଟ୍ରିଜର ସଚିନ ଚତୁର୍ବେଦୀ ଏବଂ ପୂର୍ବତନ ଡେପୁଟି ସିଏଜି ରେବତୀ ଆୟର ରହିଛନ୍ତି। ସେମାନଙ୍କ ଛଡ଼ା ରତନ ଟାଟା, କୁମାର ମଙ୍ଗଳମ ବିର୍‌ଲା, ଏନ.ଆର.ନାରାୟଣ ମୂର୍ତ୍ତି, ଅଜିମ ପ୍ରେମଜୀ, ଜି.ଏମ୍. ରାଓ, ୱାଇ.ସି.ଦେବେଶ୍ୱର ଏବଂ କେ.ପି.ସିଂଙ୍କ ଭଳି ଉଦ୍ୟୋଗପତି ବୋର୍ଡରେ ସାମିଲ ହୋଇଛନ୍ତି। ରିଜର୍ଭ ବ୍ୟାଙ୍କ ଆଇନ, ୧୯୩୪ ଅନୁଯାୟୀ ବୋର୍ଡ ସଦସ୍ୟଙ୍କ ନିଯୁକ୍ତି ଧାରା ୮ ଅନୁଯାୟୀ କରାଯାଏ। ଆରମ୍ଭରେ ରିଜର୍ଭ ବ୍ୟାଙ୍କ ସ୍ୱାଧୀନ ଥିଲା, କିନ୍ତୁ ୧୯୪୯ରେ ବ୍ୟାଙ୍କ ରାଷ୍ଟ୍ରୀୟକରଣ ପରେ ଏହା ସମ୍ପୂର୍ଣ୍ଣ ଭାବେ କେନ୍ଦ୍ର ସରକାରଙ୍କ ଅଧୀନକୁ ଚାଲିଯାଇଛି।

## ଆସାମରେ ଧରାପଡିଲାଣି ୧୬ହଜାର କେଜି ନକଲି ଚା'



**ଗୁଆହାଟୀ,୧୧-୧୧**

ଭାରତୀୟ ଟି ବୋର୍ଡ(ଟିବିଆଇ) ଗତ ଦୁଇଦିନରେ ଆସାମର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପ୍ରାୟ ୧୬ ହଜାର କେଜି ନକଲି ଚା' ଜବତ କରିଛି। ଅସଲି ଚା' ତିଆରି ପରେ ଅବଶିଷ୍ଟ ପଦାର୍ଥକୁ ନେଇ ଏହି ନକଲି ଚା' ତିଆରି କରାଯାଉଥିଲା ଏବଂ ବଜାରରେ ବିକ୍ରି କରାଯାଉଥିଲା।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଟି ବୋର୍ଡ ଶୁକ୍ରବାର ଗୋଲାଘାଟ ଜିଲାରେ ଥିବା ଏକ ଗୋଦାମ ଉପରେ ଚଢ଼ାଉ କରି ୧୨ ହଜାର କେଜି ନକଲି ଚା' ଜବତ କରିଛି। ଅବଶିଷ୍ଟ ଚା'କୁ ତିନସୁକିଆ ସମେତ ଅନ୍ୟ ଜିଲାରୁ ଜବତ କରାଯାଇଛି। ଏହି ଚଢ଼ାଉ ସମ୍ପର୍କରେ ଟି ବୋର୍ଡ ଚୁପ୍ ରହିଥିବା ବେଳେ ନକଲି ଚା' ବିକ୍ରିକୁ ରୋକିବା ଲାଗି ଆସାମର ବିଭିନ୍ନ ସ୍ଥାନରେ ଆଗାମୀ ଦିନରେ ଆହୁରି ଚଢ଼ଉ କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି। ସୂଚନାଥାଉ କି, ଉଚ୍ଚ ଗୁଣବତ୍ତା କାରଣରୁ ଆସାମ ଚା'ର ଆଦର ସାରା ବିଶ୍ୱରେ ରହିଛି। ଗତବର୍ଷ ମଧ୍ୟ ପ୍ରାୟ ୧୯ ହଜାର କେଜି ନକଲି ଚା' ଜବତ କରାଯାଇଥିଲା। ଭାରତରେ ଉତ୍ପାଦନ ହେଉଥିବା ଚା'ର ପ୍ରାୟ ୫୦% ଅର୍ଥାତ୍ ବାର୍ଷିକ ୬୭୦ ମିଲିୟନ କେଜି କେବଳ ଆସାମରୁ ଆସୁଛି।

## କୁହୁଡ଼ି ଯୋଗୁ ଯାତ୍ରୀ ସୁରକ୍ଷା ନେଇ ରେଲଓ୍ୱେର ପଦକ୍ଷେପ

**ଭୁବନେଶ୍ୱର,୧୧-୧୧**



ଶୀତ ଋତୁରେ କୁହୁଡି ପରିସ୍ଥିତିକୁ ଦୃଷ୍ଟିରେ ରଖି ଯାତ୍ରୀ ସୁରକ୍ଷା ଉପରେ ରେଲଓ୍ୱେ ଗୁରୁତ୍ୱ ଦେଇଛି। ପୂର୍ବତଟ ରେଳପଥ ଏହାର ପରିସୀମା କ୍ଷେତ୍ରରେ ଆସୁଥିବା ବିଭିନ୍ନ ରେଳ ସେକ୍ସନରେ ରାତ୍ରୀ ଓ ପ୍ରାତଃ କାଳରେ ଘନ କୁହୁଡିକୁ ସାମ୍ନା କରି ରେଳ ଚଳାଚଳ ଲାଗି ଏହାର କାର୍ଯ୍ୟଶକ୍ତିକୁ ପ୍ରସ୍ତୁତ ରଖିଛି। ସେହିଭଳି କୁହୁଡି ପ୍ରଭାବିତ କ୍ଷେତ୍ରରେ ସାବଧାନତା ଅବଲମ୍ବନ କରିବାକୁ ରେଲଓ୍ୱେ ଏହାର କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛି। ଘନ କୁହୁଡି ପରିସ୍ଥିତିରେ ଟ୍ରେନ ପରିଚାଳନା ସମ୍ବନ୍ଧରେ ପୂର୍ବତଟ ରେଳପଥ ଏହାର ନିର୍ଦ୍ଧାରିତ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରାଇବାକୁ ସକ୍ଷମ ରହିଥିବା କହିଛି। କୁହୁଡି ସମୟରେ ଟ୍ରେନଗତିକୁ ନିୟନ୍ତ୍ରଣ ରଖିବାକୁ ଡ୍ରାଇଭରମାନଙ୍କୁ କୁହାଯାଇଛି। ସେହିଭଳି ରନିଂ ଷ୍ଟାଫମାନଙ୍କୁ ପ୍ରଶିକ୍ଷିତ କରାଯାଉଛି। କୁହୁଡି ଅଞ୍ଚଳରେ ଆଲୋକ ପ୍ରଦାନ କରୁଥିବା ଓଏଚ୍‌ଇ ପଟି ବ୍ୟବସ୍ଥା, ଘନ କୁହୁଡିରେ ଡିଟୋନେଟର ପ୍ରୟୋଗ, କର୍ମଚାରୀଙ୍କୁ ତାଲିମ ଓ ପରାମର୍ଶ, ଟ୍ରେନ ଗାର୍ଡ ମାନଙ୍କୁ ପରାମର୍ଶ, ଟ୍ରେନ ପଛ ଡବାରେ ଓ ଲେଭେଲ କ୍ରସିଂରେ ଚକମକି ସଙ୍କେତ, ଶୀତ ସମୟରେ ପାଟ୍ରୋଲିଂ ଓ ଟ୍ରେନ ଇଞ୍ଜିନର ନୀରିକ୍ଷଣ ଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।



## ଏଏସ୍‌ବିଏମ୍‌ରେ ରାଷ୍ଟ୍ରୀୟ ଏକତା ଦିବସ

**ଭୁବନେଶ୍ୱର,୧୧-୧୧**

ଏସିଆନ ସ୍କୁଲ ଅଫ୍ ବିଜନେସ ମ୍ୟାନେଜମେଣ୍ଟ(ଏଏସ୍‌ବିଏମ୍) ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ପ୍ରତିଷ୍ଠାନ ପକ୍ଷରୁ ଏକ ଗଣଦୌଡ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଏସ୍‌ବିଏମ୍‌ର ଛାତ୍ରୀଛାତ୍ର, ଫାକଲଟି ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମତିଥି ଅବସରରେ ପ୍ରଫେସର ଉଦୟନ ଦାସଙ୍କ ତତ୍ତ୍ୱାବଧାନରେ ଏକ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେହିଭଳି ରାଷ୍ଟ୍ରୀୟ ଏକତା ଦିବସର ଗୁରୁତ୍ୱ ଏବଂ ଉପଯୋଗିତା ଉପରେ ଏଠାରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଏସ୍‌ବିଏମ୍ ଡିନ୍ ପ୍ରଫେସର କଲ୍ୟାଣ ଶଙ୍କର ରାଏଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କଲିକତାରେ ହେବ ୫୬ତମ ଜାତୀୟ ମେଟାଲର୍ଜିଷ୍ଟ ଡେ

**ଭୁବନେଶ୍ୱର,୧୧-୧୧**

ଦି ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ମେଟାଲ (ଆଇଆଇଏମ୍) ଏବଂ ଟାଟା ଷ୍ଟିଲର ମିଳିତ ଉଦ୍ୟମରେ କଲିକତାଠାରେ ନଭେମ୍ବର ୧୪ରୁ ୧୬ ଯାଏ ୫୬ତମ ଜାତୀୟ ମେଟାଲର୍ଜିଷ୍ଟ ଡେ ଅନୁଷ୍ଠିତ ହେବ। ଏହି ଅବସରରେ ୭୨ତମ ଜାତୀୟ ବୈଷୟିକ ବୈଠକ ମଧ୍ୟ ଆୟୋଜିତ ହେବ। କାର୍ଯ୍ୟକ୍ରମକୁ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଚୌଧୁରୀ ବିରେନ୍ଦର ସିଂ ଉଦଘାଟନ କରିବେ। ଏଥିରେ ଶିଳ୍ପ ଏବଂ ଶିକ୍ଷା କ୍ଷେତ୍ରର ବିଭିନ୍ନ ବିଶେଷଜ୍ଞ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମେଟାଲର୍ଜିଷ୍ଟ ଡେ ପୁରସ୍କାର ମଧ୍ୟ ପ୍ରଦାନ କରାଯିବ ବୋଲି ଆଇଆଇଏମ୍ ସଭାପତି ତଥା ଟାଟା ଷ୍ଟିଲର ଟିକ୍ୟୁଏମ୍ ଓ ଇସ୍ପାତ ବ୍ୟବସାୟ ସଭାପତି ଆନନ୍ଦ ସେନ ସୂଚନା ଦେଇଛନ୍ତି। ଚଳିତ ବର୍ଷ ୭ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ।

## ଓଏନ୍‌ଜିସିର ୧୪୯ ତୈଳ ଭଣ୍ଡାରକୁ ବିକ୍ରି କରିବେ ସରକାର

**ନୂଆଦିଲ୍ଲୀ,୧୧-୧୧**

ତୈଳ ଓ ପ୍ରାକୃତିକ ବାଷ୍ପ ନିଗମ(ଓଏନ୍‌ଜିସି)ର ୧୪୯ଟି ଛୋଟ ତୈଳ ଭଣ୍ଡାରକୁ ବିଦେଶୀ କମ୍ପାନୀଙ୍କୁ ବିକ୍ରି କରି ଦେବା ଲାଗି କେନ୍ଦ୍ର ସରକାର ବିଚାର କରୁଛନ୍ତି। ଏହାଦ୍ୱାରା ନିଗମ ଏଣିକି ବଡ଼ ତୈଳ ଭଣ୍ଡାରରୁ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇପାରିବ। ଗତବର୍ଷ ଅକ୍ଟୋବରରେ ଡାଇରେକ୍ଟୋରେଟ ଜେନେରାଲ ଅଫ୍ ହାଇଡ୍ରୋକାର୍ବନ ଘରୋଇ କମ୍ପାନୀ ହାତକୁ ଟେକି ଦେଲା ଭଳି ୧୫ ଟି କ୍ଷୁଦ୍ର ତୈଳ ଓ ପ୍ରାକୃତିକ ଭଣ୍ଡାର ଚିହ୍ନଟ କରିଥିଲେ। ସେଥିରେ ପ୍ରାୟ ୭୯୧.୨ ମିଲିୟନ ଟନ ଅଶୋଧିତ ତେଲ ଓ ୩୩୩.୪୬ ବିଲିୟନ କ୍ୟୁବିକ୍ ମିଟର ଗ୍ୟାସ୍ ଥିବା ଆକଳନ କରାଯାଇଥିଲା। ଘରୋଇ କମ୍ପାନୀଙ୍କୁ ଏହି ସମସ୍ତ ଭଣ୍ଡାର ହସ୍ତାନ୍ତର କରି ସରକାର ଭାବିଥିଲେ ଯେ, ତୈଳ ଓ ଗ୍ୟାସ୍ ଉତ୍ପାଦନ ବୃଦ୍ଧିପାଇବ। ତେବେ ଏହାକୁ ସେତେବେଳେ ଓଏନ୍‌ଜିସି କଡ଼ା ବିରୋଧ କରିବାରୁ ସରକାରଙ୍କ ଯୋଜନା ଫସର ଫାଟିଥିଲା।

## ହୋଣ୍ଡା ସିବି ସାଇନ୍ ବିକ୍ରି ୭୦ ଲକ୍ଷ ୟୁନିଟ ଟପିଲା

**ଭୁବନେଶ୍ୱର,୧୧-୧୧**



ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ୧୨୫ ସିସି ମୋଟର ସାଇକେଲ ବର୍ଗରେ ନିଜର ସ୍ଥିତିକୁ ଆହୁରି ଦୃଢ଼ କରିବାକୁ ସକ୍ଷମ ହୋଇଛି। କମ୍ପାନୀ ଏହାର ଅନ୍ୟତମ ଲୋକପ୍ରିୟ ମଡେଲ ସିବି ସାଇନର ୭୦ ଲକ୍ଷ ୟୁନିଟ ବିକ୍ରି କରିପାରିଛି। ଏହି ରେକର୍ଡକୁ ଏହା ଦୀପାବଳି ପୂର୍ବରୁ ହାସଲ କରିଛି। ଏହି ମଡେଲ ବିକ୍ରି କ୍ଷେତ୍ରରେ ଦେଶରେ ପ୍ରଥମ ସ୍ଥାନରେ ରହିଛି। ସେହିଭଳି ଅଧିକ ବିକ୍ରି ହେଉଥିବା ଦେଶର ୪ ପ୍ରମୁଖ ମଡେଲ ମଧ୍ୟରେ ଏହା ସ୍ଥାନିତ ହୋଇଛି। ଉକ୍ତ ମଡେଲରେ ୧୨୪.୭୩ ସିସି ଏୟାର କୁଲଡ ଇଞ୍ଜିନ, ସିଙ୍ଗଲ ସିଲିଣ୍ଡର ଇଞ୍ଜିନ ଏବଂ ହୋଣ୍ଡା ଇକୋ ଟେକ୍ନୋଲୋଜି ଭଳି ଅତ୍ୟାଧୁନିକ ବୈଶିଷ୍ଟ୍ୟ ରହିଛି। ଏହା ୬ଟି ରଙ୍ଗରେ ଉପଲବ୍ଧ। ଏହାକୁ କିଣିଲେ ଗ୍ରାହକ ମାଗଣାରେ ହୋଣ୍ଡା ଜଏ କ୍ଲବର ସଦସ୍ୟ ହେବାର ସୁଯୋଗ ପାଇ ପାରିବେ। ଉକ୍ତ ସଫଳତା ବଡ ଉତ୍ସାହ ଜନକ ହୋଇଥିବା ବେଳେ ଗ୍ରାହକଙ୍କ ବର୍ଦ୍ଧିତ ଚାହିଦାକୁ ପୂରଣ କରିବାକୁ ସକ୍ଷମ ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି।

## ରାଜ୍ୟଗୁଡ଼ିକୁ ଜିଏସ୍‌ଟି କ୍ଷତିପୂରଣ କମିଲା

**ନୂଆଦିଲ୍ଲୀ,୧୧-୧୧**




- ଅଗଷ୍ଟ ଓ ସେପ୍ଟେମ୍ବରରେ ମିଳିଛି ୧୧,୯୦୦ କୋଟି ଟଙ୍କା ଜିଏସ୍‌ଟି କ୍ଷତିପୂରଣ
- ଅକ୍ଟୋବରରେ ରାଜ୍ୟଗୁଡିକର ଆୟ ମୋଟ୍ ୫୨,୯୩୪ କୋଟି ଟଙ୍କା

ଅଗଷ୍ଟ ଓ ସେପ୍ଟେମ୍ବରରେ ରାଜ୍ୟଗୁଡିକୁ ଜିଏସ୍‌ଟି ବାବଦ କ୍ଷତିପୂରଣ ପ୍ରଦାନ ୧୧,୯୦୦ କୋଟି ଟଙ୍କା ହ୍ରାସ ପାଇଛି ବୋଲି ସରକାରୀ ତଥ୍ୟରୁ ଜଣାପଡିଛି। ୨୦୧୭ ଜୁଲାଇ ପହିଲାରୁ ଦେଶରେ ଜିଏସ୍‌ଟି ଲାଗୁ ହେବା ପରେ ରାଜ୍ୟଗୁଡିକୁ ଏଥିଲାଗି କେନ୍ଦ୍ର ସରକାର କ୍ଷତିପୂରଣ ଦେଇଥାନ୍ତି। ଦୁଇମାସରେ ଥରେ ଏହାକୁ ପ୍ରଦାନ କରାଯାଏ। ଜୁନ୍-ଜୁଲାଇରେ ରାଜ୍ୟଗୁଡିକୁ ମିଳିଥିଲା ୧୪,୩୦୦ କୋଟି ଟଙ୍କା, ଯାହାକି ଏପ୍ରିଲ-ମେ'ରେ ମିଳିଥିବା ୩,୮୯୯ କୋଟି ଟଙ୍କାରୁ ୪ଗୁଣା ଅଧିକ। କେନ୍ଦ୍ର ସରକାର ଅକ୍ଟୋବରରେ ଜିଏସ୍‌ଟି ବାବଦରେ ୧,୦୦,୭୧୦ କୋଟି ଟଙ୍କାର ରାଜସ୍ୱ ଆଦାୟ କରିଥିଲେ। ଆଇଜିଏସ୍‌ଟି ବାବଦରେ ରାଜ୍ୟଗୁଡିକୁ ୧୫,୧୦୭ କୋଟି ଟଙ୍କା ନିୟମିତ ରାଜସ୍ୱ ପ୍ରଦାନ କରାଯାଇଥିଲା। ଏହାଛଡା ଅକ୍ଟୋବରରେ ବଳକା ଆଇଜିଏସ୍‌ଟି ବାବଦରେ ରାଜ୍ୟଗୁଡିକୁ ଆହୁରି ୧୫ ହଜାର କୋଟି ଟଙ୍କା ଦିଆଯାଇଛି। ଅକ୍ଟୋବରରେ ରାଜ୍ୟଗୁଡିକ ମୋଟ୍ ୫୨,୯୩୪ କୋଟି ଟଙ୍କା ଆୟ କରିଛନ୍ତି। ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ପ୍ରାୟ ୧୦ ଟି ରାଜ୍ୟର ରାଜସ୍ୱ ଆଦାୟ ହ୍ରାସ ପାଇଛି। ସେମାନଙ୍କ ମଧ୍ୟରେ ଓଡ଼ିଶା ଅନ୍ୟତମ। ଏହାର ରାଜସ୍ୱ ଆୟ ପ୍ରାୟ ୨୪% କମିଛି। ଅନ୍ୟମାନଙ୍କ ମଧ୍ୟରେ ପୁଡୁଚେରୀ (୪୨%), ପଞ୍ଜାବ ଏବଂ ହିମାଚଳ ପ୍ରଦେଶ (୩୨%), ଉତ୍ତରାଖଣ୍ଡ (୩୫%), ଜମ୍ମୁ ଓ କଶ୍ମୀର (୨୮%), ଛତିଶଗଡ଼ (୨୬%), ଗୋଆ (୨୫%), କର୍ଣ୍ଣାଟକ ଏବଂ ବିହାର (୨୦%) ରହିଛନ୍ତି। କେବଳ ମିଜୋରାମ, ଅରୁଣାଚଳ ପ୍ରଦେଶ, ମଣିପୁର, ନାଗାଲାଣ୍ଡ, ସିକିମ ଏବଂ ଆନ୍ଧ୍ରପ୍ରଦେଶ ଅଧିକ ରାଜସ୍ୱ ଆଦାୟ କରିଛନ୍ତି।

ଅଷ୍ଟାନାଠାରେ ୨୦୧୬ ବିଶ୍ୱ ଚାମ୍ପିୟନଶିପ୍ ଦ୍ୱିତୀୟ ରାଉଣ୍ଡରେ ଏମ୍‌ସି ମେରୀକମଙ୍କୁ ପରାସ୍ତ କରିବା ପରେ ମୋ କ୍ୟାରିୟର ବଦଳିଯାଇଥିଲା।
– ଆଜିଜେ ନିମାନି, ଆଲବାନିଆ ବକ୍ସର



ରୋହିତ ଶର୍ମା ତାଙ୍କ ଫର୍ମ ଜାରି ରଖିପାରିଲେ ଭିଭିଆନ ରିଚାର୍ଡ୍ସ ଓ ବୀରେନ୍ଦ୍ର ସେହ୍ୱାଗଙ୍କ ପରେ ଶ୍ରେଷ୍ଠ ବିସ୍ଫୋରକ ବ୍ୟାଟ୍ସମ୍ୟାନ ହୋଇପାରିବେ।
– ସୁନୀଲ ଗାଭାସ୍କର, କ୍ରିକେଟ କିମ୍ବଦନ୍ତୀ



## ସଂକ୍ଷେପରେ

### ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟି୨୦ ଖେଳି ନ ପାରନ୍ତି ରୋହିତ

**ନୂଆଦିଲ୍ଲୀ,୧୧।୧୧:** ଭାରତୀୟ ସୀମିତ ଓଭର କ୍ରିକେଟ ଦଳର ଉପଅଧିନାୟକ ରୋହିତ ଶର୍ମା ଚଳିତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟି୨୦ ମ୍ୟାଚ୍ ସରିବା ପରେ ନ୍ୟୁଜିଲାଣ୍ଡ ଗସ୍ତ କରିବେ। ସେଠାରେ ସେ ନ୍ୟୁଜିଲାଣ୍ଡ ଏ' ବିପକ୍ଷ ମ୍ୟାଚ୍‌ରେ ଭାରତ ଏ' ପକ୍ଷରୁ ଖେଳିବେ। ତେବେ ଏହା ତାଙ୍କ ପାଇଁ ପରୀକ୍ଷାମୂଳକ ମ୍ୟାଚ୍। ୧୬ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ୪ ଦିନିଆ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କଲେ ତାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଖେଳିବାକୁ ସୁଯୋଗ ମିଳିବ। ଏଥିରେ ରୋହିତ ଖେଳିବା ନିଶ୍ଚିତ ଥିବାରୁ ୨୧ ତାରିଖରେ ହେବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ସେ ଖେଳି ନ ପାରନ୍ତି, ଯଦିଓ ନ୍ୟୁଜିଲାଣ୍ଡ ଏ' ବିପକ୍ଷ ଅଭ୍ୟାସ ମ୍ୟାଚ୍ ୧୯ ତାରିଖରେ ଶେଷ ହେବ। କିନ୍ତୁ ନ୍ୟୁଜିଲାଣ୍ଡରୁ ଅଷ୍ଟ୍ରେଲିଆ ଯିବା ପରେ କ୍ଳାନ୍ତ ଯୋଗୁ ସେ ଖେଳି ନ ପାରନ୍ତି ବୋଲି ପୂର୍ବତନ ପେସର ଜାହିର ଖାଁ କହିଛନ୍ତି। ରୋହିତଙ୍କ ବ୍ୟତୀତ ମୁରଲୀ ବିଜୟ, ଅଜିଙ୍କ୍ୟ ରାହାନେ ଓ ପୃଥ୍ୱୀ ଶ'ଙ୍କୁ ମଧ୍ୟ ଭାରତ ଏ' ଦଳରେ ସାମିଲ କରାଯାଇଛି।

### ମୋମିନୁଲ, ମୁସ୍‌ଫିକରଙ୍କ ଶତକ

**ଢାକା, ୧୧।୧୧ (ଏଏଫ୍‌ପି):** ସ୍ଥାନୀୟ ଶେର-ଇ-ବାଂଲା ଷ୍ଟାଡିୟମଠାରେ ରବିବାରଠାରୁ ଆରମ୍ଭ ହୋଇଥିବା ଜିମ୍ବାୱେ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ମୋମିନୁଲ ହକ୍ (୧୬୧) ଏବଂ ମୁସ୍‌ଫିକର ରହିମ (୧୧୧*)ଶତକ ହାସଲ କରିଛନ୍ତି। ଘରୋଇ ଦଳ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୫ ଉଇକେଟ ବିନିମୟରେ ୩୦୩ ରନ କରିଛି। ଉଇକେଟକିପର ମୁସ୍‌ଫିକରଙ୍କ ସହିତ ଅଧିନାୟକ ମହମୁଦୁଲ୍ଲା ବିନା କୌଣସି ରନରେ ଅପରାଜିତ ରହିଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ଏକଦା ୨୬ ରନରେ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ମୋମିନୁଲ ଓ ମୁସ୍‌ଫିକର ଚତୁର୍ଥ ଉଇକେଟରେ ୨୬୬ ରନ ଯୋଗ କରି ଦଳର ବ୍ୟାଟିଂ ସ୍ଥିତିରେ ସୁଧାର ଆଣିଥିଲେ। ଗତ ୯ଟି ଟେଷ୍ଟ ଇନିଂସରେ ବାଂଲାଦେଶ ପ୍ରଥମ ଥର ୨୦୦ ରନ ଅତିକ୍ରମ କରିବାରେ ସମର୍ଥ ହୋଇଛି। ମୋମିନୁଲଙ୍କର ଏହାଥିଲା ୭ମ ଟେଷ୍ଟ ଶତକ। ପ୍ରଥମ ଟେଷ୍ଟରେ ଜିମ୍ବାୱେ ୧୫୧ରନରେ ବିଜୟ ହାସଲ କରିଥିଲା।

### ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ କର୍ମକର୍ତ୍ତା ନିର୍ବାଚନ

**କଟକ ଅଫିସ,୧୧।୧୧:** ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଅଲିମ୍ପିକ ଆସୋସିଏଶନ୍(ଓଓଏ)ର ଆନୁକୂଲ୍ୟରେ ଅନୁଷ୍ଠିତ ନିର୍ବାଚନରେ ଓଓଏର ସମ୍ପାଦକ ଏମ.ଏ. ଆଲାମ ନିର୍ବାଚନୀ ଅଧିକାରୀ ଭାବେ କାର୍ଯ୍ୟ ପରିଚାଳନା କରିଥିଲେ । ସୟଦ ମକବୁଲ ଅଲ୍ଲୀ ସଭାପତି ଭାବେ ଓ ବୀରେନ୍ଦ୍ର କୁମାର ବେହେରା ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ଉପସଭାପତି ଭାବେ ରୀତିକ ଅଧିକାରୀ, ପ୍ରେମାନନ୍ଦ ବିହାରୀ, ସାରଦା ପ୍ରସାଦ ଦାସ, ରମେଶ ପୃଷ୍ଟି, ଯୁଗ୍ମ ସମ୍ପାଦକ ଭାବେ ଉପେନ୍ଦ୍ରନାଥ ଦାସ, ଯଶୋବନ୍ତ ପରମଗୁରୁ, କୋଷାଧ୍ୟକ୍ଷ ଭାବେ ସୁରେଶ ଚନ୍ଦ୍ର ପାଢ଼ୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଗୋପୀନାଥ ସାହୁ, ପ୍ରଣୟ କୁମାର ପାଣି, ସୀତେନ୍ଦ୍ରନାଥ ଦାସ, ଭବାନୀ ଶଙ୍କର ମହାପାତ୍ର, ପ୍ରିୟନାଥ ରାୟ, ସୁଶାନ୍ତ ମହାରଣା, ମାନସ କୁମାର ସିଂ ନିର୍ବାଚିତ ହୋଇଛନ୍ତି । ୨୦୨୨ ମସିହା ପର୍ଯ୍ୟନ୍ତ ଏହି ନବନିର୍ବାଚିତ କମିଟି କାର୍ଯ୍ୟ କରିବ । ହ୍ୟାଣ୍ଡବଲ ଫେଡେରେଶନ୍ ଅଫ ଇଣ୍ଡିଆ ପକ୍ଷରୁ ସାଲୁଜା ନିରୀକ୍ଷକ ଭାବେ ଯୋଗ ଦେଇଥିଲେ ।

# ଭାରତର କ୍ଲିନ୍ ସୁଇପ୍

ଚେନ୍ନାଇ, ୧୧।୧୧

ଶିଖର ଧାୱନ ଓ ରିଷଭ ପନ୍ତଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଭାରତ ରବିବାର ଅନୁଷ୍ଠିତ ଅନ୍ତିମ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ ୬ ଉଇକେଟରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଭାରତ ୩–୦ରେ କ୍ଲିନ ସୁଇପ୍ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ୨୦ ଓଭରରେ ୩ ଉଇକେଟ ହରାଇ ୧୮୧ ରନ କରିଥିବାବେଳେ ଭାରତ ୨୦ ଓଭରରେ ୪ ଉଇକେଟ ହରାଇ ୧୮୨ ରନ ସଂଗ୍ରହ କରି ନେଇଥିଲା।

ବଡ଼ ସ୍କୋରର ପିଛା କରି ଭାରତ ୧୩ ରନରେ ଅଧିନାୟକ ରୋହିତ ଶର୍ମା ଏବଂ ୪୫ ରନରେ ଲୋକେଶ ରାହୁଲଙ୍କ ଉଇକେଟ ହରାଇ ବିପଦରେ ପଡ଼ିଥିଲା। ରୋହିତ ୬ ବଲ୍‌ରୁ ୪ ଓ ଲୋକେଶ ୧୦ ବଲ୍‌ରୁ ୧୭ ରନ କରିବାକୁ ସକ୍ଷମ ହୋଇଥିଲେ। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଚାପର ବଶବର୍ତ୍ତୀ ହୋଇ ନ ଥିଲେ ଅଭିଜ୍ଞ ଶିଖର ଧାୱନ ଓ ଯୁବ ଉଇକେଟ କିପର ରିଷଭ ପନ୍ତ। ଦୁହେଁ ଆତ୍ମବିଶ୍ୱାସର ସହ ୱେଷ୍ଟଇଣ୍ଡିଜ ବୋଲରଙ୍କୁ ଧୂଳେଇ କରି ୩ୟ ଉଇକେଟ ଭାଗୀଦାରିରେ ୧୩୦ରନ ଯୋଗ କରିବା ସହ ଭାରତକୁ ବିଜୟ ପଥରେ ଅଗ୍ରସର କରାଇଥିଲେ। ଚଳିତ ସିରିଜରେ ଏହା ପୂର୍ବରୁ ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିବା ଧାୱନ ଏଠାରେ ଆବଶ୍ୟକ ସମୟରେ ଧୂଆଁଧାର ଇନିଂସ ଖେଳି ଟି୨୦ କ୍ୟାରିୟରର ୮ମ ଅର୍ଦ୍ଧଶତକ ହାସଲ କରିଥିଲେ। ତାଙ୍କୁ ଉପଯୁକ୍ତ ସହଯୋଗ କରିଥିଲେ ରିଷଭ। ସେ ବିସ୍ଫୋରକ ବ୍ୟାଟିଂ କରି କ୍ୟାରିୟରରେ ପ୍ରଥମ ଟି୨୦ ଅର୍ଦ୍ଧଶତକ ହାସଲ କରିବା ସହ ଟିମ୍ ଇଣ୍ଡିଆ ବିଜୟକୁ ସହଜ କରି ଦେଇଥିଲେ। ୧୧ ବଲ୍‌ରୁ ବିଜୟ ପାଇଁ ୭ ରନ ଆବଶ୍ୟକ ଥିବାବେଳେ ରିଷଭ କେମୋ ପଲ୍‌ଙ୍କ ବଲ୍‌ରେ ରିଭର୍ସ ସ୍କୁପ୍ ଶଟ୍ ଖେଳିବାକୁ ଯାଇ କ୍ଲିନ ବୋଲ୍ଡ ହୋଇ ଯାଇଥିଲେ। ସେ ୩୮ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ୫୮ ରନ ସ୍କୋର କରିଥିଲେ। ଧାୱନ–ରିଷଭଙ୍କ ୧୩୦ ରନର ପାର୍ଟନରଶିପ୍ ଟି୨୦ରେ ଭାରତ ପାଇଁ ତୃତୀୟ ଉଇକେଟ ଯୋଡ଼ିରେ ଦ୍ୱିତୀୟ ଶ୍ରେଷ୍ଠ। ବିରାଟ କୋହଲି ଓ ସୁରେଶ ରାଇନା ଆଡିଲେଡଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ୧୩୪ ରନ ସଂଗ୍ରହ କରି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ବିଜୟ ପାଇଁ ଫାବିଆନ ଆଲେନଙ୍କ ଶେଷ ଓଭରରୁ ଭାରତ ୫ ରନ ଆବଶ୍ୟକ କରୁଥିଲା। ଧାୱନ ପ୍ରଥମ ବଲ୍‌ରୁ ୨ ଓ ଦ୍ୱିତୀୟ ବଲ୍‌ରୁ ୧ ରନ ନେଇଥିବାବେଳେ ମନୀଷ ପାଣ୍ଡେ ୩ୟ ବଲ୍‌ରୁ ୧ ରନ ନେଇଥିଲେ। ୪ର୍ଥ ବଲ୍‌ରେ କୌଣସି ରନ ହୋଇ ନ ଥିବାବେଳେ ୫ମ ବଲ୍‌ରେ ଧାୱନ ଆଉଟ ହୋଇଯାଇଥିଲେ। ଅନ୍ତିମ ବଲ୍‌ରୁ ୧ ରନ ନେଇ ମନୀଷ ପାଣ୍ଡେ ଭାରତକୁ ବିଜୟୀ କରାଇଥିଲେ। ଧାୱନ ୬୨ଟି ବଲ୍ ଖେଳି ୧୦ ଚୌକା ଓ ୨ ଛକା ସହାୟତାରେ ସର୍ବାଧିକ ୯୨ ରନ ସଂଗ୍ରହ କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ କେମୋ ପଲ୍ ୨ଟି ଏବଂ ଓଶାନେ ଥୋମାସ ଓ ଫାବିଆନ ଆଲେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦୁଇ ଓପ୍‌ନର ଶାଇ ହୋପ୍ ଓ ସିମରନ ହେଟ୍‌ମେର ପ୍ରଥମ ଉଇକେଟରେ ଅର୍ଦ୍ଧଶତକୀୟ ଭାଗୀଦାରି ଗଢ଼ି ଦଳ ପାଇଁ ବଡ଼ ସ୍କୋରର ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ଭାରତକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ ସ୍ପିନର ଯୁଜବେନ୍ଦ୍ର ଚହଲ। ୨୨ ବଲ୍‌ରୁ ୩ ଚୌକା ଓ ୧ ଛକା ସହାୟତାରେ ୨୪ ରନ୍ କରିଥିବା ଶାଇ ହୋପ୍‌ଙ୍କୁ ସେ ୱାଶିଂଟନ ସୁନ୍ଦରଙ୍କ ହାତରେ କ୍ୟାଚ୍ କରାଇ ପାଭିଲିୟନ ପଠାଇଥିଲେ। ୬.୧ ଓଭରରେ ୫୧ ରନ୍ କରି ୱେଷ୍ଟଇଣ୍ଡିଜ ପ୍ରଥମ ଉଇକେଟ ହରାଇଥିଲା। କ୍ରିଜ୍‌ରେ ଜମି ରହି ବିପଜ୍ଜନକ ସାବ୍ୟସ୍ତ ହୋଇଆସୁଥିବା ହେଟ୍‌ମେରଙ୍କୁ ମଧ୍ୟ ଚହଲ ପାଭିଲିୟନ ପଥ ଦେଖାଇଥିଲେ। ହେଟ୍‌ମେର ୨୧ ବଲ୍‌ରୁ ୪ ଚୌକା ଓ ୧ ଛକା ସହ ୨୬ ରନ୍ କରିଥିଲେ। ମିଡଲ ଅର୍ଡରରେ ଦୀନେଶ ରାମଦିନ ୧୫ ରନ୍ କରି ଆଉଟ୍ ହୋଇଥିଲେ ହେଁ ଅଭିଜ୍ଞ ଡାରେନ ବ୍ରାଭୋ ଓ ଯୁବ ବ୍ୟାଟ୍ସମ୍ୟାନ ନିକୋଲାସ ପୁରନ ଅସମାପ୍ତ ୪ର୍ଥ ଉଇକେଟରେ ଦ୍ରୁତ ୮୭ ରନ୍ ଯୋଗକରି ୱେଷ୍ଟଇଣ୍ଡିଜକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ବ୍ରାଭୋ ୩୭ ବଲ୍‌ରୁ ୨ଟି ଲେଖାଏ ଚୌକା ଓ ଛକା ସହାୟତାରେ ୪୩ ଏବଂ ପୁରନ ମାତ୍ର ୨୫ ବଲ୍‌ରୁ ୪ଟି ଲେଖାଏ ଚୌକା ଓ ଛକା ମାରି ୫୩ ରନ୍‌ରେ ଅପରାଜିତ ରହିଥିଲେ। ଟି୨୦ରେ ଅନ୍ତର୍ଜାତୀୟରେ ଏହା ଥିଲା ପୁରନଙ୍କର ପ୍ରଥମ ଅର୍ଦ୍ଧଶତକ। ୧୯ ଓଭର ଶେଷସୁଦ୍ଧା ୱେଷ୍ଟଇଣ୍ଡିଜ ୧୫୮ ରନ୍ ସଂଗ୍ରହ କରିଥିଲା। ମାତ୍ର ବ୍ରାଭୋ ଓ ପୁରନ ଖଲିଲ ଅହମ୍ମଦଙ୍କ ଶେଷ ଓଭରରୁ ୨୩ ରନ୍ ସଂଗ୍ରହ କରି ୱେଷ୍ଟଇଣ୍ଡିଜ ସ୍କୋରକୁ ୨୦ ଓଭରରେ ୧୮୧/୩ରେ ପହଞ୍ଚାଇ ଦେଇଥିଲେ। ଭାରତ ପକ୍ଷରୁ ଚହଲ ୨ଟି ଓ ୱାଶିଂଟନ ସୁନ୍ଦର ଗୋଟିଏ ଉଇକେଟ ନେଇଥିଲେ। ଭାରତୀୟ ବୋଲରମାନେ ଅତିରିକ୍ତ ୨୦ ରନ୍ ବ୍ୟୟ କରିଥିଲେ। ଏହା ମଧ୍ୟରେ ୧୬ଟି ୱାଇଡ୍ ସାମିଲ ଥିଲା।

### ଧାୱନ-ରିଷଭଙ୍କ ୧୩୦ ରନ ଭାଗୀଦାରି



### ତୃତୀୟ ଟି୨୦

- ୱେଷ୍ଟଇଣ୍ଡିଜ ୨୦ ଓଭରରେ ୧୮୧/୩(ପୁରନ-୫୩*, ବ୍ରାଭୋ-୪୩*, ଚହଲ-୨/୨୮, ସୁନ୍ଦର-୧/୩୩)।
- ଭାରତ ୨୦ ଓଭରରେ ୧୮୨/୪(ଧାୱନ-୯୨, ରିଷଭ-୫୮, ପଲ୍-୨/୩୨, ଥୋମାସ-୧/୪୩, ଆଲେନ-୧/୨୩)।

## ସିରିଜ୍ ଜିତିଲା ଦକ୍ଷିଣ ଆଫ୍ରିକା

ହୋବାର୍ଟ,୧୧।୧୧

ଏଠାରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତିମ ଦିନିକିଆରେ ଦକ୍ଷିଣ ଆଫ୍ରିକା ଦଳ ୪୦ରନ୍‌ରେ ବିଜୟ ହାସଲ କରିଛି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳ ୨–୧ ବ୍ୟବଧାନରେ ଜିତି ନେଇଛି। ଡେଭିଡ ମିଲରଙ୍କୁ ଉଭୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ସିରିଜ୍ ଭାବେ ବିବେଚିତ କରାଯାଇଛି।

ପ୍ରଥମେ ବ୍ୟାଟିଂ କରିଥିବା ଦ. ଆଫ୍ରିକା ଦଳ ମାତ୍ର ୫୫ ରନ୍ ମଧ୍ୟରେ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ମାତ୍ର ଅଧିନାୟକ ଫାପ୍ ଡୁ'ପ୍ଲେସି ଓ ଡେଭିଡ ମିଲର ୪ର୍ଥ ଉଇକେଟ ଲାଗି ୨୫୨ ରନ୍‌ର ରେକର୍ଡ ଭାଗୀଦାରି କରିଥିଲେ। ଦୁଇଜଣଙ୍କ ଶତକୀୟ ଇନିଂସ୍ ଯୋଗୁ ଭ୍ରମଣକାରୀ ଦଳ ଧାର୍ଯ୍ୟ ୫୦ଓଭରରେ ୫ ଉଇକେଟ ହରାଇ ୩୨୦ ରନ୍ କରିଥିଲା। ଡୁ' ପ୍ଲେସି ୨ ଛକା ଓ ୧୫ ଚୌକା ସହାୟତାରେ ୧୨୫ ରନ୍ କରିଥିଲେ। ସେହିଭଳି ମିଲର ୧୩୯ (୪ଛକା ଓ ୧୩ ଚୌକା) ରନ୍‌ର ଇନିଂସ୍ ଖେଳିଥିଲେ। ଘରୋଇ ଦଳ ପକ୍ଷରୁ ମିଚେଲ ଷ୍ଟାର୍କ ଓ ମାର୍କସ ଷ୍ଟୋଇନିସ୍ ୨ଟି ଲେଖାଏ ଉଇକେଟ ନେଥିଲେ। ଜବାବରେ ଅଷ୍ଟ୍ରେଲିଆ ମଧ୍ୟ ବ୍ୟାଟିଂ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୯ ରନ୍ ମଧ୍ୟରେ ୩ ଉଇକେଟ ହରାଇ ସାରିଥିଲା। ମାତ୍ର ଶନ୍ ମାର୍ଶ ୧୦୬, ମାର୍କସ ଷ୍ଟୋଇନିସ୍ ୬୩, ଆଲେକ୍ସ କାରେ ୪୨ ଓ ଗ୍ଲେନ ମ୍ୟାକ୍ସୱେଲଙ୍କ ୩୫ ରନ୍ ଯୋଗୁ ଘରୋଇ ଦଳ ୫୦ ଓଭରରେ ୯ ଉଇକେଟ ହରାଇ ୨୮୦ ରନ୍ କରିପାରିଥିଲା। ବିଜୟୀ ଦଳ ପକ୍ଷରୁ ଡେଲ ଷ୍ଟେଇନ୍ ଓ କାଗିସୋ ରାବାଡା ୩ଟି ଲେଖାଏ ଉଇକେଟ ନେଇଥିଲେ। ସଂକ୍ଷିପ୍ତ ସ୍କୋର: **ଦକ୍ଷିଣ ଆଫ୍ରିକା**– ୫୦ ଓଭରରେ ୩୨୦/୫(ମିଲର–୧୩୯, ଡୁ'ପ୍ଲେସି–୧୨୫, ଷ୍ଟାର୍କ–୨/୫୭, ଷ୍ଟୋଇନିସ୍– ୨/୭୦)। **ଅଷ୍ଟ୍ରେଲିଆ**– ୫୦ ଓଭରରେ ୨୮୦/୯ (ମାର୍ଶ–୧୦୬, ଷ୍ଟୋଇନିସ୍–୬୩, ଷ୍ଟେଇନ– ୩/୪୫, ରାବାଡା– ୩/୪୦)।

■ ଓଡ଼ିଶା ଓପନ୍ ଟେନିସ୍

## କବୀର ଚାମ୍ପିୟନ



ଅତିଥିଙ୍କ ଗହଣରେ କୃତୀ ଖେଳାଳି ।

ଭୁବନେଶ୍ୱର, ୧୧।୧୧
(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର କ୍ଲବ ଟେନିସ୍ କମ୍ପ୍ଲେକ୍ସରେ ଓଡ଼ିଶା ଓପନ୍ ଟେନିସ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଅଂଶୁକୁମାର ଭୂୟାଁଙ୍କୁ ୬–୪, ୬–୪ ସେଟ୍‌ରେ ପରାସ୍ତ କରି କବୀର ହଂସ ଚାମ୍ପିୟନ ହୋଇଛନ୍ତି। ଟ୍ରଫି ସହ କବୀରଙ୍କୁ ପୁରସ୍କାର ଆକାରରେ ୧୫,୦୦୦ ଓ ଅଂଶୁଙ୍କୁ ୭୦୦୦ ଟଙ୍କା ପ୍ରଦାନ କରାଯାଇଛି।

ମିକ୍ସଡ ଡବଲ୍ସରେ ଅନନ୍ୟା ଯାଦବ ଓ ଆଶୁତୋଷ ଦାସଙ୍କୁ ୬–୪, ୬–୩ ସେଟ୍‌ରେ ହରାଇ ରତ୍ନପର୍ଣ୍ଣା ଚୌଧୁରୀ ଓ ସତୀର୍ଥ ପଟ୍ଟନାୟକ ଟାଇଟଲ ହାସଲ କରିଛନ୍ତି। ପୁରୁଷ ଡବଲ୍ସରେ ଅଂଶୁ–ଆଶୁତୋଷ ଯୋଡ଼ିକୁ ୬–୪, ୬–୩ ସେଟ୍‌ରେ ପରାସ୍ତ କରି କବୀର–ଅଜୟ ନିଶଙ୍କ ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ପୁରୁଷ ୬୫ ବର୍ଷରୁ ଊର୍ଦ୍ଧ୍ୱ ଭେଟେରାନ ବର୍ଗରେ ଅରୁଣ ବିର୍ଲା–ପ୍ରମୋଦ ପଟ୍ଟନାୟକ, ୪୫ ବର୍ଷରୁ ଊର୍ଦ୍ଧ୍ୱ କାଟେଗୋରିରେ ଝାଡେଶ୍ୱର ଦାସ–ପ୍ରଭଞ୍ଜନ ମଲିକ, ୫୫ ବର୍ଷରୁ ଊର୍ଦ୍ଧ୍ୱ ବିଭାଗରେ ରବୀନ୍ଦ୍ର ସେନାପତି–ବି.ଏନ. ମହାନ୍ତି ଚାମ୍ପିୟନ ହୋଇଛନ୍ତି। କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ଟେନିସ୍ ଆସୋସିଏଶନ(ଓଟିଏ) ସଭାପତି ଅସିତ୍ ତ୍ରିପାଠୀ, ଜଗଦାନନ୍ଦ ମହାପାତ୍ର, ଖୋର୍ଦ୍ଧା ଜିଲା ଟେନିସ୍ ଆସୋସିଏଶନ ସମ୍ପାଦକ ଅସିତ୍ ପ୍ରଧାନ, ସଭାପତି ମଧୁସୂଦନ ପାଢ଼ୀ, ଟୁର୍ନାମେଣ୍ଟ ରେଫରି ଯତୀନ ବୈଶ୍ୟ, ଶିବୁ ସାମଲ, ଓଟିଏ ମ୍ୟାନେଜର ପ୍ରକାଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

■ ସର୍ବଭାରତୀୟ ମଳୟ ମୁର୍ମୁ ଦିବାରାତ୍ର ଟି-୨୦ ତୃତୀୟ ଦିବସ

## 'ୟୁ ଆଣ୍ଡ ମି', ଉତ୍କଳିକା ସ୍ପୋର୍ଟିଂ ବିଜୟୀ

ବାଲେଶ୍ୱର ଅଫିସ,୧୧।୧୧

ବାଲେଶ୍ୱର ପରମିଟ୍ ପଡ଼ିଆରେ କ୍ଲବ 'ୟୁ ଆଣ୍ଡ ମି' ପକ୍ଷରୁ ଆୟୋଜିତ ସର୍ବଭାରତୀୟ ଦିବାରାତ୍ର ଟି–୨୦ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସରେ ରବିବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ କ୍ଲବ 'ୟୁ ଆଣ୍ଡ ମି' ଏବଂ ବାବା ବାଣେଶ୍ୱର ଓ ଦ୍ୱିତୀୟ ପର୍ଯ୍ୟାୟରେ ଯାଜପୁର ଏମ୍‌ସିସି ଏବଂ ଭଦ୍ରକ ଉତ୍କଳିକା ସ୍ପୋର୍ଟିଂ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ କ୍ଲବ 'ୟୁ ଆଣ୍ଡ ମି' ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ୍ ହରାଇ ୧୫୯ ରନ୍ କରିଥିଲା। ଦଳ ତରଫରୁ ସବ୍ୟସାଚୀ ଆଚାର୍ଯ୍ୟ ୪୪, ସର୍ବେଶ୍ୱର ମହାନ୍ତି ୩୪, ଏସ୍.କେ. ମିନାଜ (ଜୁ) ୧୮ ରନ୍ କରିଥିବା ବେଳେ ବାବା ବାଣେଶ୍ୱର ତରଫରୁ ଏସ୍‌କେ ମିନାଜ ୪, ବାବଲି ଅଲ୍ଲୀ ଓ ସୁକାନ୍ତ ମହାନ୍ତି ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ବାବା ବାଣେଶ୍ୱର ୧୯ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୩୯ ରନ୍ କରି ପରାସ୍ତ ହୋଇଥିଲା। ଦଳ ତରଫରୁ ଏମ୍.ଡ଼ି. ନସିମ ୬୯, ଏସ୍.କେ. ଆକ୍ରମ ୩୦ ଓ ସାନୱର ଅଲ୍ଲୀ ୨୨ ରନ କରିଥିଲେ। କ୍ଲବ 'ୟୁ ଆଣ୍ଡ ମି' ତରଫରୁ ବିଶ୍ୱମୋହନ ବାରିକ, ସବ୍ୟସାଚୀ ଆଚାର୍ଯ୍ୟ ୩ଟି ଲେଖାଏଁ ଓ ସର୍ବେଶ୍ୱର ମହାନ୍ତି ୨ଟି ଉଇକେଟ ନେଇଥିଲେ। ସବ୍ୟସାଚୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଭଦ୍ରକ ଉତ୍କଳିକା ସ୍ପୋର୍ଟିଂ ଟସ୍ ଜିତି ୨୦ ଓଭରରେ ୫ ଉଇକେଟ୍ ହରାଇ ୧୯୪ ରନ୍ କରିଥିଲା। ଦଳ ତରଫରୁ ଚନ୍ଦ୍ରଶେଖର ବେହେରା ୭୯, ମାନସ ମହାଳିକ ୬୧, ପ୍ରଣବ କିଶୋର ଦାସ ୨୬ରନ୍ କରିଥିବା ବେଳେ ଯାଜପୁର ଏମ୍‌ସିସି ପକ୍ଷରୁ ଲେଲିନ ବଳ ଓ ଆଜାର ଅଲ୍ଲୀ ଖାଁ ୪ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ଯାଜପୁର ଏମ୍‌ସିସି ୧୬.୪ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୧୪ ରନ୍ କରି ୮୦ ରନ୍‌ରେ ପରାଜୟବରଣ କରିଛନ୍ତି। ଦଳ ତରଫରୁ ନିଶିକାନ୍ତ ରାଉତ ୩୭, ମୁଜାକିର ଅଲ୍ଲୀ ୨୬ ରନ କରିଥିବା ବେଳେ ଉତ୍କଳିକା ସ୍ପୋର୍ଟିଂ ତରଫରୁ ସନ୍ତୋଷ ବଳ ୩ଟି ଏବଂ ପ୍ରଣବ କିଶୋର ଦାସ, ଅବିନାଶ ଦାଶ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ମାନସ ମହାଳିକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ବିସିସିଆଇ ଅମ୍ପାୟର ରାଜେଶ ମହାପାତ୍ର ଓ ଅମିତ ଅମିତାଭ ମହାକୁଡ଼, ଶାନ୍ତନୁ ଦାସ, ସଂଗ୍ରାମ ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ।

**ସବ୍ୟସାଚୀ, ମାନସ ମ୍ୟାନ୍ ଅଫ୍ ଦି ମ୍ୟାଚ୍**



ସବ୍ୟସାଚୀ ଆଚାର୍ଯ୍ୟ



ମାନସ ମହାଳିକ

## ଜାପାନ କରାଟେ ସୋତୋକାଇ ରାଜ୍ୟ ଚାମ୍ପିୟନଶିପ୍

ଭୁବନେଶ୍ୱର, ୧୧।୧୧
(କ୍ରୀଡ଼ା ପ୍ରତିନିଧି)

ଓକିନୱା କରାଟେ ସ୍କୁଲ ଆନୁକୂଲ୍ୟରେ ଜାପାନ କରାଟେ ସୋତୋକାଇ ରାଜ୍ୟ ଚାମ୍ପିୟନଶିପ୍ ରବିବାର ଷ୍ଟିୱାର୍ଟ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୬୦୦ ପ୍ରତିଯୋଗୀ ଏବଂ ୧୫୦ ଅଫିସିଆଲ ଯୋଗଦେଇଛନ୍ତି। ବିଧାୟକ ଅତନୁ ସାବ୍ୟସାଚୀ ନାୟକ ଓ ପ୍ରୀୟଦର୍ଶୀ ମିଶ୍ର ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଷ୍ଟିୱାର୍ଟସ୍କୁଲ ପ୍ରିନ୍ସିପାଲ ରଶ୍ମିରେଖା ସେନାପତି, ହିମାଂଶୁ ଭୂଷଣ ଦାସ, ଏସ.ଆର.ସାସମଲ, ଏ.ଚିରଞ୍ଜୀବ, ଦେବାଶିଷ ରାଉତ, ଦୀପକ କୁମାର ସମର୍ଥା, ଜୟଦେବ ପଟ୍ଟନାୟକ,ସଞ୍ଜୟ ସାହୁ, ଆଦିତ୍ୟ ମିଶ୍ର, ସନ୍ଦୀପ ମହାନ୍ତି, ଟିଟୁ ବିଷୋୟୀ, ଜ୍ଞାନରଞ୍ଜନ ନନ୍ଦ, ଦୀପକ କୁମାର, ପ୍ରତାପ କୁମାର ନାୟକ, ରଶ୍ମିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜାପାନ କରାଟେ ସୋତୋକାଇ ଇଣ୍ଡିଆର ଉପସଭାପତି ସୌମ୍ୟରଞ୍ଜନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳିତ ହୋଇଥିଲା।



ରବିବାର ଷ୍ଟିୱାର୍ଟ ସ୍କୁଲ ପରିସରରେ ଅନୁଷ୍ଠିତ ଜାପାନ କରାଟେ ସୋତୋକାଇ ରାଜ୍ୟ ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା କରାଟେକା, ଅଫିସିଆଲ ଓ କର୍ମକର୍ତ୍ତାମାନେ ଅତିଥିଙ୍କ ସହ।

## ସଂକ୍ଷେପରେ

### ରାଜ୍ୟ ସ୍ନୁକର: ଜାକିରଙ୍କ ରୋମାଞ୍ଚକର ବିଜୟ

**କଟକ ଅଫିସ,୧୧।୧୧:** ଦି ବିଲିୟାର୍ଡସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ ଓଡ଼ିଶା(ବିଏସ୍ଏଓ) ଆନୁକୂଲ୍ୟରେ କଟକ କ୍ଲବରେ ଚାଲିଥିବା ରାଜ୍ୟ ସିନିୟର ସ୍ନୁକର ଚାମ୍ପିୟନଶିପ୍‌ର ରବିବାର ଖେଳ ଶେଷ ହୋଇଛି। ଏଥିରେ ଜିତେନ ଷଡ଼ଙ୍ଗୀ, ଆକାଶ ମହାପାତ୍ର, ରୁମିତ ଗୁପ୍ତା, ଜାକିର ଅଲ୍ଲୀ ଖାନ୍ ବିଜୟୀ ହୋଇ କ୍ୱାର୍ଟର ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛନ୍ତି । ପ୍ରତିଯୋଗିତାର ଟପ୍ ସିଡ୍ ଖେଳାଳି ମହମ୍ମଦ ରାଜାଙ୍କୁ ଏକ ରୋମାଞ୍ଚକର ମ୍ୟାଚ୍‌ରେ ଜାକିର ପରାସ୍ତ (୩-୨ଫ୍ରେମ୍‌ରେ)କରି କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରିଥିଲେ। ପ୍ରଥମ ଫ୍ରେମ୍‌ରେ ଜାକିର ୪୦-୪୭ ପଏଣ୍ଟରେ ପରାସ୍ତ ହେବା ପରେ ଦ୍ୱିତୀୟ ଓ ତୃତୀୟ ଫ୍ରେମ୍‌କୁ ୫୩-୪୦, ୫୮-୫୦ ପଏଣ୍ଟରେ ଜିତିଥିଲେ। ୪ର୍ଥ ଫ୍ରେମ୍‌କୁ ରାଜା ୫୩-୨୫ ପଏଣ୍ଟରେ ବିଜୟୀ ହୋଇ ମ୍ୟାଚ୍‌କୁ ୨-୨ ସ୍ଥିତିରେ ପହଞ୍ଚାଇଥିଲେ । ୫ମ ତଥା ନିର୍ଣ୍ଣାୟକ ଫ୍ରେମରେ ଜାକିର ୫୮-୪୫ ପଏଣ୍ଟରେ ବିଜୟୀ ହୋଇଥିଲେ । ଖେଳାଯାଇଥିବା ଅନ୍ୟ ଦୁଇଟି ମ୍ୟାଚ୍‌ରେ ଜିତେନ ଷଡ଼ଙ୍ଗୀ ୩-୨ ଫ୍ରେମରେ ସାରଦା ବେହେରାଙ୍କୁ, ରୁମିତ ଗୁପ୍ତା ୩-୧ ଫ୍ରେମରେ ସୁଜିତ ଅଗ୍ରୱାଲଙ୍କୁ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଥିବା ବେଳେ ୱାକଓଭର ବଳରେ ଆକାଶ ମହାପାତ୍ର କ୍ୱାର୍ଟରରେ ସାମିଲ ହୋଇଛନ୍ତି । ଜାକିର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି ।

### ସ୍କୁଲ୍ସ ଓପନ ଚେସ୍: ପ୍ରଭାଂଶୁ ଚାମ୍ପିୟନ



**ଭୁବନେଶ୍ୱର, ୧୧।୧୧(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଦ୍ୱିତୀୟ ସ୍କୁଲ୍ସ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୭ ରାଉଣ୍ଡ ବିଶିଷ୍ଟ ଏହି ସୁଇସ୍ ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ୧୬ଟି ସ୍କୁଲର ୬୩ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ ୧୭ ବାଳିକା ସାମିଲ ଥିଲେ। ପ୍ରଭାଂଶୁ ଦାଶ୍ ଓ ଶାଶ୍ୱତ ସାହୁ ୬ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଚାମ୍ପିୟନ ଓ ରନର୍ସଅପ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରଦ୍ଧା ମିଶ୍ର, ଅବିନାଶ ଆଚାର୍ଯ୍ୟ, ଲୌଇସ ବିଷୋୟୀ, ଶୁଭସୁନ୍ଦର ବେହେରା, ସତ୍ୟଜିତ ସାମନ୍ତରାୟ, ଦିବ୍ୟସିଂହ ରାୟ, ଶିଭାଙ୍ଗୀ ମହାନ୍ତି, ଅମୃତ ଶତପଥୀ, ଓମ୍ ପ୍ରସାଦ ଦାସ, ବିଶ୍ୱଜିତ ମହାରଣା, ହର୍ଷନ ନାୟକ, ଅଭିଷେକ କର ଓ ଅନୁପ ଚୌଧୁରୀ ଶୀର୍ଷ ୧୫ ଜଣଙ୍କ ମଧ୍ୟରେ ରହିଥିଲେ। ମୁଖ୍ୟ ପୁରସ୍କାର ବ୍ୟତୀତ ବିଭିନ୍ନ ବୟସବର୍ଗର ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା। ପିପି ଏକାଡେମୀ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ନିର୍ଦ୍ଦେଶକ ପ୍ରତିମା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଭାରତୀ ଦାସ ଓ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟ ଟିଟି ଚାମ୍ପିୟନଶିପ୍ ୧୮ରୁ

**କଟକ ଅଫିସ,୧୧।୧୧:** ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ଅନୁଗୋଳ ଜିଲା କଣିହାଁର ଏନ୍‌ଟିପିସି ପରିସରସ୍ଥ ରିକ୍ରିଏଶନ୍ ସେଣ୍ଟରରେ ଆସନ୍ତା ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ୨୪ତମ ଆନ୍ତଃ ଜିଲା ଓ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ । ପ୍ରତିଯୋଗିତାରେ ମୋଟ ୧୨ଟି ଇଭେଣ୍ଟ ଖେଳାଯିବ । ସିନିୟର ପୁରୁଷ ଓ ଜୁନିୟର ବାଳକ ବିଭାଗରେ ଦଳଗତ ପ୍ରତିଯୋଗିତା ହେବ । ଏହାଛଡ଼ା ଉଭୟ ପୁରୁଷ, ମହିଳା ସିଙ୍ଗଲ୍ସ, ୟୁଥ୍ ବାଳକ ସିଙ୍ଗଲ୍ସ, ଜୁନିୟର ବାଳିକା, ବାଳକ ସିଙ୍ଗଲ୍ସ, ସବ୍‌ଜୁନିୟର ବାଳିକା, ବାଳକ ସିଙ୍ଗଲ୍ସ, କ୍ୟାଡେଟ ବାଳିକା, ବାଳକ ସିଙ୍ଗଲ୍ସ ଇଭେଣ୍ଟ ହେବା ବେଳେ ଭେଟେରାନ ଖେଳାଳିମାନଙ୍କୁ ନେଇ ସିଙ୍ଗଲ୍ସ ପ୍ରତିଯୋଗିତା କରାଯିବ । କେବଳ ଜୁନିୟର ବାଳକ ବିଭାଗରେ ଡବଲ୍ସ ପ୍ରତିଯୋଗିତା ହେବ। ପ୍ରତିଯୋଗିତାରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ ବୋଲି ରାଜ୍ୟ ଟିଟି ଆସୋସିଏଶନ ପକ୍ଷରୁ କୁହାଯାଇଛି। ତେବେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ନିମନ୍ତେ ନଭେମ୍ବର ୧୫ ତାରିଖରେ ନାମ ପଞ୍ଜୀକରଣ କରିପାରିବେ ବୋଲି ରାଜ୍ୟ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା କହିଛନ୍ତି ।

---

“ ମୋ ପାଇଁ ରିହାବିଲିଟେଶନ ପ୍ରୋଗ୍ରାମ ଯଦିଓ ବୋରିଂ ଥିଲା ମୁଁ ଏହାକୁ ସକାରାତ୍ମକ ଭାବେ ନେଇଥିଲି ।
**-ଋଦ୍ଧିମାନ ଶାହ, ଆଘାତପ୍ରାପ୍ତ ଟେଷ୍ଟ ଉଇକେଟକିପର**



“ ମୋ ଦୃଷ୍ଟିରେ ଗତ ୫ରୁ ୧୦ ବର୍ଷ ମଧ୍ୟରେ ଋଦ୍ଧିମାନ ଶାହ ହେଉଛନ୍ତି ଭାରତର ଶ୍ରେଷ୍ଠ ଉଇକେଟକିପର ।
**-ସୌରଭ ଗାଙ୍ଗୁଲି, ପୂର୍ବତନ ଅଧିନାୟକ**



# ଓଡ଼ିଶା-ୟୁପି ମୁକାବିଲା ଆଜିଠାରୁ

ଭୁବନେଶ୍ୱର, ୧୧।୧୧
(ସ୍ପୋର୍ଟ୍ସ ବ୍ୟୁରୋ)

ରଣଜୀ ଟ୍ରଫି ୨ୟ ରାଉଣ୍ଡ ପର୍ଯ୍ୟାୟ ସୋମବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେଉଛି। ଏହିକ୍ରମରେ ସ୍ଥାନୀୟ କିଟ୍ ଷ୍ଟାଡିୟମରେ ଘରୋଇ ଓଡ଼ିଶା ଶକ୍ତିଶାଳୀ ଉତ୍ତରପ୍ରଦେଶ (ୟୁପି) ଟିମ୍‌କୁ ଭେଟିବାକୁ ଯାଉଛି। ଓଡ଼ିଶା ତା'ର ପ୍ରଥମ ମ୍ୟାଚ୍‌ରେ ଏହି ଗ୍ରାଉଣ୍ଡରେ ହରିୟାଣା ବିପକ୍ଷରେ ମ୍ୟାଚ୍ ଡ୍ର' ରଖିଥିଲେ ମଧ୍ୟ ପ୍ରଥମ ଇନିଂସ ପଛୁଆ ଭିତ୍ତିରେ ମାତ୍ର ଏକ ପଏଣ୍ଟରେ ସନ୍ତୁଷ୍ଟ ରହିଥିଲା। ତେଣୁ ଗ୍ରୁପ୍-ସି'ର ଏହି ମ୍ୟାଚ୍ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ଟିମ୍ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ମ୍ୟାଚ୍ ଜିତି ଦଳ ପୂର୍ଣ୍ଣ ପଏଣ୍ଟ ହାସଲ କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ଉଭୟ ଓଡ଼ିଶା ଓ ୟୁପି ଟିମ୍ ଏଠାରେ ଗଲା ଦୁଇଦିନ ଧରି ଜୋର୍‌ଦାର

**ରଣଜୀ ଟ୍ରଫି ୨ୟ ରାଉଣ୍ଡ**

ଅଭ୍ୟାସ ଚଳାଇଛନ୍ତି।

ହରିୟାଣା ବିପକ୍ଷରେ ପ୍ରଥମ ଇନିଂସରେ ଓପନର ଅନୁରାଗ ଷଡ଼ଙ୍ଗୀ ଓ ୨ୟ ଇନିଂସରେ ଅଧିନାୟକ ବିପ୍ଳବ ଅପରାଜିତ ଶତକୀୟ ଇନିଂସ ଖେଳି ଦଳକୁ ପରାଜୟରୁ ରକ୍ଷା କରିଥିଲେ। ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କୁ ଛାଡ଼ିଦେଲେ ଶୁଭ୍ରାଂଶୁ ସେନାପତି, ଶାନ୍ତନୁ ମିଶ୍ର ଓ ଦେବବ୍ରତ ପ୍ରଧାନ ଉପଯୋଗୀ ବ୍ୟାଟିଂ କରିଥିଲେ। କିନ୍ତୁ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର, ଓପନର ସନ୍ଦୀପ ପଟ୍ଟନାୟକ, ଉଇକେଟ୍‌କିପର ସୁଜିତ୍ ଲେଙ୍କା ଫେଲ୍ ମାରିଥିବାରୁ ୟୁପି ବିପକ୍ଷ ମ୍ୟାଚ୍‌ରେ ଏମାନଙ୍କ ବ୍ୟାଟ୍‌ରୁ ଟିମ୍ ମ୍ୟାନେଜମେଣ୍ଟ ବଡ଼ ସ୍କୋର ଆଶା ରଖିଛି। ଅପରପକ୍ଷରେ ବରିଷ୍ଠ ବୋଲର ବସନ୍ତ ମହାନ୍ତି ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଦଳର ବୋଲିଂ ବିଭାଗକୁ ଆହୁରି ଶକ୍ତିଶାଳୀ କରିଛି। ପିତାଙ୍କ ବିୟୋଗ ସତ୍ତ୍ୱେ ବସନ୍ତ ୟୁପି ବିପକ୍ଷରେ ଖେଳିବାକୁ ନିଷ୍ପତ୍ତି ନେଇଥିବାରୁ ଏହା ସାଥୀ ଖେଳାଳିଙ୍କ ମନୋବଳ ବଢ଼ାଇବାରେ ସହାୟକ ହୋଇଛି। ପିତାଙ୍କ ଅସୁସ୍ଥତା ଲାଗି ବସନ୍ତ ପୂର୍ବରୁ ହରିୟାଣା ବିପକ୍ଷ ମ୍ୟାଚ୍ ଖେଳିପାରି ନ ଥିଲେ। ବସନ୍ତ ଟିମ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଟିମ୍‌ରେ ସାମାନ୍ୟ ପରିବର୍ତ୍ତନ ହେବା ନିଶ୍ଚିତ ହୋଇଛି। ହରିୟାଣା ବିପକ୍ଷରେ ୩ ପଦାର୍ପଣକାରୀ ଯୁବ ବୋଲର ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ ଓ ସ୍ପିନର ପପୁ ରାୟ ମଧ୍ୟ ଉନ୍ନତ ବୋଲିଂ କରିଥିଲେ। ତେଣୁ ୟୁପି ବିପକ୍ଷ ମ୍ୟାଚ୍‌ରେ କେଉଁ ଖେଳାଳି ଚୂଡ଼ାନ୍ତ ଏକାଦଶରୁ ବାଦ୍ ପଡ଼ିବେ ତାହା ନିଷ୍ପତ୍ତି ନେବା ଏବେ ଟିମ୍ ମ୍ୟାନେଜମେଣ୍ଟ ପାଇଁ କଷ୍ଟକର ହୋଇଛି।

ଅପରପକ୍ଷରେ ଆକାଶଦୀପ ନାଥଙ୍କ ନେତୃତ୍ୱାଧୀନ ୟୁପି ଦଳ ପ୍ରଥମ ମ୍ୟାଚ୍‌ରେ ଗୋଆକୁ ଏକ ଇନିଂସ ଓ ୨୪୭ ରନରେ ପରାସ୍ତ କରିଥିବାରୁ ଖେଳାଳିଙ୍କ ମନୋବଳ ବେଶ୍ ଦୃଢ଼ ରହିଛି। ଅଧିନାୟକ ଆକାଶଦୀପଙ୍କ (୧୯୪) ସମେତ ମହମ୍ମଦ ସୈଫ୍ (୧୨୬) ଓ ପ୍ରିୟମ ଗର୍ଗ (୧୧୭) ଗୋଆ ବିପକ୍ଷରେ ଶତକ ହାସଲ କରିଥିଲେ। ଓପନର ମାଧବ କୌଶିକ (୯୨) ମଧ୍ୟ ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ପ୍ରଥମ ମ୍ୟାଚ୍ ଖେଳି ନ ଥିବା ଅଭିଜ୍ଞ ସୁରେଶ ରାଇନା ଓଡ଼ିଶା ବିପକ୍ଷରେ ଖେଳିବା ନିଶ୍ଚିତ ହୋଇଛି। ତେଣୁ ଦଳର ବ୍ୟାଟିଂ ଲାଇନ୍‌ଅପ୍ ଷ୍ଟ୍ରଙ୍ଗ୍ ରହିଛି। ବୋଲିଂରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ଶିଭମ ମାଭି, ଅଙ୍କିତ ରାଜପୁତ, ୟଶ ଦୟାଲଙ୍କୁ ନେଇ ବୋଲିଂ ବିଭାଗ ମଧ୍ୟ ଗୋଆ ବିପକ୍ଷରେ ସଫଳ ହୋଇଥିଲା। ଓଡ଼ିଶା ବିପକ୍ଷରେ ମଧ୍ୟ ଦଳ ବିଜୟଧାରାକୁ ବଜାୟ ରଖିବା ଲକ୍ଷ୍ୟରେ ରହିଛି।

**ଓଡ଼ିଶା ଟିମ୍:** ସନ୍ଦୀପ ପଟ୍ଟନାୟକ, ରଣଜିତ୍ ସିଂ, ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ (ଅଧିନାୟକ), ଅନୁରାଗ ଷଡ଼ଙ୍ଗୀ, ସୁଜିତ୍ ଲେଙ୍କା, ଶୁଭ୍ରାଂଶୁ ସେନାପତି, ବସନ୍ତ ମହାନ୍ତି, ଶୁଭମ ନାୟକ, ସୂର୍ଯ୍ୟକାନ୍ତ ପ୍ରଧାନ, ଶାନ୍ତନୁ ମିଶ୍ର, ଦେବବ୍ରତ ପ୍ରଧାନ, ପପୁ ରାୟ, ଅଭିଷେକ ରାଉତ ଓ ରାଜେଶ ମହାନ୍ତି।

**ୟୁପି ଟିମ୍:** ଆକାଶଦୀପ୍ ନାଥ (ଅଧିନାୟକ), ଅଙ୍କିତ ରାଜପୁତ, ମହମ୍ମଦ ସୈଫ୍, ସୌରଭ କୁମାର, ସମର୍ଥ ସିଂ, ରିଙ୍କୁ ସିଂ, ଉପେନ୍ଦ୍ର ଯାଦବ (ଉଇକେଟ୍‌କିପର), ପ୍ରିୟମ ଗର୍ଗ, ଶିଭମ ମାଭି, ୟଶ ଦୟାଲ, ମାଧବ କୌଶିକ, ସୁରେଶ ରାଇନା, ଉମଙ୍ଗ ଶର୍ମା, ଅଲ୍‌ମାସ ସୌକତ୍, ଜୀସାନ ଅନସାରୀ ଓ ଧ୍ରୁବ ପ୍ରତାପ ସିଂ।





କିଟ୍ ଷ୍ଟାଡିୟମରେ ଅଭ୍ୟାସ ସେସନ ଅବସରରେ ସୁରେଶ ରାଇନା। ନେଟ୍ସରେ ବୋଲିଂ କରୁଛନ୍ତି ଓଡ଼ିଶାର ବସନ୍ତ ମହାନ୍ତି । (ଫଟୋ-ମୌସମ୍)

### ବସନ୍ତଙ୍କ ଉପସ୍ଥିତି ନିହାତି ଗୁରୁତ୍ୱପୂର୍ଣ୍ଣ: ବିପ୍ଳବ

ବସନ୍ତ ଭାଇ ଜଣେ ଅଭିଜ୍ଞ ବୋଲର। ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ଏକ ଭଲ ସାଇନ୍ ଏବଂ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ମଧ୍ୟ। ଏହି ଉଇକେଟ୍‌ରେ ତାଙ୍କର ଉପସ୍ଥିତି ଟିମ୍ ନିହାତି ଆବଶ୍ୟକ କରୁଥିଲା। ଏହି ମ୍ୟାଚ୍ ଜିତିବାକୁ ଆମେ ଲକ୍ଷ୍ୟ ରଖିଥିବାରୁ ସେ ଦଳର ପ୍ରମୁଖ ସମ୍ବଳ। ପୂର୍ବରୁ ମଧ୍ୟ ଅତୀତରେ ସେ ଆମକୁ ଅନେକ ମ୍ୟାଚ୍‌ରେ ଜିତାଇବାରେ ସହାୟକ କରିଥିବାରୁ ୟୁପି ବିପକ୍ଷ ମ୍ୟାଚ୍‌ର ଉଭୟ ଇନିଂସରେ ଆମେ ତାଙ୍କ ନିକଟରୁ ଭଲ ବୋଲିଂ ଆଶା କରୁଛୁ ବୋଲି କିଟ୍ ଷ୍ଟାଡିୟମରେ ଅଭ୍ୟାସ ସେସନ ଅବସରରେ ଓଡ଼ିଶା ଦଳର ଅଧିନାୟକ ତଥା ବରିଷ୍ଠ ଖେଳାଳି ବିପ୍ଳବ ସାମନ୍ତରାୟ କହିଛନ୍ତି। ହରିୟାଣା ବିପକ୍ଷ ମ୍ୟାଚ୍‌ରେ ପ୍ଲାନ ଆମ ଫେଭରରେ ଯାଇ ନ ଥିଲେ ମଧ୍ୟ ଆମର କିଛି ଖେଳାଳି ଭଲ ଖେଳିଥିଲେ। ଶାନ୍ତନୁ ମିଶ୍ର, ପପୁ ରାୟଙ୍କ ପ୍ରଦର୍ଶନ ଭଲ ରହିଥିଲା। ତିନି ପଦାର୍ପଣକାରୀ ବୋଲର ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ଫିଲ୍ଡିଂରେ ଆମର କିଛି କମ୍ ରହିଥିଲା, ଯାହାକୁ ଏହି ମ୍ୟାଚ୍‌ରେ ଆମେ ସୁଧାର ଆଣିବାକୁ ଚେଷ୍ଟା କରିବୁ। ସେହିଭଳି ୟୁପି ଦଳରେ ଅନେକ ଅଭିଜ୍ଞ ଖେଳାଳି ରହିଥିଲେ ମଧ୍ୟ ଆମେ ଏହି ମ୍ୟାଚ୍ ଜିତିବା ଲକ୍ଷ୍ୟରେ ଖେଳିବୁ ବୋଲି ବିପ୍ଳବ କହିଛନ୍ତି। ବଡ଼ ଟିମ୍ ବିପକ୍ଷରେ ଭଲ ପ୍ରଦର୍ଶନ କରି ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଆମ ଯୁବ ଖେଳାଳିଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ବୋଲି ସେ କହିଛନ୍ତି।

### ରାଇନାଙ୍କ ଉପରେ ନଜର, ଭୁବି ଯୋଗ ଦେଇପାରନ୍ତି

ଉତ୍ତରପ୍ରଦେଶ ଟିମ୍‌ରେ ଭାରତୀୟ ଦଳର ବରିଷ୍ଠ ଖେଳାଳି ସୁରେଶ ରାଇନା ରହିଥିବାରୁ ଏହି ମ୍ୟାଚ୍‌ରେ ସମସ୍ତଙ୍କ ନଜର ତାଙ୍କ ଉପରେ ରହିବ। ରାଇନା ପୂର୍ବରୁ ଗୋଆ ବିପକ୍ଷ ପ୍ରଥମ ମ୍ୟାଚ୍ ଖେଳି ନ ଥିଲେ। କିନ୍ତୁ କିଟ୍‌ରେ ଗଲା ଦୁଇଦିନ ଧରି ଜୋର୍‌ଦାର ଅଭ୍ୟାସ ଚଳାଇଥିବାରୁ ଓଡ଼ିଶା ବିପକ୍ଷରେ ତାଙ୍କର ଖେଳିବା ସମ୍ଭାବନା ରହିଛି। ସେହିଭଳି ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜ ଖେଳୁଥିବାରୁ ଦ୍ରୁତ ବୋଲର ଭୁବନେଶ୍ୱର କୁମାର (ଭୁବି) ଉତ୍ତରପ୍ରଦେଶ ଦଳରୁ ଦୂରେଇ ରହିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତିମ ତଥା ୩ୟ ଟି୨୦ ମ୍ୟାଚ୍ ରବିବାର ଶେଷ ହୋଇଥିବାରୁ ଭୁବି ସୋମବାର କିମ୍ବା ମଙ୍ଗଳବାର ଉତ୍ତରପ୍ରଦେଶ ଦଳ ସହ ଯୋଗଦେବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଓଡ଼ିଶା ବିପକ୍ଷରେ ଖେଳି ନ ପାରିଲେ ମଧ୍ୟ ଭୁବିଙ୍କ ଉପସ୍ଥିତି ଟିମ୍‌ର ଅନ୍ୟ ଖେଳାଳିଙ୍କ ମନୋବଳ ବଢ଼ାଇବାରେ ବେଶ୍ ସହାୟକ ହେବ।

ଓଡ଼ିଆ ପ୍ରତିଭାଙ୍କ ବିରଳ ସଫଳତା

## ସୌଭାଗ୍ୟ ହେଲେ ହାଫ୍ ଆଇରନ୍ ମ୍ୟାନ

କଟକ ଅଫିସ,୧୧।୧୧

ହାଇଦ୍ରାବାଦରେ ଅନୁଷ୍ଠିତ ହୋଇଯାଇଥିବା ହାଫ୍ ଆଇରନ ମ୍ୟାନ ପ୍ରତିଯୋଗିତାରେ ମାରାଥନ ଧାବକ ସୌଭାଗ୍ୟ କୁମାର ରଥ ଓଡ଼ିଶାର ଏକମାତ୍ର ପ୍ରତିଯୋଗୀଭାବେ ଅଂଶ ଗ୍ରହଣ କରିବା ସହ ବିରଳ ସଫଳତା ହାସଲ କରିଛନ୍ତି। ଏକ ସଙ୍ଗରେ ସନ୍ତରଣ, ସାଇକେଲ ଚାଳନା ଓ ଦୌଡ଼ ପ୍ରତିଯୋଗିତା ଭଳି ଦୁଃସାହସିକ କ୍ରୀଡ଼ାରେ ଭାଗ ନେଇ ସୌଭାଗ୍ୟ ହାଫ୍ ଆଇରନ୍ ମ୍ୟାନ ଭାବେ ପୁରସ୍କୃତ ହୋଇଥିଲେ। ୧.୯ କିମି ସନ୍ତରଣ, ୯୦ କିମି ସାଇକେଲ ଚାଳନା ଓ ୨୧ କିମି ଦୌଡ଼କୁ ସୌଭାଗ୍ୟ ୮ଘଣ୍ଟା ୩୦ମିନିଟରେ ଶେଷ କରିଥିଲେ। ଏହି ଇଭେଣ୍ଟ ନିମନ୍ତେ ୧୦ ଘଣ୍ଟା ସମୟସୀମା ଧାର୍ଯ୍ୟ କରାଯାଇଥିଲା। ଦେଢ଼ ଘଣ୍ଟା ପୂର୍ବରୁ ଲକ୍ଷ୍ୟ ସାଧନ କରି ସୌଭାଗ୍ୟ ସଫଳତା ପାଇଥିଲେ। ସନ୍ତରଣକୁ ଏକ ଘଣ୍ଟା ମଧ୍ୟରେ ଓ ସାଇକେଲ ଚାଳନାକୁ ୩ ଘଣ୍ଟା ୫୦ମିନିଟରେ ଶେଷ କରିଥିଲେ ମଧ୍ୟ ଦ୍ୱିପହର ଖରାରେ ୨୧ କିମି ଦୌଡ଼ିବା କଷ୍ଟଦାୟକ ଥିଲା ବୋଲି ସୌଭାଗ୍ୟ କହିଛନ୍ତି।




ସୌଭାଗ୍ୟ କୁମାର ରଥ

## ଦନଞ୍ଜୟଙ୍କ ବୋଲିଂ ଆକ୍ସନ ସନ୍ଦେହଜନକ

କଲମ୍ବୋ, ୧୧।୧୧ (ଏଏଫ୍‌ପି)

ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚରେ ଶ୍ରୀଲଙ୍କା ଅଫ୍ ସ୍ପିନର ଆକିଲା ଦନଞ୍ଜୟଙ୍କ ବୋଲିଂ ଆକ୍ସନ ସନ୍ଦେହଜନକ ଥିଲା ବୋଲି ରିପୋର୍ଟ ହୋଇଛି। ଏହି ମ୍ୟାଚରେ ଇଂଲଣ୍ଡ ୨୧୧ ରନରେ ବିଜୟ ଲାଭ କରିଥିଲା। ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। ଦନଞ୍ଜୟଙ୍କ ବୋଲିଂ ଆକ୍ସନକୁ ଆଇସିସି ପୁନର୍ବାର ଯାଞ୍ଚ କରି ଦେଖିବ। ଗାଲେଠାରେ ଶୁକ୍ରବାର ୪ ଦିନ ମଧ୍ୟରେ ଶେଷ ହୋଇଥିବା ଉକ୍ତ ମ୍ୟାଚରେ ୨୫ ବର୍ଷୀୟ ଦନଞ୍ଜୟ ୧୮୪ ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଶ୍ରୀଲଙ୍କା ବୋଲରଙ୍କୁ ଦୁଇ ସପ୍ତାହ ମଧ୍ୟରେ ପରୀକ୍ଷା ଦେବାକୁ ପଡ଼ିବ।

## ମହିଳା ଫୁଟ୍‌ବଲ: ଭାରତର ସହଜ ବିଜୟ

ୟାନଗନ, ୧୧।୧୧ (ପି.ଟି.)

ବାଲା ଦେବୀଙ୍କ ୪ ଗୋଲ ସହାୟତାରେ ଭାରତୀୟ ମହିଳା ଫୁଟ୍‌ବଲ ଦଳ ଏଠାରେ ରବିବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ୨୦୨୦ ଏଏଫ୍‌ସି ଅଲିମ୍ପିକ ଯୋଗ୍ୟତାପର୍ଯ୍ୟାୟ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ବାଂଲାଦେଶକୁ ୭-୧ ଗୋଲ୍‌ରେ ପରାସ୍ତ କରିଛି। ବାଲା ଦେବୀଙ୍କ ବ୍ୟତୀତ କମଳା ଦେବୀ ଦୁଇଟି ଏବଂ ସଞ୍ଜୁ ଗୋଟିଏ ଗୋଲ ସ୍କୋର କରିଥିଲେ। ମ୍ୟାଚ ଶେଷ ହେବାକୁ ଆଉ ୧୦ମିନିଟ ସମୟ ବାକିଥିବାବେଳେ ବାଂଲାଦେଶ ପକ୍ଷରୁ କ୍ରିଷ୍ଣା ରାଣୀ ଦଳ ପାଇଁ ଏକ ସାନ୍ତ୍ୱନାମୂଳକ ଗୋଲ ସ୍କୋର କରିଥିଲେ। ଭାରତୀୟ ମହିଳା ଦଳ ନେପାଳ ବିପକ୍ଷରେ ଖେଳିଥିବା ଏହାର ପୂର୍ବ ମ୍ୟାଚ ଡ୍ର ରଖିଥିଲା।

# 'ଭାବପ୍ରବଣ ନ ହୋଇ ପେସାଦାର ହେବାକୁ ପଡ଼ିବ'

ହକି ବିଶ୍ୱକପ୍‌ରେ ଆମେ ଗୋଟିଏ ପରେ ଗୋଟିଏ ମ୍ୟାଚ୍ ଉପରେ ଧ୍ୟାନ ଦେଇ ଖେଳିବୁ ବୋଲି ଭାରତୀୟ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି। ମାସେ ହେବ ଆମେ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ କରିଆସୁଛୁ, ତେଣୁ ଏହାର ଫାଇଦା ଆମକୁ ମିଳିବା ନେଇ ଆଶା ରହିଛି। ନିକଟ ଅତୀତରେ ଆମେ ଗୋଟିଏ ପରେ ଗୋଟିଏ ବଡ଼ ଟୁର୍ଣ୍ଣାମେଣ୍ଟ ଖେଳି ଆସିଛୁ ଓ ଏବେ ବିଶ୍ୱକପ୍ ଖେଳିବୁ। ପ୍ରତ୍ୟେକ ଟୁର୍ଣ୍ଣାମେଣ୍ଟରୁ ଆମକୁ କିଛି ଶିକ୍ଷା ମିଳିଛି। ତ୍ରୁଟିରୁ ମଧ୍ୟ ଆମେ ବହୁତ କିଛି ଶିଖିଛୁ। ଏହି କ୍ରମରେ ଆମ ଖେଳାଳିମାନେ ମଧ୍ୟ ପରିପକ୍ୱତା ଲାଭ କରିଛନ୍ତି। ଏହା ବିଶ୍ୱକପ୍ ପ୍ରସ୍ତୁତିରେ ବେଶ୍ ସହାୟକ ହୋଇଛି ବୋଲି ହରେନ୍ଦ୍ର ପ୍ରକାଶ କରିଛନ୍ତି। ଏପର୍ଯ୍ୟନ୍ତ ଆମେ ୪ଟି ଦଳର ଭିଡିଓ ବିଶ୍ଳେଷଣ କରିଛୁ। ତେବେ କେଉଁ ଦଳ ବିପକ୍ଷରେ ଆମେ ଏହା କରିଛୁ ସେ ବିଷୟରେ କହିବା ଠିକ୍ ହେବନାହିଁ। ଏ ସଂକ୍ରାନ୍ତରେ ବିଭିନ୍ନ ତଥ୍ୟକୁ ଗୁପ୍ତ ରଖିବା ଶ୍ରେୟସ୍କର ହେବ। ବିଶ୍ୱକପ୍‌ରେ କୌଣସି ଦଳ ଆମ ପାଇଁ ଚ୍ୟାଲେଞ୍ଜ୍ ସୃଷ୍ଟି କରିବ ବୋଲି ଭାବୁନାହିଁ। ଭାରତ ହିଁ ଭାରତ ପାଇଁ ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି। କାରଣ ଆମେ ନିଜେ ଆମର ପ୍ରତିଯୋଗୀ। ନିଜ ସହିତ ନିଜେ ଲଢ଼ିବାରେ ସକ୍ଷମ ହେଲେ ଆମେ ଅନ୍ୟ ଦଳ ସହିତ ସଫଳତାର ସହ ମୁକାବିଲା କରିପାରିବୁ ବୋଲି ହରେନ୍ଦ୍ର କହିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଘରୋଇ ପରିବେଶ ଓ ଦର୍ଶକ ଆମ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବେ। ଆମ ଉପରେ ଆଦୌ ଚାପ ନାହିଁ। ଦଳରେ ସନ୍ତୁଳନ ରହିଛି। ତେଣୁ ପ୍ରତି ମ୍ୟାଚ୍‌କୁ ଆମେ ଉପଭୋଗ କରିବୁ ଓ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ ବୋଲି ହରେନ୍ଦ୍ର କହିଛନ୍ତି।




ଅଭିଜ୍ଞ କିମ୍ବା ଯୁବ ଖେଳାଳିଙ୍କୁ ଦୃଷ୍ଟିରେ ରଖି ଦଳ ଚୟନ କରାଯାଇନାହିଁ। ଫିଟ୍‌ନେସ ଓ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଦଳ ଚୟନ କରାଯାଇଛି। କାହାର କେତେ ବୟସ, ତାକୁ ଗୁରୁତ୍ୱ ଦିଆଯାଇନାହିଁ। ପ୍ରଦର୍ଶନ ହିଁ ଦେଶ ପାଇଁ ପଦକ ଆଣିଦେଇଥାଏ। ଅଭିଜ୍ଞତା କିମ୍ବା ବୟସ ମାପକାଠି ନୁହଁ। ତେବେ ଦଳରେ ସନ୍ତୁଳନ ରହିବା ନିହାତି ଜରୁରୀ ବୋଲି ହରେନ୍ଦ୍ର କହିଛନ୍ତି। ଡିସେମ୍ବର ୧୬ ତାରିଖରେ ଜଣାପଡିବ କେଉଁ ଦଳ କେତେ ଦକ୍ଷ। ଏସ୍.ଭି. ସୁନୀଲ ଆଘାତ ସମସ୍ୟା କାରଣରୁ ଦଳରେ ସ୍ଥାନ ପାଇପାରିନାହାନ୍ତି। ରମଣଦୀପ ସିଂ ମଧ୍ୟ ଫିଟ୍ ନାହାନ୍ତି। ତେବେ ଆମେ କୌଣସି ଖେଳାଳିଙ୍କୁ ମିସ୍ କରୁନାହୁଁ। ଇଞ୍ଜୁରି ଓ ଫିଟ୍‌ନେସ୍ ନେଇ କୌଣସି ବୁଝାମଣା କରାଯିବ ନାହିଁ। ଆମେ ଭାରତୀୟମାନେ ସବୁବେଳେ ଭାବପ୍ରବଣ ହୋଇ ଚିନ୍ତା କରିଥାଉ। କିନ୍ତୁ ପେସାଦାର ଢଙ୍ଗରେ କେବେ ଚିନ୍ତା କରିବାକୁ ପ୍ରୟାସ କରି ନ ଥାଉ। ଦଳ ପାଇଁ କେହି ଅପରିହାର୍ଯ୍ୟ ନୁହଁ। ଜଣେ ଗଲେ ଆଉ ଜଣେ ଆସିବେ। ମୁଁ ହଟିଲେ ଆଉ ଜଣେ କୋଚ୍ ନିଯୁକ୍ତ ହେବେ। ଏଥିରେ ଚିନ୍ତା କରିବାର ଆବଶ୍ୟକତା ନାହିଁ। ତେଣୁ ଆମକୁ ଭାବପ୍ରବଣ ନ ହୋଇ ପେସାଦାର ହେବାକୁ ପଡିବ। ଏହା ହୋଇପାରିଲେ କ୍ରୀଡ଼ାରେ ଭାରତ ଆହୁରି ଉନ୍ନତି କରିବ।

ବୀରେନ୍ଦ୍ର ଲାକ୍ରା ପୂରା ଫିଟ୍ ଅଛନ୍ତି। ତାଙ୍କ ପ୍ରଦର୍ଶନ ମଧ୍ୟ ଭଲ ରହିଛି। ଆସନ୍ତା ବିଶ୍ୱକପ୍‌ରେ ମଧ୍ୟ ବୀରେନ୍ଦ୍ରଙ୍କ ଉଲ୍ଲେଖନୀୟ ଭୂମିକା ରହିବ। ଫଳାଫଳ ନେଇ ଅଧିକ ଚିନ୍ତା ନ କରି କର୍ମ ଓ ପରିଶ୍ରମ ଉପରେ ଅଧିକ ଧ୍ୟାନ ଦେଉଛୁ। ବିଶ୍ୱକପ୍‌ରେ କେଉଁ ଦଳ ଶ୍ରେଷ୍ଠ, ତାହା କହିବା ମୁସ୍କିଲ। କାରଣ ୧୬ଟି ଯାକ ଦଳ ଚାମ୍ପିୟନ ହେବା ପାଇଁ ଏଠାକୁ ଆସୁଛନ୍ତି। ତେଣୁ ସବୁ ଦଳ ଆମ ପାଇଁ ସମାନ ବୋଲି ହରେନ୍ଦ୍ର କହିଛନ୍ତି। ଦଳର ପ୍ରଦର୍ଶନର ଶ୍ରେୟ ଖେଳାଳିଙ୍କୁ ଯାଇଥାଏ। ତେବେ କୋଚ୍ ସେମାନଙ୍କୁ ଗାଇଡ୍ କରିଥାନ୍ତି। ଦଳରେ କୌଣସି ସଦସ୍ୟଙ୍କୁ ମୁଖ୍ୟ ଖେଳାଳି କୁହାଯାଇପାରିବ ନାହିଁ। ସବୁ ଖେଳାଳି ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ। ସବୁବେଳେ ଦଳକୁ ମୁଁ ଗୁରୁତ୍ୱ ଦେଇଥାଏ। ବ୍ୟକ୍ତିଗତ ଭାବେ କୌଣସି ଖେଳାଳିଙ୍କୁ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ନାହିଁ ବୋଲି କୋଚ୍ ହରେନ୍ଦ୍ର ପ୍ରକାଶ କରିଛନ୍ତି।




ହରେନ୍ଦ୍ର ସିଂ

### ହରେନ୍ଦ୍ରଙ୍କ ମତ

- ଗୋଟିଏ ପରେ ଗୋଟିଏ ମ୍ୟାଚ୍ ଉପରେ ଧ୍ୟାନ ଦେଇ ଖେଳିବୁ
- ଅତୀତ ଟୁର୍ଣ୍ଣାମେଣ୍ଟରେ କରିଥିବା ତ୍ରୁଟିରୁ ବହୁତ କିଛି ଶିଖିଛୁ
- ଘରୋଇ ପରିବେଶ ଓ ଦର୍ଶକ ଆମ ପାଇଁ ଅନୁକୂଳ ହେବା ଆଶା
- ଫିଟ୍‌ନେସ୍ ଓ ପ୍ରଦର୍ଶନ ହିଁ ଦଳ ଚୟନର ମାପକାଠି
- ଇଞ୍ଜୁରି ଓ ଫିଟ୍‌ନେସ୍‌କୁ ନେଇ କୌଣସି ବୁଝାମଣା କରାଯାଇନାହିଁ
- ବିଶ୍ୱକପ୍‌ରେ ବୀରେନ୍ଦ୍ର ଲାକ୍ରାଙ୍କ ଉଲ୍ଲେଖନୀୟ ଭୂମିକା ରହିବ
- କୌଣସି ଜଣେ ସଦସ୍ୟ ନୁହେଁ, ସବୁ ଖେଳାଳି ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ
- ଚାମ୍ପିୟନ ହେବା ଆଶାରେ ୧୬ଟି ଯାକ ଦଳ। ତେଣୁ କେଉଁ ଦଳ ବେଶି ଚ୍ୟାଲେଞ୍ଜ ଦେବ କହିବା ଯୁକ୍ତିଯୁକ୍ତ ନୁହେଁ
- ଡିସେମ୍ବର ୧୬ରେ ଜଣାପଡ଼ିବ କେଉଁ ଦଳ କେତେ ଦକ୍ଷ

## ସଂକ୍ଷେପରେ

# ବାଇକ୍ ଲୁଟେରାଙ୍କଠାରୁ ବର୍ତ୍ତିଲେ ଯୁବକ

କୋରେଇ,୧୧।୧୧(ସ୍ୱ.ପ୍ର.): ବାଇକ୍ ଲୁଟେରାଙ୍କଠାରୁ ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ରଣପାଳ ଗ୍ରାମର ନୀଳମଣି ଦତ୍ତ(୩୬) ଶନିବାର ରାତିରେ ବର୍ତ୍ତି ଯାଇଥିବା ବେଳେ ଲୁଟେରାମାନେ ଏଟିଏମ୍, ପର୍ସ ଓ ମୋବାଇଲ ଛଡ଼ାଇ ନେଇଥିଲେ। ସେ କଟକସ୍ଥିତ ଏକ ଘରୋଇ କମ୍ପାନୀରେ ଟେକ୍ନିସିଆନ ଭାବେ କାମ କରନ୍ତି। ନୀଳମଣୀ ଶନିବାର ବାଇକ୍ ଯୋଗେ ୧୬ ନଂ. ଜାତୀୟ ରାଜପଥର ସଠିପୁରରୁ ଘରକୁ ଫେରୁଥିଲେ। ବ୍ରଜନଗରସ୍ଥିତ ପୋଲ ନିକଟରେ ପଛପଟୁ ବାଇକ୍‌ରେ ୩ ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଅଟକାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ନୀଳମଣିଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ବାଇକ୍ ଚାବି ଛଡ଼ାଇ ନେବାକୁ ଚେଷ୍ଟା କରୁଥିବା ବେଳେ ନୀଳମଣି ରାସ୍ତା କଡ଼କୁ ଚାପି ଫୋପାଡ଼ି ଦେଇଥିଲେ। ସେହି ସମୟରେ ମୁଳାପାଳ ଗ୍ରାମର ପ୍ରଶାନ୍ତ କୁମାର ସିଂ ନାମକ ଯୁବକ ଆସୁଥିବା ବେଳେ ତାଙ୍କୁ ନୀଳମଣୀ ସାହାଯ୍ୟ ମାଗିବାରୁ ପ୍ରଶାନ୍ତ ସେଠାରେ ଅଟକିଥିଲେ। ଫଳରେ ଦୁର୍ବୃତ୍ତମାନେ ତାଙ୍କୁ ସେଠାରୁ ପଳାଇଯିବାକୁ ଧମକାଇ ଥିଲେ। ହଠାତ ଏକ ଟ୍ରକ ଆସିବାରୁ ପ୍ରଶାନ୍ତ ସାହାଯ୍ୟ ମାଗିବା ବେଳେ ସେମାନେ ନୀଳମଣୀଙ୍କ ପର୍ସ, ଏଟିଏମ ଓ ମୋବାଇଲ ଫୋନ ଛଡ଼ାଇ ନେଇ ଭଦ୍ରକ ଆଡ଼କୁ ପଳାଇଥିଲେ। ପରେ ଖବରପାଇ ମୁଳାପାଳ ପଞ୍ଚାୟତର ବହୁ ଯୁବକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ନେଇ ନୀଳମଣି ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (୧୮୨/୧୮) ରୁଜୁ କରିବା ସହ ତଦନ୍ତ ଜାରି ରଖିଛି।

## ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ
# ୟୁନାଇଟେଡ କ୍ଲବ ବିଜୟୀ

ଢୁବୁରୀ,୧୧।୧୧(ଡି.ଏନ୍.ଏ.): ଗୋବରଘାଟି ପଞ୍ଚାୟତ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଗୋବରଘାଟିସ୍ଥିତ ମଧୁବନ ବିର୍ସାମୁଣ୍ଡା ଖେଳପଡ଼ିଆଠାରେ ରବିବାର ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ପଞ୍ଚାୟତ ଆଥ୍‌ଲେଟିକ ଆସୋସିଏଶନ ଗୋବରଘାଟିକୁ (୫-୪) ଗୋଲ୍‌ରେ ଟାଇବ୍ରେକର ସାହାଯ୍ୟରେ ହରାଇ ୟୁନାଇଟେଡ କ୍ଲବ, ଭଦ୍ରକ ବିଜୟୀ ହୋଇଛି। ଉତ୍ସବରେ କଳିଙ୍ଗନଗର ଥାନା ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, ଗୋବରଘାଟି ସରପଞ୍ଚ ସ୍ୱର୍ଣ୍ଣଲତା ବାନରା, ସମିତି ସଭ୍ୟା ଝରଣା ମହାନ୍ତି, ରାଜେନ୍ଦ୍ର କୁମାର ହାଇବ୍ରୁ, ସୁରେଶ ଚନ୍ଦ୍ର ହାଇବ୍ରୁ, ବାବୁଲି ପୂର୍ତ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଚନ୍ଦ୍ର ମୋହନ ସିଂ, ପ୍ରେମ ପ୍ରକାଶ ବିରୁଆ, ଯୁଗଳ କିଶୋର ସିଂ ପ୍ରମୁଖ ରେଫ୍ରିଭାବେ ଖେଳ ପରିଚାଳନା କରିଥିଲେ ।




AUTHORISED FORD DEALERS: BHUBANESHWAR: Mancheswar Indusrial Estate, Capital Ford: ☎: 9022917371. • ANGUL: NH 42, Karadagadia, Capital Ford, ☎: 9022920332. • BALANGIR: Koshal Chowk, Minerva Ford, ☎: 9619051495.• BALASORE: Near Januganj Golai, Basanti Ford, ☎: 9619049873. • BERHAMPORE (WB): Near Bhakuri 2 Gram Panchayat, Ganges Ford, ☎: 9022917375. • CUTTACK: Pratap Nagari, Odisha Ford, ☎: 9022909587. • DURGAPUR: Bhiringi More, GT Road (East), Banerjee Ford, ☎: 9022916571. • GANGTOK: Tadong Word, Saharsh Ford, ☎: 9022909744. • JAMSHEDPUR: Adityapur, Jayshree Ford, ☎: 9022903793. • KHARAGPUR: OT Road Inda, Zaara Ford, ☎: 9022910705. • KOLKATA: Adjacent to Vishwakarma Building, Topsia, Ganges Ford, ☎: 9022920416. Opp. Baguihati Big Bazar, Kaikan Ford, ☎: 9022909440. Across RDB Cinema, Sector V, Saini Ford, ☎: 9022909960. • HOWRAH: Lal Bari Bus Stop, Kaikan Ford, ☎: 9022920274. • PORT BLAIR: Aberdeen Bazaar, Mohan Ford, ☎: 9022914002. • RANCHI: By Pass, Dibdih Overbridge, Diara Ford, ☎: 9022920353. • ROURKELA: Beldihi Chowk, Veda Ford, ☎: 9022910684. • SHILLONG: Mawiong RIM, Nikton Ford, ☎: 9022909581. • SILIGURI: NH-31, Gosaipur, Bagdogra, Gateway Ford, ☎: 9022920367.

*Terms and conditions apply. All prices shown are ex-showroom for Ford EcoSport 1.5l Petrol Ambiente MT, Ford Freestyle 1.2l Petrol Ambiente and Ford Endeavour 2.2l Trend 4x2 AT respectively. Colours are indicative only and may vary due to printing constraints. Accessories shown may not be part of standard fitment. Ford India reserves the right to cancel, terminate or suspend this offer at any time during the campaign period, without any prior notice. For more information, please contact a Ford dealer.




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଯଦି ତୁମେ ଚାହୁଁଛ ଯେ ଲୋକ ତୁମକୁ ପ୍ରଶଂସା କରନ୍ତୁ, ତେବେ କଦାପି ଆତ୍ମପ୍ରଶଂସା କରନାହିଁ।
- ସକ୍ରେଟିସ



## ସଂକ୍ଷେପରେ

### ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

**ବିରଜାକ୍ଷେତ୍ର,୧୧।୧୧(ଡି.ଏନ.ଏ.):** ଯାଜପୁର ବ୍ଲକ ଛତିଶିଦେବିଲି ପଞ୍ଚାୟତ ମହମ୍ମଦଜମାପୁର ଗ୍ରାମରେ ରବିବାର ପୂର୍ବାହ୍ନରେ ସାପ କାମୁଡ଼ାରେ ଜଣେ ଚାଷୀଙ୍କର ମୃତ୍ୟୁ ହୋଇଛି। ମୃତ ଚାଷୀ ହେଲେ ଦୁର୍ଯ୍ୟୋଧନ ଦାସ (୫୦)। ସୂଚନାଯୋଗ୍ୟ ଯେ, ଦୁର୍ଯ୍ୟୋଧନ ନିଜ ବିଲରେ ବାଦାମ ଚାଷ ପାଇଁ ଜମି ପ୍ରସ୍ତୁତିରେ ଲାଗିଥିଲେ। ତେବେ ବିଲ ମଝିରେ ଥିବା ଏକ ହୁଙ୍କାକୁ କୋଦାଳରେ ହାଣିବା ବେଳେ ହୁଙ୍କାରୁ ଏକ ସାପ ବାହାରି ଦୁର୍ଯ୍ୟୋଧନଙ୍କୁ କାମୁଡି ଦେଇଥିଲା। ବିଲରେ ସେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଓ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗ୍ରାମବାସୀଙ୍କ ସହଯୋଗରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ଚଣ୍ଡିଖୋଲ,୧୧।୧୧(ଡି.ଏନ୍.ଏ.):** ସ୍ଥାନୀୟ ପୋଖରୀକୁ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ବଡ଼ଚଣା ଥାନା ଅନ୍ତର୍ଗତ ଶାସନ ପୁରୁଷୋତ୍ତମପୁର ଗ୍ରାମର ଜଣେ ବୃଦ୍ଧାଙ୍କର ରବିବାର ମୃତ୍ୟୁ ହୋଇଛି। ସେ ହେଲେ ଲାପ୍ରା ହେମ୍ବ୍ରମ(୬୨)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବଡ଼ଚଣା ପୋଲିସ ଏକ ଅପମୃତ୍ୟୁ ମାମଲା(୨୦/୧୮)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

### ପୁସ୍ତକ ମେଳା ନିମନ୍ତେ ପ୍ରସ୍ତୁତି ବୈଠକ

**ଧର୍ମଶାଳା, ୧୧।୧୧(ଡି.ଏନ୍.ଏ.):** ଧର୍ମଶାଳା ପୁସ୍ତକ ମେଳା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶନିବାର ଧର୍ମଶାଳା ଥାନା ପରିସରରେ ଅନୁଷ୍ଠିତ ହୋଇଛି। ଥାନା ପରିସର ମନ୍ଦିର ପ୍ରାଙ୍ଗଣରେ କମିଟି କାର୍ଯ୍ୟକାରୀ ସଭାପତି ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ବୈଠକରେ ଆଗାମୀ ଡିସେମ୍ବର ୬ରୁ ୧୨ ପର୍ଯ୍ୟନ୍ତ ୭ଦିନ ଧରି ରାଜ୍ୟସ୍ତରୀୟ ପୁସ୍ତକ ମେଳା ଧର୍ମଶାଳା ବାଣୀପୀଠ ପ୍ରାଙ୍ଗଣରେ ଆୟୋଜିତ ହେବା ନେଇ ସ୍ଥିର କରାଯାଇଛି। ଏହି ଅବସରରେ ରାଜ୍ୟ ଓ ରାଜ୍ୟ ବାହାରରୁ ବହୁ ପ୍ରତିଷ୍ଠିତ ପ୍ରକାଶକ ସଂସ୍ଥା ଓ ପୁସ୍ତକ ବିକ୍ରେତାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ସ୍କୁଲ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସିନେଜଗତର ପ୍ରତିଷ୍ଠିତ କଳାକାର ଯୋଗଦାନ କରିବାର ପ୍ରସ୍ତାବ ଗ୍ରହଣ କରାଯାଇଛି। ବୈଠକରେ ଧର୍ମଶାଳା ଥାନାଧିକାରୀ ଉମାକାନ୍ତ ନାୟକ, କାର୍ଯ୍ୟକାରୀ ସମ୍ପାଦକ ନିଗମାନନ୍ଦ ବିଶ୍ୱାଳ, ଆଦିନନ୍ଦ ସ୍ୱାଇଁ, ଜଳଧର ସାହୁ, ବିବେକାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରସନ୍ନ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

■ ଗ୍ରାମ୍ୟ ନିର୍ମାଣ ବିଭାଜନ-୨, ଜାରକା

# ବ୍ରିଜ୍ କାର୍ଯ୍ୟରେ ବ୍ୟାପକ ଅନିୟମିତତା

**ଯାଜପୁର ଅଫିସ,୧୧।୧୧**

ଗ୍ରାମାଞ୍ଚଳ ତଥା ଦୁର୍ଗମ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରି ଅଞ୍ଚଳର ବିକାଶ ପ୍ରକ୍ରିୟାରେ ସନ୍ତୁଳନ ରକ୍ଷା କରିବା ପାଇଁ ବିଭିନ୍ନ ନଦୀନାଳ ଉପରେ ପୋଲ ନିର୍ମାଣ ହୋଇଛି। ତେବେ ଯାଜପୁର ଜିଲାର ଜାରକାସ୍ଥିତ ଗ୍ରାମ୍ୟ ନିର୍ମାଣ ବିଭାଜନ-୨ କାର୍ଯ୍ୟାଳୟ ଅଧିନରେ ନିର୍ମାଣ ହୋଇଥିବା ବ୍ରିଜ୍ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ସୂଚନା ମିଳିଛି। ୨୦୧୨ରୁ ଆଜି ପର୍ଯ୍ୟନ୍ତ ୧୮ଟି ବ୍ରିଜ ନିର୍ମାଣ ଶେଷ ହୋଇଛି। ଏଥିରେ ୬୪କୋଟି ୩୧ଲକ୍ଷ ଟଙ୍କା ବିନିଯୋଗ ହୋଇଥିବା ଜାରକା ଡିଭିଜନ ପକ୍ଷରୁ ବିଭାଗୀୟ ଇଞ୍ଜିନିୟର-ଇନ-ଚିଫଙ୍କୁ ଦିଆଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ହେଲେ ସେଥିରୁ ଅଧିକାଂଶ ବ୍ରିଜର ଅବସ୍ଥା ବିପଦାପନ୍ନ। ଠିକାଦାରୀ ରାଜନୀତି ଏବଂ ବିଭାଗୀୟ ସମ୍ପୃକ୍ତ ଯନ୍ତ୍ରୀଙ୍କ ଖାମଖିଆଲି ମନୋଭାବ ଏଥିପାଇଁ ଦାୟୀ ବୋଲି ମତପ୍ରକାଶ ପାଇଛି।

ଜିଲାର ଗ୍ରାମାଞ୍ଚଳରେ ଶତାଧିକ ନଦୀନାଳ ରହିଛି। ଏଥିପାଇଁ ଲୋକଙ୍କ ଗମନାଗମନ ସୁବିଧା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଅଧିକ ଆର୍ଥିକ ଅନୁଦାନର ବ୍ୟବସ୍ଥା କରିଛନ୍ତି। ହେଲେ କାର୍ଯ୍ୟର ମାନକୁ ଗୁରୁତ୍ୱ ନ ଦେଇ ଠିକାକାମକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ଜିଲାର ଅଧିକାଂଶ ବ୍ରିଜ ଓ ପୋଲ କାର୍ଯ୍ୟକୁ ଦେଖିଲେ ସ୍ୱାଭାବିକ ଭାବେ ଏହି ଯୋଜନାର ସଫଳତା କେତେ ସ୍ପଷ୍ଟ ବାରି ହେବ। ନିମ୍ନମାନର କାର୍ଯ୍ୟ ଯୋଗୁ ବ୍ରିଜଗୁଡିକ ଦୀର୍ଘସ୍ଥାୟୀ ହୋଇ ନ ପାରି ୫/୬ବର୍ଷ ମଧ୍ୟରେ ବ୍ୟବହାର ଅନୁପଯୋଗୀ ହୋଇପଡୁଛି। ଏଠାରେ ଧର୍ମଶାଳା ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ଦୀପାନାଳ ଉପରେ ନିର୍ମିତ ବ୍ରିଜକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ବ୍ରିଜ୍ ୨।୫।୨୦୧୨ରୁ ଆରମ୍ଭ ହୋଇ ୧।୫।୨୦୧୩ରେ ସମ୍ପୂର୍ଣ୍ଣ ହୋଇଛି। ଏଥିରେ ୨କୋଟି ୪ଲକ୍ଷ ଟଙ୍କା ବିନିଯୋଗ ହୋଇଛି। ହେଲେ ବ୍ରିଜର ଅବସ୍ଥାକୁ ଦେଖିଲେ ଆବଣ୍ଟିତ ଅର୍ଥର ସିଂହଭାଗ ଅର୍ଥ ବାଟବାରଣା ହୋଇଥିବା ସ୍ପଷ୍ଟ ବାରି ହୋଇ ପଡୁଛି। ବ୍ରିଜ ମଝିରେ ଫାଟ ସୃଷ୍ଟି ହେବାସହ ସାଇଡୱାଲଗୁଡ଼ିକ ପଡିଯିବା ସ୍ଥିତିରେ ରହିଛି। ୨୦୧୫ମାର୍ଚ୍ଚ ମାସରେ ଏହି ବ୍ରିଜର ଚୂଡାନ୍ତ ବିଲ୍ ପୈଠ ହୋଇ ସାରିଛି। ସେହିପରି ଏହି ନାଳ ଉପରେ ଚଣ୍ଡିପୁରରୁ କୋଲଥଲା ରାସ୍ତାରେ ୨ କୋଟି ୪୧ ଲକ୍ଷ ଟଙ୍କାରେ ଏକ ସେତୁ ନିର୍ମାଣ ହୋଇଛି। ଯାହାକି ୩।୬।୨୦୧୬ରେ ଆରମ୍ଭ ହୋଇ ୨।୫।୨୦୧୭ରେ ଶେଷ ହୋଇଛି । ଦେଢବର୍ଷ ନ ପୁରୁଣୁ ଏହି ସେତୁରେ ଫାଟ ସୃଷ୍ଟି ହେଲାଣି। ପେଚ ଦେଇ ମରାମତି କରାଯାଇଥିବା ଦେଖିବାକୁ ମିଳିଛି ।



■ ୬ ବର୍ଷରେ ୧୮ ବ୍ରିଜ କାମରେ ୬୪.୩୧ କୋଟି ବ୍ୟୟ

■ ଦୀର୍ଘସ୍ଥାୟିତ୍ୱ ନେଇ ଉଠିଛି ପ୍ରଶ୍ନବାଚୀ

ଅନ୍ୟପକ୍ଷେ ଧର୍ମଶାଳା ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ୫୭.୫୮ ଲକ୍ଷ ଟଙ୍କା ବନିଯୋଗରେ ବାଉଁଶଘାଇ ନାଳା ଉପରେ ଆରଡି ରାସ୍ତାରୁ ପନ୍ତୁରି ବ୍ରିଜ, ୧ କୋଟି ୪୫ ଲକ୍ଷ ଟଙ୍କାରେ ଚାରବାଟିଆ ନାଳ ଉପରେ ହରିଦାଶପୁର କୋଲହ ରାସ୍ତା ବ୍ରିଜ, ରସୁଣା ନାଳା ଉପରେ ୧ କୋଟି୩୭ ଲକ୍ଷ ଟଙ୍କାରେ ନରସିଂହପୁର-ସିକଟିଲାବାଗ ବ୍ରିଜ, ଶଗଡିଆ ନାଳ ଉପରେ ୧ କୋଟି ୬୧ ଲକ୍ଷ ଟଙ୍କାରେ ଚକରୋଡା-ସୁନ୍ଦୁରିଆ ବ୍ରିଜ, ଗୋହିରାନାଳା ଉପରେ ୯୬ ଲକ୍ଷ ୭୦ ହଜାର ଟଙ୍କାରେ କଣ୍ଟାବନ୍ଧ-ରେଖିଦେଇପୁର ବ୍ରିଜ୍ ଓ ଅଞ୍ଜିରା ନାଳା ଉପରେ ୧ କୋଟି ୫୧ ଲକ୍ଷ ଟଙ୍କାରେ ଏନଏଚ-୫ ରୁ ବଲଙ୍ଗିଆ ବ୍ରିଜ ନିର୍ମାଣ ହୋଇଛି। ବଡ଼ଚଣା ନିର୍ବାଚନ ମଣ୍ଡଳି ଅନ୍ତର୍ଗତ କେଲୁଅ ନାଳା ଉପରେ ୧ କୋଟି ୫୮ଲକ୍ଷ ଟଙ୍କାରେ ତଲୁଆ-ମୂଷାଟିକିରି ବ୍ରିଜ, ଧର୍ମଶାଳା ନିର୍ବାଚନ ମଣ୍ଡଳିର କାଇଁବିଲା ନାଳା ଉପରେ ୧ କୋଟି ୫୪ ଲକ୍ଷ ଟଙ୍କା ବିନିମୟରେ ଏନ୍ଏଚ୍-୫ ରୁ କଣ୍ଟିଗଡିଆ ବ୍ରିଜ, ବଡ଼ଚଣା ନିର୍ବାଚନ ମଣ୍ଡଳୀର ସାନଗେଙ୍ଗୁଟି ନଦୀ ଉପରେ ୫କୋଟି ୯୮ଲକ୍ଷ ଟଙ୍କାରେ ଏନ୍ଏଚ୍-୫ ରୁ ଡିହକରଣ୍ଡ ବ୍ରିଜ ନିର୍ମାଣ ହୋଇଛି। ସେହିପରି ଧର୍ମଶାଳା ନିର୍ବାଚନ ମଣ୍ଡଳିର ବଡ଼ଗେଙ୍ଗୁଟି ନଦୀ ଉପରେ ୧୦କୋଟି ୭୬ଲକ୍ଷ ଟଙ୍କାରେ ନୂଆହାଟ-ଖଡିଆଙ୍ଗ ବ୍ରିଜ, କୁଆଁରିଆ ନାଳ ଉପରେ ୨ କୋଟି ୩୫ ଲକ୍ଷ ଟଙ୍କାରେ ତରଞ୍ଜିଆ-ପରିଖେତ ବ୍ରିଜ, ବଡ଼ଚଣା ନିର୍ବାଚନ ମଣ୍ଡଳିର ସାନଗେଙ୍ଗୁଟି ନଦୀ ଉପରେ ୫ କୋଟି ୫୫ଲକ୍ଷ ଟଙ୍କାରେ ଏନ୍ଏଚ୍-୫ରୁ ଶକୁନ୍ତଳାପୁର ବ୍ରିଜ ନିର୍ମାଣ ହୋଇଛି। ଧର୍ମଶାଳାର କେଲୁଅ ନଦୀ ଉପରେ ୧୩ କୋଟି ୪୫ ଲକ୍ଷ ଟଙ୍କାର କଦମ୍ବପାଳ-ଉଦୟପୁର ବ୍ରିଜ, ଗୁଡିପାଣିଆ ନାଳା ଉପରେ ୨ କୋଟି ୪୦ ଲକ୍ଷ ଟଙ୍କାରେ ହରିପୁର-କରଜଙ୍ଗା ବ୍ରିଜ, ବଡଚଣା ନିର୍ବାଚନ ମଣ୍ଡଳିର ହାଇଲେବୁଲ କେନାଲ ଉପରେ ୧ କୋଟି ୫୮ ଲକ୍ଷ ଟଙ୍କାରେ ଖଇରା-ଧାନମଣ୍ଡଳ ବ୍ରିଜ ଓ ବଡଗେଙ୍ଗୁଟୀ ନଦୀ ଉପରେ ୭ କୋଟି ୧୨ ଲକ୍ଷ ଟଙ୍କାରେ ଉଦୟଗିରି-ମଝିପଡା ରାସ୍ତା ବ୍ରିଜ ନିର୍ମାଣ ହୋଇଛି। ଏ ସଂକ୍ରାନ୍ତରେ ନିର୍ବାହୀ ଯନ୍ତ୍ରୀ ଲୋକନାଥ ମିଶ୍ର ଦର୍ଶାଇଛନ୍ତି କଇଁବିଲା ନାଳା ଓ ସାନଗେଙ୍ଗୁଟି ନଦୀ ଉପରେ ନିର୍ମିତ ବ୍ରିଜର ଆପ୍ରୋଚ ରାସ୍ତା ନିର୍ମାଣାଧିନ ଅବସ୍ଥାରେ ରହିଛି। ବାକି ରିପୋର୍ଟରେ ଦର୍ଶିତ ସମସ୍ତ ବ୍ରିଜ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଛି ବୋଲି ମିଶ୍ର କହିଛନ୍ତି।

### ମତାବାଜ୍ ସେତୁ ଭିତ୍ତିପ୍ରସ୍ତର ସ୍ଥାପନ

**ବିରଜାକ୍ଷେତ୍ର,୧୧।୧୧(ଡି.ଏନ୍.ଏ):** ଯାଜପୁର ବ୍ଲକ ମାଳଆନ୍ଦପୁର ପଞ୍ଚାୟତ ଆଙ୍କୁଲା-ପାଣିକୋଇଲି ଗ୍ରାମ୍ୟ ଉନ୍ନୟନ ରାସ୍ତାର ବୁଢ଼ା ନଦୀ ଉପରେ ମତାବାଜ୍ ସେତୁ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମତାବାଜ୍‌ଠାରେ ବୁଢ଼ା ନଦୀ ଉପରେ ୧୩ କୋଟି ୨୭ଲକ୍ଷ ୬୩ହଜାର ବ୍ୟୟ ଅଟକଳରେ ସେତୁ ନିର୍ମାଣ କରାଯିବ। ୨୦୨୦ ଜୁଲାଇ ୩୦ ସୁଦ୍ଧା ସେତୁ ନିର୍ମାଣର ଶେଷ ହେବା ଅବଧି ଧାର୍ଯ୍ୟ କରାଯାଇଛି। ଆସ୍ଥା ଲକ୍ଷ୍ମୀ କନ୍‌ଷ୍ଟ୍ରକ୍‌ସନ୍ ମତାବାଜ୍ ସେତୁର ନିର୍ମାଣ ଦାୟିତ୍ୱ ନେଇଥିବା ଜଣାପଡ଼ିଛି। ସେତୁ ନିର୍ମାଣ ନିମନ୍ତେ ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯାଜପୁର ବ୍ଲକ ଅଧ୍ୟକ୍ଷ ପ୍ରଦୀପ ନାୟକ, ଗ୍ରାମ୍ୟ ଉନ୍ନୟନ ବିଭାଗର ଉପନିର୍ବାହୀ ଯନ୍ତ୍ରୀ ପ୍ରକାଶ କୁମାର ବଳ, କନିଷ୍ଠଯନ୍ତ୍ରୀ ଜୟନ୍ତ କୁମାର ପୃଷ୍ଟି, ସ୍ଥାନୀୟ ମାଳଆନ୍ଦପୁର ସରପଞ୍ଚ ବିଶ୍ୱନାଥ ସ୍ୱାଇଁ, ସମିତି ସଭ୍ୟ ରାଜକିଶୋର ସ୍ୱାଇଁ, ବ୍ଲକ ବିଜେଡ଼ି ସଭାପତି ପ୍ରଭାତ ଘଡ଼େଇ, ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମାଳଆନ୍ଦପୁର, ଚଇନପୁର, ନାଥସାହି, ଭୁବନେଶ୍ୱରପୁର ପଞ୍ଚାୟତର ବହୁ ଲୋକ ଯୋଗ ଦେଇଥିଲେ।

## 'ଗାନ୍ଧୀ ଆଦର୍ଶ, ବିଚାରଧାରା ବିଶ୍ୱକୁ ପ୍ରେରଣା ଦେଉଛି'

**ଯାଜପୁର ଅଫିସ,୧୧।୧୧**

ଗାନ୍ଧୀ ଆଦର୍ଶ ଓ ବିଚାରଧାରା ଯୁଗଯୁଗ ପାଇଁ କୀର୍ତ୍ତିମାନ ହୋଇ ରହିଛି। ଯାହା ସମଗ୍ର ବିଶ୍ୱକୁ ପ୍ରେରଣା ଦେଇ ଆସିଛି ବୋଲି ଗାନ୍ଧିବାଦୀ ଫୋରମର ଅଧକ୍ଷା ରୀନା ରାଉତରାୟ ମତବ୍ୟକ୍ତ କରିଛନ୍ତି। ରବିବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଓଡ଼ିଶା ଗାନ୍ଧିବାଦୀ ଫୋରମ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଗାନ୍ଧି ଶାନ୍ତି ସଦ୍‌ଭାବନା ଜ୍ୟୋତିଯାତ୍ରାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାନ୍ତି କହିଥିଲେ ଯେ, ଗାନ୍ଧିଜୀ ସତ୍ୟ, ଅହିଂସା, ପ୍ରେମ ଓ ସମୟାନୁବର୍ତ୍ତିତାର ପ୍ରତୀକ ଭାବେ ସମଗ୍ର ବିଶ୍ୱକୁ ଉଦ୍‌ଭାସିତ କରିଛନ୍ତି। ତାଙ୍କ ଆଚରଣ ଓ ଉଚ୍ଚାରଣରେ ସମାନତା, ନିଷ୍ଠା ଓ ସତ୍ୟ ପ୍ରତି ଉତ୍ସର୍ଗୀକୃତ ଭାବନା ତାଙ୍କୁ ମହାମାନବରେ ପରିଣତ କରିପାରିଛି। ସଂପ୍ରତି ସମାଜରେ ଯେପରି ବିଶୃଙ୍ଖଳା, ଅସହିଷ୍ଣୁତା ଭାବ ବଢ଼ୁଛି ତାହା ଆମର ମାନବିକ ମୂଲ୍ୟବୋଧକୁ ଅବକ୍ଷୟ କରୁଛି। ଲକ୍ଷ୍ୟ ସ୍ଥିର କରି ସତ୍ୟ ଓ ଅହିଂସା ପଥରେ ଅଗ୍ରସର ହେଲେ ସଫଳତା ମିଳିଥାଏ ବୋଲି ସେ କହିଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଅତିରିକ୍ତ ଏସପି ଅକ୍ଷୟ କୁମାର ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଗାନ୍ଧିବାଦୀ ଫୋରମ୍‌ର ଉପାଧ୍ୟକ୍ଷ ବିଶ୍ୱଜିତ ସୂର୍ଯ୍ୟବଂଶୀ, ଜିଲା ଲେଖକ ସମ୍ମେଳନର ସଭାପତି ରୁଦ୍ରନାରାୟଣ ପୃଷ୍ଟି, ଖବରଦାତା ଅଜୟ ରାଉଳ, ବିଜୁଯୁବବାହିନୀର ପ୍ରୋଗ୍ରାମ ଅଫିସର ସତ୍ୟରଞ୍ଜନ କର, ଗାନ୍ଧୀବାଦୀ ଫୋରମର ସଭ୍ୟାସଭ୍ୟ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ଜୀବନି, ବାର୍ତ୍ତା ଓ ନିଶା ନିବାରଣ ସଂପର୍କରେ ଆଲୋକପାତ କରିଥିଲେ। ମାନବ ସେବା ଓ ପୂଜ୍ୟପୂଜାରେ ଉଲ୍ଲେଖନୀୟ ଅବଦାନ ପାଇଁ ସମାଜସେବୀ ନିଶିଥ କୁମାର ଦାସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଗୁରୁ ଶରତ କୁମାର ସାହୁ ଗାନ୍ଧିଜୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନେତୋ ସ୍ୱାଗତ ସଂଗୀତ ପରିବେଷଣ କରିଥିବାବେଳେ ଶେଷରେ ସର୍ବଧର୍ମ ସଂହତି ସଂଗୀତ ପରିବେଷଣ କରିଥିଲେ। ଜନସଚେତନତା ଉଦ୍ଦେଶ୍ୟରେ ଏକ ଶୋଭାଯାତ୍ରା ମେଡିକାଲ ଛକରୁ ବାହାରି ସହର ପରିକ୍ରମା କରି ଡିଆରଡିଏ ସମ୍ମିଳନୀ ଗୃହରେ ପହଞ୍ଚିଥିଲା। ଗାନ୍ଧିଛକ ସ୍ଥିତ ଗାନ୍ଧିଙ୍କ ପ୍ରତିମୂର୍ତ୍ତି ଓ ବୈଠକ ସ୍ଥଳରେ ମା ବିରଜା ଓ ଗାନ୍ଧିଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚର ସଂପାଦକ ପ୍ରବୋଧ ନାୟକ, ମଧୁସୁଦନ ମହାନ୍ତି, କାମେଶ ପଣ୍ଡା, ଅକ୍ଷୟ କୁମାର ବିଶ୍ୱାଳ, ବିଜୁ ଯୁବବାହିନୀର କର୍ମକର୍ତ୍ତା, ଅବସରପ୍ରାପ୍ତ କର୍ମଚାରୀ ସଂଘର ସଦସ୍ୟ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଜିଲାସ୍କୁଲର ଛାତ୍ରମାନେ ଯୋଗଦେଇଥିଲେ।



ଗାନ୍ଧୀ ଶାନ୍ତି ସଦ୍‌ଭାବନା ଜ୍ୟୋତିଯାତ୍ରା ଆଲୋଚନାଚକ୍ର ଅବସରରେ ବାହାରିଥିବା ଶୋଭାଯାତ୍ରା।

### ମେଗା ସ୍ୱାସ୍ଥ୍ୟମେଳା, ୯୦୫ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଧର୍ମଶାଳା,୧୧।୧୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀସ୍ଥିତ ଯୁବଶକ୍ତି କ୍ଲବ ପରିସରରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ୯ମ ବାର୍ଷିକ ସ୍ୱାସ୍ଥ୍ୟସେବା ମେଳା ରବିବାର ଅନୁଷ୍ଠିତ ହୋଇଛି। ୭ଜଣ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ୯୦୫ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ସ୍ୱାସ୍ଥ୍ୟମେଳାକୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟ ଅଧ୍ୟକ୍ଷ ଧର୍ମଶାଳା ବ୍ଲକ ପୂର୍ବତନ ବିଡିଓ ବିଜୟ କୁମାର ରାୟଙ୍କ ସଭାପତିତ୍ୱରେ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥିଭାବେ ଯାଜପୁର ଜିଲା ପରିଷଦ ଅଧ୍ୟକ୍ଷ ନରେଶ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ଅଂଶୁମାନ ସ୍ମୃତି ଫଟୋ ସମ୍ବଳିତ ବାର୍ଷିକ କ୍ୟାଲେଣ୍ଡର ୨୦୧୯କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନ୍ୟତମ ଅତିଥିଭାବେ ଅବସରପ୍ରାପ୍ତ ଯାଜପୁର ଜିଲା ସିଡିଏମ୍‌ଓ ରମେଶଚନ୍ଦ୍ର ସାହୁ ଓ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ କୁମାର ଶତପଥୀ ଯୋଗଦେଇଥିଲେ। ଯୁବ ସଂଗଠକ କ୍ଷିତିଶ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ଦେବରାଜ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ସୀତାଂଶୁ ସାହୁ , ହିମାଂଶୁ ସାହୁ ପ୍ରମୁଖ ସହାୟତା କରିଥିଲେ।

### ବୋଇତ ବନ୍ଦାଣ ଉତ୍ସବ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

**ବିରଜାକ୍ଷେତ୍ର,୧୧।୧୧(ଡି.ଏନ୍.ଏ)**

ଯାଜପୁରର ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଗୀତା ଜାଗରଣ ପରିଷଦ ତରଫରୁ ଭାଗବତ କଥାମୃତ ଆଲୋଚନା ଓ ବୋଇତ ବନ୍ଦାଣ ଉତ୍ସବ ନିମନ୍ତେ ରବିବାର ସକାଳ ୧୦ଟାରେ ଏକ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଆଇନଜୀବୀ ପ୍ରତିମା କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୦ଟି ଉଚ୍ଚ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୭ ତାରିଖରେ ଗୀତା ଜ୍ଞାନ ପରୀକ୍ଷା, ପ୍ରତ୍ୟହ ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିରରେ ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ ଭାଗବତ କଥାମୃତ ଆଲୋଚନା, ଲକ୍ଷ୍ମୀ ମନ୍ଦିର ସମ୍ମୁଖରେ ୨୨ ତାରିଖ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ପରିବେଷଣ ଏବଂ ୨୩ ତାରିଖ ସକାଳେ ସାଧବ ପୁଅଙ୍କୁ ସାଧବ ବୋହୂମାନଙ୍କର ବନ୍ଦାପନା ଓ ବୈତରଣୀ ନଦୀରେ ସୁସଜ୍ଜିତ ନୌକାରେ ସେମାନେ ଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ନେଇ ବାଦ୍ୟ, କାହାଳୀ, ଘଣ୍ଟଘଣ୍ଟା, ହରିବୋଲ ହୁଳହୁଳି ସହ ଅତିଥିମାନଙ୍କ ଗହଣରେ ନୌଯାତ୍ରାରେ ଯିବେ। ଉକ୍ତଦିନ ଜିଲାପାଳ ଓ ଜିଲାର ବରିଷ୍ଠ ପ୍ରଶାସକଙ୍କୁ ଆମନ୍ତ୍ରିତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଉପଲକ୍ଷେ ସ୍ଥାନୀୟ ଯୁବକ ସଂଘ ଓ କ୍ଲବକୁ ବୋଇତ ପ୍ରତିଯୋଗିତାରେ ଭାଗ ନେବାପାଇଁ ଆମନ୍ତ୍ରଣ କରାଯିବା ପାଇଁ ସ୍ଥିର କରାଗଲା। ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା ପ୍ରଭୃତି ଜିଲାରୁ ଆସିଥିବା ହବିଷ୍ୟାଳୀଙ୍କର ରହିବା ନିମନ୍ତେ ଜଗନ୍ନାଥ ମନ୍ଦିରରେ ଅସ୍ଥାୟୀ ତମ୍ବୁ ତିଆରି ୧୬ ତାରିଖ ସୁଦ୍ଧା ଶେଷ ହେବା, ହବିଷ୍ୟବତୀଙ୍କର ଆକାଶଦୀପ ପ୍ରଜ୍ୱଳନ, ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥାର ଯତ୍ନ, ସେମାନଙ୍କ ନିମନ୍ତେ ଅସ୍ଥାୟୀ ଶୌଚାଳୟ ପ୍ରସ୍ତୁତି, ବୈତରଣୀ ନଦୀକୁ ହବିଷ୍ୟବ୍ରତୀମାନେ ସୁରୁଖୁରୁରେ ଯିବା ଆସିବା କରିବା ପାଇଁ ଆଲୋକର ସୁବନ୍ଦୋବସ୍ତ ତଥା ଗୀତା ଜ୍ଞାନ ପରୀକ୍ଷାରେ କୃତୀତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ ଏବଂ ଜିଲାର ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ସମ୍ପର୍କରେ ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି ସୂଚନା ଦେଇଥିଲେ। ବୈଠକରେ ସର୍ବଶ୍ରୀ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, କ୍ଷୀରୋଦ ଚନ୍ଦ୍ର ପାଠୀ, ବୃନ୍ଦାବନ ମିଶ୍ର, ମିହିର କୁମାର ମହାପାତ୍ର, ହୃଷିକେଶ ପତି, ନବକିଶୋର ଦାସ, ପାଣ୍ଡବ ଚରଣ ସାହୁ, ଅକ୍ଷୟ ଶତପଥି, ପ୍ରଦୀପ ନାୟକ, ଜନାର୍ଦ୍ଦନ ମିଶ୍ର, ସନ୍ତୋଷ ସ୍ୱର୍ଣ୍ଣକାର, ଅକ୍ଷୟ ମିଶ୍ର, ଚିନ୍ମୟୀ ଦାସ, ପ୍ରମିଳା ସାହୁ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ଅଖିଳ ମୋହନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

■ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ବିଜେଡି ଯୁବ ସଭାପତିଙ୍କ ମାଡ଼

# ଅଭିଯୋଗର ୫ଦିନ ପରେ ବି ମିଳୁନି ଏତଲା

**ରସୁଲପୁର,୧୧।୧୧(ଡିଏନଏ)**

■ ଜାଣିଶୁଣି ଘଟଣାକୁ ପୋଲିସ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ

■ ନ୍ୟାୟ ପାଇଁ ଏସ୍‌ପି, ଡିଜିଙ୍କୁ ଭେଟିବେ ଅଭିଯୋଗକାରୀ

ରସୁଲପୁର ବ୍ଲକ ଯୁବ ବିଜେଡି ସଭାପତି ସୁବାସ ଖୁଣ୍ଟିଆଙ୍କ ମାଡ଼ରେ ଅବସରପ୍ରାପ୍ତ ସେନା କର୍ମଚାରୀ ନିଶିକାନ୍ତ ଶତପଥୀ ଓରଫ ବାଟୁଆ ଆହତ ହୋଇଥିବା କୁଆଖିଆ ଥାନାରେ ଅଭିଯୋଗ ହୋଇଛି। ତେବେ ଅଜବ କଥା ଯେ, ଅଭିଯୋଗକାରୀ ଥାନାରେ ଏତଲା ଦେଇଥିଲେ ମଧ୍ୟ ପୋଲିସକୁ ଏତଲା ଫର୍ଦ୍ଦ ମିଳୁ ନ ଥିବା ଜଣାପଡ଼ିଛି। ଏତଲା କାହା ପାଖରେ ଅଛି ପୋଲିସ ପାଉ ନ ଥିବା କହୁଥିବା ବେଳେ ଏହି ଘଟଣାକୁ ପୋଲିସ ଜାଣିଶୁଣି ଅଣଦେଖା କରୁଥିବା ଅଭିଯୋଗକାରୀ କହିଛନ୍ତି। ନ୍ୟାୟ ପାଇଁ ଅଭିଯୋଗକାରୀ ଏସ୍‌ପି ଓ ପୋଲିସ ଡିଜିଙ୍କୁ ଭେଟି ଅଭିଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ପ୍ରାକ୍ତନ ସେନା କର୍ମଚାରୀ ନିଶିକାନ୍ତ ବୁଧବାର ରାତିରେ କୁଆଖିଆ ବଜାରରୁ ଘରକୁ ଫେରୁଥିବା ବେଳେ ବାଟରେ ବିଶ୍ୱଜିତ୍ ମଲିକ ନାମକ ଜଣେ ବନ୍ଧୁଙ୍କ ସହ ତାଙ୍କର ଭେଟ ହୋଇଥିଲା। ବିଶ୍ୱଜିତ ତାଙ୍କ ହଜିଯାଇଥିବା ମୋବାଇଲଟି ଖୋଜୁଥିଲେ। ଏହି ସମୟରେ ତାଙ୍କୁ ନିଶିକାନ୍ତ ମଧ୍ୟ ମୋବାଇଲ ଖୋଜିବାରେ ସହଯୋଗ କରିଥିଲେ। ଏହି ଘଟଣାଟି ବିଜେଡି ଯୁବ ସଭାପତି ସୁବାସଙ୍କ ଟ୍ରାକ୍ଟର ଶୋ-ରୁମ୍ ସମ୍ମୁଖରେ ଘଟିଥିଲା। ସୁବାସ ସେମାନଙ୍କୁ ଏତେ ରାତିରେ ଏଠି କଣ କରୁଛ ବୋଲି ପଚାରିଥିଲେ। ସେମାନେ ମୋବାଇଲ ହଜିଯାଇଛି, ଖୋଜୁଛନ୍ତି ବୋଲି କହିଥିଲେ। ଏହାପରେ ସୁବାସ ସେମାନଙ୍କୁ ଦୁର୍ବ୍ୟବହାର କରିବା ସହ ଏଠି କିଛି ହଜି ନାହିଁ, ଏ ସ୍ଥାନ ଛାଡି ଚାଲିଯାଅ ବୋଲି କହିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ରାଗି ଯାଇ ସୁବାସ ପାଖରେ ପଡିଥିବା ଏକ ବାଉଁଶରେ ନିଶିକାନ୍ତଙ୍କୁ ମାଡ ମାରିଥିଲେ। ଫଳରେ ନିଶିକାନ୍ତ ଆହତ ହୋଇଥିଲେ। ଏହି ସମୟରେ ସୁବାସଙ୍କ କେତେଜଣ ସହଯୋଗୀ ମାରଣାସ୍ତ୍ର ଧରି ଘଟଣାସ୍ଥଳକୁ ମାଡି ଆସୁଥିବା ଦେଖି ଅଭିଯୋଗକାରୀ ସେଠାରୁ ଦୌଡି ପଳାଇ ଯାଇଥିଲେ। ସେ ପିନ୍ଧିଥିବା ସୁନା ଚେନ୍ ଓ ପର୍ସରେ ଥିବା ୩୦ହଜାର ଟଙ୍କା ସୁବାସ ଓ ତାଙ୍କ ସମର୍ଥକମାନେ ନେଇ ଯାଇଥିବା ସମ୍ପର୍କରେ ନିଶିକାନ୍ତ ସେହିଦିନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଘଟଣାର ୫ଦିନ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏ ସମ୍ପର୍କରେ ପୋଲିସକୁ ପଚରାଯିବାରୁ ଅଭିଯୋଗକାରୀ ଥାନାକୁ ଆସିଥିଲେ। ମାତ୍ର ଅଭିଯୋଗ କାହାକୁ କରିଛନ୍ତି ସେ ସମ୍ପର୍କରେ ଜଣାପଡୁ ନାହିଁ ବୋଲି କହିଛି। ତେବେ ବାସ୍ତବରେ ଥାନାରେ ଏତଲା ହଜି ଯାଇଛି ନାଁ ଜାଣିଶୁଣି ପୋଲିସ ଘଟଣାକୁ ଚାପି ଦେବାକୁ ଚେଷ୍ଟା କରୁଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶ୍ୱଜିତ ମଧ୍ୟ ତାଙ୍କ ମୋବାଇଲ ହଜିଥିବା ନେଇ ଥାନାରେ ଏତଲା ଦେଇଛନ୍ତି। ଏ ସମ୍ପର୍କରେ ସଭାପତି ସୁବାସ ଖୁଣ୍ଟିଆଙ୍କୁ ପଚାରିବାରୁ, ସେ ଘଟଣାକୁ ସ୍ୱୀକାର କରିଛନ୍ତି । ସେନା କର୍ମଚାରୀ ତାଙ୍କ ସହ ଚଢ଼ା ଗଳାରେ କଥା ହୋଇଥିଲେ। ଯାହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପାଟିଶୁଣି ତାଙ୍କ ଶୋ-ରୁମ୍ ନିକଟରେ ଉପସ୍ଥିତ ଥିବା ଯୁବକମାନେ ଘଟଣାସ୍ଥଳରେ ପହଞ୍ଚ ଯିବାରୁ ବାଟୁଆ ଦୌଡି ପଳାଇଥିଲେ ବୋଲି କହିଛନ୍ତି।

■ ଶିକ୍ଷା ବିଭାଗର ମନମୁଖି ଆଇନ

# ଆରଟିଆଇରେ ତଥ୍ୟ ଦେବାକୁ ମନାକଲେ ଶିକ୍ଷକ

**ଯାଜପୁର ଅଫିସ/ ବିରଜାକ୍ଷେତ୍ର(ଡି.ଏନ.ଏ.),୧୧।୧୧**

■ ଶିକ୍ଷାଗତ ଯୋଗ୍ୟତା, ଜାତିଗତ ପ୍ରମାଣପତ୍ର ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଦର୍ଶାଇଲେ

■ ସୂଚନା ଅଧିକାର ଆଇନ ଉଲ୍ଲଂଘନ ହୋଇଥିବା କହିଲେ ଅଭିଯୋଗକାରୀ

ଶିକ୍ଷାଗତ ଯୋଗ୍ୟତା ଓ ଜାତିଗତ ପ୍ରମାଣପତ୍ର ସହ ନିଯୁକ୍ତି ପତ୍ର ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଦର୍ଶାଇ ଆରଟିଆଇ (ସୂଚନା ଅଧିକାର ଆଇନ)ରେ ତଥ୍ୟ ଦେବାକୁ ମନା କରିଦେଇଛନ୍ତି ଜଣେ ସହକାରୀ ଶିକ୍ଷକ। ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ବରୋଦା ଗ୍ରାମର ନାରାୟଣ ଦାସ ଆରଟିଆଇରେ ଧର୍ମଶାଳା ବାଣୀପୀଠର ଜଣେ ସହକାରୀ ଶିକ୍ଷକଙ୍କ ସମ୍ପର୍କରେ କିଛି ତଥ୍ୟ ମାଗିଥିଲା ବେଳେ ସେ ତାଙ୍କ ପତ୍ରସଂଖ୍ୟା ୨୩୬/୧୧।୫।୨୦୧୮ରେ ତଥ୍ୟ ଦେବାକୁ ମନା କରିଦେଇଛନ୍ତି। ଯାହାକି ସୂଚନା ଅଧିକାର ଆଇନକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରୁଛି ବୋଲି ଆବେଦନକାରୀ ଦାସ ଅଭିଯୋଗ କରିଛନ୍ତି। ଦେଶର ପ୍ରତିରକ୍ଷା ବିଭାଗ ସହ ଆଭ୍ୟନ୍ତରୀଣ ବିଷୟରେ ତଥ୍ୟ ମାଗିଲେ ଦେଶ ବିପଦରେ ପଡିବାର ସମ୍ଭାବନା ଥିବାରୁ ସୂଚନା ଅଧିକାର ଆଇନରେ ତଥ୍ୟ ପ୍ରଦାନ ନ କରିବାକୁ କେନ୍ଦ୍ର ସରକାର ବିଧେୟକ ଜାରି କରିଛନ୍ତି । ଏତଦ୍ ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ଭାରତବର୍ଷର ଜଣେ ସାଧାରଣ ନାଗରିକ ସୂଚନା ଅଧିକାର ଆଇନ ଅନୁସାରେ ତଥ୍ୟ ପାଇପାରିବ ବୋଲି ଆଇନରେ ନିର୍ଦ୍ଦେଶ ରହିଛି। ଏପରିକି ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ପ୍ରଶାସନିକସ୍ତରର ସମସ୍ତ ବିଭାଗ ବିଷୟରେ ସାଧାରଣ ନାଗରିକ ସୂଚନା ଅଧିକାର ଆଇନ ଅନୁସାରେ ତଥ୍ୟ ପାଇପାରିବେ ବୋଲି ନିୟମ ରହିଛି। କିନ୍ତୁ ଯାଜପୁର ଜିଲାର ଜଣେ ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତା, ଜାତିଗତ ପ୍ରମାଣପତ୍ର ଓ ନିଯୁକ୍ତି ପତ୍ର ବିଷୟରେ ତଥ୍ୟ ମାଗିବାରୁ ସେ ଉପରିସ୍ଥ ବିଭାଗକୁ ମନା କରି ଦେଇଥିବା ପତ୍ର ହସ୍ତଗତ ହୋଇଛି। ଘଟଣା ଅନୁଯାୟୀ ବାଲିଚନ୍ଦ୍ରପୁର ଥାନା ବରଦା ଗ୍ରାମର ନାରାୟଣ ଦାସ ସୂଚନା ଅଧିକାର ଆଇନ ଅନୁଯାୟୀ ଧର୍ମଶାଳା ବାଣୀପୀଠର ସହକାରୀ ଶିକ୍ଷକ ନିର୍ମଳ ଦାସଙ୍କ ଶିକ୍ଷାଗତ ଯୋଗ୍ୟତା, ଜାତିଗତ ପ୍ରମାଣପତ୍ର ଏବଂ କେଉଁ ତାରିଖରେ ନିଯୁକ୍ତି ପାଇଲେ ସେ ବିଷୟରେ ଗତ ମାର୍ଚ୍ଚରେ ତଥ୍ୟ ମାଗିଥିଲେ।



To
The P.I.O, O/O Headmaster, Dharmasala Baneepeetha
Dharmasala, Jajpur
Sub: Furnishing of information on R.T.I application of Sri Narayan Das
Ref- Letter No 2077/21/03/18 of DEO, Jajpur and memo no 224/07/05/18 of HM, Dharmasala Baneepeetha.
Sir,
With reference to the letter cited above I Sri Nirmal Chandra Das, Asst.Tr of your institution would like to inform you that the informations to be furnished regarding my educational certificates, caste certificate and appointment letter are quite personal so it is not good for me to produce these documents to public.
This is for your kind information and necessary action.
Yours faithfully,
Nirmal Chandra Das
(Asst. Tr)
Dharmasala Baneepeetha,
Dharmasala, Jajpur
Dt 10/05/18
(Copy submitted to the APIO-cum-ADEO, O/o-DEO, Jajpur)

ଏହିକ୍ରମରେ ନାରାୟଣ ଦାସଙ୍କୁ ସୂଚନା ଅଧିକାର ଆଇନ ଅନୁସାରେ ତଥ୍ୟ ଦେବାକୁ ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷକଙ୍କୁ ନିର୍ଦ୍ଦେଶ ଯାଇଥିଲା। ହେଲେ ନିର୍ଦ୍ଧାରିତ ସମୟରେ ତଥ୍ୟ ଦେବାକୁ ଶିକ୍ଷକ ଦାସ ଏଡାଇ ଦେଇଥିଲେ। ଧର୍ମଶାଳା ବାଣୀପୀଠର ପ୍ରଧାନଶିକ୍ଷକ ତାଙ୍କ ପତ୍ରସଂଖ୍ୟା ୨୩୫/୧୧।୫।୨୦୧୮ରେ ତଥ୍ୟ ମାଗିଥିବା ବ୍ୟକ୍ତିଙ୍କୁ କୌଣସି ପ୍ରକାର ତଥ୍ୟ ଦେବେ ନାହିଁ ବୋଲି ଶିକ୍ଷକ ଦାସ ମନା କରିଦେବା ସମ୍ପର୍କରେ ଜଣାଇଥିଲେ। ଏହାସହ ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଏ ସଂକ୍ରାନ୍ତରେ ଦୃଷ୍ଟି ଆକର୍ଷଣ କରିଥିଲେ। ସହକାରୀ ଶିକ୍ଷକ ଦାସଙ୍କ ସମ୍ପର୍କରେ ତଥ୍ୟ ଦିଆଯିବ ନାହିଁ ବୋଲି ଜଣାଇବା ପରେ ବି ଜିଲା ଶିକ୍ଷା ବିଭାଗ ପକ୍ଷରୁ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ନୀରବ ରହିଛନ୍ତି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ସୂଚନା ଅଧିକାର ଆଇନର ତଥ୍ୟ ଉପରେ ଦିଆଯାଇଥିବା ଏଭଳି ସୂଚନା ସମ୍ପର୍କରେ ତଦନ୍ତ କରାଯିବ। ଯଦି ଏଥିରେ କୌଣସି ଆଇନଗତ ଉଲ୍ଲଂଘନ ହୋଇଥିବ ସଂପୃକ୍ତ ଶିକ୍ଷକଙ୍କ ନାମରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୧୨ ନଭେମ୍ବର, ୨୦୧୮



ଯଦି ନିଜର କର୍ତ୍ତବ୍ୟ କରିଯାଉଥିବ, ତାହା ଭିତରେ ବିଶ୍ୱାସ ଦୃଢ଼ ତଥା ସ୍ୱଷ୍ଟ ହୋଇଯାଉଥିବ।
- କନ୍‌ଫୁସିୟସ୍



## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା: ୩ ଗୁରୁତର

କୋରେଇ,୧୧।୧୧(ସ୍ୱ.ପ୍ର.): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନଂ. ଜାତୀୟ ରାଜପଥର ଚାନ୍ଦପୁର ଡାଇଭର୍ସନ ନିକଟରେ ରବିବାର ଅପରାହ୍ଣରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୩ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ଢେଙ୍କାନାଳ ଜିଲା ଭୁବନ ଗ୍ରାମର ଘନଶ୍ୟାମ ବେହେରା, ଯାଜପୁରରୋଡସ୍ଥିତ ମୁଣ୍ଡମାଳ ଗ୍ରାମର ଅଭିଷେକ ପାଲ ଓ ଜିତେଶ ବୋଇତାଇ। ପ୍ରକାଶ ଯେ, ଘନଶ୍ୟାମ ବାଇକ(ଓଡି-୦୬-ଏଫ-୩୨୩୫) ଯୋଗେ ଯାଜପୁର ଅଭିମୁଖେ ଯାଉଥିଲେ। ଏହି ସମୟରେ ପାଣିକୋଇଲି ଆଡ଼କୁ ବାଇକ୍ ଯୋଗେ ଆସୁଥିବା ଅଭିଷେକ ଜିତେସଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଖବରପାଇ ଏଏସ୍ଆଇ ଅଭୟ ନାୟକ, ସାମାଜିକ କର୍ମୀ ତାରିଣୀ ପଟ୍ଟନାୟକ, ଚିତରଞ୍ଜନ ମିଶ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଯାଜପୁରରୋଡ କ୍ଷତ୍ରିୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିଛି।

### ଜାତୀୟ ଆଇନ ସେବା ଦିବସ ପାଳିତ

ଯାଜପୁରରୋଡ, ୧୧।୧୧(ନି.ପ୍ର.): ସ୍ଥାନୀୟ କ୍ରୋମ୍ ନଗର ବିଦ୍ୟାପୀଠରେ ଶୁକ୍ରବାର ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ଏଥିରେ ଯାଜପୁରରୋଡ ତାଲୁକ୍ ଆଇନ ସେବା କମିଟି ଅଧକ୍ଷା ତଥା ଉପବିଚାରପତି ନିଳୀମା ପଣ୍ଡା ଅଧକ୍ଷତା କରିଥିଲେ। ସମ୍ବିଧାନର ଧାରା ୨୧(କ) ଓ ୩୯(କ) ଅନୁଯାୟୀ ଥିବା ଅସହାୟ, ପଙ୍ଗୁ, ମହିଳା, ହରିଜନ ଓ ପଛୁଆ ବର୍ଗଙ୍କ ନିମନ୍ତେ ନିଃଶୁଳ୍କ ଆଇନ ସେବା ଯୋଗାଇଦେବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ନାରାୟଣ ପ୍ରସାଦ ପତି, ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ଆଇନଜୀବୀ ରାମଚନ୍ଦ୍ର ପହି, ନବ ଉତ୍କଳ ମହିଳା ସମିତି ସମ୍ପାଦିକା ଜୟନ୍ତୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କ୍ରୋମ୍ ନଗର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସଞ୍ଜୟ ଦେଓ ଏହି ଦିବସ ପାଳନର ଉଦ୍ଦେଶ୍ୟକୁ ପ୍ରଶଂସା କରିବା ସହ ଧନ୍ୟବାଦ ଦେଇଥିଲେ।

### ପ୍ରାଥମିକ ଶିକ୍ଷକ ସଂଘର ଖବରଦାତା ସମ୍ମିଳନୀ

ବରୀ,୧୧।୧୧(ସ୍ୱ.ପ୍ର.): ବରୀ ବ୍ଲକ ଅଧୀନ ଅଟିରାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ରବିବାର ନୂତନ ପେନସନ୍ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁଦାମ ଚରଣ ଜେନା ସଂଘର ପୁନର୍ଗଠନ ସମ୍ପର୍କରେ ଖାବରଦାତାଙ୍କୁ ସୂଚନା ଦେଇଛନ୍ତି। ନୂତନ ପେନସନ୍ ଯୋଜନାଭୁକ୍ତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅବଗତି ନିମନ୍ତେ ସଂଘର କାର୍ଯ୍ୟକାଳ ୧୩।୨।୨୦୧୯ରେ ସମାପ୍ତ ହେବାକୁ ଯାଉଛି ବୋଲି କହିଛନ୍ତି। ଏ ନେଇ ୧୬।୧୨।୨୦୧୮ରେ ବରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ। ଏହି ସଂଘର କେତେଜଣ ବିଶୃଙ୍ଖଳିତ କର୍ମକର୍ତ୍ତା ସଂଘ ବିରୋଧରେ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରି ସଂଘକୁ ବିଭାଜନ କରିବାର ପ୍ରୟାସ ରଖି ୧୮।୧୧।୨୦୧୮ରେ ଏକ ବୈଠକ ଆହ୍ୱାନ କରିଛନ୍ତି। ଶିକ୍ଷକମାନେ ଉକ୍ତ ବୈଠକକୁ ନ ଯିବା ପାଇଁ ନୂତନ ପେନସନ୍ ଯୋଜନାଭୁକ୍ତ ପ୍ରାଥମିକ ସଂଘ ପକ୍ଷରୁ କୁହାଯାଇଛି। ଉତ୍କଳ କେଶରୀ ଜେନା, ମନୋଜ କୁମାର ସାହୁ, ଅଭିରାମ ମଲ୍ଲିକ ପ୍ରମୁଖ କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

■ ରେଙ୍ଗାଲି କେନାଲ ଖୋଳାରେ ମହାଦୁର୍ନୀତି

# ଭୁଶୁଡ଼ିଲାଣି କେନାଲ, ଫାଟିଲାଣି ସେତୁ

ସୁକିନ୍ଦା,୧୧।୧୧(ଡି.ଏନ.ଏ.)

ଜଳ ସମ୍ପଦ ବିଭାଗର ରେଙ୍ଗାଲି ବାମପାର୍ଶ୍ୱ କେନାଲ ଖନନରେ ମହାଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ବାମପାର୍ଶ୍ୱ କେନାଲର ୭୧.୩୧୩ କି.ମି.ରୁ ୧୦୦.୪୯ କି.ମି. ପର୍ଯ୍ୟନ୍ତ କେନାଲ ଖେଳାରେ କୋଟିକୋଟି ଟଙ୍କାର ମହାଦୁର୍ନୀତି ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଖନନ ଦାୟିତ୍ୱରେ ବିଭିନ୍ନ ଠିକାଦାରଙ୍କୁ ବେଆଇନ ଭାବେ ପ୍ରୋତ୍ସାହନ ଦେଇ ପ୍ରତିବଦଳରେ ଜଳ ସମ୍ପଦ ବିଭାଗ ୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରିଥିବା କୁହାଯାଉଛି। ଆସନ୍ତା ୨୦୧୯ ନିର୍ବାଚନ ପୂର୍ବରୁ କେନାଲରେ ପାଣି ଛାଡିବାକୁ ସରକାର ଲକ୍ଷ୍ୟ ରଖିଥିବା ବେଳେ ତାହା ଏବେ ସ୍ୱପ୍ନ ପାଲଟିବାକୁ ଯାଉଛି। କାରଣ କାର୍ଯ୍ୟକ୍ଷମ ହେବା ପୂର୍ବରୁ କେନାଲର ୮୪.୫୦୦ରୁ ୮୯.୫୦୦ କି.ମି. ଓ ୯୪.୫୦୦ରୁ ୯୮.୩୨୩ କି.ମି.ର ଅଧିକାଂଶ ସ୍ଥାନରେ ଉଭୟ ପାର୍ଶ୍ୱ ବନ୍ଧ ଭୁଶୁଡି ପଡିଥିବା ବେଳେ ୭୨.୯୭୩ କି.ମି.ରେ ଅର୍ଥାତ ଡମଶାଳ ନଦୀ ଉପରେ ନିର୍ମାଣ ହୋଇଥିବା ଜଳବାହୀ ସେତୁ ଫାଟି ଆଁ କରିଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ନିଜସ୍ୱ ଅର୍ଥ ୪୦୦ କୋଟି ବ୍ୟୟରେ ଖୋଳା ଯାଇଥିବା ୨୯ କି.ମି. ୧୭୭ ମି. କେନାଲ ଓ ଉଭୟ ପାର୍ଶ୍ୱବନ୍ଧ ଅତି ନିମ୍ନମାନର ହୋଇଥିବା କାରଣରୁ ତାହା ଭୁଶୁଡି ପଡିଲାଣି। ରାଜ୍ୟ ସରକାରଙ୍କ ୫୦୦ କୋଟିକୁ ହରିଲୁଟ ପରେ ଏହି କେନାଲ ଖନନର ବଳକା କାର୍ଯ୍ୟ ପାଇଁ ଜାପାନ ସରକାର ୧ହଜାର ୭୪କୋଟି ଟଙ୍କା ଋଣ ପ୍ରଦାନ କରିଛନ୍ତି। ପୂର୍ବରୁ ହୋଇଥିବା ଲଘୁଚାପ ବର୍ଷାରେ କେନାଲର ଅଧିକାଂଶ ସ୍ଥାନରେ କେନାଲ ଭୁଶୁଡି ପଡିଥିବା ବେଳେ ନିକଟରେ ହୋଇଥିବା ବର୍ଷାରେ ଖନନ ହୋଇଥିବା କେନାଲର ଅଧିକାଂଶ ସ୍ଥାନ ପୋତି ହୋଇଗଲାଣି। ଏ ନେଇ ସୁକିନ୍ଦା ତହସିଲ ଦେଇ ଯାଇଥିବା କେନାଲ ପାର୍ଶ୍ୱସ୍ଥ ୨୧ଗ୍ରାମର ଲୋକେ କେନାଲର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠାଇଛନ୍ତି। ନିମ୍ନମାନର କାମ ଯୋଗୁ ୨୯ କି.ମି. କେନାଲରେ ଦେଖା ଦେଇଥିବା ଫାଟ ଓ ଭୁଶୁଡି ପଡିଥିବା କେନାଲ ସହିତ ଅଧାପନ୍ତରିଆ କେନାଲର ଅବସ୍ଥା ଦେଖିବା ପରେ ଏଠାରେ ବହୁ କୋଟି ଟଙ୍କା ବାଟମାରଣା ହୋଇଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ଢେଙ୍କାନାଳ ଜିଲା ସୀମାନ୍ତ ଡମଶାଳା ନଦୀଠାରୁ ସୁକିନ୍ଦା ବ୍ଲକ ସଂସାଇଲୋ ପଞ୍ଚାୟତର ଧମଣାଗାଡିଆ ପର୍ଯ୍ୟନ୍ତ କେନାଲ ନିମନ୍ତେ ୪ଶହ କୋଟି ଟଙ୍କାର ଟେଣ୍ଡର ହୋଇଥିଲା। ଏଥିପାଇଁ ୧୦ଟି ପ୍ୟାକେଜ୍ ନାଁରେ ୪ଶହ କୋଟି ଟଙ୍କାର କେନାଲ ଖୋଳା କାର୍ଯ୍ୟ ୫ଜଣ ସୁପରକ୍ଲାସ ଠିକାଦାରଙ୍କୁ ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୩ ଜାନୁୟାରୀ ୫ରେ ଡୁବୁରୀରେ ଏହି କେନାଲ ଖୋଳାର ଶୁଭ ଦେଇଥିଲେ। ୨୦୧୭ ମଧ୍ୟରେ ଏହି ୨୯ କି.ମି. କେନାଲ ଖୋଳା ସମାପ୍ତ ହୋଇଛି ବୋଲି ଜଳ ସମ୍ପଦ ବିଭାଗ ଘୋଷଣା କରିଥିଲେ ହେଁ ବାସ୍ତବରେ କେନାଲ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି। କେନାଲର ତଳ ଚଟାଣ ୨୨ ମି. ୩ଶହ ଓ ଉପର ଜଳ ପ୍ରବାହ ଅଂଶ ୩୭ ମି.ରୁ ଊର୍ଦ୍ଧ୍ୱ ରହିବା କଥା। ମାତ୍ର ଅଧିକାଂଶ ସ୍ଥାନରେ କେନାଲର ତଳ ଚଟାଣ ୧୨ରୁ ୧୫ ମିଟର ରହିଥିବା ବେଳେ ଉପର ଜଳପ୍ରବାହ ଅଂଶ ୩୦ରୁ ୩୨ ମିଟର ରହିଥିବା ଦେଖିବାକୁ ମିଳିଛି। ସେହିପରି କେନାଲ ଲେବଲ ବିଭିନ୍ନ ସ୍ଥାନରେ ଉପର ମୁଣ୍ଡରୁ ଅପେକ୍ଷା ତଳ ମୁଣ୍ଡ ଲେବଲ ଉଚ୍ଚରେ ରହିଥିବା ଦେଖିବାକୁ ମିଳିଛି। କେନାଲ ବନ୍ଧରେ ଆବଶ୍ୟକତା ଅନୁଯାୟୀ ଭଲ ମାଟି ପରିବର୍ତ୍ତେ ନିକଟସ୍ଥ ଅଞ୍ଚଳର କଳା କେଲୁଅ ମାଟି ପକାଇବା ଓ କମ୍ପାକ୍ଟ ନ କରିବା ଭଳି ନିମ୍ନମାନର କାର୍ଯ୍ୟ କରାଯାଇଛି। ଏହା ଉପରେ ରାସ୍ତା କାର୍ଯ୍ୟ ଏବଂ ଦୁଇ ପାର୍ଶ୍ୱରେ ସିମେଣ୍ଟ କାନ୍ଥ ନିର୍ମାଣ କରାଯିବ। କିନ୍ତୁ ଦୁଇ ପାର୍ଶ୍ୱର ବନ୍ଧ କାର୍ଯ୍ୟ ନିମ୍ନମାନର ହୋଇଥିବା କାରଣରୁ ଏହା ସମ୍ଭବ ହୋଇପାରୁ ନାହିଁ। ଯାହାକି ବିଭାଗୀୟ ମୁଖ୍ୟଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି। ଅନ୍ୟପକ୍ଷରେ କାର୍ଯ୍ୟ ସମାପ୍ତ ନ କରି ଅଧାପନ୍ତରିଆ ଅବସ୍ଥାରେ କୋଟି କୋଟି ଟଙ୍କାର କାର୍ଯ୍ୟାଦେଶ ପାଇଥିବା ଠିକାଦାରମାନେ କାର୍ଯ୍ୟବନ୍ଦ କରି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଦୟାରୁ ପ୍ରାପ୍ୟ ନେଇ ପଳାଇଛନ୍ତି। ଏବେ ଜାପାନ ସରକାର ୧ହଜାର ୭୪କୋଟି ସହାୟତାରେ ଚାଲିଥିବା ବଳକା କାର୍ଯ୍ୟରେ ସମ୍ପୃକ୍ତ ଠିକାଦାରମାନେ ପୁନଃ ନିୟୋଜିତ ରହିଥିବା ଦେଖିବାକୁ ମିଳିଛି। ଫଳରେ ସରକାରୀ ଅର୍ଥ ଚଳୁ କରିବା ପରେ ଏବେ ସରକାର କରିଥିବା ଋଣ ଟଙ୍କାକୁ ହରିଲୁଟ କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ କେନାଲ ବନ୍ୟାରୁ ସ୍ଥାନୀୟ ଅଞ୍ଚଳକୁ ରକ୍ଷା କରିବା ସହ ଜଳସେଚନ କାର୍ଯ୍ୟରେ ସହାୟକ ହେବାର ଲକ୍ଷ୍ୟ ରଖାଯାଇଥିବା ବେଳେ ବର୍ତ୍ତମାନ ସ୍ଥିତିରେ କେନାଲରେ ପାଣି ଆସିବା ପରେ ନିମ୍ନମାନର କାର୍ଯ୍ୟ ଯୋଗୁ ତାହା ଭୁଶୁଡି ଯିବାର ଭୟ ମଧ୍ୟ ରହିଛି। ଯଦ୍ୱାରା ଲୋକଙ୍କୁ ପ୍ରଭୃତ କ୍ଷତି ପହଞ୍ଚାଇବାର ସମ୍ଭାବନା ସୃଷ୍ଟି କରିଛି। ଏ ନେଇ ରେଙ୍ଗାଳୀ ଅଧୀକ୍ଷଣ ଯନ୍ତ୍ରୀ ବଂଶୀଧର ସ୍ୱାଇଁଙ୍କୁ ପଚାରିବାରେ, ସେ ଉକ୍ତ ବିଷୟରେ ଜାଣିଥିବା କହିବା ସହିତ ଏହାର ପ୍ରତିକାର ନିମନ୍ତେ କୁଶଳୀ ଯନ୍ତ୍ରୀଙ୍କ ପରାମର୍ଶ ନେଇ ଏହାର ସମାଧାନ କରିବା ଦିଗରେ କାର୍ଯ୍ୟ କରୁଥିବା କହିଥିଲେ।



■ବିଭାଗୀୟ ଅଧିକାରୀଙ୍କ ଠିକାଦାର ପ୍ରୀତି
■ନିମ୍ନମାନର କେନାଲ କାର୍ଯ୍ୟ ସୃଷ୍ଟି କରିଛି ବିପଦ

## ଅଲ୍ ଓଡ଼ିଶା ସୁନି ଇଜ୍‌ତେମାର ଧର୍ମ ସମ୍ମିଳନୀ

ଧର୍ମଶାଳା,୧୧।୧୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ନେଉଳପୁର ଅନ୍ତର୍ଗତ କଣ୍ଟା ବଣିଆଠାରେ ଅଲ୍ ଓଡ଼ିଶା ସୁନି ଇଜ୍‌ତେମାର ଏକ ଧର୍ମ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ୧୦ହଜାରରୁ ଊର୍ଦ୍ଧ୍ୱ ଧର୍ମ ପରାୟଣ ବ୍ୟକ୍ତି ସଭାରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିହାର ପ୍ରଦେଶର ସାହାବୁଦ୍ଦିନ୍ ବରକାତି, ଉତ୍ତର ପ୍ରଦେଶର ମୌଲାନ୍ ନିଜାମୁଦ୍ଦିନ୍, ଓଡ଼ିଶା ଧାମନଗରର ଜନାବ୍ ମତାଅଲ୍ଲୀ ସାହେବ୍ ଅତିଥି ଭାବେ ଯୋଗଦେଇଥିଲେ। ଏସ୍.ଏନ୍ କମିଟି ଏବଂ ମଦରସା ରଜାଏ ହକିବ୍‌ର ସଭାପତି ସେକ୍ ଅସଲମ୍ ଅଲ୍ଲୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ହାଜି ସାହା ଆଲାମ୍ ଖାନ୍, ଉପଦେଷ୍ଟା ସର୍ଦ୍ଦାର ସେକ୍ ସଖାବତ୍ ଓ କୋଷାଧକ୍ଷ ନସିର ଆଲାମ୍, ସେକ୍ ଜାହେର୍‌ଙ୍କ ସମ୍ମିଳନୀରେ ସହଯୋଗ କରିଥିଲେ। ଅପରାହ୍ଣରେ ଯାଜପୁର ଏମ୍‌ପି ରୀତା ତରାଇ, ଆଇନଜୀବୀ ସନ୍ତୋଷ ତରାଇ, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟଙ୍କ ସହ ବହୁ ଲୋକ ପ୍ରତିନିଧି ଯୋଗ ଦେଇଥିଲେ।



ସୁନି ଇଜତେମାର ଧର୍ମ ସମ୍ମିଳନୀରେ ଯୋଗ ଦେଇଥିବା ଧର୍ମାବଲମ୍ବୀ।

## ଜିଲାସ୍ତରୀୟ ସଚେତନତା ସଭା

କୋରେଇ,୧୧।୧୧(ସ୍ୱ.ପ୍ର.)

କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡାଇ କଲ୍ୟାଣ ମଣ୍ଡପଠାରେ ରବିବାର ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। କଲ୍ୟାଣ ମଣ୍ଡପଠାରୁ ଏକ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ଭୀମରାଓ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ରବୀନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ତଫସିଲଭୁକ୍ତ ଜାତି/ଉପଜାତି, ଓବିସି ଓ ସଂଖ୍ୟାଲଘୁଙ୍କୁ ନେଇ ଗଠିତ ମିଳିତ କ୍ରିୟାନୁଷ୍ଠାନ କମିଟିର ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଯାଜପୁରର ପୂର୍ବତନ ଲୋକସଭା ସାଂସଦ ରାମଚନ୍ଦ୍ର ମଲ୍ଲିକଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅକ୍ଷୟ କୁମାର ମଲ୍ଲିକ ମୁଖ୍ୟଅତିଥି, ସଂଗ୍ରାମ ମଲ୍ଲିକ ମୁଖ୍ୟବକ୍ତା, ସୁବାସ ଧଳ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ବେହେରା, ଗୟାଧର ମଲ୍ଲିକ, ସୁରେନ୍ଦ୍ର ଜେନା, ପ୍ରଶାନ୍ତ ମଲ୍ଲିକ, ଗୌରାଙ୍ଗ ଯେନା, ସୋମନାଥ ଦାସ, ବିନୋଦିନୀ ମଲ୍ଲିକ, କାଳନ୍ଦୀ ଯେନା, ପବନେଶ୍ୱର ଯେନା ପ୍ରମୁଖ ଯୋଗଦେଇଥିଲେ।

■ ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

## ଆଜିଠାରୁ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା

କୋରେଇ,୧୧।୧୧(ସ୍ୱ.ପ୍ର.)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଅନୁଦାନରେ ହେବାକୁ ଥିବା ମେଡିକାଲ କଲେଜକୁ ଯାଜପୁରସ୍ଥିତ ଆଙ୍କୁଲା ପରିବର୍ତ୍ତେ ପାଣିକୋଇଲିଠାରେ ନିର୍ମାଣ କରିବାକୁ ଦାବି ନେଇ ସୋମବାରଠାରୁ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଦିଆଯିବ। ଏ ନେଇ ପାଣିକୋଇଲିସ୍ଥିତ ମା' ତାରିଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଆବାହକ ଧରଣୀଧର ଘଡ଼ାଇଙ୍କ ସମେତ ସୁବାସ ଧଳ, ସନ୍ତୋଷ କୁମାର ବେହେରା, ନୃସିଂହ ଚରଣ ଦଳାଇ, ବିପିନ ଧଳ, ନିର୍ମଳ ରଥ, ତାରିଣୀ କୁମାର ପଟ୍ଟନାୟକ, ଘନଶ୍ୟାମ ପଣ୍ଡା, ଗୋବିନ୍ଦ ମହାରଣା, ସୁରେଶ ଚନ୍ଦ୍ର ପଣ୍ଡା, ଶ୍ରୀମନ୍ତ ରାୟ, ସୂର୍ଯ୍ୟମଣି ସ୍ୱାଇଁ, ରାକେଶ ସାହୁ, ମାନସ ରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉକ୍ତ ଆନ୍ଦୋଳନକୁ କୋରେଇ ପ୍ରେସ କ୍ଲବ, ବରିଷ୍ଠ ନାଗରିକ ମଞ୍ଚ, ଆମେ ବିପଦର ସାଥୀ, ପାଣିକୋଇଲି ବଜାର କମିଟି, ଯାଜପୁର ଏକତା ମଞ୍ଚ, ଯାଜପୁର ୟୁଥ ଫୋରମ, ବୈତରଣୀ ଉନ୍ନୟନ ପରିଷଦ, ଆଦର୍ଶ ୟୁଥ କ୍ଲବ ଓ ଜନପ୍ରତିନିଧିଙ୍କ ସମେତ ସମସ୍ତ ରାଜନୈତିକ ସମର୍ଥନ ଜଣାଇଛନ୍ତି। ଏତଦବ୍ୟତୀତ ଉକ୍ତ ଆନ୍ଦୋଳନକକୁ ଆହୁରି ତୀବ୍ରତର କରିବା ପାଇଁ ଯାଜପୁର ୟୁଥ ଫୋରମ ୧୩ ତାରିଖରେ କୋରେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବ ବୋଲି ନିଷ୍ପତ୍ତି ନିଆଯାଇଛି।



ବୈଠକରେ ଉପସ୍ଥିତ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା।

■ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ଫୋର ଏକ୍ସ କ୍ଲବ ଚାମ୍ପିୟନ

ଡୁବୁରୀ,୧୧।୧୧(ଡି.ଏନ୍.ଏ.)

ରାମଠେଙ୍ଗା ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଜାମୁପଶି ବିର୍ସାମୁଣ୍ଡା ଖେଳ ପଡିଆରେ ଚାଲିଥିବା ୩୨ ତମ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଜେଡିଏ ବଜ୍ରପଲ୍ଲି ଫୁଟବଲ କ୍ଲବକୁ (୪-୦) ଗୋଲ୍‌ରେ ହରାଇ ଫୋର ଏକ୍ସ କ୍ଲବ, ବାଉଁଶନାଳୀ ଚଳିତ ବର୍ଷ ଚାମ୍ପିଅନ ହୋଇଛି। ଫୋର ଏକ୍ସ କ୍ଲବ ପ୍ରଥମାର୍ଦ୍ଧରେ ୨ଟି ଓ ଦ୍ୱିତୀୟାର୍ଦ୍ଧରେ ୨ଟି ଗୋଲ ଦେଇ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଗତ ୭ରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତାରେ ଯାଜପୁର, ଢେଙ୍କାନାଳ, କେନ୍ଦୁଝର ଜିଲା ସମେତ ଝାଡଖଣ୍ଡରୁ ମୋଟ ୬୪ଟି ଆଦିବାସୀ ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଏଫସି କ୍ଲବ ସାହୁପୁର ଓ ନେହୁରପଡା ଦବାହାଳୀ ଫୁଟବଲ ଦଳ ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ରେଫରୀ ଜନ୍ମେଜୟ ବେହେରା, ରବୀନ୍ଦ୍ର କୁମାର ପଟ୍ଟନାୟକ, ପ୍ରସନ୍ନ କୁମାର ନାୟକ, ଶିବ କୁମାର ଗାଗରାଇ ଖେଳ ପରିଚାଳନା କରିଥିଲେ। ପ୍ରେମ ସିଂ ଲାଗୁରୀଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ନଗଦ ୧୮ ହଜାର ଟଙ୍କା ସହ ଟ୍ରଫି, ଉପବିଜେତା ଦଳକୁ ୧୪ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ୩ୟ, ୪ର୍ଥ ସ୍ଥାନ ଅଧିକାର କରିଥିବା ଦଳକୁ ଯଥାକ୍ରମେ ୧୦ ହଜାର ଓ ୮ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ।

## ଜମିଜମା ମାମଲାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ, ୪ ଗୁରୁତର

ବିଞ୍ଝାରପୁର, ୧୧।୧୧(ଡି.ଏନ୍.ଏ)

ବିଞ୍ଝାରପୁର ଥାନା ଅଧୀନସ୍ଥତ ବରୀ ବ୍ଲକ ଅନ୍ତର୍ଗତ ମଧୁସୁଦନପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମରେ ଜମିଜମା ମାମଲାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଛି। ଏଥିରେ ଗୋଟିଏ ଗୋଷ୍ଠୀର ୩ଜଣ ଗୁରୁତର ହୋଇଥିବା ବେଳେ ଅନ୍ୟ ଗୋଷ୍ଠୀର ଜଣେ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ବିଷ୍ଣୁ ଚରଣ ସାମଲ (୬୮),ଭାସ୍କର ସାମଲ ଓ ବସନ୍ତମଞ୍ଜରୀ ସାମଲ ଓ ଅନ୍ୟଗୋଷ୍ଠୀ ମହେଶ୍ୱର ସାମଲ। ଏ ନେଇ ପୋଲିସ ଦୁଇଟି ପୃଥକ ମାମଲା (୨୬୩ ଓ ୨୬୪/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବିଷ୍ଣୁ ଶନିବାର ସକାଳେ ଘର ବାରଣ୍ଡାରେ ବସିଥିଲେ। ଏହି ସମୟରେ ଜମିଜମା ସଂକ୍ରାନ୍ତ ପୂର୍ବ ଶତୃତାକୁ ନେଇ ଗ୍ରାମର ମହେଶ୍ୱର ଓ ତାଙ୍କ ସ୍ତ୍ରୀ ମିନତୀ ବିଷ୍ଣୁଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ବିଷ୍ଣୁ ଏ ନେଇ ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ରବିବାର ହଠାତ୍ ମହେଶ୍ୱର, ମିନତୀ, ଗୋପିନାଥ, ଜଗନ୍ନାଥ ଓ ତୀର୍ଥ ବିଷ୍ଣୁଙ୍କ ଘର ସମ୍ମୁଖରେ ପହଞ୍ଚି ହତ୍ୟା ଧମକ ଦେଇଥିଲେ। ବିଷ୍ଣୁଙ୍କ ଭାଇ ଭାସ୍କର ଓ ଭାଉଜ ବସନ୍ତମଞ୍ଜରୀ ପହଞ୍ଚି ଏହାକୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ମହେଶ୍ୱର, ମିନତୀ, ଗୋପିନାଥ, ଜଗନ୍ନାଥ ଓ ତୀର୍ଥ ପ୍ରମୁଖ ବିଷ୍ଣୁ ଓ ତାଙ୍କ ଭାଇ ଭାଉଜଙ୍କୁ ମାଡ଼ ମାରିଥିବା ବିଷ୍ଣୁ ଥାନାରେ ଅଭିଯୋଗ କରିଛନ୍ତି। ମହେଶ୍ୱର ମଧ ବିଷ୍ଣୁଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଥିବା ଜଣାପଡିଛି।

## ବିଜେଡିର ମିଶ୍ରଣ ପର୍ବ

ଦଶରଥପୁର, ୧୧।୧୧(ଡି.ଏନ୍.ଏ.)

ଦଶରଥପୁର ବ୍ଲକ ଅଧୀନ ଗୋପାଳପୁର ପଞ୍ଚାୟତର ବିଜେଡି କାର୍ଯ୍ୟାଳୟରେ ରବିବାର ବିଜୁ ଯୁବବାହିନୀ ନେତୃତ୍ୱରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ଯାଜପୁର ବିଜେଡି ଜିଲା ସଭାପତି ସରୋଜ ମହାପାତ୍ରଙ୍କ ଉପସ୍ଥିତିରେ କଂଗ୍ରେସ ଓ ଭାଜପା କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ସରପଞ୍ଚ ସେହେନାଜ୍ ବାନୋ ଏବଂ ପୂର୍ବତନ ସରପଞ୍ଚ ଏସ୍‌କେ ନାଦରଙ୍କ ନେତୃତ୍ୱରେ କର୍ମୀମାନେ ବିଜେଡିରେ ଯୋଗ ଦେଇଥିବା ଆଲୋଚନା ହେଉଛି। ଶୋଲେମାନ୍ ସାହା, ମିର୍ ଟିକୋ, ଦିଲିପ୍ ଯେନା, ଅଧିର ମଲ୍ଲିକ୍, କରୁଣାକର ମଲ୍ଲିକ୍, ମିର୍ ତାନୋ, ମିର୍ ଆଜାଦ୍, ମହେନ୍ଦ୍ର ମହାନ୍ତି,ଦେବେନ୍ଦ୍ର ମହାନ୍ତି,ମିର୍ କମା ପ୍ରମୁଖ ବିଜେଡିରେ ଯୋଗଦେଇ ବିଧାୟକ ଦାସଙ୍କ ବିକାଶର ଧାରା ଓ ଜିଲା ସଭାପତିଙ୍କ ନେତୃତ୍ୱ ଯୁବପିଢିଙ୍କୁ ଜନସେବାର ଦିଗ୍‌ଦର୍ଶନ ଦେଇଛି ବୋଲି କହିଥିଲେ।

## ୨ୟ ଦିନରେ ଦ୍ୱାଦଶ ତରୁଣ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ

ଯାଜପୁରରୋଡ,୧୧।୧୧(ନି.ପ୍ର.)

ଦ୍ୱାଦଶ ତରୁଣ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ୨ୟ ଦିନରେ ପହଞ୍ଚିଛି। ପ୍ରଥମ ପର୍ଯ୍ୟାୟରେ ଜେମ୍‌ସ୍ ସ୍କୁଲ ଓ କ୍ରୋମନଗର ବିଦ୍ୟାପୀଠ, ଫେରୋକ୍ରୋମ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଜେମ୍‌ସ୍ ସ୍କୁଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୬୭ ରନ୍ କରିଥିଲା। ଜବାବରେ କ୍ରୋମନଗର ବିଦ୍ୟାପୀଠ, ଫେରୋକ୍ରୋମ ସମସ୍ତ ଉଇକେଟ୍ ହରାଇ ୫୫ ରନ୍ କରି ପରାଜିତ ହୋଇଥିଲା। ଜେମ୍‌ସ୍ ସ୍କୁଲର ସାହିଲ ବେହେରା ୨୮ ବଲରେ ୪୭ ରନ୍ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ପାଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଏସ୍‌ବିଡ଼ି ସ୍କୁଲ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମୁଣ୍ଡମାଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଶିଶୁ ବିଦ୍ୟାମନ୍ଦିର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ୍ ବିନିମୟରେ ୧୩୩ ରନ୍ କରିଥିଲା। ଜବାବରେ ଏସ୍‌ବିଡ଼ି ସ୍କୁଲ ୧୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୯ ରନ୍ କରିଥିଲା। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମୁଣ୍ଡମାଳର ସତ୍ୟନାରାୟଣ ଦାଶ ୩୨ ବଲରେ ୫୭ ରନ୍ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ସମ୍ପାଦକ ଅମିୟ କୁମାର ଜେନା ଓ କାର୍ଯ୍ୟକାରୀ ସମ୍ପାଦକ ସିତ ଧଳ ସୂଚନା ଦେଇଥିଲେ। ଓସିଏଲ ବରିଷ୍ଠ ଅମ୍ପାୟାର ବୁଲୁ ପଟ୍ଟନାୟକ ଓ ଦେବେନ୍ଦ୍ର କୁମାର ଖେଳ ପରିଚାଳନା କରିଥିଲେ। ସେଣ୍ଟ ମେରୀ ସ୍କୁଲର ଅଧକ୍ଷ ସିଷ୍ଟର ରୋଜିଲି ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଦିଗହରା ସମନ୍ୱିତ ଶିଶୁ ବିକାଶ ଯୋଜନା

ଚଣ୍ଡିଖୋଲ,୧୧।୧୧(ଡି.ଏନ.ଏ.)

**ବଡ଼ଚଣା ବ୍ଲକ**

■ବ୍ଲକ ଅଧୀନରେ ରହିଛି ୩୨୭ ଅଙ୍ଗନୱାଡ଼ି କେନ୍ଦ୍ର
■କେନ୍ଦ୍ରକୁ ନିମ୍ନମାନର ଛତୁଆ ଓ ଲଡ୍ଡୁ ଯୋଗାଣ ଅଭିଯୋଗ
■ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲେ ଗ୍ରାମବାସୀ

ଶିଶୁ, ମହିଳା, ଗର୍ଭବତୀ ଓ ପ୍ରସୂତିଙ୍କୁ ଉନ୍ନତମାନର ଓ ପୁଷ୍ଟିକର ଖାଦ୍ୟ ଯୋଗାଇବାକୁ ସରକାର ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରଣୟନ କରିଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ବଡ଼ଚଣା ବ୍ଲକରେ ଏହି ଯୋଜନା ଦିଗହରା ହୋଇଛି। ଶିଶୁଙ୍କୁ ଦିଆଯାଉଥିବା ଛତୁଆ ଓ ଲଡ୍ଡୁ ଅତ୍ୟନ୍ତ ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ଅଭିଯୋଗ ପରେ ମଧ୍ୟ ବିଭାଗ ପକ୍ଷରୁ ତଦନ୍ତ କରାଯାଇନାହିଁ କି ଯୋଗାଣକାରୀ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଉକ୍ତ ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତର ୧୧,୧୨ ଓ ୧୩ ନଂ. ୱାର୍ଡରେ ଗତ ୮ଦିନ ତଳେ ଅଙ୍ଗନୱାଡ଼ି କର୍ମୀଙ୍କ ଜରିଆରେ ଦିଆଯାଇଥିବା ଛତୁଆ ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ଏଥିରୁ ଚୋକଡ଼, କୁଣ୍ଡା ସହ ଉକୁଣିଆ ଲାଙ୍ଗୁଡ଼ା ପୋକ ବାହାରିଥିଲା। ଏ ନେଇ ସମ୍ପୃକ୍ତ ଗ୍ରାମବାସୀ ଗତ ଶୁକ୍ରବାର ବଡ଼ଚଣା ସିଡିପିଓଙ୍କ ନିକଟରେ ଅଭିଯୋଗ କରିଥିଲେ।

ସୂଚନାଯୋଗ୍ୟ, ବଡ଼ଚଣା ବ୍ଲକରେ ୨ଜଣ ସମନ୍ୱିତ ଶିଶୁ ବିକାଶ ଅଧିକାରୀ (ସିଡିପିଓ) ଅଛନ୍ତି। ଜଣେ ବଡ଼ଚଣା ବ୍ଲକ ନିକଟସ୍ଥ ବଡ଼ଚଣା-୧ ଓ ବଡ଼ଚଣା-୨ ଗ୍ରାମୀଣ ବାଲିଚନ୍ଦ୍ରପୁରଠାରେ କାର୍ଯ୍ୟ କରୁଛନ୍ତି। ବଡ଼ଚଣା-୧ ଅଧୀନରେ ୧୭୫ ଅଙ୍ଗନୱାଡ଼ି କେନ୍ଦ୍ର ରହିଥିବା ବେଳେ ୨ ମିନି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ସେହିଭଳି ବଡ଼ଚଣା-୨ ଅଧୀନରେ ୧୪୯ ଅଙ୍ଗନୱାଡ଼ି କେନ୍ଦ୍ର ରହିଥିବା ବେଳେ ଗୋଟିଏ ମିନି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ସମୁଦାୟ ୩୨୭ ଅଙ୍ଗନୱାଡ଼ି କେନ୍ଦ୍ର କାର୍ଯ୍ୟ କରୁଥିବା ବେଳେ ଏହି କେନ୍ଦ୍ରଗୁଡ଼ିକୁ ୩ ସଂସ୍ଥା ଛତୁଆ ଓ ଲଡ୍ଡୁ ଯୋଗାଣ କରୁଛନ୍ତି। ସରକାରୀ ନିୟମ ଅନୁଯାୟୀ ୬ମାସରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ପ୍ରତି ମାସରେ ୨ କେଜି ୪ଶହ ଗ୍ରାମ ଛତୁଆ ଏବଂ ୧ କେଜି ୫ଶହ ଗ୍ରାମର ସୁଜି ଓ ବେସନରେ ଲଡ୍ଡୁ ତିଆରି କରି ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ୩ରୁ ୬ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସି ରନ୍ଧାଖାଦ୍ୟ ଓଅଣ୍ଡା ଖାଇବାର ବ୍ୟବସ୍ଥା ରହିଛି। ଏତଦ୍‌ବ୍ୟତୀତ ଗର୍ଭବତୀ ଓ ପ୍ରସୂତିଙ୍କୁ ପ୍ରତେକ ମାସରେ ୨କେଜି ୪୫୦ଗ୍ରାମର ଛତୁଆ, ୧୨ ଅଣ୍ଡା ଓ ୬ଶହ ଗ୍ରାମ ବାଦାମ ଲଡ୍ଡୁ ଦିଆଯିବାର ବ୍ୟବସ୍ଥା ରହିଛି। ତେବେ ସମ୍ପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯୋଗାଣ କରୁଥିବା ସଂସ୍ଥାଗୁଡ଼ିକ ନିମ୍ନମାନର ଛତୁଆ ଓ ଲଡ୍ଡୁ ପ୍ରଦାନ କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଛି। ବଡ଼ଚଣା-୨ ଗ୍ରାମୀଣ ସମନ୍ୱିତ କାର୍ଯ୍ୟାଳୟ ୨୦୧୧ ସେପ୍ଟେମ୍ବର ୨୬ ତାରିଖରେ ଖୋଲା ହୋଇଥିଲା। ହେଲେ ଦୀର୍ଘ ୮ବର୍ଷ ହେବ ଜଣେ ଅଧିକାରୀ ରହିଛନ୍ତି। ପ୍ରତେକ ମାସରେ ମାନ ପରୀକ୍ଷଣ ପାଇଁ ଯାଉଥିବା ଛତୁଆ ପ୍ୟାକେଟ୍ ଉନ୍ନତମାନର ହୋଇଥିଲା ବେଳେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଦିଆଯାଉଥିବା ଛତୁଆ ନିମ୍ନମାନର ବୋଲି ସାଧାରଣରେ ଅଭିଯୋଗ ହୋଇଛି। ତୁରନ୍ତ ଏହି ଘଟଣାର ତଦନ୍ତ କରି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୋପାଳପୁର ପଞ୍ଚାୟତର ୩ ୱାର୍ଡବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସମନ୍ୱିତ ଶିଶୁ ବିକାଶ ଅଧିକାରୀ କୁସୁମ ମହାରଣାଙ୍କୁ ପଚାରିବାରେ, ପ୍ରତି ମାସରେ ଛତୁଆର ମାନ ପରୀକ୍ଷଣ କରାଯାଇ ବଣ୍ଟନ କରାଯାଉଛି। ଯଦି କୌଣସି ସ୍ଥାନରେ ଏଭଳି ଅଭିଯୋଗ ଆସେ, ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୨ ନଭେମ୍ବର, ୨୦୧୮



ଯଦି ତୁମେ ଚାହୁଁଛ ଯେ ଲୋକ ତୁମକୁ ପ୍ରଶଂସା କରନ୍ତୁ, ତେବେ କଦାପି ଆତ୍ମପ୍ରଶଂସା କରନାହିଁ।
- ସକ୍ରେଟିସ



## ସଂକ୍ଷେପରେ

### ଶ୍ରୀମଦ୍ ଭାଗବତ କଥାଯଜ୍ଞ

**ବୋଲଗଡ଼,୧୧।୧୧(ଡି.ଏନ.ଏ.):** ବୋଲଗଡ ବ୍ଲକ୍ ସାନପଦର ସ୍ଥିତ ଭକ୍ତ ଚରଣ ସ୍ମୃତି ସଦନଠାରେ ରବିବାର ଶ୍ରୀମଦ୍ ଭାଗବତ କଥାଯଜ୍ଞ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ପୂର୍ବାହ୍ନରେ ୧୦୮ ଜଣ ଶ୍ରଦ୍ଧାଳୁ କଳସଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ସହ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରେ ଦିବ୍ୟାଙ୍ଗମାନଙ୍କୁ ଅନ୍ନବସ୍ତ୍ର ଆଦି ଦାନ କରାଯାଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୁରୁଷାର୍ଥ ଆଧାତ୍ମିକ ସତ୍‌ସଂଘ ସେବା ସଦନର ଅଧକ୍ଷ ନବୀନଜୀ ମହାରାଜ ଓ ଆମନ୍ତ୍ରିତ ଅତିଥିମାନେ ଯୋଗଦେଇଥିଲେ। ସନ୍ଧ୍ୟାରେ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ ବେଳେ ବହୁସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ବିଭୁପ୍ରସାଦ ସୁବୁଦ୍ଧି, ଗଗନ କୁମାର ସ୍ୱାଇଁ , ସୁଶାନ୍ତ କୁମାର ନାୟକ, ଅମ୍ବିକା ପ୍ରସାଦ ପଟ୍ଟନାୟକ ଓ ପ୍ରଭାସ ଚନ୍ଦ୍ର ନାୟକ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ।

### ଶରଦ୍ ରାସୋତ୍ସବର ୨ୟ ପର୍ବ ନତଃ ବ୍ରତ ପାଳନ



**ଖଣ୍ଡପଡ଼ା,୧୧।୧୧(ସ୍ୱ.ପ୍ର.):** ଆଶ୍ୱିନ ମାସ ନତଃ ପଞ୍ଚମୀ ତିଥି, ଅକ୍ଟୋବର ୧୩ରୁ କଣ୍ଟିଲୋ ନୀଳମାଧବ ଜୀଉଙ୍କ ଶରଦ ରାସୋତ୍ସବର ପ୍ରଥମ ପର୍ବ ନତଃ ବ୍ରତ ରବିବାର ସମ୍ପନ୍ନ ହୋଇଛି । ପୁରାଣର କଥାବସ୍ତୁ ଆଧାରରେ ଗୋପାଙ୍ଗନାମାନେ କୃଷ୍ଣଙ୍କୁ ପାଇବା ପାଇଁ ଦୀର୍ଘ ୧ମାସ ମାନସିକ ରଖି ବାଲୁକା ସ୍ଥାପନା କରି ଶିବଙ୍କୁ ଆରାଧନା କରିଥିଲେ । ସ୍ଥାନୀୟ ମହାନଦୀ ଶଯ୍ୟା ଏହି ଉତ୍ସବ ପାଇଁ ମୁଖରିତ ହୋଇ ଉଠିଥିଲା । ଶ୍ରୀ ରାଧା ଓ ଅଷ୍ଟସଖୀ ବେଶରେ ସଜ୍ଜିତ କୁନି କୁନି ପିଲାମାନେ ପ୍ରତ୍ୟହ ସକାଳୁ ହାତରେ ଭୋଗଡାଲା ଧରି ମହାନଦୀ କୂଳରେ ବାଲୁକା ସ୍ଥାପନା କରି ଶିବଙ୍କୁ ଆରାଧନା କରିଥିଲେ। ସୋମବାର ଏହି ବ୍ରତର ଉଦ୍‌ଯାପନୀ ଉତ୍ସବରେ ପାରମ୍ପରିକ ବସ୍ତ୍ରହରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ବ୍ରତ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଗାଁଦାଣ୍ଡ ଓ ମହାନଦୀ କୂଳରେ ସମାଗମ ହେଉଥିଲେ ।

### ବିଶ୍ୱ ଅଖଣ୍ଡ ଭଜନ ସମାରୋହ



**ଦଶପଲ୍ଲା,୧୧।୧୧ (ଡି.ଏନ.ଏ.):** ଦଶପଲ୍ଲା ଦୁର୍ଗାବଜାର କଲୋନୀ ପରିସରରେ ନୂତନ ସତ୍ୟସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ୩ଦିନ ଧରି ବିଶ୍ୱ ଅଖଣ୍ଡ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟହ ହୋମଯଜ୍ଞ, ନାମ ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଉଦ୍‌ଯାପନୀ ଦିବସ ସନ୍ଧ୍ୟାରେ ମନ୍ଦିର ପରିସରରେ ବହୁ ସାଇ ଭକ୍ତଙ୍କ ସମାଗମ ହୋଇଥିଲା। ଉତ୍ସବ ଶେଷରେ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦଶପଲ୍ଲା ସତ୍ୟସାଇ ସେବା ସଂଗଠନ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଅବ୍ୟବସ୍ଥା ଘେରରେ କେନ୍ଦ୍ରୀୟ ବିଦ୍ୟାଳୟ



ହାଉସିଂ ବୋର୍ଡ଼ କଲୋନୀଠାରେ ନିର୍ମିତ ହେଉଥିବା କେନ୍ଦ୍ରୀୟ ବିଦ୍ୟାଳୟ।



ବୈଠକରେ ଯୋଗଦେଇଥିବା ଅଭିଭାବକମାନେ।

- ଏକାଦଶ ଶ୍ରେଣୀ ଖୋଲିବା ପାଇଁ ଦାବି
- ୩ ବର୍ଷ ହେଲା ଚାଲୁରହିଛି ସ୍କୁଲ ଗୃହ ନିର୍ମାଣ
- ବୈଠକ କରି କ୍ଷୋଭ ଜଣାଇଲେ ଅଭିଭାବକ

**ନୟାଗଡ଼ ଅଫିସ,୧୧।୧୧**

ନୟାଗଡ଼ ସହରର ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ଥିବା ଜିଲାର ଏକମାତ୍ର କେନ୍ଦ୍ରୀୟ ବିଦ୍ୟାଳୟ ବର୍ତ୍ତମାନ ଅବ୍ୟବସ୍ଥା ଘେରରେ ଥିବା ଅଭିଯୋଗ ହୋଇଛି। ରବିବାର ରାଜାବଗିଚାସ୍ଥିତ ପ୍ରାଥମିକ ଶିକ୍ଷକଭବନଠାରେ ଅଭିଭାବକମାନେ ଏକ ଜରୁରୀ ବୈଠକ କରି ଏଭଳି ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ଲାଗିରହିଥିବା ସମସ୍ୟା ଯୋଗୁ ପିଲାମାନଙ୍କ ଭବିଷ୍ୟତ ଅନିଶ୍ଚିତତା ଭିତରେ ଥିବା ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ୨୦୧୦ ମସିହାରେ ଜିଲାରେ କେନ୍ଦ୍ରୀୟ ବିଦ୍ୟାଳୟ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧିବଦ୍ଧ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। କଲେଜ ପରିସରରେ ୨ବର୍ଷ ଚାଲିବା ପରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ବିଭିନ୍ନ ବାହାନା ଦେଖାଇ ଏହାକୁ ରାତିଅଧିଆ ବନ୍ଦ କରିଦେଇଥିଲେ । ଫଳରେ ଏଠାରେ ପଢୁଥିବା ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ପିଲାଙ୍କ ଭବିଷ୍ୟତ ନେଇ ଅନିଶ୍ଚିତତା ଦେଖାଦେଇଥିଲା। ଏହି ସମୟରେ ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ଓ ଜିଲା ପ୍ରଶାସନର ଉଦ୍ୟମକ୍ରମେ ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ଅସ୍ଥାୟୀ ଭାବେ ବିଦ୍ୟାଳୟ ଚାଲିବା ପାଇଁ ବ୍ୟବସ୍ଥା କରାଗଲା । ୩ ବର୍ଷ ତଳେ କେନ୍ଦ୍ରୀୟ ବିଦ୍ୟାଳୟ କରିବା ପାଇଁ ହାଉସିଂ ବୋର୍ଡ଼ କଲୋନୀଠାରେ ଜାଗା ଚିହ୍ନଟ କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୦ ଏକର ସ୍ଥାନରେ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ଚାଲୁରହିଛି। ଭିତର କାର୍ଯ୍ୟ ସରିଥିବା ବେଳେ ବାହାରେ ଆଂଶିକ କାର୍ଯ୍ୟ ବାକି ରହିଛି। ଏହି ନୂତନ ତଥା ନିଜସ୍ୱ ଗୃହକୁ ବିଦ୍ୟାଳୟ ସ୍ଥାନାନ୍ତର ପାଇଁ ଜିଲା ପ୍ରଶାସନ କିମ୍ବା ବିଦ୍ୟାଳୟ କର୍ତ୍ତୃପକ୍ଷ ଉଦ୍ୟମ କରୁ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ବିଭିନ୍ନ ଜିଲାରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଖୋଲିଥିବା ବେଳେ ଏଠାରେ ତାହା ହୋଇପାରିନାହିଁ। ବିଦ୍ୟାଳୟର ନିଜସ୍ୱ ଗୃହକୁ ସ୍ଥାନାନ୍ତର ହୋଇପାରି ନ ଥିବାରୁ ଏହିଭଳି ଅସୁବିଧା ଦେଖାଦେଇଛି। ଏକାଦଶ ଶ୍ରେଣୀ ନ ଖୋଲିବା ଯୋଗୁ ୧୦ମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ବୈଠକରେ ବିଦ୍ୟାଳୟର ନିଜସ୍ୱ ଗୃହ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଥିଲେ ମଧ୍ୟ ବିଦ୍ୟାଳୟ ସ୍ଥାନାନ୍ତର ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅଭିଭାବକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ସେହିଭଳି କେନ୍ଦ୍ରୀୟ ବିଦ୍ୟାଳୟ ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ଚାଲୁଥିବାରୁ ଶୈକ୍ଷିକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। କେତେବେଳେ ବିଦ୍ୟାଳୟ ହତା ମଧ୍ୟରେ ବିଜୁ ଯୁବବାହିନୀ କାର୍ଯ୍ୟକ୍ରମ ହେଉଛି ତ ଆଉ କେତେବେଳେ ଜିଲାସ୍ତରୀୟ ବିଜ୍ଞାନମେଳା। ଏଥିଯୋଗୁ କେନ୍ଦ୍ରୀୟ ବିଦ୍ୟାଳୟରେ ପିଲାମାନଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଚଳିତବର୍ଷ ଏଠାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪୦୦ରୁ ଉର୍ଦ୍ଧ୍ୱ ପିଲା ଅଧ୍ୟୟନ କରୁଛନ୍ତି। ଦଶମ ଶ୍ରେଣୀରେ ଥିବା ପ୍ରାୟ ୫୦ ଛାତ୍ରୀଛାତ୍ର ଏକାଦଶ ଶ୍ରେଣୀରେ ପଢ଼ିବାରୁ ବଞ୍ଚିତ ହେବେ ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି। କେଉଁ କାରଣ ପାଇଁ ନିଜସ୍ୱ ଗୃହକୁ ବିଦ୍ୟାଳୟ ସ୍ଥାନାନ୍ତର କରାଯାଉ ନାହିଁ ତାହାକୁ ନେଇ ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ଆଗାମୀ ଦିନରେ ଏହାକୁ ନେଇ ସେମାନେ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ଏ ନେଇ ଜିଲାପାଳ ତଥା କେନ୍ଦ୍ରୀୟ ବିଦ୍ୟାଳୟର ଚେୟାରମ୍ୟାନ୍ ଡା.ଏନ୍ ତିରୁମାଲା ନାୟକ୍ କହନ୍ତି, ନୂତନ ବିଦ୍ୟାଳୟ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ । ଆଉ କିଛିଦିନ ମଧ୍ୟରେ ଏହା ଶେଷହେବା ପରେ ସେଠାକୁ ବିଦ୍ୟାଳୟ ସ୍ଥାନାନ୍ତର କରାଯିବ।

## ସ୍କର୍ପିଓ ଧକ୍କାରେ ୨ ମୃତ, ଜଣେ ଗୁରୁତର

### ବାଇକ୍ ଓ ଗାଡ଼ି ଜବତ, ଡ୍ରାଇଭର ଗିରଫ

**ରଣପୁର,୧୧।୧୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଗୌରଚନ୍ଦ୍ରପୁର ଛକ ନିକଟରେ ରବିବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ନୟାଗଡ଼ ଜିଲା ସୁନାଖଳା ଫାଣ୍ଡି ଅନ୍ତର୍ଗତ ବରପଲ୍ଲୀ ଗ୍ରାମର ଗୋକୁଳ ସାହୁ ଓ ଗୌରାଙ୍ଗ ପ୍ରଧାନ। ସେହି ଗ୍ରାମର ସଞ୍ଜୟ ସାହୁ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି।

ମିଳିଥିବା ସୂଚନା ଅନୁସାରେ, ପୂର୍ବାହ୍ନ ୧୦ଟାରେ ଗୌରାଙ୍ଗ ନିଜ ବାଇକ୍ (ଓଡି୦୨ଏମ୍-୬୭୭୫)ରେ ଦୁଇ ସହଯୋଗୀଙ୍କୁ ବସାଇ ଟାଙ୍ଗୀ ଆଡ଼କୁ ଯାଉଥିଲେ। ଏହି ସମୟରେ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ସ୍କର୍ପିଓ (ନଂ.ଏପି୩୦କ୍ୟୁ-୮୮୮୮) ଗୌରନ୍ଦ୍ରପୁର ଛକ ନିକଟରେ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ୍ ଚାଳକ ଗୌରାଙ୍ଗଙ୍କ ମୃତ୍ୟୁ ଘଟିଥିଲା। ବାଇକ୍‌ରେ ଥିବା ଅନ୍ୟ ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଟାଙ୍ଗୀ ଡାକ୍ତରଖାନା ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ଗୋକୁଳଙ୍କ ମୃତ୍ୟୁ ଘଟିଛି। ଖବରପାଇ ଚାନ୍ଦପୁର ଥାନା ଅଧିକାରୀ ଚକ୍ରପତି କଅଁର ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍କର୍ପିଓ ଓ ବାଇକ୍ ଜବତ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୧୫୪/୧୮) ରୁଜୁ ହୋଇଛି। ଗୌରାଙ୍ଗଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗିରଫ ସ୍କର୍ପିଓ ଡ୍ରାଇଭର ଆନ୍ଧ୍ରପ୍ରଦେଶ ଶିକାକୁଲମ ଅଞ୍ଚଳର ଚେଷ୍ଟୁ ଉମାମହେଶ୍ୱର ରାଓଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

## ରାମଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ

**ନୟାଗଡ଼ ଅଫିସ,୧୧।୧୧**

ନୟାଗଡ଼ ବ୍ଲକ ଇଟାମାଟି ଯଦୁମଣିନଗରଠାରେ ରାମ କୃପା ପରିଷଦ ଆନୁକୂଲ୍ୟରେ ଆୟୋଜିତ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ରବିବାର ଉଦ୍‌ଯାପିତ ହୋଇଯାଇଛି। ୯ଦିନ ବ୍ୟାପୀ ହୋଇଥିବା ଏହି ଆଧାତ୍ମିକ ସଭାରେ ପ୍ରବକ୍ତା ଭାବେ ପଣ୍ଡିତ ଦିବାକର ନନ୍ଦ, ବିଜୟ ରାଘବନ୍ଦ୍ରେ ଦାଶ, ସନ୍ଥ ହରେକୃଷ୍ଣ ଦାସଜୀ ମହାରାଜ, ପଣ୍ଡିତ ଶ୍ରୀ ଚାରଣ ରାମଦାସ ଓ ବ୍ୟାସଜୀ ସନ୍ଥ ଦାମୋଦର ଦାସ ଜି ମହାରାଜା ପ୍ରମୁଖ ଯୋଗଦେଇ ରାମକଥା ପରିବେଷଣ କରିଥିଲେ। ରାମକୃଷ୍ଣ ପରିଷଦ ଇଟାମାଟି ଗ୍ରାମବାସୀଙ୍କ ତରଫରୁ ସଭାପତି ଶରତ ଚନ୍ଦ୍ର ସାହୁ, ସମ୍ପାଦକ ପ୍ରଫୁଲ୍ଲ କୁମାର ଜେନା, ରାଧାକୃଷ୍ଣ ସାହୁଙ୍କ ସମେତ ଏକାଧିକ ବ୍ୟକ୍ତି ସହଯୋଗ କରିଥିଲେ।

■ ସରିଲା ଭଏସ୍ ଅଫ୍ ନୟାଗଡ଼ ସେମିଫାଇନାଲ୍

## ଫାଇନାଲ୍ ରାଉଣ୍ଡକୁ ଚୟନ ହେଲେ ୧୦ ପ୍ରତିଯୋଗୀ



ଅତିଥି ଓ ବିଚାରକଙ୍କ ଗହଣରେ ଟପ୍ ୧୦ ପ୍ରତିଯୋଗୀ।

**ନୟାଗଡ଼ ଅଫିସ,୧୧।୧୧**

ନୟାଗଡ଼ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଭଏସ୍ ଅଫ୍ ନୟାଗଡ଼ର ଦ୍ୱିତୀୟ ସେମିଫାଇନାଲ ରବିବାର ପଠାଣି ସାମନ୍ତ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିଫାଇନାଲ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ୨୦ଜଣଙ୍କ ମଧ୍ୟରୁ ୧୦ ଜଣ ଫାଇନାଲ୍ ରାଉଣ୍ଡକୁ ଚୟନ ହୋଇଛନ୍ତି। ସେମାନେ ହେଲେ ଓମ୍ ପ୍ରକାଶ ମହାରଣା, ଶୁଭଶ୍ରୀ ସଙ୍ଗୀତା କର, ପ୍ରୟାମ୍ନା ରଥ, ସାଇ ଅବିନାଶ ପ୍ରଧାନ, ଅରିଜିତ ମିଶ୍ର, ରାଗେଶ୍ରୀ ଦାଶ, ପ୍ରିୟମ୍ବଦା ନନ୍ଦ, ସୁଚିସ୍ମିତା ନନ୍ଦ, ମୋନାଲିସା ସ୍ୱାଇଁ ଓ ବର୍ଷା ପ୍ରିୟଦର୍ଶନୀ ସାହୁ। ଏମାନଙ୍କ ମଧ୍ୟରେ ଚଳିତମାସ ୧୮ ତାରିଖରେ ଖେଳପଡ଼ିଆଠାରେ ଫାଇନାଲ୍ ପ୍ରତିଯୋଗିତା କରାଯାଇ ଜଣଙ୍କୁ ଭଏସ୍ ଅଫ ନୟାଗଡ଼ ଭାବେ ଚୟନ କରାଯିବ। ରବିବାର କାର୍ଯ୍ୟକ୍ରମରେ ବିଚାରକ ଭାବେ ସଂଗୀତ ମହାବିଦ୍ୟାଳୟ ଅଧାପକ ଗୁରୁ ନିମାକାନ୍ତ ରାଉତରାୟ, ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ସୁରେନ୍ଦ୍ର ତ୍ରିପାଠୀ, ସଂଗୀତଜ୍ଞ ବୁଲୁ ମିଶ୍ର ଯୋଗ ଦେଇଥିଲେ। ଉପଦେଷ୍ଟା ପ୍ରମୋଦ ପଟ୍ଟନାୟକ, ଶ୍ରୀଧର ସାହୁ, ପ୍ରବୀର କୁମାର ପୃଷ୍ଟି, ସଞ୍ଜୟ କୁମାର ସ୍ୱାଇଁ, ପ୍ରସନ୍ନ କୁମାର ବସନ୍ତିଆ, ଲକ୍ଷ୍ମୀନାରାୟଣ ରଥ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବାହାଡ଼ା ଟି ୨୦: ନିମାଣୀ ସେମିରେ

**ଭାପୁର,୧୧।୧୧(ଡି.ଏନ୍.ଏ.)**

ଖଣ୍ଡପଡ଼ା ବ୍ଲକ ବନମାଳୀପୁର ପଞ୍ଚାୟତ ବାହାଡ଼ା ଗ୍ରାମର ମା' ବାହାଡ଼ାଶୁଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୧ତମ ଟି ୨୦ କ୍ରିକେଟ୍ ଟୁର୍ନାମେଣ୍ଟର ରବିବାର ମ୍ୟାଚରେ ଖଣ୍ଡପଡ଼ା କ୍ରିକେଟ୍ କ୍ଲବକୁ ହରାଇ ନିମାଣୀ ଦଳ ସେମିରେ ପ୍ରବେଶ କରିଛି। ଟସ୍ ଜିଣି ନିମାଣୀ ଦଳ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୧୦ ଉଇକେଟ୍ ହରାଇ ୧୮୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଖଣ୍ଡପଡ଼ା ଦଳ ୧୬.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୧ ରନରେ ସୀମିତ ରହି ୬୩ ରନରେ ହାରିଯାଇଥିଲା। ବିଜୟୀ ଦଳର ରାଜେନ୍ଦ୍ର କୁମାର ସାହୁ ୧୯ ବଲରେ ୬୮ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ନିରଞ୍ଜନ ବେହେରା ଓ ସନ୍ତୋଷ ଖଟୁଆ। ସୋମବାର ଛେଳିଆ ଓ ଖଜୁରିପଦା ଦଳ ମଧ୍ୟରେ ଖେଳ ହେବ।

## ପରମାନନ୍ଦ ମହାବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ

**ବୋଲଗଡ,୧୧।୧୧(ଡି.ଏନ.ଏ.)**

ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମୌଲାନା ଅବୁଲ କାଲାମ ଆଜାଦ୍‌ଙ୍କ ଜୟନ୍ତୀକୁ ଜାତୀୟ ଶିକ୍ଷା ଦିବସ ଭାବେ ପାଳନ କରାଯାଉଛି। ତାଙ୍କର ୧୩୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ଶିକ୍ଷାବିଭାଗ ସୌଜନ୍ୟରେ ରବିବାର ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଛି। ଏହି ଅବସରରେ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ 'ଏକବିଂଶ ଶତାବ୍ଦୀର ଶିକ୍ଷଣ କଳା –ଏକ ବିତର୍କ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ରବୀନ୍ଦ୍ର ନାଥ ପାଣିଗ୍ରାହୀ ପୌରୋହିତ୍ୟ କରିଥିବାବେଳେ ଅଧ୍ୟାପକ ଡଃ. ରଞ୍ଜନ କୁମାର ଦାଶ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଗଙ୍ଗାଧର ମେହେର ବିଶ୍ୱ ବିଶ୍ୱବିଦ୍ୟାଳୟ ସହଯୋଗୀ ପ୍ରଫେସର ଡଃ. ହରିହର ଷଡଙ୍ଗୀ ମୁଖ୍ୟଅତିଥି, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ସହଯୋଗୀ ପ୍ରଫେସର ଡଃ. କଳ୍ପଲତା ପତ୍ରୀ ମୁଖ୍ୟବକ୍ତା ଓ ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ସହଯୋଗୀ ପ୍ରଫେସର ଦାଶରଥି ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱର୍ଗତ କଲାମଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଛାତ୍ରୀ କଲ୍ୟାଣୀ ବେହେରା ଓ ଛାତ୍ର ଆଲୋକ କୁମାର ସାହୁ ସନ୍ଦର୍ଭ ପାଠ କରିଥିଲେ। ପ୍ରଫେସର ବିଶ୍ୱାଳଙ୍କୁ ମାନପତ୍ର ଓ ଉପଢୌକନ ସହ 'ଶିକ୍ଷାଶ୍ରୀ' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ଖାଉଟି ସୁରକ୍ଷା ନିୟମ ଉପରେ ବକ୍ତୃତା ପ୍ରତିଯୋଗିତା

**ନୟାଗଡ଼ ଅଫିସ,୧୧।୧୧**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀବନ୍ଧୁ ଓ ନୟାଗଡ଼ ସହକାରୀ ନିୟନ୍ତ୍ରକ ଓଜପ ମାପ ବିଭାଗର ମିଳିତ ଆନୁକୂଲ୍ୟରେ ନୂଆଗାଁ ବ୍ଲକ ଢେଙ୍କେଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଖାଉଟି ସୁରକ୍ଷା ନିୟମ ଉପରେ ଅନୁଷ୍ଠିତ ପ୍ରତିଯୋଗିତାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ରାଜ୍ୟ ସଭାପତି ବିପିନ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ନିୟନ୍ତ୍ରକ ସୁରେଶ ଜାନି ମୁଖ୍ୟଅତିଥି ଭାବେ ଯୋଗଦେଇ ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ଠକାମୀର ଶିକାର ହେଉଥିବା ଖାଉଟି (ଗ୍ରାହକ) ବିନା ଓକିଲରେ ଖାଉଟି ବିବାଦ ସମାଧାନ ମଞ୍ଚରେ ଅଭିଯୋଗ କରିବପାରିବେ ବୋଲି ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଇନଜୀବୀ କୌସ୍ତୁଭ ଚୌଧୁରୀ ଯୋଗଦେଇ ଆଜିର ସମାଜରେ ଛାତ୍ରୀଛାତ୍ରମାନେ ଗ୍ରାହକ ସଚେତନତା ଉପରେ ଗୁରୁତ୍ୱାରୋପ କରିବାକୁ କହିଥିଲେ। ଯଶୋବନ୍ତ ପଟ୍ଟନାୟକଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ଜୟନ୍ତୀ ତାଡ଼, ସ୍ନେହାଂଶୁ ପଟ୍ଟନାୟକ, ବନବିହାରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବକ୍ତୃତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଅନୁଷ୍ଠାନର ସମ୍ପାଦକ ଗଣେଶ୍ୱର ପରିଡ଼ା ଧନ୍ୟବାଦ ଦେଇଥିଲେ।



ଅତିଥି ଜଣେ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

## ଏନ୍‌ଏସିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ନୟାଗଡ଼ ଅଫିସ,୧୧।୧୧**

ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଥିବା ଜନସମ୍ପର୍କ ପଦଯାତ୍ରା ନୟାଗଡ଼ ନିର୍ବାଚନମଣ୍ଡଳୀରେ ଚାଲୁରହିଛି। ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ରବିବାର ନୟାଗଡ଼ ସହରରେ ଅନୁଷ୍ଠିତ ହୋଇଥିଲା। ହଜାର ହଜାର କର୍ମୀ ଏକାଠି ହୋଇ ଶୋଭାଯାତ୍ରାରେ ଖେଳପଡ଼ିଆଠାରୁ ବାହାରି କଇଶ୍ୱର କଲ୍ୟାଣମଣ୍ଡପଠାରେ ପହଞ୍ଚିଥିଲେ। ପରେ ସେଠାରେ ଏକ ସାଧାରଣ ବୈଠକ କରାଯାଇଥିଲା। ବ୍ଲକ ସଭାପତି ଗଙ୍ଗାଧର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ, ଏନ୍‌ଏସିର ପୂର୍ବତନ ନଗରପାଳ ଗୁରୁପ୍ରସାଦ ଜେନା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମାଳତୀ ଗୁରୁ, ବିଜେଡ଼ି ରାଜ୍ୟ ସମ୍ପାଦିକା ପ୍ରଭାସିନୀ ନନ୍ଦ, ଜିଲା ସଭାନେତ୍ରୀ ଜୟଶ୍ରୀ ଦାଶ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ବକ୍ତବ୍ୟ ରଖିଥିଲେ। ବିଧାୟକ ସାହୁ ନୟାଗଡ଼ ନିର୍ବାଚନମଣ୍ଡଳୀରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଲିଙ୍କନ ସୁବୁଦ୍ଧି, ବ୍ଲକ ଅଧ୍ୟକ୍ଷା ଗୋଲାପ ଦଳବେହେରା, ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର କଅଁର ପ୍ରମୁଖ ଉପସ୍ଥିତ ଥିଲେ।



ଅନୁଷ୍ଠିତ ପଦଯାତ୍ରାରେ ଯୋଗଦେଇଥିବା କର୍ମୀ।

■ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉଦ୍‌ଯାପିତ

## ପୂର୍ବରୁ ଛାତ୍ରଙ୍କ ପ୍ରତି ଗୁରୁଙ୍କ ଆତ୍ମୀୟତା ଭରପୂର ଥିଲା: ବିଚାରପତି ଡ. ଷଡଙ୍ଗୀ

**ଓଡ଼ଗାଁ,୧୧।୧୧(ସ୍ୱ.ପ୍ର.)**

ପୂର୍ବରୁ ଛାତ୍ରଙ୍କ ପ୍ରତି ଗୁରୁଙ୍କ ଭରପୂର ଆତ୍ମୀୟତା ରହୁଥିଲା ଓ ଶିକ୍ଷାଦାନ ଖୁବ୍ ମଜବୁତ ଥିଲା। ଏପରି କି ଜଣେ ଛାତ୍ର ଯେ କୌଣସି ପରିସ୍ଥିତିରେ ନିରାଡମ୍ବର ଓ ସରଳ ଜୀବନ ଧାରଣ କରିବା ନିମନ୍ତେ ନିଜକୁ ପ୍ରସ୍ତୁତ କରିପାରୁଥିଲା। ସ୍ଥାନୀୟ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ସମାରୋହର ଶନିବାର ୨ୟ ଦିବସରେ ଓଡ଼ିଶା ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମତ ରଖିଥିଲେ। ବିଦ୍ୟାଳୟ ପରିସରରେ ଶତବାର୍ଷିକୀ ସ୍ମୃତିସ୍ତମ୍ଭ ସହିତ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ସମାରୋହର ପ୍ରଥମ ଦିବସରେ ଜିଲା ଶିକ୍ଷା ଅଧିକାରୀ ଡ. ଅଭୟ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରତି ଶିକ୍ଷକଙ୍କ ଦାୟିତ୍ୱବୋଧ ସମ୍ପର୍କରେ ଆଲୋକପାତ କରିଥିଲେ। ଶନିବାର ସ୍ମରଣିକ ଆତ୍ରେୟକୁ ବିଚାରପତିଙ୍କ ସହିତ ଅତିଥିମାନେ ଉନ୍ମୋଚନ କରିଥିଲେ। ଜିଲାପାଳ ଡ. ଏନ ତିରୁମାଲା ନାୟକ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଜିଲା ବିଚାରପତି ଅଶାନ୍ତ କୁମାର ଦାଶ ଏବଂ ଏସ୍‌ପି ଶଶୀଭୂଷଣ ଶତପଥି ମଞ୍ଚାସୀନ ଥିଲେ। ରବିବାର ଉଦ୍‌ଯାପନୀ ଦିବସରେ ରାଜ୍ୟ ସଭା ଏମପି ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଓ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ବକ୍ତା ଭାବେ ମଞ୍ଚାସୀନ ଥିଲେ । ମୁଖ୍ୟଅତିଥି ପଟ୍ଟନାୟକ ଶିକ୍ଷକମାନେ ଶିକ୍ଷାଦାନ ନିମନ୍ତେ ସମର୍ପିତ ମନୋଭାବ ପୋଷଣ କରିବା ଆବଶ୍ୟକ ବୋଲି ମତ ଦେଇଥିଲେ। ପୂର୍ବରୁ ବନ ବିଦ୍ୟାଳୟର ଶିକ୍ଷାଦାନକୁ ତୁଳନା କରିବା ସହିତ ଗଛ ମୂଳ ପାଠ ପଢା ଓ ଛାତ ଘର ପାଠ ପଢାରେ କୌଣସି ତାରତମ୍ୟ ରହିବା ଉଚିତ ନୁହଁ ବୋଲି କହିଥିଲେ। ଶତବାର୍ଷିକୀ କମିଟି ସଭାପତି ବିଭୂପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ବିଭିନ୍ନ ଦିନରେ ବିଇଓ ବସନ୍ତ କୁମାର ନାୟକ, ସ୍ଥାନୀୟ କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ, ଜିଲାପରିଷଦ ସଦସ୍ୟ ଲୋକନାଥ ସାହୁ, ବ୍ଲକ ଅଧ୍ୟକ୍ଷା ମମତା ବେହେରା, ଉପାଧ୍ୟକ୍ଷା ବିରଜାଲକ୍ଷ୍ମୀ ସାହୁ, ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ, ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ମହାପାତ୍ର ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଓ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ସମସ୍ତ ପ୍ରାକ୍ତନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।



ଶତବାର୍ଷିକୀ ସ୍ମରଣିକା ଉନ୍ମୋଚନ କରୁଛନ୍ତି ଅତିଥି।

## ସଂକ୍ଷେପରେ

### ନାଗ ଚତୁର୍ଥୀ ଉତ୍ସବ

**ଆସିକା,୧୧।୧୧(ଡି.ଏନ୍.ଏ.):** ଆସିକା ସହର ତଥା ଗ୍ରାମାଞ୍ଚଳରେ ରବିବାର ନାଗଚତୁର୍ଥୀ ଉତ୍ସବ ପାଳିତ ହୋଇଯାଇଛି। ବିଭିନ୍ନ ସ୍ଥାନରେ ଥିବା ଉଇ ହୁଙ୍କା ନିକଟରେ ଶ୍ରଦ୍ଧାଳୁ ମହିଳାମାନେ ଦୁଗ୍ଧ, ଅଣ୍ଡା, ମିଷ୍ଟାନ୍ନ ଓ ପାଚିଲା ଫଳ ନେଇ ପୂଜାର୍ଚ୍ଚନା କରି ନାଗ ଦେବତାଙ୍କୁ ସନ୍ତୁଷ୍ଟି ଲାଗି ଆରାଧନା କରିଥିଲେ। ନାଗ ଚତୁର୍ଥୀରେ ଉପବାସ ଓ ପୂଜାର୍ଚ୍ଚନା କଲେ ଧନ, ଜନ, ଐଶ୍ୱର୍ଯ୍ୟ ପ୍ରାପ୍ତି ଲାଗି ରହିଥିବା ବିଶ୍ୱାସକୁ ନେଇ ଏହି ପୂଜାର୍ଚ୍ଚନା କରାଯାଉଥିବା ଜଣାଯାଇଛି।

### ମହିଳାଙ୍କୁ ଆକ୍ରମଣ, ଯୁବକ ଗିରଫ

**ଶଙ୍କରାଖୋଲ,୧୧।୧୧(ଡି.ଏନ୍.ଏ.):** ଟିକାବାଲି ଥାନା ଲାଇନପଡ଼ା ନିକଟ ସୁନାପାଙ୍ଗା ନୂଆସାହିର ମହିଳାଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ରବିବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ନୀଳାଞ୍ଚଳ ନାୟକ। ଏ ନେଇ ଟିକାବାଲି ଥାନାରେ ନଂ.୯୩/୧୮ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଆଦିତ୍ୟ କୁମାର ସେଠୀ କହିଛନ୍ତି। ଶନିବାର ସକାଳେ ମହିଳା ଜଣକ ନଳକୂପକୁ ପାଣି ଆଣିବା ପାଇଁ ଯାଉଥିବାବେଳେ ନୀଳାଞ୍ଚଳ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ମହିଳାଙ୍କୁ ଆକ୍ରମଣ କରିଥିଲେ। ପରେ ପରିବାର ସହ ମହିଳା ଜଣକ ଟିକାବାଲି ଥାନାକୁ ଯାଇ ଅଭିଯୋଗ କରିଥିଲେ।

### ଅନସ୍ଲୋ ହାଇସ୍କୁଲରେ ଜାତୀୟ ଶିକ୍ଷା ଦିବସ



**ଛତ୍ରପୁର,୧୧।୧୧(ଡି.ଏନ.ଏ):** ଛତ୍ରପୁରସ୍ଥିତ ଅନସ୍ଲୋ ହାଇସ୍କୁଲ ସମ୍ମିଳନୀ ଗୃହରେ ରବିବାର ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାଧାକୃଷ୍ଣ ନାୟକ ଅଧ୍ୟକ୍ଷତା କରିଥିଲେ। ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଅବିନାଶ ଶତପଥୀ ଯୋଗଦେଇ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାର ଗୁଣାତ୍ମକ ମାନରେ ଉନ୍ନତି ଓ ମୋ ବିଦ୍ୟାଳୟ କାର୍ଯ୍ୟକ୍ରମରେ ପ୍ରଗତି ସହ ଅଭିଭାବକ ସମ୍ମିଳନୀ କରିବା ପାଇଁ ସ୍ଥିର ହୋଇଥିଲା। ଏଥିସହ ସ୍କୁଲର ପୁରାତନ ଛାତ୍ରୀଛାତ୍ରଙ୍କୁ ଏକତ୍ରିତ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ କ୍ୟାବିନେଟ୍ ପୁନର୍ଗଠନ କରାଯାଇଥିଲା। ଛାତ୍ରୀ ସ୍ମୃତିରେଖା ସାମଲ ଶିକ୍ଷାମନ୍ତ୍ରୀ ଭାବେ ଚୟନ ହୋଇଥିଲେ। ସିଆରସିସି ମନୋଜ ତ୍ରିପାଠୀ, ଶିକ୍ଷକ ଜଗଦିଶ ଚନ୍ଦ୍ର ପଲେଇ, ଶିକ୍ଷକ ବିଦ୍ୟାଧର ଦାଶ, ବାଉରିବନ୍ଧୁ ପଣ୍ଡା, ଶିକ୍ଷୟିତ୍ରୀ ଦେବସ୍ମିତା ମହାନ୍ତି, ଅନୀତା ଦାସ, ସୁଚିତ୍ରା ପାଣିଗ୍ରାହୀ, ନମିତା ଦେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବୈଷୟିକ ଶିକ୍ଷାନୁଷ୍ଠାନ ଉପନିର୍ଦ୍ଦେଶକଙ୍କ ସମୀକ୍ଷା

**ଭଞ୍ଜନଗର,୧୧।୧୧(ଡି.ଏନ.ଏ.):** ଯୁକ୍ତ୨ ବୈଷୟିକ ଶିକ୍ଷାନୁଷ୍ଠାନ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ବ୍ରହ୍ମପୁରର ଉପ ନିର୍ଦ୍ଦେଶକ ଡ. ସୁଶାନ୍ତ ଦାସ ଶୁକ୍ରବାର ଭଞ୍ଜନଗର କଲେଜ ପରିଦର୍ଶନରେ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ବୈଷୟିକ ଶିକ୍ଷାର ଗୁଣାତ୍ମକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସମୟରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଅଧକ୍ଷ ଡ. ନୀଳାଞ୍ଚଳ ମୁନି, ବୈଷୟିକ ଶିକ୍ଷାନୁଷ୍ଠାନର ମୁଖ୍ୟ ଅଧାପକ ଡ. ବିନୋଦ ଚନ୍ଦ୍ର ଦାସ, ଅଧାପକ ଆର. ହରିଷ କୁମାର, ଅଧାପିକା ସ୍ମରଣିକା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

■ କୂଳ ଲଂଘୁଛି ସମୁଦ୍ର, ବେଳାଭୂମି ଅବକ୍ଷୟ

# କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରଭାବିତ ଆଶଙ୍କା

**ଗଞ୍ଜାମ,୧୧।୧୧(ଡି.ଏନ.ଏ.)**

ନଭେମ୍ବର ଶେଷ ଆଡ଼କୁ ଗଞ୍ଜାମ ନିକଟସ୍ଥ ଋଷିକୁଲ୍ୟା ମୁହାଣରେ ଅଲିଭ ରିଡ୍‌ଲେ କଇଁଛଙ୍କ ମିଳନ ପର୍ବ ଆରମ୍ଭ ହେବ। ଡିସେମ୍ବରରେ ଅନୁକୂଳ ପାଗ ଓ ଦକ୍ଷିଣା ପବନ ବୋହିଲେ ଏହି ସାମୁଦ୍ରିକ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଚାଲୁ ହେବ ବୋଲି ସ୍ଥାନୀୟ ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। କିନ୍ତୁ ଗଞ୍ଜାମ ବ୍ଲକ ଗୋଖରକୁଦାରୁ ପ୍ରୟାଗୀ ଓ ଦକ୍ଷିଣରେ ଥିବା ଆର୍ଯ୍ୟପଲ୍ଲୀ ପର୍ଯ୍ୟନ୍ତ ଦିନକୁ ଦିନ ସମୁଦ୍ର କୂଳ ଲଂଘୁଥିବା ଦେଖିବାକୁ ମିଳୁଛି। ବେଳାଭୂମି ଅବକ୍ଷୟ ହେବାରେ ଲାଗିଛି। ଋଷିକୁଲ୍ୟା ବେଳାଭୂମିରୁ ବଟେଶ୍ୱର ଶୈବପୀଠ ପର୍ଯ୍ୟନ୍ତ ବେଳାଭୂମି ଅଞ୍ଚଳ ସମ୍ପୂର୍ଣ୍ଣ ଭାବେ ସମୁଦ୍ରରେ ଲୀନ ହେବାକୁ ବସିଲାଣି। କୁଢ଼ କୁଢ଼ କାଠିକୁଟା ଭାସି



ସମୁଦ୍ର କୂଳ ଲଂଘୁଥିବା ଏବଂ ବେଳାଭୂମି ଅବକ୍ଷୟ ଦୃଶ୍ୟ।

ଆସି ସମୁଦ୍ର କୂଳରେ ଲାଗିଥିବା ଦେଖିବାକୁ ମିଳିଛି। ଏପରି ଅବସ୍ଥା ଯୋଗୁ କଇଁଛମାନେ ଉପରକୁ ଉଠି ପାରିବେନି ଓ ଗଣ ଅଣ୍ଡାଦାନ ବାଧାପ୍ରାପ୍ତ ହେବ ବୋଲି ପରିବେଶବିତ୍‌ମାନେ ଅନୁମାନ କରିଛନ୍ତି। ସମୁଦ୍ରରୁ ଉଚ୍ଚ ଜୁଆରରେ କୂଳ ଲଂଘୁଥିବା ଏବଂ ବେଳାଭୂମି କ୍ଷତିଗ୍ରସ୍ତ ହେଉଥିବା ପରିବେଶବିତ୍ ରବୀନ୍ଦ୍ର କୁମାର ସାହୁ କହିଛନ୍ତି। ଏ ନେଇ ଜିଲା ବନଖଣ୍ଡ ଅଧିକାରୀ (ଡିଏଫଓ) ଆଶିଷ କୁମାର ବେହେରା କହିଛନ୍ତି ସମୁଦ୍ର କୂଳରେ ଭାସି ଆସି ଲାଗିଥିବା କାଠିକୁଟା ଓ ଅଳିଆ ଆବର୍ଜନାକୁ ଯୁଦ୍ଧକାଳୀନ ଭିତ୍ତିରେ ସଫା କରାଯିବା ପାଇଁ ପଦକ୍ଷେପ ନିଆଯାଇଛି। ଏଥିସହିତ ସମୁଦ୍ର ମଧ୍ୟରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଖଲ୍ଲିକୋଟ ଏବଂ ରମ୍ଭା ବନ ବିଭାଗ ପକ୍ଷରୁ ସଜାଗ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏହି ଅଲିଭ ରିଡ୍‌ଲେ କଇଁଛ ବଂଶ ବୃଦ୍ଧି ଲାଗି ସୁଦୂର କୋଷ୍ଟାରିକା, ଶ୍ରୀଲଙ୍କା ଓ ଜାପାନ ଉପକୂଳରୁ ହଜାର ହଜାର କିଲୋମିଟର ଅତିକ୍ରମ କରି ଓଡ଼ିଶା ଉପକୂଳକୁ ଆସିଥାନ୍ତି।

## ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

**ବିଭିନ୍ନ ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି**



ଗୋଳନ୍ଥରା ଚଟିରେ ଓଭରହେଡ ଟ୍ୟାଙ୍କକୁ ଉଦ୍‌ଘାଟନ କରୁଛନ୍ତି ବିଧାୟକ।

**ଗୋପାଳପୁର,୧୧।୧୧**

ଗୋପାଳପୁର ନିର୍ବାଚନମଣ୍ଡଳୀ ଉନ୍ନତି ଓ ପ୍ରଗତି ପଥରେ ଗତି କରୁଥିବା ବେଳେ ରଙ୍ଗେଇଲୁଣ୍ଡା ବ୍ଲକ ବିଭିନ୍ନ ଗ୍ରାମରେ ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋଳନ୍ଥରା ଚଟି ଓ ତତଡ଼ାପଲ୍ଲୀ ଗ୍ରାମରେ ଥିବା ୨ ଓଭରହେଡ୍ ଟ୍ୟାଙ୍କର ଶୁଭ ଉଦ୍‌ଘାଟନ କରିଥିଲେ। ଏଥିସହ ପଞ୍ଚମା, ମହାସେୟୀପେଣ୍ଠ ଓ ବିଶ୍ୱନାଥପୁର ଗ୍ରାମରେ ଓଭରହେଡ ଟ୍ୟାଙ୍କ, ପମ୍ପ ହାଉସ ଓ ଜଳ ଯୋଗାଣର ଉନ୍ନତିକରଣ ନିମନ୍ତେ ଶିଳାନ୍ୟାସ କରାଯାଇଥିଲା। ମନ୍ତ୍ରିଡ଼ି, ବାହାଦୁରପେଣ୍ଠ ଓ ହରଡ଼ଙ୍ଗ ଗ୍ରାମରେ ପାନୀୟ ଜଳଯୋଗାଣର ଉନ୍ନତୀକରଣ ପାଇଁ ବିଧାୟକ ପାଣିଗ୍ରାହୀଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିଲା। ଗ୍ରାମବାସୀ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଉକ୍ତ ଗ୍ରାମରେ ରହିଥିବା ବିଭିନ୍ନ ସମସ୍ୟା ନେଇ ଲୋକଙ୍କ ସହ ଆଲୋଚନା କରି ଶୀଘ୍ର ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ଅଧକ୍ଷା ସିଏଚ୍ ଉଷାରାଣୀ, ଉପାଧ୍ୟକ୍ଷ ଅଜିତ ଦାଶ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର ନାଥ ସାହୁ, କନିଷ୍ଠ ଯନ୍ତ୍ରୀ ସମୀର ପଟ୍ଟନାୟକ, ରବୀନ୍ଦ୍ର ଚୌଧୁରୀ, ରଙ୍ଗେଇଲୁଣ୍ଡା ବ୍ଲକ ବିଜେଡି ସଭାପତି ସିଏଚ୍ ଭରତ ପାତ୍ର ସମେତ ଶତାଧିକ କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

■ ଗୋଲାପଡ଼ା ସେତୁ ଉଦ୍‌ଘାଟିତ

# ଖୁବ୍‌ଶୀଘ୍ର ଆରମ୍ଭ ହେବ ନୂଆଗାଁ କେନାଲ କାମ

**ଭଞ୍ଜନଗର,୧୧।୧୧(ଡ଼ି.ଏନ.ଏ)**

ଭଞ୍ଜନଗର ଜଳଭଣ୍ଡାରର ବଳକା ପାଣିର ସଦ୍‌ବିନିଯୋଗ ପାଇଁ ପଦକ୍ଷେପ ନିଆଯାଇଛି। ୧୮୯୪ରେ ଜଳଭଣ୍ଡାର ନିର୍ମିତ ହୋଇଥିଲେ ମଧ୍ୟ ଅଞ୍ଚଳବାସୀ ଜଳସେଚନର ସୁବିଧା ପାଉ ନ ଥିଲେ। ଜଳଭଣ୍ଡାରର ବଳକା ପାଣି ଅପଚୟ ହେଉଥିଲା। ତେଣୁ ନୂଆଗାଁ କେନାଲ ସିଷ୍ଟମ ମାଧ୍ୟମରେ ବଳକା ପାଣିର ସଦ୍‌ବିନିଯୋଗ ପାଇଁ ଯୋଜନା ହୋଇଛି। ଏଥିପାଇଁ ଜମି ଅଧିଗ୍ରହଣ ସରିଛି । ପ୍ରଥମ ପର୍ଯ୍ୟାୟରେ ଗୋଲାପଡ଼ା ପର୍ଯ୍ୟନ୍ତ ହେବାକୁ ଥିବା କେନାଲ କାମ ପାଇଁ ୧୭ କୋଟି ଟଙ୍କାର ଟେଣ୍ଡର ସରିଛି। ଧାନ କଟା ସରିବା ପରେ କେନାଲ କାମ ଆରମ୍ଭ ହେବ। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ରବିବାର ଭଞ୍ଜନଗର ବ୍ଲକର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରି ଗୋଲାପଡ଼ାଠାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ମନ୍ତ୍ରୀ ଆହୁରି କହିଥିଲେ ଯେ, ବଡ଼ନଦୀର ଆଡ଼ିବନ୍ଧ ଉପରେ ହରିପୁରଠାରୁ କୁରୁଳାଇ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ପକ୍କା ରାସ୍ତା କାମ ଆରମ୍ଭ ହୋଇଛି। ଏ ବାବଦରେ ପ୍ରାୟ ୬



ଗୋଲାପଡ଼ା ସେତୁ ଉଦ୍‌ଘାଟନ କରୁଛନ୍ତି ମନ୍ତ୍ରୀ ।

କୋଟି ଟଙ୍କା ଖର୍ଚ୍ଚ ହେବ। ତେଣୁ ଅଞ୍ଚଳର ବିକାଶ କରୁଥିବା ଲୋକ ପ୍ରତିନିଧିଙ୍କୁ ନିର୍ବାଚିତ କରିବା ପାଇଁ ମନ୍ତ୍ରୀ ଆରୁଖ ଆହ୍ୱାନ ଦେଇଥିଲେ। ମନ୍ତ୍ରୀ ପ୍ରଥମେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଗୋଲାପଡ଼ାଠାରେ ନିର୍ମିତ ବଡ଼ନଦୀ ସେତୁ ଉଦ୍‌ଘାଟନ କରିଥିଲେ । ପରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଅଙ୍ଗନୱାଡ଼ି କେନ୍ଦ୍ର, ଗୌଡ଼ସାହି ଅଙ୍ଗନୱାଡ଼ି କେନ୍ଦ୍ର, କୁଲାଡ଼ ପାର୍କରେ ମୁକ୍ତାକାଶ ବ୍ୟାୟମ କେନ୍ଦ୍ର ଓ କୁଲାଡ଼ କଲ୍ୟାଣ ମଣ୍ଡପ ଉଦଘାଟନ କରିଥିଲେ। ଏହାପରେ ପର୍ଯ୍ୟଟନ ବିଭାଗ ପକ୍ଷରୁ କୁଲାଡ଼ରେ ୫୦ ଲକ୍ଷ ଟଙ୍କାରେ ହେବାକୁ ଥିବା ଯାତ୍ରୀ ନିବାସ ଲାଗି ଶିଳାନ୍ୟାସ କରିଥିଲେ ମନ୍ତ୍ରୀ। ସଭାରେ ବିଡ଼ିଓ ଅନିଲ ସେଠୀ, ଗଞ୍ଜାମ ଜିଲା ବିଜେଡ଼ି ଉପ ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ବ୍ଲକ ଅଧକ୍ଷା ବିନ ଦଳବେହେରା, ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ନଗର ବିଜେଡ଼ି ସଭାପତି ରାଜେନ୍ଦ୍ର ବିଷୋୟୀ, ପୂର୍ବତନ ବ୍ଲକ ଅଧକ୍ଷ ଭବାନୀ ଶଙ୍କର ପ୍ରଧାନ, ସରକାରୀ ଓକିଲ ଏମ୍.ତାଜ୍ ଆଦେନୀ, ଦିବାକର ନାୟକ, ବ୍ଲକ ମହିଳା ବିଜେଡ଼ି ସଭାନେତ୍ରୀ ଶୈଳବାଳା ବିଷୋୟୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ ।

### ଭରଣପୋଷଣ, ସୁରକ୍ଷାରୁ ବଞ୍ଚିତ ବୃଦ୍ଧ ବାପା ମା’

**ନ୍ୟାୟ ପାଇଁ କଲେ ନିବେଦନ**

**ବୁଗୁଡ଼ା,୧୧।୧୧(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ସଙ୍କୁରୁ ଗ୍ରାମର ବୃଦ୍ଧ ଦମ୍ପତି ନ୍ୟାୟ ପାଇଁ ନିବେଦନ କରିଛନ୍ତି। ଗ୍ରାମର ତ୍ରିନାଥ ସ୍ୱାଇଁ (୮୦) ଓ ତାଙ୍କ ସ୍ତ୍ରୀ ସୁକୁରୀଙ୍କ ଭରଣପୋଷଣ ପାଇଁ ଯେଉଁ ୪ ଭରଣ ଜମି ଥିଲା ତାହା ଚାଷ କରିବା ପାଇଁ ୨ ପୁଅଙ୍କୁ ଦେଇଛନ୍ତି। ହେଲେ ବଡ଼ପୁଅ ବର୍ତ୍ତମାନ ସେମାନଙ୍କୁ ପଚାରୁ ନାହାନ୍ତି। ବରଂ ବାପା ଓ ମା’ ଯେଉଁ ସରକାରୀ ଜାଗାରେ ରହୁଛନ୍ତି, ସେଠାରୁ ବାହାରିଯିବା ପାଇଁ ଧମକ ଦେଉଛନ୍ତି । ସାନପୁଅ ଭଦ୍ରବ୍ୟକ୍ତିଙ୍କ ନିଷ୍ପତ୍ତି ପ୍ରକାରେ ୬ ମାସ ଭରଣପୋଷଣ କରୁଛନ୍ତି। ଏନେଇ ନ୍ୟାୟ ପାଇବା ଆଶାରେ ତ୍ରିନାଥ ୨୫ ମେ ୨୦୧୮ରେ ବୁଗୁଡ଼ା ଥାନାଧିକାରୀ, ୨୬ ଜୁନ୍ ୧୮ରେ ଜିଲା ଆରକ୍ଷୀ ଅଧିକ୍ଷକ ଓ ଜିଲା ଆଇନ ପ୍ରାଧିକରଣ ବ୍ରହ୍ମପୁର ଗଞ୍ଜାମକୁ ଲିଖିତ ଭାବେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ଏଯାଏ ମିଳୁନଥିବା ସେ ଅଭିଯୋଗ କରିଛନ୍ତି । ଶେଷରେ ଶନିବାର ସେ ସ୍ଥାନୀୟ ବୁଗୁଡ଼ା ବଳଦେବ ସ୍ୱାମୀ ବରିଷ୍ଠ ନାଗରିକ ଟ୍ରଷ୍ଟର ଆଶ୍ରୟ ନେଇ ନ୍ୟାୟ ପାଇବାକୁ ଗୁହାରି କରିଛନ୍ତି ।

## ଆମ୍ବେଡକର ମହାବିଦ୍ୟାଳୟ ପରିଚାଳନା କମିଟି ବୈଠକ

**ଖଜୁରିପଡା,୧୧।୧୧(ଡି.ଏନ୍.ଏ.)**

ଖଜୁରିପଡା ଆମ୍ବେଡକର ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ ପରିଚାଳନା କମିଟିର ଏକ ଜରୁରୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଉନ୍ନତୀ ପାଇଁ ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟର ପ୍ରିନ୍ସପାଲ ତଥା କମିଟିର ସମ୍ପାଦକ ପ୍ରଶାନ୍ତ କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଫୁଲବାଣୀ ବିଧାୟକ ତଥା ମହାବିଦ୍ୟାଳୟର ସଭାପତି ଦୁଗୁନି କହଁର ଓ କମିଟି ସଦସ୍ୟ ତଥା ଖଜୁରିପଡା ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁର ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ୪/୫ ବର୍ଷରୁ ଊର୍ଦ୍ଧ୍ୱ ହେବ ବିଧାୟକ ପାଣ୍ଠି ଓ ସରକାରୀ ଅନୁଦାନ ପ୍ରାୟ ୯ରୁ ୧୦ ଲକ୍ଷ ଟଙ୍କା ବିଦ୍ୟାଳୟର ଉନ୍ନତୀ ପାଇଁ ଆସିଥିଲେ ମଧ୍ୟ କୌଣସି କାର୍ଯ୍ୟ କରାଯାଇ ନ ଥିବାରୁ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ୨ ମାସ ମଧ୍ୟରେ କାମ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମହାବିଦ୍ୟାଳୟ ରାସ୍ତା ନିର୍ମାଣ, ଗେଟ, ଶ୍ରେଣୀ ଗୃହର ଉନ୍ନତୀକରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ପଡିଲେ ଅଧିକ ଅନୁଦାନ ଯୋଗାଇ ଦିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାରେ ଏମପି ପ୍ରତିନିଧି ପଙ୍କଜ କୁମାର ମଲିକ, ବିଧାୟକ ପ୍ରତିନିଧି ରଞ୍ଜନ କୁମାର ମଲିକ, କମିଟି ସଦସ୍ୟ ଗଭର୍ନର ମଲିକ, ଅଧାପକମାନଙ୍କ ମଧ୍ୟରେ ଡ଼. ମନୋଜ କୁମାର ବିଶ୍ୱାଳ, ପ୍ରମୋଦ କୁମାର ନାଏକ, ବାସୁଦେବ ସାହୁ, ସମୀର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ପରିଚାଳନା କମିଟିର ସଦସ୍ୟମାନେ।

■ ଶାନ୍ତି ମହୋତ୍ସବ ଉଦ୍‌ଯାପିତ

# ସୁସ୍ଥ, ଶାନ୍ତ ସମାଜ ଗଠନ ପାଇଁ ପରାମର୍ଶ

**ଦାରିଙ୍ଗବାଡ଼ି,୧୧।୧୧(ଡି.ଏନ.ଏ.)**

ଦାରିଙ୍ଗବାଡ଼ିରେ ଚାଲିଥିବା ଦୁଇଦିନିଆ ଶାନ୍ତି ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି । ସକାଳେ ଚର୍ଚ୍ଚ ଅଫ୍ ନର୍ଥ ଇଣ୍ଡିଆ ସାଧାରଣ ସମ୍ପାଦକ ଅଲୱାନ ମାସିସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ପ୍ରଥମେ ଜବଲପୁର ଯୁବତୀଯୁବକଙ୍କ ଦ୍ୱାରା ଯିଶୁଙ୍କ ଭଜନ ଗାନ ସହ ବାଇବେଲ୍ ପାଠ କରାଯାଇଥିଲା। ପରେ ଧର୍ମ ପ୍ରଦେଶ ପକ୍ଷରୁ ଯିଶୁ ଖ୍ରୀଷ୍ଟ ବିଶ୍ୱାସୀଙ୍କଠାରୁ ଅର୍ପଣ କାର୍ଯ୍ୟକ୍ରମ କରାଯାଇଥିଲା । ପରେ ମୁଖ୍ୟ ଅତିଥି ତଥା ଖ୍ରୀଷ୍ଟ ପ୍ରବଚକ ପାଉଲ ଦିନାକରଣ ଏବଂ ଏଭେଞ୍ଜେଲିନା ପାଉଲ ଦିନାକରଣ ଯିଶୁଙ୍କ ବାଣୀ ଶୁଣାଇଥିଲେ। ବିଶେଷ କରି ପରିବାରରେ ଶାନ୍ତି ପ୍ରତିଷ୍ଠା ସହ ରୋଗମୁକ୍ତ ହୋଇ ଏକ ସୁସ୍ଥ ସମାଜ ଗଠନ କରିବା ଏବଂ ଯୁବପିଢ଼ିଙ୍କୁ ଉତ୍ତମ ମାର୍ଗ ଦର୍ଶନ ଦେଇଥିଲେ।

ଉଦ୍‌ଯାପନୀ ପାଇଁ ଡେପୁଟି ମଡରେଟର ପ୍ରୋବଲ କାନ୍ତ ଦତ୍ତଙ୍କ ଦ୍ୱାରା ସାମୂହିକ ପ୍ରାର୍ଥନା କରାଯାଇଥିଲା। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ସମ୍ବଲପୁର ଧର୍ମାଞ୍ଚଳର ବିଶପ ପିନୁଏଲ ଦୀପ୍ ଅଧ୍ୟକ୍ଷତା କରିଥିଲେ। ଫୁଲବାଣୀ ଧର୍ମାଞ୍ଚଳର ବିଶପ ବିଜୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଏଥିରେ ନାଗପୁର ଧର୍ମାଞ୍ଚଳ ବିଶପ ପୁଲ ଦୁପାରେ, କଟକ ଧର୍ମାଞ୍ଚଳର ବିଶପ ସୁରେନ୍ଦ୍ର ନନ୍ଦ ଏବଂ ଚର୍ଚ୍ଚ ଅଫ୍ ନର୍ଥ ଇଣ୍ଡିଆର ମୁଖ୍ୟ କାର୍ଯ୍ୟକର୍ତ୍ତା ଯୋସୁଆ ରତ୍ନମ୍ ଅତିଥି ଭାବେ ଯୋଗଦେଇ ଶାନ୍ତି ମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହ ଜିଲା ଓ ବାହାରୁ ଲକ୍ଷାଧିକ ଲୋକଙ୍କ ସମାଗମ ଯୋଗୁ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ଶେଷ ପର୍ଯ୍ୟାୟରେ ମଧ୍ୟ ଦାନ କାର୍ଯ୍ୟ କରାଯିବା ସହ ପ୍ରଭୁ ଯୀଶୁଙ୍କ ସଙ୍ଗୀତଗାନ କରାଯାଇଥିଲା। ଶେଷରେ ପାଉଲ ଦିନାକରଣ ଯୀଶୁଙ୍କ ବାଣୀ ସହ ସ୍ୱର୍ଶ ପ୍ରାର୍ଥନା କରିଥିଲେ । ଡ. ଡି.ଜେ. ଅଜିତ କୁମାର ଧନ୍ୟବାଦ ଜଣାଇବା ସହ ମାଡରେଟର ପି.ସି. ସିଂ ସାମୂହିକ ପ୍ରାର୍ଥନା କରି କାର୍ଯ୍ୟକ୍ରମକୁ ଶେଷ କରାଯାଇଥିଲା । ଏଥିରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା ।

କାର୍ଯ୍ୟକ୍ରମକୁ ବିଶପ ନାୟକଙ୍କ ସମେତ ସମ୍ପାଦକ କ୍ଲେଶ ପ୍ରଧାନ, ଉପସଭାପତି ଅକ୍ଷୟ କୁମାର ଦିଗାଳ, କୋଷାଧ୍ୟକ୍ଷ ପ୍ରଭାତ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଦସ୍ୟ ରାମ ନାୟକ, ସଞ୍ଜୀବ ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନ, ଜିଗିମୟ ପ୍ରଧାନ, ସୁନିଲ ପ୍ରଧାନ ଓ ପ୍ରଦୀପ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ ।

### କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଦିଗପହଣ୍ଡି,୧୧।୧୧(ଡି.ଏନ.ଏ.)**

ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶିଶୁ ବିଦ୍ୟା ମନ୍ଦିର ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାସ ଓ ଭଗବତୀ ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଆୟୋଜିତ ପ୍ରତିଯୋଗିତାକୁ ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ଏମ. ଗୌରାଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶାରିରୀକ କ୍ରୀଡ଼ା ପ୍ରମୁଖ ପ୍ରସନ୍ନ କୁମାର ଦାସଙ୍କ ସଂଯୋଜନାରେ ୫୨୦ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର, ସୁଶାନ୍ତ ବେହେରା, ସନ୍ତୋଷ କୁମାର ପାତ୍ର, ପ୍ରମୋଦ ଶେଖର ଡ଼ାକୁଆ, ବାବୁଲା ପଣ୍ଡା, ଶିବ କୁମାର ଗୌଡ଼ ପ୍ରମୁଖ ସମସ୍ତ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଛାତ୍ରୀ ସୁଦୀପା ବାଡ଼ତ୍ୟା ଓ ଛାତ୍ର କୁନାଲ ସେଠୀ ବିଭିନ୍ନ ପ୍ରତିଯୋଗିତାରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ବିଦ୍ୟା ମନ୍ଦିର ସଭା କକ୍ଷରେ ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

### ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘ ବୈଠକ

**ଫୁଲବାଣୀ ଅଫିସ, ୧୧।୧୧**

କନ୍ଧମାଳ ଜିଲା ଅବସରପ୍ରାପ୍ତ ଶିକ୍ଷକ ସଂଘର ସାଧାରଣ ପରିଷଦ ବୈଠକ ମାଦିକୁନ୍ଦାଛକ ନିକଟ ଦଧିବାମନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସ୍ଥାୟୀ ସଭାପତି ଭିକାରୀ ଚରଣ ଭୂୟାଁ ଏଥିରେ ସଭାପତିତ୍ୱ କରିଥିଲେ। ସଂଘର ଉଦ୍ଦେଶ୍ୟ ଓ ମୂଳ ଲକ୍ଷ୍ୟ, ନିଜ ଭିତରେ ଭାତୃଭାବ ଉଜ୍ଜିବୀତ ରଖିବା, ଅସହାୟ ଗୁରୁ ଭଉଣୀ ଏବଂ ଭାଇଙ୍କୁ ସାହାର୍ଯ୍ୟ କରିବା ଉପରେ ଯୁଗ୍ମ ସମ୍ପାଦକ ବିଶ୍ୱନାଥ ବଗର୍ତ୍ତୀ ନିଜ ମତ ରଖିଥିଲେ। ଅବସରପ୍ରାପ୍ତ ଶିକ୍ଷକଙ୍କୁ ସ୍ୱାସ୍ଥ୍ୟସେବା, ଜିଲା ସଦର ମହକୁମାରେ ମେଡିକାଲ କଲେଜ ସ୍ଥାପନ, ଖୋର୍ଦ୍ଧା-ବଲାଙ୍ଗୀର ରେଳପଥକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଏବଂ ବ୍ରାହ୍ମଣୀଗାଁକୁ ବ୍ଲକ ମାନ୍ୟତା ପାଇଁ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ସର୍ବସମ୍ମିତକ୍ରମେ ନିଷ୍ପତ୍ତି ନିଆଯାଇଥିଲା । ସମ୍ପାଦକ ଶରତଚନ୍ଦ୍ର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଦାମୋଦର ପଣ୍ଡା ଧନ୍ୟବାଦ ଦେଇଥିଲେ। ବ୍ରଜବନ୍ଧୁ ଚମ୍ପତି, ଆନନ୍ଦ ଚନ୍ଦ୍ର ସ୍ୱାଇଁ, ଚିତରଞ୍ଜନ ମହାପାତ୍ର, ବିରଞ୍ଚିନାରାୟଣ ମିଶ୍ର, ସଂଗଠନ ସମ୍ପାଦକ ଭୀମସେନ ମିଶ୍ର, କୋଷାଧ୍ୟକ୍ଷ ଗୌରହରି ସାହୁ, ଉପ ସଭାପତି ରବୀନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

■ ସାଧାରଣ ନିର୍ବାଚନ ପ୍ରସ୍ତୁତି

# ହାଇଦ୍ରାବାଦରୁ ଆସିଲା ଭିଭିପାଟ୍

**ଛତ୍ରପୁର,୧୧।୧୧(ଡି.ଏନ.ଏ)**

ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଇଭିଏମ ପାଇଁ ଭିଭିପାଟ୍ (ଭୋଟର ଭେରିଫାଇଡ୍ ପେପର ଅଡିଟ୍ ଟ୍ରାଏଲ) ରବିବାର ଗଞ୍ଜାମ ଜିଲା ଛତ୍ରପୁରଠାରେ ଆସି ପହଞ୍ଚିଛି। ହାଇଦ୍ରାବାଦରୁ ୮ହଜାର ୬୨୦ଟି ଭିଭିପାଟ୍ ଆସିଥିବା ଛତ୍ରପୁରସ୍ଥିତ ନିର୍ବାଚନ କାର୍ଯ୍ୟାଳୟରୁ ସୂଚନା ମିଳିଛି । ୧୭ଟି କଣ୍ଟେନର ଥିବା ଗାଡିରେ କଡା ସୁରକ୍ଷା ବଳୟରେ ଉକ୍ତ ଭିଭିପାଟ୍ ଆସିଛି । ନିର୍ବାଚନ କାର୍ଯ୍ୟାଳୟ ନିକଟରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଡେପୁଟି କଲେକ୍ଟର(ନିର୍ବାଚନ) ଡା.ବିଜୟାନନ୍ଦ ସେଠୀ ପ୍ରମୁଖଙ୍କ ଉପସ୍ଥିତିରେ ସିଲ ଖୋଲାଯାଇ ଗାଡିରୁ ଭିଭିପାଟ୍‌କୁ ଅନଲୋଡ କରାଯାଇଥିଲା। ସେଗୁଡିକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଛତ୍ରପୁରସ୍ଥିତ ଅନ୍‌ସ୍ଲୋ ସରକାରୀ ହାଇସ୍କୁଲ ପରିସରରେ ଥିବା ଇଭିଏମ ରୁମ୍‌କୁ ନିଆଯାଇଥିଲା । ଜିଲାର ୩ ଅଧିକାରୀ ପୋଲସରା ଅତିରିକ୍ତ ତହସିଲଦାର ଅଶୋକ କୁମାର ପ୍ରଧାନ, ପୁରୁଷୋତ୍ତମପୁର ଅତିରିକ୍ତ ତହସିଲଦାର ଶୋଭନ କୁମାର ବେହେରା, ଆସିଷ୍ଟାଣ୍ଟ କଲେକ୍ଟର ବିକ୍ରମ କୁମାର ଦୋରା ପ୍ରମୁଖ ହାଇଦ୍ରାବାଦ (ଇସିଆଇଏଲ୍)କୁ ଯାଇ ସେଠାରୁ ଉକ୍ତ ଭିଭିପାଟ୍ ଆଣିଛନ୍ତି। ପୂର୍ବରୁ ସାଧାରଣ ନିର୍ବାଚନ ( ଲୋକସଭା ଓ ବିଧାନସଭା) ପାଇଁ ଆବଶ୍ୟକୀୟ ଇଭିଏମ ଆସିସାରିଛି । ଛତ୍ରପୁରସ୍ଥିତ ଅନସ୍ଲୋ ସରକାରୀ ହାଇସ୍କୁଲରେ ଇଭିଏମ ଗୁଡିକୁ ଯାଞ୍ଚ ପ୍ରକ୍ରିୟା ସରିଛି । ଏବେ ଭିଭିପାଟ୍‌ର ଯାଞ୍ଚ ଏଠାରେ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି ।

# ଘରଭଙ୍ଗା ସର୍ଭେ କାର୍ଯ୍ୟରେ ତ୍ରୁଟି ଅଭିଯୋଗ

**ରାମଗିରି,୧୧।୧୧(ଡି.ଏନ.ଏ.)**

ତିତ୍‌ଲି ବାତ୍ୟାକୁ ଏକ ମାସ ପୂର୍ତ୍ତି ହେଲା। ତଥାପି ଆଜି ପର୍ଯ୍ୟନ୍ତ ଲୋକଙ୍କ ପାଖରେ ସହାୟତା ରାଶି ପହଞ୍ଚି ପାରିନାହିଁ। ପ୍ରଶାସନ ଦେଇଥିବା ଖଣ୍ଡିଏ ପଲିଥିନରେ ଜୀବନ ବିତେଇବାକୁ ପଡୁଛି। ଆଉ କେଉଁମାନେ ବିଦ୍ୟାଳୟ ବାରଣ୍ଡାରେ ରାତ୍ରିଯାପନ କରୁଛନ୍ତି। ଜିଲା ପ୍ରଶାସନ କ୍ଷତିଗ୍ରସ୍ତ ଘରଗୁଡ଼ିକର ସର୍ଭେ କାମ ସାରି ଦେଇଛନ୍ତି କିନ୍ତୁ ସେଥିରେ ରହିଛି ତ୍ରୁଟି। ଆର.ଉଦୟଗିରି ବ୍ଲକ ଅନଘା ଗ୍ରାମପଞ୍ଚାୟତର ବଡ଼ଗାଁରେ ବସବାସ କରନ୍ତି ୯୯ଟି ପରିବାର। ବି. ନାୟକ



ସହାୟତାରୁ ବଞ୍ଚିତ ହିତାଧିକାରୀ।

ସାହିରେ ୩୧, ସେବକପୁରରେ ୩୮, ସ୍କୁଲ ସାହିରେ ୩୦ଟି ପରିବାର। ଗ୍ରାମର କେତୋଟି ପକ୍କା ଘରକୁ ଛାଡ଼ିଦେଲେ ଆଉ ଶତକଡ଼ା ୫୦ ଭାଗ ନଷ୍ଟ ହୋଇଯାଇଛି। ସମ୍ପୂର୍ଣ୍ଣ ଭାଙ୍ଗିଥିବା ଘରକୁ ୧ ଲକ୍ଷ ୧ ହଜାର ୯୦୦, ଆଂଶିକ କ୍ଷତି ହୋଇଥିବା ପକ୍କାଘର ପାଇଁ ୩ ହଜାର୨୦୦, କଚ୍ଚାଘର ପାଇଁ ୫ ହଜାର ୨୦୦ ଟଙ୍କା ପ୍ରଦାନ କରାଯିବ ବୋଲି ସରକାର ଘୋଷଣା କରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ବି. ନାୟକ ସାହିର ଡୁଗୁ ଜମାଦାର ଓ ବୃନ୍ଦାବନ ଜମାଦାରଙ୍କ ଘର ମାଟିରେ ମିଶିଥିଲେ ମଧ୍ୟ ପୂର୍ଣ୍ଣ ସହାୟତା ତାଲିକାରେ ନାମ ନାହିଁ।

ଏ ସମ୍ପର୍କରେ ଆର.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ନାୟକଙ୍କ ସହ ଯୋଗାଯୋଗ ବେଳେ ସେ କହିଥିଲେ ତହସିଲ କର୍ମଚାରୀମାନେ ସର୍ଭେ କାମ କରିଛନ୍ତି। ଯେଉଁମାନଙ୍କ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି ତାହାର ତାଲିକା ଜିଲାପାଳଙ୍କ ନିକଟକୁ ପଠାଯାଇଛି। ସେଥିରୁ ଆମକୁ ଗୋଟିଏ କପି ଅନଲାଇନରେ ପଠାଇଛନ୍ତି। ଆମେ ସେ ଅନୁସାରେ କାମ କରୁଛୁ। ଅଧିକା ଜାଣିବା ପାଇଁ ତହସିଲଦାର ଶିବାଶିଷ୍ ପଣ୍ଡାଙ୍କ ସହ ଯୋଗାଯୋଗ କରିବାରୁ ମୁଁ ତାହା ଦେଖିଲେ ହିଁ କହିପାରିବି ବୋଲି କହିଥିଲେ। ଅନ୍ୟପଟେ ସରପଞ୍ଚ କୃଷ୍ଣଚନ୍ଦ୍ର ବଡ଼ମୁଣ୍ଡି କହିଛନ୍ତି ମୋ ଲୋକମାନଙ୍କୁ ପାତରଅନ୍ତର ନୀତି ଅବଲମ୍ବନ କଲେ ମୁଁ ଲୋକମାନଙ୍କୁ ନେଇ ଜିଲାପାଳଙ୍କ ନିକଟକୁ ଯିବି।

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୧୨ ନଭେମ୍ବର, ୨୦୧୮



ଯଦି ନିଜର କର୍ତ୍ତବ୍ୟ କରିଯାଉଥିବ, ତାହା ଭିତରେ ବିଶ୍ୱାସ ଦୃଢ଼ ତଥା ସ୍ପଷ୍ଟ ହୋଇଯାଉଥିବ।
- କନ୍‌ଫୁସିୟସ୍



## ସଂକ୍ଷେପରେ

### କଳାବ୍ୟାଜ୍ ପରିଧାନ କଲେ ଖବରଦାତା



**ନୟାଗଡ଼ ଅଫିସ,୧୧।୧୧:** ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜଣେ ଖବରଦାତାଙ୍କୁ ଅପମାନିତ କରିବା ଘଟଣାରେ ରବିବାର ଖବରଦାତାମାନେ କଳାବ୍ୟାଜ୍ ପରିଧାନ କରିଥିଲେ। ପୂର୍ବାହ୍ନରେ ସହରରେ କର୍ତ୍ତବ୍ୟରତ ଖବରଦାତମାନେ ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ ଏକାଠି ହୋଇ କଳାବ୍ୟାଜ୍ ପରିଧାନ କରିଥିଲେ। ଯେ ପର୍ଯ୍ୟନ୍ତ ପ୍ରଶାସନ ତରଫରୁ ନିସର୍ତ୍ତ କ୍ଷମା ପ୍ରାର୍ଥନା କରାଯାଇ ନାହିଁ ସେ ପର୍ଯ୍ୟନ୍ତ ଖବରଦାତାମାନେ କଳାବ୍ୟାଜ୍ ପରିଧାନ ଜାରି ରଖିବେ ବୋଲି ନିଷ୍ପତ୍ତି ହୋଇଥିଲା।

### ବିକାଶ ପରିଷଦର ବୈଠକ



**ଦଶପଲ୍ଲା,୧୧।୧୧ (ଡି.ଏନ.ଏ.):** ଦଶପଲ୍ଲା ଦୁର୍ଗାବଜାର କଲୋନୀ ବିକାଶ ପରିଷଦ ତରଫରୁ ଏକ ବୈଠକ ରବିବାର କଲୋନୀ ପରିସରରେ ଅନୁଷ୍ଠାନର ସଭାପତି ରଙ୍କନିଧି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପରିଷଦର ସଭ୍ୟ ସଂଗ୍ରହ ସହ କଲୋନୀର ବିକାଶ ନିମନ୍ତେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଜନହିତକର କାର୍ଯ୍ୟ କରାଯିବା ସମ୍ପର୍କରେ ସର୍ବସମ୍ମତ ମତପ୍ରକାଶ ପାଇଥିଲା। ଅନୁଷ୍ଠାନର ଉପସଭାପତି ଗିରିଶ ସାହୁ, ସମ୍ପାଦକ ଚକ୍ରଧର ସାହୁ, ସହସମ୍ପାଦକ ପ୍ରକାଶ ସାହୁଙ୍କ ସମେତ ଅବସରପ୍ରାପ୍ତ ଡାକ୍ତର ବୈଦ୍ୟନାଥ ସାହୁ, ଅଭିମନ୍ୟୁ ସେଠୀ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ।

### ଖଣ୍ଡପଡା ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ



**ଖଣ୍ଡପଡା,୧୧।୧୧(ସ୍ୱ.ପ୍ର.):** ପ୍ରଥମ ଖଣ୍ଡପଡା ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ରବିବାର ସ୍ଥାନୀୟ ଶୁଭମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡା କଳାବିକାଶ ପରିଷଦ ପକ୍ଷରୁ ମହୋତ୍ସବ ପାଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। କଳାବିକାଶ ପରିଷଦର ସଭାପତି ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ପରିଷଦର ଆବାହକ ଦୀନବନ୍ଧୁ ଦାସ, ସମ୍ପାଦକ ପର୍ଶୁରାମ ପାଢ଼ୀଙ୍କ ସମେତ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ଡିସେମ୍ବର ୨୭ ଓ ୨୮ ତାରିଖ ଦୁଇଦିନ ଧରି ସ୍ଥାନୀୟ ରଥଗଡା ଛକଠାରେ ଖଣ୍ଡପଡା ମହୋତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ପୂର୍ବତନ ଉପନଗରପାଳ ରମେଶ କୁମାର ମହାନ୍ତି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

■ ଶ୍ରୀମନ୍ଦିରରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

# ଦର୍ଶନରେ ଧୂଆଁ ସାଜିଲା ବାଧକ

**ପୁରୀ ଅଫିସ,୧୧।୧୧**

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ଲାଗି ରବିବାର ଶ୍ରଦ୍ଧାଳୁଙ୍କ ଅସମ୍ଭାଳ ଭିଡ଼ ହୋଇଥିଲା। କାର୍ତ୍ତିକ ମାସର ଦ୍ୱିତୀୟ ଶନିବାର ଓ ରବିବାର ଛୁଟିଦିନ ହୋଇଥିବାରୁ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ଧାଇଁ ଆସିଥିଲେ। ସକାଳୁ ରାତି ପର୍ଯ୍ୟନ୍ତ ବଡ଼ଦାଣ୍ଡ ଓ ଶ୍ରୀମନ୍ଦିର ଉଚ୍ଛୁଳି ପଡ଼ିଥିଲା। ପ୍ରାୟ ୨ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିବାବେଳେ ଗର୍ଭଗୃହରେ ଦୀପ ଧୂଆଁ ଶ୍ରଦ୍ଧାଳୁଙ୍କ ଦର୍ଶନରେ ବାଧକ ସାଜିଥିଲା। ଅନ୍ୟପକ୍ଷରେ ସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ଅଧିକ ଫୋର୍ସ ମୁତୟନ କରାଯାଇଥିଲେ ମଧ୍ୟ ଏକକ ପ୍ରବେଶ ବ୍ୟବସ୍ଥା ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଜାମ୍ ଯୋଗୁ ଶ୍ରଦ୍ଧାଳୁମାନେ ନାନା ହଟହଟା ହୋଇଥିଲେ।

ରବିବାର ପ୍ରାତଃ ୫ଟା ୦୫ରେ ଶ୍ରୀମନ୍ଦିର ଦ୍ୱାରଫିଟିଥିଲା। ଭିତର ଶୋଧ ହୋଇ ୫ଟା ୪୦ରେ ମଙ୍ଗଳ ଆଳତି ହୋଇଥିଲା। ଏହାପରଠାରୁ ହିଁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭିଡ ଆରମ୍ଭ ହୋଇଥିଲା। ସମୟ ଯେତିକି ଗଡୁଥିଲା ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ ସେତିକି ବଢ଼ି ଚାଲିଥିଲା। ଏପରିସ୍ଥିତି ହୋଇଥିଲା ବ୍ୟାରିକେଡ୍‌କୁ ସମ୍ପ୍ରସାରିତ କରିବାକୁ ପଡ଼ିଥିଲା। ଶ୍ରଦ୍ଧାଳୁଙ୍କ ସଂଖ୍ୟା ଅତ୍ୟଧିକ ହେବାରୁ ପୋଲିସ ଦଫା ଦଫା କରି ବ୍ୟାରିକେଡ୍‌ରେ ଛାଡ଼ିଥିଲେ। ଅପରାହ୍ନ ୧ଟା ବେଳକୁ ସ୍ଥିତି ଅଣାୟତ୍ତ ହୋଇ ପଡିଥିଲା। ଶ୍ରଦ୍ଧାଳୁମାନଙ୍କୁ ବହୁ ସମୟ ଧରି ବ୍ୟାରିକେଡ୍ ନିକଟରେ ଅପେକ୍ଷା କରିବାକୁ ପଡିଥିଲା।

ଅପରାହ୍ନ ୧ଟା ୪୦ରେ ପ୍ରଥମ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ଅବଢ଼ା ବାହାରିବା ପରେ ଶ୍ରଦ୍ଧାଳୁମାନେ ମହାପ୍ରସାଦ ପାଇଁ ଶ୍ରୀମନ୍ଦିରରୁ ବାହାରିଥିଲେ। ଦ୍ୱିତୀୟ ଭୋଗମଣ୍ଡପ ୫ଟା ବେଳେ ଉଠିଥିଲା। ୬ଟା ୧୫ରେ ସନ୍ଧ୍ୟା ଆଳତି ନୀତି ବଢିଥିଲା। ତେବେ ଗର୍ଭଗୃହରେ ଦର୍ଶନବେଳେ ଧୂଆଁରେ ଭକ୍ତ ଓ ହବିଷିଆଳିମାନେ ଅଣନିଃଶ୍ୱାସୀ ହୋଇପଡିଥିଲେ। ଶ୍ରୀମନ୍ଦିର ଅଖଣ୍ଡ ବ୍ୟତୀତ ଅନ୍ୟ ଦୀପ ଜଳାଯାଇ ପାରିବ ନାହିଁ ଶ୍ରୀମନ୍ଦିର ପ୍ରଶାସନ ନିୟମ କରିଛି। ଏଥିପାଇଁ ଅଖଣ୍ଡ ସେବକ ଓ ଜେଟିପିଙ୍କୁ ମୁତୟନ କରାଯାଇଥିଲା। କିନ୍ତୁ ଗତ କିଛିଦିନ ହେବ ଜେଟିପିଙ୍କୁ ଅପସାରିତ କରାଯାଇଥିବାରୁ ଗର୍ଭଗୃହରେ ଅନ୍ୟ ଦୀପ ଜଳୁଛି। ଅଖଣ୍ଡ ସହ ଅନ୍ୟ ଦୀପ ଧୂଆଁ ଗର୍ଭଗୃହରେ ଭର୍ତ୍ତି ହୋଇ ରହୁଛି। ଶନିବାର ସନ୍ଧ୍ୟାରେ ଗର୍ଭଗୃହ ଧୂଆଁମୟ ହୋଇଥିଲା। ରବିବାର ଦିନରେ ବି ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା। ଶ୍ରଦ୍ଧାଳୁ ଓ ହବିଷିଆଳିମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଠିକ୍ ଭାବେ ଦର୍ଶନ କରିପାରି ନ ଥିଲେ। ଭିଡ଼ ସହ ଦର ଅଧିକ ରହିଥିବାରୁ ବହୁ ଶ୍ରଦ୍ଧାଳୁ ଅବଢ଼ା କିଣି ପାରି ନ ଥିଲେ। ଅନ୍ୟପକ୍ଷରେ ରବିବାର ଶ୍ରୀମନ୍ଦିର ହୁଣ୍ଡିରୁ ୪ଲକ୍ଷ ୩୭ହଜାର ୫୨୫ଟଙ୍କା, ୨ଗ୍ରାମ ୩୦ ମିଲି ଗ୍ରାମ ସୁନା ଓ ୫୧ ଗ୍ରାମ ରୁପା ଅଳଙ୍କାର ବାହାରିଥିଲା।



ପୁରୀ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଭିଡ଼।

■ ଭିଡ଼ରେ ଭକ୍ତ, ହବିଷିଆଳି ଅଣନିଃଶ୍ୱାସୀ

■ ହୁଣ୍ଡି ଆୟ ୪ଲକ୍ଷ ୩୭ ହଜାର ୫୨୫ ଟଙ୍କା

#### ଧାଡ଼ି ଦର୍ଶନ ବ୍ୟବସ୍ଥାରେ ବ୍ୟତିକ୍ରମ

ଶ୍ରଦ୍ଧାଳୁଙ୍କ ଭିଡ଼ ସହ ଧାଡ଼ି ଦର୍ଶନ ବ୍ୟବସ୍ଥାରେ କେତେକ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ସିଂହଦ୍ୱାର, ସାତପାହାଚ ଓ ବାହାରକାଠ ନିକଟରେ ଠେଲାପେଲା ପରିସ୍ଥିତି ସୃଷ୍ଟି ହେଉଛି। ବହୁ କଷ୍ଟରେ ବାହାରକାଠ ନିକଟରେ ପହଞ୍ଚିବାବେଳକୁ ପୋଲିସ ସେଠାରୁ ହଟାଉଛି। ଏଥିଯୋଗୁ ଭକ୍ତ ଠିକ୍ ଭାବେ ପ୍ରଭୁଙ୍କୁ ଦେଖି ନ ପାରି ଅସନ୍ତୋଷରେ ଫେରୁଥିବା ଦେଖିବାକୁ ମିଳିଥିଲା।

#### ଖାଲି ପାଦରେ ଛଟପଟ

ଏକକ ପ୍ରବେଶ ବ୍ୟବସ୍ଥା ଯୋଗୁ ଭକ୍ତମାନେ ସିଂହଦ୍ୱାରରେ ଯାଇ ଅନ୍ୟ ତିନି ଦ୍ୱାରରେ ବାହାରୁଛନ୍ତି। ଖାଲି ପାଦରେ ବହୁବାଟ ଚାଲିଚାଲି ଜୋତା ପାଇଁ ପୁଣି ଭିଡ଼ ଭିତରେ ସିଂହଦ୍ୱାର ନିକଟକୁ ଆସୁଛନ୍ତି। ଖରାଯୋଗୁ ଶ୍ରଦ୍ଧାଳୁ ଖାଲି ପାଦରେ ଚାଲି ଚାଲି ଛଟପଟ ହେଉଛନ୍ତି। ସେହିଭଳି ହବିଷିଆଳିମାନଙ୍କ ପାଇଁ ସବୁ ଦ୍ୱାରରେ ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା ରହିଥିଲେ ମଧ୍ୟ ପ୍ରବଳ ଭିଡ଼ ଯୋଗୁ ହଟହଟା ହୋଇଥିଲେ। ପୁଣି ଖାଲି ପାଦରେ ଗାଡି ପାଖକୁ ଆସିବା କଷ୍ଟକର ହୋଇପଡିଥିଲା।

#### ପାର୍କିଂସ୍ଥଳରେ ଜାଗା ନ ଥିଲା

ବଡଦାଣ୍ଡ, ଭିଆଇପି ରୋଡ୍‌ରେ ଚାରିଚକିଆ ଯାନର ଲମ୍ବାଧାଡି ଲାଗିଥିଲା। ସକାଳ ୯ଟାରେ ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କିଂସ୍ଥଳ ପୂର୍ଣ୍ଣ ହୋଇଯାଇଥିଲା। ପୋଲିସ ଚାରି ଚକିଆ ଯାନଗୁଡିକୁ ପୁରୁଣା ଜେଲ ଓ ଶରଧାବାଲି ପାର୍କିଙ୍ଗ ସ୍ଥଳକୁ ପଠାଇଥିଲା। ଦିନକ ଭିତରେ ଜଗନ୍ନାଥ ବଲ୍ଲଭ ପାର୍କିଙ୍ଗସ୍ଥଳ ୩ରୁ ୪ଥର ପୂର୍ଣ୍ଣ ହୋଇଥିବା କହିଛନ୍ତି ଟ୍ରାଫିକ ଇନ୍ସପେକ୍ଟର ବାମଦେବ ସ୍ୱାଇଁ।

#### ଚଳପ୍ରଚଳରେ ବାଧକ ସାଜିଲା ବାଇକ୍

ବାଇକ ଉପରେ ପୋଲିସର ନିୟନ୍ତ୍ରଣ ନ ଥିଲା। ତେଣୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା ଓ ଏମାରମଠ ଚକଡା ତଳେ ବାଇକ ଭର୍ତ୍ତି ହୋଇ ଯାଇଥିଲା। ପରିସ୍ଥିତି ଏଭଳି ହୋଇଥିଲା ଜନସାଧାରଣ ଚଳ ପ୍ରଚଳ ପାଇଁ ରାସ୍ତା ନ ଥିଲା। ତିନି ଦ୍ୱାର ଦେଇ ବାହାରୁଥିବା ଭକ୍ତଙ୍କ ଯିବା ଆସିବାରେ ସମସ୍ୟା ଉପୁଜିଥିଲା। ଶେଷରେ ଅପରାହ୍ନରେ ପୋଲିସ ମରିଚକୋଟ ଛକ ନିକଟରେ ଆଉ ଆଗକୁ ବାଇକ ଛାଡି ନ ଥିଲା।

ଅନ୍ୟପକ୍ଷରେ ଭିଡ଼ ନିୟନ୍ତ୍ରଣ ପାଇଁ ବେଢ଼ା ଭିତରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଧିକ ପ୍ରାୟ ୨୦ଜଣ ପ୍ରତିହାରୀ ସେବାୟତଙ୍କୁ ନିୟୋଜିତ କରାଯାଇଥିଲା। ସେହିଭଳି ପୋଲିସ ପକ୍ଷରୁ ଅଧିକ ୨ ପ୍ଲାଟୁନ ଫୋର୍ସ ମୁତୟନ ସହ ଜଣେ ଅତିରିକ୍ତ ଏସ୍‌ପି, ୨ଜଣ ଡିଏସ୍‌ପି ଏବଂ ୪ଜଣ ଇନ୍ସପେକ୍ଟରଙ୍କୁ ନିୟୋଜିତ କରାଯାଇଥିଲା। ସେହିପରି ଟ୍ରାଫିକ ପରିଚାଳନା ଲାଗି ଅଧିକ ୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବା ସତ୍ତ୍ୱେ ପରିସ୍ଥିତି ଅସମ୍ଭାଳ ହୋଇପଡିଥିଲା।

### ମହାପ୍ରଭୁଙ୍କୁ ଦର୍ଶନ କଲେ ସାଜନ ଜିନ୍ଦଲ

**ପୁରୀ ଅଫିସ,୧୧।୧୧**

ଜେଏସ୍‌ଡବ୍ଲୁ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସାଜନ ଜିନ୍ଦଲ ରବିବାର ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ତାଙ୍କ ସହ ସ୍ତ୍ରୀ ସଙ୍ଗୀତା ଥିଲେ। ସେମାନେ ସିଂହଦ୍ୱାର, ବାଇଶିପାହ, ଘଣ୍ଟିଦ୍ୱାର, ନାଟମଣ୍ଡପ ଦେଇ ଜଗମୋହନକୁ ଯାଇ ଭିତର କାଠ ନିକଟରୁ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସେଠାରୁ ବେହେରଣ ଦ୍ୱାରଦେଇ ବାହାରି ମୁକ୍ତିମଣ୍ଡପ, ବିମଳା, ଲକ୍ଷ୍ମୀ ମନ୍ଦିରକୁ ଯାଇ ଦର୍ଶନ କରିବା ସହିତ ବେଢା ପରିକ୍ରମା କରିଥିଲେ। କୌଳିକ ପଣ୍ଡା ଗୋରାଚାନ୍ଦ ମହାପାତ୍ରଙ୍କ ଯାତ୍ରୀ ଖାତାରେ ସାଜନ ଦସ୍ତଖତ କରିଥିଲେ। ଏହି ଅବସରରେ ସେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଗଣମାଧ୍ୟମକୁ କହିଥିଲେ ଯେ, ମେକ୍ ଇନ ଓଡ଼ିଶା କନ୍‌କ୍ଲେଭରେ ଯୋଗଦେବା ପୂର୍ବରୁ ମହାପ୍ରଭୁ ଜଗନ୍ନାଥ ଦର୍ଶନ କରି ବହୁତ ଖୁସି ଲାଗୁଛି। ଭାରତର ଓଡିଶା ଏକ ମହାନ ଅଙ୍ଗ। ଆଗାମୀ ଦିନରେ ଓଡିଶାର ଆହୁରି ପ୍ରଗତି ହେବ। ସାଜନ ଜିନ୍ଦଲଙ୍କୁ ସିଂହଦ୍ୱାର ନିକଟରେ ଜିଲାପାଳ ଜ୍ୟୋତି ପ୍ରକାଶ ଦାଶ, ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରଦୀପ ଦାସ, ଡେପୁଟି କମାଣ୍ଡାଣ୍ଟ (ହୋମଗାର୍ଡ) ଲିଙ୍ଗରାଜ ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ କରି ସ୍ୱାଗତ କରିଥିଲେ। ଅନ୍ୟପକ୍ଷରେ ଜିଲାପାଳ କହିଛନ୍ତି ଯେ, ଶ୍ରୀମନ୍ଦିରର ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗର ହାତ ବଢ଼ାଇବା ପାଇଁ ସାଜନ ଜିନ୍ଦଲଙ୍କୁ ଅନୁରୋଧ କରାଯାଇଛି। ଶ୍ରୀମନ୍ଦିରର ପରିକ୍ରମା ମାର୍ଗ ଏବଂ ବାୟୋ ଟଏଲେଟ୍ ନିର୍ମାଣରେ ସେ ସହଯୋଗ କରିବେ।

## ପଦାରେ ପଡ଼ିଲା ବିଜେଡି ଗୋଷ୍ଠୀ କନ୍ଦଳ

**ନୟାଗଡ଼ ଅଫିସ,୧୧।୧୧**



ଆହତ ୩ ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

■ ପଦଯାତ୍ରାରେ ସାମିଲ ନ ହେବାରୁ ଆକ୍ରମଣ

■ ୩ ଆହତ, ଜଣେ ଗୁରୁତର

ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ସାମିଲ ନ ହେବା ନୟାଗଡ଼ ନିର୍ବାଚନମଣ୍ଡଳୀର ୪ ଜଣଙ୍କ ପାଇଁ ମହଙ୍ଗା ପଡ଼ିଛି। ଖଣ୍ଡା ଓ ଠେଙ୍ଗାରେ ଆକ୍ରମଣ କରାଯିବାରୁ ୩ଜଣ ଆହତ ହୋଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ଆହତମାନେ ହେଲେ ଇଟାମାଟି ଥାନା ନୋତର ପଞ୍ଚାୟତ ଶଙ୍ଖେଇ ଗ୍ରାମର ଗୋବିନ୍ଦ ପଲେଇ, ଜିତୁ ପରିଡ଼ା, ବାବୁନା ପଲେଇ ଓ ଭଗବାନ ପରିଡ଼ା। ଭଗବାନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଆହତ ୩ଜଣ ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣା ପରେ ବିଜେଡିରେ ଗୋଷ୍ଠୀକନ୍ଦଳ ପଦାରେ ପଡିଥିବା ଏଠାରେ ଆଲୋଚନା ହେଉଛି। ଗୋବିନ୍ଦଙ୍କ କହିବାନୁସାରେ ଶନିବାର ନୟାଗଡ଼ ନିର୍ବାଚନମଣ୍ଡଳୀ ତରଫରୁ ନୋତର ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସେମାନେ ବିଜେଡିରେ ଥିଲେ ମଧ୍ୟ ପଦଯାତ୍ରାରେ ଯୋଗଦେଇ ନ ଥିଲେ। କାହିଁକି ଉକ୍ତ ୪ ଜଣ ପଦଯାତ୍ରାରେ ଯୋଗଦେଲେ ନାହିଁ ବୋଲି ଗ୍ରାମରେ ଥିବା ଦଳର ଅନ୍ୟ ଏକ ଗୋଷ୍ଠୀ ଅକ୍ରୋଶ ମନୋଭାବ ରଖିଥିଲା। ରବିବାର ସନ୍ଧ୍ୟା ୮ଟା ସମୟରେ ୪ ଜଣ ଗ୍ରାମରେ ଥିବା ଏକ ଦୋକାନରେ ବସିଥିବା ବେଳେ ପାଖାପାଖି ୧୦ଜଣ ଠେଙ୍ଗା ଓ ବାଡ଼ି ସହ ସେଠାରେ ପହଞ୍ଚି ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। କିଛି ସମୟ ପରେ ଆକ୍ରମଣକାରୀ ସେଠାରୁ ପଳାଇ ଯାଇଥିଲେ। ଅନ୍ୟ ଲୋକଙ୍କ ସହାୟତାରେ ଆହତ ୪ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସମସ୍ତଙ୍କ ମୁଣ୍ଡରେ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ଏ ନେଇ ଇଟାମାଟି ଥାନା ଅଧିକାରୀ ସରୋଜ କୁମାର ସାହୁ କହନ୍ତି, ଶଙ୍ଖେଇ ଗ୍ରାମରେ ବିଜେଡିର ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ଖବର ପାଇଛି, ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ଅଭିଯୋଗ ହୋଇନାହିଁ।

### କଂଗ୍ରେସର କର୍ମୀ ସମ୍ମିଳନୀ

**ବୋଲଗଡ଼,୧୧।୧୧(ଡି.ଏନ.ଏ.):** ବୋଲଗଡ ସ୍ଥିତ ମା' ଭୂଇଁୟାଣୀ ମନ୍ଦିର ନିକଟରେ ରବିବାର କଂଗ୍ରେସ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପିସିସି ମହିଳା ସମ୍ପାଦିକା ଜୟଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ସୁରେଶ କୁମାର ରାଉତରାୟ ଯୋଗଦେଇଥିଲେ। ପୂର୍ବତନ ଜିଲା ସଭାପତି ତାରା ପଟ୍ଟନାୟକ, ବ୍ଲକ୍ ସଭାପତି ଗଦାଧର ଚମ୍ପତି, ରମେଶ ପଟ୍ଟନାୟକ, ପୂର୍ବତନ ବ୍ଲକ୍ ସଭାପତି ପ୍ୟାରୀମୋହନ ଦାସ, ବ୍ଲକ୍ କୃଷକ ସଭାପତି ବନମାଳୀ ସେନାପତି, ସନ୍ତୋଷ କୁମାର ପ୍ରଧାନ, ଗଙ୍ଗାଧର ଦାଶ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ସଧାରଣ ନିର୍ବାଚନ ନିମନ୍ତେ ସମସ୍ତେ ଏକଜୁଟ ହେବାକୁ ସମ୍ପାଦିକା ଆହ୍ୱାନ ଦେଇଥିଲେ।

### ଯୁବନେତାଙ୍କ ସାଂଗଠିକ ବୈଠକ

**ବୋଲଗଡ଼,୧୧।୧୧(ଡି.ଏନ.ଏ.):** ପାଟପୁର ଶାସନ ପଞ୍ଚାୟତସ୍ଥ ମା' ବରଡାଳିଆଙ୍କ ପୀଠ ନିକଟରେ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ସେ ବିଗତ ୩ଟି ସାଧାରଣ ନିର୍ବାଚନରେ ୨ଥର କଂଗ୍ରେସ ଏବଂ ଥରେ ଆମ ଓଡିଶା ପାର୍ଟିରୁ ବେଗୁନିଆ ନିର୍ବାଚନ ମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ି ୨ୟ ସ୍ଥାନରେ ରହିଥିଲେ।

## ଲେଙ୍କୁଡ଼ିପଡ଼ାରେ ଭାଜପାର ଜନପରାମର୍ଶ ପଦଯାତ୍ରା

**ନୟାଗଡ଼ ଅଫିସ,୧୧।୧୧**

ବିଜେଡିର ଜନସମ୍ପର୍କ ପଦଯାତ୍ରାକୁ ଚେକ୍‌ମେଟ ଦେବା ପାଇଁ ରବିବାର ନୟାଗଡ଼ ନିର୍ବାଚନମଣ୍ଡଳୀରେ ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଭାଜପା ମହିଳା ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ତଥା ଭାଜପା ନେତ୍ରୀ ଇରାନୀ ରାୟଙ୍କ ନେତୃତ୍ୱରେ ନୟାଗଡ଼ ବ୍ଲକ ଲେଙ୍କୁଡ଼ିପଡ଼ା ପଞ୍ଚାୟତରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଦଳୀୟ କର୍ମୀମାନେ ଘରକୁ ଘର ଯାଇ ଭାଜପାର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଇଥିଲେ। ସେହିଭଳି ରାଜ୍ୟ ସରକାରଙ୍କ ବିଫଳତା ଓ ଦୁର୍ନୀତି ସମ୍ପର୍କରେ ମଧ୍ୟ ଲୋକମାନଙ୍କୁ ନେତ୍ରୀ ରାୟ ବୁଝାଇଥିଲେ। ଜିଲା ଉପସଭାପତି ଯୁଗଳ ଚରଣ ଭଞ୍ଜ, ସାଧାରଣ ସମ୍ପାଦକ ପ୍ରଦୀପ ମହାପାତ୍ର, ପ୍ରଭାରୀ ନିରାକର ରଥ, ବିଶ୍ୱଜିତ୍ ମହାପାତ୍ର, ଭାଜପା ନେତା ଲାଲା ମନୋଜ ରାୟ, ଲକ୍ଷ୍ମୀଧର ତ୍ରିପାଠୀ, ଦୁର୍ଯ୍ୟୋଧନ ପାଇକରାୟଙ୍କ ସମେତ ଶତାଧିକ ଭାଜପା କର୍ମୀ ଯୋଗଦେଇଥିଲେ।



ଭାଜପା ତରଫରୁ ଅନୁଷ୍ଠିତ ଜନପରାମର୍ଶ ପଦଯାତ୍ରା।

## ଆଖିର ସୁରକ୍ଷା ପାଇଁ ନାଗ ଚତୁର୍ଥୀ ବ୍ରତ

**ଖଣ୍ଡପଡ଼ା,୧୧।୧୧(ସ୍ୱ.ପ୍ର.)**

ସର୍ପପୂଜା ପରମ୍ପରା ବହୁ ପ୍ରାଚୀନ । ନାଗ ହେଉଛନ୍ତି ଶିବଙ୍କ ଅଙ୍ଗଭୂଷଣ । ପୁରାଣ ଅନୁସାରେ ପୃଥିବୀକୁ ନାଗରାଜ ବାସୁକୀ ଧାରଣ କରିଛନ୍ତି । ତେଣୁ ଉତ୍କଳୀୟ ପରମ୍ପରାରେ ମୁଖ୍ୟତଃ ଆଖିର ସୁରକ୍ଷା ପାଇଁ ନାଗ ଚତୁର୍ଥୀ ବ୍ରତ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ରବିବାର ଖଣ୍ଡପଡା, କଣ୍ଟିଲୋ, ଖଳିସାହି, କୋସକା, ମର୍ଦ୍ଦରାଜପୁର ଓ ଏହାର ଆଖପାଖ ପଥରଚକଡା, ବାଣପୁର, ଧାନଚେଙ୍ଗଡା, ବେଣାଗାଡିଆ, ସିଧାମୂଳା ଆଦି ଅଞ୍ଚଳରେ ଏହି ବ୍ରତ ପାଳନ କରାଯାଇଛି । ପୂର୍ବାହ୍ନ ୧୦ ଟାରେ ଗୃହିଣୀମାନେ ଘରେ ଥିବା ତମ୍ବା, ପିତ୍ତଳ, ରୁପା ଆଦି ବିଭିନ୍ନ ଧାତୁର ନାଗନାଗୁଣୀ ମୂର୍ତ୍ତିଙ୍କୁ ସ୍ଥାପନ କରି ଗନ୍ଧପୁଷ୍ପ, କ୍ଷୀର, ହଳଦୀ, ସିନ୍ଦୂର, କଜଳ ଅର୍ପଣ ସହ ହଳଦିଆ ବସ୍ତ୍ର ପରିଧାନ କରାଇଥିଲେ। କ୍ଷୀର, ହଳଦୀ ଓ ପଇଡ଼ ପାଣିରେ ଅର୍ଘ୍ୟ ପ୍ରଦାନ କରାଯାଇଥିଲା। ପୂଜା ନୀତି ସୂର୍ଯ୍ୟାସ୍ତ ପୂର୍ବରୁ ସମାପନ କରାଯାଇଥିଲା` ପୂଜା ଶେଷରେ ହଳଦୀ ମିଶ୍ରିତ କଞ୍ଚା କ୍ଷୀରରେ ଏକ ଗେଣ୍ଡୁଫୁଲକୁ ଭିଜାଯାଇ ବ୍ରତ କରୁଥିବା ମହିଳା ଓ ସମସ୍ତ ପରିବାର ଲୋକେ ଆଖିରେ ଲେପ ମାରିଥିଲେ । ଏହାକୁ ଲେପଦେଲେ ଆଖିରେ କୌଣସି ରୋଗ ହୁଏ ନାହିଁ ବ୍ରତଧାରିଣୀମାନେ ପ୍ରକାଶ କରିଥିଲେ । ଲୋକକଥା ଅନୁଯାୟୀ ଜଣେ ସାଧବାଣୀଙ୍କ ସାନବୋହୂ ନାଗନାଗୁଣୀଙ୍କ ପୂଜା ପାଇଁ ଉଦ୍ଦିଷ୍ଟ ଥିବା ଭୋଗକୁ ଅଇଁଠା କରିଦେବାରୁ ସେ ଅନ୍ଧ ହୋଇଯାଇଥିଲେ। ଏହାପରେ ପରିବାର ଲୋକେ ନାଗନାଗୁଣୀଙ୍କୁ ପ୍ରାର୍ଥନା କରିବା ପରେ ସେ ଦୃଷ୍ଟି ଶକ୍ତି ଫେରିପାଇଥିଲେ।

### ସର୍ପପୂଜା ପରମ୍ପରା



ବ୍ରତଧାରୀଙ୍କ ଦ୍ୱାରା ନାଗ ଚତୁର୍ଥୀ ପୂଜା।

## ୩ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

**ରଣପୁର,୧୧।୧୧(ସ୍ୱ.ପ୍ର.)**

### ପୂଜ୍ୟପୂଜାର ପ୍ରସାର, ଦେଶପ୍ରେମ ଜାଗ୍ରତ ହେଉଛି ମୂଳ ଲକ୍ଷ୍ୟ

ରଣପୁର ବ୍ଲକ୍ ଅନ୍ତର୍ଗତ ଡମସାହି ସ୍ଥିତ ରିଜିଓନାଲ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ୩ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶନିବାର ଉତ୍କଳ ସ୍ୱାଭିମାନ ମଞ୍ଚର ପ୍ରଚେଷ୍ଟାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ଓ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସ୍ଥାପନା କରାଯାଇଛି । ଡଃ.ଅର୍ଜୁନ ଚରଣ ଦାସ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି, ରାଜ୍ୟସଭା ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଓ ରଣପୁର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ପ୍ରଭାତ କୁମାର ଦଳବେହେରା ସୁବାସ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ପ୍ରଦାନ କରିଥିଲେ। ଏହି ଉତ୍ସବରେ ଅବସରପ୍ରାପ୍ତ ଶ୍ରୀମନ୍ଦିର ପ୍ରଶାସକ ପ୍ରସନ୍ନ କୁମାର ହୋତା ମୁଖ୍ୟଅତିଥି, ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ ଡ. ଅଭୟ କୁମାର ମଲ୍ଲିକ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ରଣପୁର ବ୍ଲକ୍ ଚେୟାରମ୍ୟାନ ନିରୂପମା ପ୍ରଧାନ, ଅବସର ପ୍ରାପ୍ତ ମୁଖ୍ୟଯନ୍ତ୍ରୀ ବ୍ରଜ କିଶୋର ମହାପାତ୍ର, ଉତ୍କଳ ସ୍ୱାଭିମାନ ମଞ୍ଚର ସମ୍ପାଦକ ଡଃ ପ୍ରଭାକର ତ୍ରିପାଠୀ, ମଞ୍ଚର କୋଷାଧ୍ୟକ୍ଷ ରବି ନାରାୟଣ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ ଅବିନାଶ ରଥ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ରଥ ଏବଂ ଘନଶ୍ୟାମ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ଦେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଶାରେ ପୂଜ୍ୟପୂଜାର ପ୍ରସାର, ଦେଶପ୍ରେମ ଜାଗ୍ରତ ଓ ଐତିହ୍ୟ ପରମ୍ପରାର ସୁରକ୍ଷା କରିବା ଉତ୍କଳ ସ୍ୱାଭିମାନ ମଞ୍ଚର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଶିକ୍ଷକ ଚତୁର୍ଭୁଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସିଆର୍‌ସିସି ସନ୍ତୋଷ କୁମାର ମିଶ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥି।